ସମ୍ପୂର୍ଣ୍ଣା

ସକାଳ
THE SAKALA
www.sakalaepaper.com

# ବିଶ୍ୱ ଜଳ ଦିବସ




ଜଳ ପାଇଁ ଜୀବନ । ଜୀବନର ପ୍ରତିଟି ମୁହୂର୍ତ୍ତ ପାଇଁ ଜଳ ଲୋଡ଼ା । ଜୀବନଧାରଣ ପାଇଁ ଅମ୍ଳଜାନ ପରେ ଜଳର ସ୍ଥାନ । ଆମ ଶରୀରରେ ଯେତିକି ଜଳ ଅଛି, ତା'ର ପାଞ୍ଚଭାଗରୁ ମାତ୍ର ଏକଭାଗ ବା ୨୦ ପ୍ରତିଶତ ହ୍ରାସ ପାଇଗଲେ ସଂକଟାପନ୍ନ ହୋଇପଡ଼େ ଜୀବନ । ତେବେ ଜନସଂଖ୍ୟା ବୃଦ୍ଧି ଯୋଗୁଁ ସାରା ବିଶ୍ୱରେ ଏବେ ଜଳ ସଙ୍କଟ ଦେଖାଦେଲାଣି । ପାନୀୟ ଜଳର ଚାହିଦାକୁ ଦେଖିଲେ ୨୦୫୦ ବେଳକୁ ସାରା ବିଶ୍ୱରେ ଜଳ ସଙ୍କଟ ଏକ ପ୍ରମୁଖ ସମସ୍ୟା ଭାବେ ଦେଖାଯିବ । କଥାରେ ଅଛି 'ଜଳ ବିହୁନେ ସୃଷ୍ଟି ନାଶ । ଜଳ ବହୁଳେ ସୃଷ୍ଟି ନାଶ ।' ଏହାର ମୂଳ ଉଦ୍ଦେଶ୍ୟ ହେଉଛି- ସାରା ବିଶ୍ୱ ପାଇଁ ଜଳ ସଂରକ୍ଷଣ କେତେ ଜରୁରୀ ସେନେଇ ସଚେତନ କରାଇବା । ବିଶ୍ୱରେ ଜଳ ଅଭାବର ପଶ୍ଚାତରେ ରହିଥିବା ପ୍ରଧାନ କାରଣ ହେଉଛି ଜଳ ପ୍ରଦୂଷଣ । ଜଳ ପ୍ରଦୂଷଣ ଓ ଅପଚୟକୁ ନ ରୋକିଲେ ଜଳର ଅଭାବ ଦୂର ହେବାର କୌଣସି ଆଶା ନାହିଁ । ଜଳ ସମସ୍ୟା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଓ ସମସ୍ୟାର ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବା ଲକ୍ଷ୍ୟ ନେଇ ୧୯୯୩ ମସିହାଠାରୁ ପ୍ରତିବର୍ଷ ମାର୍ଚ୍ଚ ୨୨ ତାରିଖରେ ପାଳିତ ହୋଇଆସୁଛି 'ବିଶ୍ୱ ଜଳ ଦିବସ' । ବିଶ୍ୱର କୋଣ ଅନୁକୋଣରେ ସ୍ୱଚ୍ଛ ଏବଂ ସୁରକ୍ଷିତ ଜଳ ଉପଲବ୍ଧ କରାଇବା ସହ ଜଳ ସଂରକ୍ଷଣର ଗୁରୁତ୍ୱ ତଥା ଆବଶ୍ୟକତା ବିଷୟରେ ଜନସଚେତନତା ସୃଷ୍ଟି କରିବା ଏହାର ମୂଳ ଲକ୍ଷ୍ୟ । ପ୍ରଥମ ଥର ପାଇଁ ୧୯୯୨ ମସିହାରେ ବ୍ରାଜିଲସ୍ଥିତ ରିଓ ଡି ଜେନେରିଓ ଠାରେ ମିଳିତ ଜାତିସଂଘ ଦ୍ୱାରା ଆୟୋଜିତ ଜଳବାୟୁ ଓ ବିକାଶ ସମ୍ମିଳନୀରେ ବିଶ୍ୱ ଜଳ ଦିବସ ପାଳନ କରାଯିବା ନିଷ୍ପତ୍ତି ନିଆଯାଇଥିଲା । ଏହି ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସ୍ୱଚ୍ଛ ଏବଂ ସୁରକ୍ଷିତ ଜଳର ଉପାଦେୟତା ସଂପର୍କିତ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଶିବିର, ଶୋଭାଯାତ୍ରା, ଆଲୋଚନାଚକ୍ର ଇତ୍ୟାଦିର ଆୟୋଜନ କରାଯାଏ ।'

# ଚାରୋଟି ଫିଲ୍ମର ସିକ୍ୱେଲରେ ଅକ୍ଷୟ



ବଲିଉଡ୍‌ର ତିନି ଖାନ୍(ଶାହାରୁଖ୍, ସଲମାନ୍ ଓ ଅମିର୍)ଙ୍କର ବର୍ଷକୁ ପ୍ରାୟତଃ ଗୋଟିଏ ଲେଖାଏଁ ଫିଲ୍ମ ଆସୁଥିବାବେଳେ ଅକ୍ଷୟ କୁମାର ବର୍ଷ ତମାମ୍ ବଡ଼ ପରଦାରେ ରାଜ୍ କରୁଥାନ୍ତି । ଏବର୍ଷ ଅକ୍ଷୟ ପାଖାପାଖି ୧୦ଟି ଫିଲ୍ମରେ କାମ କରୁଛନ୍ତି । ଏହି ଫିଲ୍ମଗୁଡ଼ିକ ମଧ୍ୟରେ ଚାରୋଟି ସିକ୍ୱେଲ ଫିଲ୍ମ ରହିଛି । ଫିରୋଜ ନାଡିୟାଡୱାଲାଙ୍କ ତିନୋଟି ଫିଲ୍ମ 'ହେରାଫେରି-୩', 'ୱେଲକମ୍-୩', 'ଆୱାରା ପାଗଲ୍ ଦିୱାନା-୨'ରେ ଅକ୍ଷୟ ନଜର ଆସିବେ । ଏହି ତିନୋଟି ଫିଲ୍ମର ମୂଳ ଫିଲ୍ମରେ ଅକ୍ଷୟ ଅଭିନୟ କରିଛନ୍ତି । ଏହାବାଦ୍ ଅକ୍ଷୟ 'ହାଉସ୍‌ଫୁଲ୍'ର ଫ୍ରାଞ୍ଚାଇଜ୍‌ର ଆଗାମୀ ଫିଲ୍ମ 'ହାଉସ୍‌ଫୁଲ୍-୫'ରେ ମଧ୍ୟ ଦେଖାଯିବେ । ଏବେ ଅକ୍ଷୟ 'ହେରାଫେରି-୩'ର ସୁଟିଂରେ ବ୍ୟସ୍ତ ଅଛନ୍ତି । ଏହାପରେ ସେ 'ଆୱରା ପାଗଲ ଦିୱାନା-୨'ର ସୁଟିଂ ଆରମ୍ଭ କରିବେ ।

# ହେଡ୍‌ଫୋନ୍ ବିଗାଡ଼ିଲା ଜୀବନ



ଆଜିକାଲି ଅନେକ ଲୋକ ହେଡ୍‌ଫୋନ୍‌ରେ ଗୀତ ଶୁଣିବାକୁ ବେଶି ପସନ୍ଦ କରୁଛନ୍ତି । ତେବେ ଏହି ହେଡ୍‌ଫୋନ୍ ଅଭ୍ୟାସ ଜୀବନ ଲାଗି ଖୁବ୍ ବିପଜ୍ଜନକ । ଏଭଳି କିଛି ଘଟିଛି ଚୀନ୍‌ର ଜଣେ ମହିଳାଙ୍କ କ୍ଷେତ୍ରରେ । ତାଙ୍କର ଏହି କାହାଣୀ ମାଧ୍ୟମରେ ଡାକ୍ତର ଲୋକଙ୍କୁ ଏନେଇ ସଚେତନ କରାଇଛନ୍ତି । ସେଡୋଙ୍ଗ ନିବାସୀ ୱାଙ୍ଗ୍‌ଙ୍କର ରାତିରେ ହେଡ୍‌ଫୋନ୍‌ରେ ଗୀତ ଶୁଣିବା ଥିଲା ନିତିଦିନିଆ ଅଭ୍ୟାସ । ୱାଙ୍ଗ୍ ରାତିସାରା କାନରେ ହେଡ୍‌ଫୋନ୍ ଲଗାଇ ଶୋଇଯାନ୍ତି । ୱାଙ୍ଗ୍‌ଙ୍କୁ ଶୁଣିବାରେ ସମସ୍ୟା ହେବାରୁ ସେ ଡାକ୍ତରଙ୍କ ପାଖକୁ ଗଲେ । ଚିକିତ୍ସା ପରେ ଜଣାପଡ଼ିଲା ତାଙ୍କର ବାମ କାନ ଶ୍ରବଣଶକ୍ତି ହରାଇଛି । କଲେଜ ପଢ଼ା ସମୟରେ ୱାଙ୍ଗ୍ ହେଡ୍‌ଫୋନ୍ ଲଗାଇ ଗୀତ ଶୁଣି ଶୋଉଥିଲେ । ପରବର୍ତ୍ତୀ ସମୟରେ ଏହା ତାଙ୍କର ଅଭ୍ୟାସରେ ପରିଣତ ହୋଇଗଲା । ଏହିପରି ଭାବେ ୱାଙ୍ଗ୍ ଦୁଇ ବର୍ଷ ପର୍ଯ୍ୟନ୍ତ ହେଡ୍‌ଫୋନ୍‌ରେ ଗୀତ ଶୁଣି ଆସୁଥିବା ବେଳେ ନିକଟରେ ତାଙ୍କୁ ଶୁଣିବାରେ ସମସ୍ୟା ହୋଇଥିଲା । ଡାକ୍ତରଙ୍କ କହିବା ଅନୁସାରେ, ଯଦିଓ ସେ କମ୍ ଭଲ୍ୟୁମ୍‌ରେ ଗୀତ ଶୁଣୁଥିଲେ, ତଥାପି ଦୀର୍ଘ ସମୟ ପର୍ଯ୍ୟନ୍ତ କାନରେ ଶବ୍ଦ ବାଜିବାରୁ ସେ ତାଙ୍କର ବାମ କାନରେ ଶ୍ରବଣ ଶକ୍ତି ହରାଇଛନ୍ତି । ଅବଶ୍ୟ ଶ୍ରବଣ ଯନ୍ତ୍ର ମାଧ୍ୟମରେ ୱାଙ୍ଗ୍‌ଙ୍କ ଶ୍ରବଣ ସମସ୍ୟା ଦୂର ହେବା ଆଶା ଅଛି । ତେବେ ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ହେଡ୍‌ଫୋନ୍ ପିନ୍ଧିବାରୁ ଦୂରେଇ ରହିବା ସହ ୬୦ ମିନିଟ୍‌ରୁ ଅଧିକ ସମୟ ପର୍ଯ୍ୟନ୍ତ ଗୀତ ନ ଶୁଣିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି ।

# ଅନନ୍ୟ ଶୈବପୀଠ

## ଦାନଦକ୍ଷିଣା ମନା




ସବୁ ମନ୍ଦିରରେ ଦାନ ଦକ୍ଷିଣା ଗ୍ରହଣ କରାଯାଏ । କିନ୍ତୁ ଆମ ଦେଶରେ ଏପରି ଏକ ଶୈବପୀଠ ରହିଛି, ଯେଉଁଠି ଦାନଦକ୍ଷିଣା ସମ୍ପୂର୍ଣ୍ଣ ରୂପେ ମନା । ଏହି ମନ୍ଦିର ଡେରାଡୁନ ସହରରୁ ୧୦ କିଲୋମିଟର ଦୂର ମସୁରୀ ରୋଡ ନିକଟରେ ରହିଥିବା ଜଣାପଡ଼ିଛି । ଶ୍ରୀ ପ୍ରକାଶେଶ୍ୱର ମହାଦେବ ମନ୍ଦିର ୩୪ ବର୍ଷ ତଳେ ସ୍ଥାପନା କରାଯାଇଥିଲା । ଦେବ ଦେବ ମହାଦେବଙ୍କ ଦର୍ଶନ ପାଇଁ ଏଠାକୁ ଦୂରଦୂରାନ୍ତରୁ ଭକ୍ତଙ୍କ ସୁଅ ଛୁଟିଥାଏ । ମନ୍ଦିରକୁ ନିର୍ମାଣ କରିଥିବା ଗୁରୁଜୀ ଶିବଦାସ ମୂଳଚନ୍ଦ ଖତ୍ରୀ ଚାହୁଁଥିଲେ, ଏପରି ଏକ ମନ୍ଦିର ନିର୍ମାଣ କରାଯାଉ, ଯେଉଁଠି ଭକ୍ତଙ୍କଠାରୁ କୌଣସି ଦାନଦକ୍ଷିଣା ଗ୍ରହଣ ନ କରାଯାଉ । କାରଣ ମନୁଷ୍ୟ ଭଗବାନଙ୍କଠାରୁ ହିଁ ସବୁକିଛି ପ୍ରାପ୍ତ କରିଥାଏ । ସବୁକିଛି ଭଗବାନଙ୍କର ହିଁ ଦାନ । ତେଣୁ ମଣିଷ ଭଗବାନଙ୍କୁ ଦାନସ୍ୱରୂପ କ'ଣ ବା ଦେଇପାରିବ । ଏହି ଉଦ୍ଦେଶ୍ୟ ରଖି ସେ ଏପରି ଏକ ନିଆରା ମନ୍ଦିରର ପରିକଳ୍ପନା କରିଥିଲେ । ସେହିପରି ଏହି ମନ୍ଦିରରେ ସ୍ଥାପନ ହୋଇଥିବା ଶିବଲିଙ୍ଗ ସ୍ଫଟିକରେ ନିର୍ମିତ । ଯାହା ଏହି ମନ୍ଦିରକୁ ଅନ୍ୟ ମନ୍ଦିରଠାରୁ ସ୍ୱତନ୍ତ୍ର କରୁଛି । ଏହି ମନ୍ଦିରର ଉପରିଭାଗରେ ୧୫୦ ରୁ ଅଧିକ ସଂଖ୍ୟକ ତ୍ରିଶୂଳ ନିର୍ମିତ ହୋଇଛି । ପାହାଡ଼ ପର୍ବତଘେରା ଏହି ଭବ୍ୟ ମନ୍ଦିର ଏହାର କାରୁକାର୍ଯ୍ୟ ଯୋଗୁଁ ମଧ୍ୟ ଭକ୍ତଙ୍କୁ ଆକର୍ଷିତ କରିଥାଏ ।

# ଉଚ୍ଚା ତକିଆରେ ଶୋଉଥିଲେ...

ସାଧାରଣତଃ ସୁନିଦ୍ରା ପାଇଁ ଆରାମଦାୟକ ଶଯ୍ୟାର ଆବଶ୍ୟକତା ବେଶି ଥାଏ । ଅନେକ ଲୋକ ଆରାମ ପାଇଁ ତକିଆରେ ମୁଣ୍ଡ ଦେଇ ଶୋଇବାକୁ ପସନ୍ଦ କରନ୍ତି । କେହି କେହି ଅଧିକ ଉଚ୍ଚା ତକିଆରେ ମୁଣ୍ଡ ଦେଇ ଶୋଇବାକୁ ଭଲପାଆନ୍ତି । ଏପରିକି ତକିଆକୁ ଉଚ୍ଚା କରିବା ପାଇଁ ଅନେକ ଦୁଇଟି ତକିଆ ବ୍ୟବହାର କରୁଥିବାର ଦେଖାଯାଏ । ତେବେ ଆବଶ୍ୟକତାଠୁ ଅଧିକ ଉଚ୍ଚତାର ତକିଆ ମୁଣ୍ଡରେ ଦେବା ଶରୀର ପାଇଁ କ୍ଷତିକାରକ । ଉଚ୍ଚା ତକିଆ ଦେଇ ଶୋଇବାର ଅର୍ଥ ହେଉଛି, ନିଜେ ନିଜ ପାଇଁ ରୋଗକୁ ଡାକିବା । ମୁଖ୍ୟତଃ ଏହା ହାଡ଼ ଉପରେ ପ୍ରଭାବ ପକାଇଥାଏ ଏବଂ ଏଥିଯୋଗୁ ଶିରାପ୍ରଶିରାରେ ଜଳାପୋଡ଼ା ମଧ୍ୟ ହୋଇଥାଏ । ଏହା ବ୍ୟତୀତ ସକାଳୁ ଉଠିବା ମାତ୍ରେ ଶରୀରରେ ଯନ୍ତ୍ରଣା ହେବା ସହ ଅନ୍ୟାନ୍ୟ ସମସ୍ୟା ଦେଖାଯାଇଥାଏ । ଅତ୍ୟଧିକ ଉଚ୍ଚ ତକିଆ ଦେବା ଦ୍ୱାରା କାନ୍ଧ ଓ ବେକର ମାଂସପେଶୀ ଉପରେ ଚାପ ପଡ଼ିଥାଏ । ଫଳରେ ବେକରେ ଯନ୍ତ୍ରଣା ହୋଇଥାଏ । ଏପରିକି ଅଧିକ ଉଚ୍ଚା ତକିଆ ଦେଇ ଶୋଉଥିବା ଲୋକଙ୍କଠାରେ ମୁଣ୍ଡବିନ୍ଧା ସମସ୍ୟା ବେଶି ହୋଇଥାଏ । କେବଳ ସେତିକି ନୁହେଁ, ଉଚ୍ଚା ତକିଆ ଦେବା ଦ୍ୱାରା ମେରୁଦଣ୍ଡ ଓ ତ୍ୱଚା ଜନିତ ସମସ୍ୟା ଦେଖାଦିଏ । ଏଣୁ ଆବଶ୍ୟକତାଠୁ ଅଧିକ ଉଚ୍ଚା ତକିଆ ବ୍ୟବହାର କରୁଥିଲେ, ସତର୍କ ରହିବା ଖୁବ୍ ଜରୁରି ।



# ସର୍ବପୁରାତନ ଲିପଷ୍ଟିକ୍





ସୌନ୍ଦର୍ଯ୍ୟକୁ ନେଇ ପୁରୁଷଙ୍କ ଅପେକ୍ଷା ମହିଳାମାନେ ଅଧିକ ଯତ୍ନଶୀଳ । ଏଥିପାଇଁ ସେମାନେ ପାର୍ଟି କିମ୍ବା କୌଣସି ଫଙ୍କସନ୍‌କୁ ଯାଉଥିଲେ ମେକ୍‌ଅପ୍ ନେଇଥାନ୍ତି । ତେବେ ପ୍ରାଚୀନ କାଳରେ ମହିଳାମାନେ କେଉଁ ସବୁ ପ୍ରସାଧାନ ସାମଗ୍ରୀ ବ୍ୟବହାର କରୁଥିଲେ ସେନେଇ ଅନେକଙ୍କ ମନରେ ପ୍ରଶ୍ନ ଉଠିଥାଏ । ଏବେ ପୁରାତତ୍ତ୍ୱବିତ୍‌ମାନଙ୍କୁ ଏସମ୍ପର୍କରେ ଏକ ମଜଭୁତ ପ୍ରମାଣ ମିଳିଛି । ସେମାନେ ୪୦୦୦ ବର୍ଷ ତଳର ଏକ ଲିପଷ୍ଟିକ୍ ପାଇଛନ୍ତି । ଇରାନର ଜିରାଫ୍ଟ ଅଞ୍ଚଳରୁ ଏହା ମିଳିଛି । ୨୦୦୧ ମସିହାରେ ଦକ୍ଷିଣ-ପୂର୍ବ ଇରାନରେ ପ୍ରଳୟଙ୍କାରୀ ବନ୍ୟା ଯୋଗୁଁ ଅନେକ ପ୍ରାଚୀନ କବରସ୍ଥାନରୁ ଅବଶେଷଗୁଡ଼ିକ ବାହାରି ଆସିଥିଲା । ସେହି ବନ୍ୟାରେ ହିଁ କୌଣସି ଗୋଟିଏ କବର ମଧ୍ୟରୁ ଏହି ଲିପଷ୍ଟିକ୍ ଶିଶି ବାହାରିଥିବା କୁହାଯାଉଛି । ଏହି ଶିଶି ମଧ୍ୟରେ ଏକ ଲାଲ୍ ରଙ୍ଗର ପେଷ୍ଟ ରହିଥିଲା । ତେବେ ହେମାଟାଇଟ୍ ମାଙ୍ଗାନିଜ୍, ବ୍ରୁନାଇଟ୍‌ରୁ ଏହି ଲାଲ୍ ରଙ୍ଗ ପ୍ରସ୍ତୁତ କରାଯାଇଥିବା ପୁରାତତ୍ତ୍ୱବିତ୍‌ମାନେ ଅନୁମାନ କରୁଛନ୍ତି । ଏହି ଲିପଷ୍ଟିକ୍ ଆଜିକାଲି ମିଳୁଥିବା ଲିପଷ୍ଟିକ୍ ଭଳି । ଶିଶିର ପତଳା ଆକାର ଓ ମୋଟେଇରୁ ଏହାକୁ ଆରାମରେ ଧରି ବ୍ୟବାହାର କରାଯାଇ ପାରୁଥିବ ବୋଲି କୁହାଯାଉଛି । ଏହାକୁ କେବେ ଓ କିଏ ନିର୍ମାଣ କରିଥିଲେ ତାହା ବିଷୟରେ ସବିଶେଷ ସୂଚନା ମିଳିପାରିନାହିଁ । ପ୍ରାଚୀନ୍ ଇରାନ୍‌ର ସମ୍ଭ୍ରାନ୍ତ ଶ୍ରେଣୀର ମହିଳାମାନେ ଏହାକୁ ବ୍ୟବହାର କରୁଥିଲେ ବୋଲି ଅନୁମାନ କରାଯାଉଛି । ଏଥିରେ ଭେଜିଟେବୁଲ୍ ଫାଇବର୍ସ ମିଶାଯାଇଥିବାରୁ ଏଥିରୁ ସୁଗନ୍ଧ ଆସୁଥିବ ବୋଲି ପୁରାତତ୍ତ୍ୱବିତ୍‌ମାନେ ଅନୁମାନ କରିଛନ୍ତି ।

# ଶୁଭପ୍ରଦ ସପ୍ତମୂର୍ତ୍ତି



**ସୁଖସମୃଦ୍ଧି ସହ କ୍ୟାରିୟର୍‌ରେ ଉନ୍ନତି ଚାହୁଁଥିଲେ, ବାସ୍ତୁ ଅନୁଯାୟୀ ଘରେ ଏହି ସାତୋଟି ମୂର୍ତ୍ତି ରଖିବା ଆବଶ୍ୟକ । ଏହି ମୂର୍ତ୍ତିଗୁଡ଼ିକ ନକାରାତ୍ମକ ଶକ୍ତି ହ୍ରାସ କରି ସକାରାତ୍ମକ ଶକ୍ତି ବୃଦ୍ଧି କରିଥାଏ । ତେବେ ଆସନ୍ତୁ ଜାଣିବା ସେହି ମୂର୍ତ୍ତିଗୁଡ଼ିକ ସମ୍ପର୍କରେ...**

- ହାତୀକୁ ଧନ ଓ ସୌଭଗ୍ୟର ପ୍ରତୀକ ଭାବେ ଜଣାଯାଏ । ତେଣୁ ଘରର ଉତ୍ତର-ପୂର୍ବ ଦିଗରେ ହାତୀ ମୂର୍ତ୍ତି ରଖିବା କିମ୍ବା ଶୟନକକ୍ଷରେ ରୁପା ହାତୀ ରଖିବା ଦ୍ୱାରା ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ । ମୂର୍ତ୍ତି ସ୍ଥାନରେ ହାତୀର ଫଟୋ ମଧ୍ୟ ରଖିପାରିବେ ।
- ଡ୍ରଇଂ ରୁମରେ ଯୁଗଳ ହଂସ ମୂର୍ତ୍ତି ରଖିବା ଦ୍ୱାରା ଘର ଧନଧାନ୍ୟରେ ପୂରି ଉଠେ ବୋଲି କୁହାଯାଏ । ପରିବାର ସଦସ୍ୟଙ୍କ ଭିତରେ ମନୋମାଳିନ୍ୟ ରୁହେ ନାହିଁ ।
- କଇଁଛ ହେଉଛି ଶ୍ରୀବିଷ୍ଣୁଙ୍କ ପ୍ରତୀକ । ଘରେ ଜୀବନ୍ତ କଇଁଛ ରଖିବା ଶୁଭଦାୟକ ହୋଇଥାଏ । କଇଁଛର ମୂର୍ତ୍ତିକୁ ଘରର ଉତ୍ତର ଦିଗରେ କିମ୍ବା ଡ୍ରଇଂ ରୁମ୍‌ର ମୁଖ୍ୟ ଦ୍ୱାରରେ ରଖିବା ଶୁଭ ହୋଇଥାଏ ।
- ପିଲାଙ୍କ ପଢ଼ା ଘରେ ଶୁଆର ଯୋଡ଼ା ରଖିବା କିମ୍ବା ଫଟୋ ଲଗାଇବା ଦ୍ୱାରା ଏକାଗ୍ରତା ବଢ଼ିଥାଏ । ଫେଙ୍ଗ୍‌ସୁଇ ଦୃଷ୍ଟିରୁ ମଧ୍ୟ ଘରେ ଶୁଆ ମୂର୍ତ୍ତି ରଖିବା ଶୁଭଦାୟକ ହୋଇଥାଏ । ଶୁଆକୁ ଘରେ ପୋଷି ରଖିବା ମଧ୍ୟ ଭଲ ।
- ବାସ୍ତୁ ଓ ଫେଙ୍ଗ୍‌ସୁଇ ଅନୁସାରେ ମାଛର ମୂର୍ତ୍ତିକୁ ଘରର ପୂର୍ବ କିମ୍ବା ଉତ୍ତର ଦିଗରେ ରଖିବା ଉଚିତ । ଏହାଦ୍ୱାରା ଅନେକ ଶୁଭ ପ୍ରଭାବ ପଡ଼ିଥାଏ ।
- ପିତ୍ତଳ ବା ଧଳା ପଥରରେ ତିଆରି ଗୋମାତା ବା କାମଧେନୁ ମୂର୍ତ୍ତିକୁ ଘରେ ରଖିବା ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବା ସହ ପିଲାଙ୍କ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆସିଥାଏ ।
- ବାସ୍ତୁ ଓ ଫେଙ୍ଗ୍‌ସୁଇରେ ଓଟକୁ ଉନ୍ନତି ଓ ବିକାଶ ସହିତ ଯୋଡ଼ାଯାଇଛି । ତେଣୁ ଘରେ ଓଟ ମୂର୍ତ୍ତି ରଖିବା ଶୁଭ ହୋଇଥାଏ । ଏହାକୁ ଘରର ଉତ୍ତର-ପଶ୍ଚିମ ଦିଗରେ ରଖିବା ଦ୍ୱାରା କ୍ୟାରିୟର୍ ଓ ବ୍ୟବସାୟରେ ସଫଳତା ମିଳିଥାଏ ।

## ଆଜିର ଇତିହାସ

- ୧୮୮୮-ଇଂଲିଶ୍ ଫୁଟବଲ୍ ଲିଗ୍‌ର ସ୍ଥାପନା ହେଲା ।
- ୧୯୨୩- ପ୍ରଥମ ଥର ଆଇସ୍ ହକି ମ୍ୟାଚ୍ ରେଡିଓରେ ପ୍ରସାରଣ ହେଲା ।
- ୧୯୪୭- ଭାରତ ଶେଷ ଭାଇସ୍‌ରାୟ ଲର୍ଡ ମାଉଣ୍ଟବ୍ୟାଟେନ ଭାରତରେ ପହଞ୍ଚିଲେ ।
- ୧୯୬୪- କଲିକତାରେ ପ୍ରଥମ ଭିଣ୍ଟେଜ୍ କାର୍ ର୍‍ୟାଲିର ଆୟୋଜନ ।
- ୧୯୬୯- ଭାରତୀୟ ପେଟ୍ରୋକେମିକାଲ୍ସ ନିଗମ ଲିମିଟେଡ୍‌ର ଉଦ୍‌ଘାଟନ ।
- ୧୯୯୩- ପ୍ରଥମ ଥର ବିଶ୍ୱ ଜଳ ଦିବସ ପାଳନ କରାଗଲା ।
- ୨୦୨୦- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କରୋନା ମହାମାରୀର ଭୟାବହତାକୁ ଦେଖି 'ଜନତା କର୍ଫ୍ୟୁ' ଲଗାଇବା ପାଇଁ ଘୋଷଣା କଲେ ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ । ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ । ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ । ଆର୍ଥିକ ସମସ୍ୟା ଦେଖା ଦେବ ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ । ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । ଗୁରୁଜନଙ୍କ ଆଶୀର୍ବାଦ ନେବେ । ଆର୍ଥିକ କାରବାରରେ ଲାଭ ମିଳିବ । ଦୀର୍ଘଦିନର ସମସ୍ୟା ସମାଧାନ ହେବ ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ । ପରିଶ୍ରମ ଅନୁସାରେ ଫଳ ମିଳିବ । ବାଦବିବାଦରୁ ଦୂରେଇ ରହିବେ । ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ । ଇଷ୍ଟ ଦେବଙ୍କୁ ସ୍ମରଣ କରିବେ । ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ । କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ । ଜମି କିଣିବା ଯୋଗ ଅଛି ।

**ସିଂହ:** ଦିନଟି ହସଖୁସିରେ କଟିବ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ । ପ୍ରେମ ମାମଲାରେ ଦିନଟି ଭଲ । ବନ୍ଧୁଙ୍କ କଥା ଆଘାତ ଦେବ । ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ରୋଗମୁକ୍ତ ହେବେ । ପରିବାର ସଦସ୍ୟଙ୍କ ମନ ଜିଣିବେ । ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ତୁଳା:** ବ୍ୟବସାୟରେ ଲାଭ ହେବ । ପାରିବାରିକ ବିବାଦ ଦେଖା ଦେବ । ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ । ଯାତ୍ରା ଶୁଭଦାୟକ ହେବ ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ । ସନ୍ତାନଙ୍କ ସହ ବୁଲିବାକୁ ଯିବେ । ସ୍ୱାଦିଷ୍ଟ ଖାଦ୍ୟ ଖାଇବେ । ବନ୍ଧୁମିଳନ ଯୋଗ ଅଛି । ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ । ଚିନ୍ତାଗ୍ରସ୍ତ ରହିବେ । ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ । ବିରୋଧୀଙ୍କଠାରୁ ଦୂରେଇ ରହିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ । ସମୟର ସଠିକ ଉପଯୋଗ କରିବେ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ । ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ । ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ । ବୈବାହିକ ଜୀବନ ମଜଭୁତ୍ ହେବ ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ । ବନ୍ଧୁମିଳନ ଯୋଗ ଅଛି । ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ । ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 41 ◆ISSUE-267 ◆BHUBANESWAR ◆FRIDAY ◆22 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୬୭ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୨ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




ପ୍ୟାରିସ୍ ଅଲିମ୍ପିକ୍ସରେ ଶରତ ତ୍ରିରଙ୍ଗା ବାହକ

▸କ୍ରୀଡ଼ା ପୃଷ୍ଠାରେ...

# ଆଜିଠୁ ଆଇପିଏଲ୍ ମହାକୁମ୍ଭ

ବିଶ୍ୱର ସବୁଠାରୁ ବ୍ୟୟବହୁଳ ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ କ୍ରିକେଟ୍ ପ୍ରତିଯୋଗିତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୭ତମ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ଚେନ୍ନାଇ ସୁପର କିଙ୍ଗ୍‌ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପରସ୍ପରକୁ ଭେଟିବେ। ବିଶ୍ୱର ଏହି ସବୁଠାରୁ ଧନୀ ଟି-୨୦ ଲିଗ୍‌ରେ ଗତ ସଂସ୍କରଣ ଭଳି ୧୦ଟି ଦଳ ଅଂଶଗ୍ରହଣ କରିବେ। ୧୧ଟି ଭେନ୍ୟୁରେ ମୋଟ ୭୪ଟି ମ୍ୟାଚ୍ ଖେଳାଯିବା ପରେ ବିଜେତା ଓ ଉପ-ବିଜେତା ନିର୍ଣ୍ଣୟ ହେବ। ବିଶ୍ୱର ବଛାବଛା ତାରକା କ୍ରିକେଟରମାନଙ୍କୁ ନେଇ ୧୦ଟି ଫ୍ରାଞ୍ଚାଇଜ୍‌ର ଦଳଗଠନ କରାଯାଇଛି। ମିଚେଲ ଷ୍ଟାର୍କ ଏଥର ସବୁଠୁ ଦାମୀ ଖେଳାଳି ରହିଛନ୍ତି। ସମସ୍ତ ମ୍ୟାଚର ସିଧାପ୍ରସାରଣ ଷ୍ଟାର୍ ସ୍ପୋର୍ଟ୍ସ ଓ ଜିଓ ସିନେମାରେ ହେବ।

▸ବିସ୍ତୃତ ବିବରଣୀ: କ୍ରୀଡ଼ା ପୃଷ୍ଠା




# ସିଏସ୍‌କେ ନେତୃତ୍ୱ ଛାଡ଼ିଲେ ଧୋନି

## ଗାଏକ୍ୱାଡ ନୂଆ ଅଧିନାୟକ

■ **ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି):** ଆଇପିଏଲ ଆରମ୍ଭ ହେବାର ଗୋଟିଏ ଦିନ ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍‌ସ (ସିଏସ୍‌କେ) ନେତୃତ୍ୱରେ ପରିବର୍ତ୍ତନ କରିଛି। ମହେନ୍ଦ୍ର ସିଂ ଧୋନି ନେତୃତ୍ୱ ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ବଦଳରେ ୨୭ ବର୍ଷୀୟ ଯୁବ ବ୍ୟାଟର ଋତୁରାଜ ଗାଏକ୍ୱାଡଙ୍କୁ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ସିଏସ୍‌କେ ଟିମ୍ ମ୍ୟାନେଜମେଣ୍ଟ ତରଫରୁ ଗୁରୁବାର ଏହି ସୂଚନା ଦିଆଯାଇଛି। ଏବେ ଅଧିନାୟକ ଛାଡ଼ିବା



ଫଳରେ ଧୋନିଙ୍କ ନେତୃତ୍ୱର ସ୍ୱର୍ଣ୍ଣିମ ଯୁଗର ଅବସାନ ହୋଇଛି। ସୂଚନାଯୋଗ୍ୟ, ଧୋନିଙ୍କ ନେତୃତ୍ୱରେ ସିଏସ୍‌କେ ୫ଥର ଆଇପିଏଲ୍ ଚାମ୍ପିଅନ ▸ପୃଷ୍ଠା-୯

## ହାଇକୋର୍ଟରେ ଅନ୍ତରୀଣ ସୁରକ୍ଷା ଆବେଦନ ଖାରଜ ପରେ ଘେରିଲା ଇଡି

# କେଜ୍ରିୱାଲ୍ ଗିରଫ

**'ମଦ ନୀତି' ଦୁର୍ନୀତି ମାମଲା**

- ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପରିସରରେ ୧୪୪ ଧାରା ଜାରୀ
- ସୁପ୍ରିମକୋର୍ଟରେ ତ୍ୱରିତ ଶୁଣାଣି ପାଇଁ ଆବେଦନ କଲା ଆପ୍
- ଗିରଫଦାରୀକୁ ଷଡ଼ଯନ୍ତ୍ର ଓ ଅସାମ୍ବିଧାନିକ କହିଲା କଂଗ୍ରେସ
- ଇସ୍ତଫା ନ ଦେଇ ଜେଲ୍‌ରୁ ଚଳାଇପାରିବେ ସରକାର: ବାଚସ୍ପତି

■ **ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି):** ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାକୁ ନେଇ ଶେଷରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଗୁରୁବାର ଗିରଫ କରିଛି। ଇଡିର ଏକ ୧୨ ଜଣିଆ ଟିମ୍ ସନ୍ଧ୍ୟାରେ କେଜ୍ରିୱାଲଙ୍କ ବାସଭବନରେ ପହଞ୍ଚି ଖୋଳତାଡ ଆରମ୍ଭ କରିଥିଲେ। ସେତେବେଳେ କେଜ୍ରିୱାଲ ଘରେ ରହିଥିଲା ବେଳେ ତାଙ୍କ ଫୋନ ସହ ପତ୍ନୀଙ୍କ ଫୋନକୁ ମଧ୍ୟ ଇଡି ଟିମ୍ ଜବତ କରିନେଇଥିଲା। ଏହାପରେ ପ୍ରାୟ ଦୁଇ ଘଣ୍ଟା ଧରି ପଚରାଉଚରା କରିବା ପରେ ଇଡି ଟିମ୍ ରାତି ପ୍ରାୟ ୯.୩୦ ମିନିଟ୍‌ରେ କେଜ୍ରିୱାଲଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ହାଇକୋର୍ଟରୁ କେଜ୍ରିୱାଲଙ୍କୁ ଅନ୍ତରୀଣ ସୁରକ୍ଷା ନ ମିଳିବା ପରେ ଇଡି ଏଭଳି ପଦକ୍ଷେପ ନେଇଛି। ଇଡିର ନବମ ସମନ ଅନୁସାରେ କେଜ୍ରିୱାଲ ଗୁରୁବାର(ମାର୍ଚ୍ଚ ୨୧) ଇଡି କାର୍ଯ୍ୟାଳୟରେ ହାଜର ହେବାର ଥିଲା। ପୂର୍ବରୁ ଇଡିର ସମସ୍ତ ସମନକୁ ଏଡାଇ ଆସିଥିବା କେଜ୍ରିୱାଲ ନବମ ସମନ ବିରୋଧରେ ହାଇକୋର୍ଟରେ ପହଞ୍ଚିବା ସହିତ ତାଙ୍କୁ ଅନ୍ତରୀଣ ସୁରକ୍ଷା ଯୋଗାଇଦେବାକୁ ନିଜ ଓକିଲ ଅଭିଷେକ ମନୁସିଂଘଭିଙ୍କ ଜରିଆରେ ଆବେଦନ କରିଥିଲେ। କେଜ୍ରିୱାଲଙ୍କୁ ଅନ୍ତରୀଣ ସୁରକ୍ଷା ଦେବାକୁ ମନୁସିଂଘଭି ଅଦାଲତରେ ଯୁକ୍ତି ବର୍ଶାଇ କହିଥିଲେ ଯେ, ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଯାଞ୍ଚ ପାଇଁ ଇଡି ସହିତ ସହଯୋଗ କରିବାକୁ କେଜ୍ରିୱାଲ ପ୍ରସ୍ତୁତ ଅଛନ୍ତି। କିନ୍ତୁ ଇଡି ଯେଭଳି ତାଙ୍କୁ ଗିରଫ ନ କରେ, ସେଥିପାଇଁ ହାଇକୋର୍ଟ ତାଙ୍କୁ ସୁରକ୍ଷା ଯୋଗାଇ ଦିଅନ୍ତୁ। ବର୍ତ୍ତମାନ ନିର୍ବାଚନ ପାଇଁ ପ୍ରଚାର ଅଭିଯାନ ଆରମ୍ଭ ହୋଇସାରିଥିଲା ବେଳେ ତାଙ୍କୁ ଗିରଫ କରାଗଲେ ରାଜନୀତିକ ସ୍ତରରେ



ବହୁ ପ୍ରଭାବ ପଡ଼ିବ। ଅନ୍ତତଃ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ କେଜ୍ରିୱାଲଙ୍କୁ ଅନ୍ତରୀଣ ସୁରକ୍ଷା ଯୋଗାଇ ଦିଆଯାଉ ବୋଲି ମନୁସିଂହଭି ଯୁକ୍ତି କରିଥିଲେ। କିନ୍ତୁ ହାଇକୋର୍ଟ ମଧ୍ୟ ଏହି ଯୁକ୍ତିକୁ ନେଇ ଓଲଟା ▸ପୃଷ୍ଠା-୯

**ନବୀନ ମନ୍ତ୍ର**

# ବୃହତ୍ ବ୍ୟବଧାନରେ ବିଜୟ

## ଗୋଟିଏ ଦିନରେ ୪ ଲୋକସଭା ଆସନ ଓ ୨୮ ବିଧାନସଭା କ୍ଷେତ୍ରର ସମୀକ୍ଷା

■ **ଭୁବନେଶ୍ୱର, ୨୧।୩ (ସମିସ):** ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନ ନିମନ୍ତେ ବିଜେଡି ଢ଼େର ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରି ସାରିଛି। ଦଳର ଜିଲ୍ଲା, ବ୍ଲକ୍, ପଞ୍ଚାୟତ ସଭାପତି ତଥା ଦଳୀୟ ପର୍ଯ୍ୟବେକ୍ଷକମାନେ ନିଜ ନିଜ କାର୍ଯ୍ୟରେ ଲାଗି ପଡ଼ିଛନ୍ତି। ଏହି କ୍ରମରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଲୋକସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନ ପ୍ରସ୍ତୁତିର ତନ୍ନତନ୍ନ ସମୀକ୍ଷା କରୁଛନ୍ତି। ଏହି କ୍ରମରେ ଗୁରୁବାର ୪ଟି ପର୍ଯ୍ୟାୟରେ ବ୍ରହ୍ମପୁର, ଆସ୍କା, ଭୁବନେଶ୍ୱର ଓ କନ୍ଧମାଳ ଲୋକସଭା କ୍ଷେତ୍ର; ଏହା ଅନ୍ତର୍ଗତ ୨୮ ବିଧାନସଭା ଆସନରେ ନିର୍ବାଚନୀ ପ୍ରସ୍ତୁତିର ଅନୁଧ୍ୟାନ କରିଛନ୍ତି ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଆଜିର ୪ ଲୋକସଭା ଆସନକୁ ମିଶାଇ ୩ ଦିନରେ ୮ ଲୋକସଭା ଓ ୫୬ ବିଧାନସଭା କ୍ଷେତ୍ରର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ।

ସକାଳେ ବ୍ରହ୍ମପୁର, ଅପରାହ୍ନରେ ଆସ୍କା ଓ ସନ୍ଧ୍ୟାରେ ଭୁବନେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀର ସାଙ୍ଗଠନିକ ସ୍ଥିତି, ନିର୍ବାଚନ ପ୍ରସ୍ତୁତି, ବୁଥ୍‌ସ୍ତରରେ କାର୍ଯ୍ୟକ୍ରମ ଆଦିର ବିସ୍ତୃତ ସମୀକ୍ଷା କରିଛନ୍ତି ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ



**'୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଉପସ୍ଥିତ**

**ସାଂସଦ, ବିଧାୟକ, ଜିଲ୍ଲା ସଭାପତି, ପର୍ଯ୍ୟବେକ୍ଷକଙ୍କ ସହ ବରିଷ୍ଠ ନେତା ସାମିଲ**

ପଟ୍ଟନାୟକ। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଧାରଣ ସମ୍ପାଦକ ତଥା ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ପର୍ଯ୍ୟବେକ୍ଷକ ମାନସ ରଞ୍ଜନ ମଙ୍ଗରାଜଙ୍କ ସହ ସମ୍ପୃକ୍ତ ନିର୍ବାଚନମଣ୍ଡଳୀର ସାଂସଦ, ବିଧାୟକ, ପର୍ଯ୍ୟବେକ୍ଷକ ଏବଂ ନେତୃବୃନ୍ଦ ସାମିଲ ହୋଇଥିଲେ। ନିଜ ନିଜ ଅଞ୍ଚଳରେ ଦଳୀୟ ସଂଗଠନ କିପରି ଅଛି, ସଂଗଠନ ଆହୁରି ସୁଦୃଢ଼ ପାଇଁ କ'ଣ କରାଯାଇ ପାରିବ ସେ ସମ୍ପର୍କରେ ପର୍ଯ୍ୟବେକ୍ଷକ ଓ ଦଳର ନେତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ।

ମୁଖ୍ୟମନ୍ତ୍ରୀ ଏହି ଅବସରରେ ଦଳୀୟ ନେତାଙ୍କ ସହ ଦଳର ସ୍ଥିତି, ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଗୋଟିଗୋଟି ପଚାରି ବୁଝିଥିଲେ। ସମସ୍ତ ଲୋକସଭା ଓ ବିଧାନସଭା କ୍ଷେତ୍ରରେ ଘରେ ଘରେ ରାଜ୍ୟର ରୂପାନ୍ତରଣ କିପରି ସବୁ ଜୀବନକୁ ପ୍ରଭାବିତ କରିଛି ଓ ବିକାଶର ବାର୍ତ୍ତାକୁ ପହଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଅନୁରୂପ ଭାବେ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ମିଳିତ ଭାବେ ସବୁ ଆସନରେ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ଜନମତକୁ ସୁନିଶ୍ଚିତ କରିବା ଓ ବୃହତ୍ ବ୍ୟବଧାନରେ ବିଜୟ ନିମନ୍ତେ ▸ପୃଷ୍ଠା-୯

## ଜଗନ୍ନାଥପୁରରେ ବାପା-ପୁଅ ହତ୍ୟା ମାମଲା

# ବାପା ଓ ୪ ପୁଅଙ୍କୁ ଆଜୀବନ

■ **ବ୍ରହ୍ମପୁର, ୨୧।୩ (ସମିସ):** ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ହୋଇଥିବା ଚର୍ଚ୍ଚିତ ବାପା-ପୁଅ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ଦୀର୍ଘ ୧୦ ବର୍ଷ ପରେ ଆଜି ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଡଃ ଇନ୍ଦୁ ଶର୍ମା ଗୁରୁବାର ୫ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀମାନେ ହେଲେ, ଧନୁ ସ୍ୱାଇଁ (୮୦) ଓ ତାଙ୍କ ୪ ପୁଅ ଭଗବାନ, ବାୟା, ଅମିନ ଓ କାର୍ତ୍ତିକ।



**ପ୍ରମାଣ ଅଭାବରୁ ୩ ବୋହୂ ନିର୍ଦ୍ଦୋଷରେ ଖଲାସ**

ଏହି ମାମଲାରେ ୩ ମହିଳା ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ଗ୍ରାମର ଦୁଇ ପଡ଼ୋଶୀ ଗୋଲା ସ୍ୱାଇଁ ଓ ଧନୁ ସ୍ୱାଇଁଙ୍କ ପରିବାର ମଧ୍ୟରେ ଦୀର୍ଘ ବର୍ଷ ଧରି ବିଭିନ୍ନ କାରଣରୁ କଳହ ଲାଗି ରହିଥିଲା। ୨୦୧୩ ମସିହା ଡିସେମ୍ବର ୨୮ ତାରିଖ ଦିନ ଗୋଲା ସ୍ୱାଇଁ ଓ ତାଙ୍କ ପୁଅ ରାଜୀବ ସ୍ୱାଇଁ ଗାଁ ପୋଖରୀରେ ଗାଧୋଉଥିବା ବେଳେ ▸ପୃଷ୍ଠା-୯

# ମାର୍ଚ୍ଚ ଶେଷ ସୁଦ୍ଧା ୪୦ ଛୁଇଁବ ତାତି

## ୩ ଦିନରେ ୧୦ ଡିଗ୍ରୀ ବଢ଼ିବ

■ **ଭୁବନେଶ୍ୱର, ୨୧।୩ (ସମିସ):** ୨ ଦିନର ବର୍ଷା ପରେ ରାଜ୍ୟରେ ପାଗ ବଦଳିଛି। ଗୁରୁବାରଠାରୁ ପାଗ ଫିଟିବା ସହ ପ୍ରାୟ ୩ଦିନ ପରେ ସୂର୍ଯ୍ୟଙ୍କ ଦର୍ଶନ ମିଳିଛି। ଖରା ପାଇଁ ଶୀତ ମଧ୍ୟ କମିଛି। ଏହି ସ୍ଥିତି ଆଗକୁ ଜାରି ରହିବ ଓ ଆସନ୍ତା ୩ଦିନ ମଧ୍ୟରେ ରାଜ୍ୟରେ ପ୍ରାୟ ୧୦ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର କହିଛି। ବର୍ଷା ଓ କୋହଲା ପାଗ ଯୋଗୁଁ ବର୍ତ୍ତମାନ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ଯଥେଷ୍ଟ ତଳେ ରହିଛି। ମାତ୍ର ଶୁକ୍ରବାରଠାରୁ ଖରାର ପ୍ରକୋପ ବଢ଼ିବା ସହ ଏହି ସ୍ଥିତିରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆସିବ ବୋଲି ଆକଳନ କରାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ଆଗାମୀ ୩ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ଦିନ ତାପମାତ୍ରାରେ ୮ରୁ ୧୦ ଡିଗ୍ରୀ ଯାଏଁ ବୃଦ୍ଧି ପାଇବାର ▸ପୃଷ୍ଠା-୯

# ନକଲି ଆର୍‌ଟିଓ ଏବଂ ଏମ୍‌ଭିଆଇ ଗିରଫ

■ **ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୨୧।୩ (ସମିସ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ୬୦ନଂ ଜାତୀୟ ରାଜପଥର ଉପାନ୍ତ ଟୋଲପ୍ଲାଜାର ଅନତି ଦୂରରେ ଚାଲିଥିବା ଏକ ନକଲି ଆର୍‌ଟିଓ କାର୍ଯ୍ୟାଳୟରେ ଚଢ଼ଉ କରି ପୁଲିସ ୨ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ଜଳେଶ୍ୱର ଥାନା ଅନ୍ତର୍ଗତ ନହଞ୍ଜରା ଗାଁର ମଧୁସୂଦନ ପରିଡ଼ାଙ୍କ ପୁଅ ତୁଷାର ରଞ୍ଜନ ପରିଡ଼ା (୩୪) ଓ ଝାଡ଼ଖଣ୍ଡର ନନ୍ଦିକିଆ ଅଞ୍ଚଳର ଦେବେନ୍ଦ୍ର ସାହୁଙ୍କ ପୁଅ ଶମ୍ଭୁ ସାହୁ (୨୭)। ଦୀର୍ଘବର୍ଷ ଧରି ସେମାନେ ନିଜକୁ ଏମ୍‌ଭିଆଇ ଓ ଆର୍‌ଟିଓ ଭାବେ ପରିଚୟ ଦେଇ ଲକ୍ଷଲକ୍ଷ ଟଙ୍କା ଆଦାୟ କରି ଆସୁଥିଲେ। ଏଠାରେ ନକଲି ଆର୍‌ଟିଓ କାର୍ଯ୍ୟାଳୟ ଚାଲିଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏ ସମ୍ପର୍କରେ ପୁଲିସ୍ ସମସ୍ତ ତଥ୍ୟ ସହ ଗୁରୁବାର ପୂର୍ବାହ୍ନରେ ଘଟଣାସ୍ଥଳକୁ

**ଟୋଲ୍‌ପ୍ଲାଜା ନିକଟରେ ଚାଲିଥିଲା ନକଲି ଆର୍‌ଟିଓ ଅଫିସ୍**

ଯାଇଥିଲା। ସବ୍‌ଇନ୍ସପେକ୍ଟର ଚିରଞ୍ଜୀବୀ ରାଉତ ସଦଳବଳେ ଘଟଣାସ୍ଥଳକୁ ଯାଇ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ୨ ଯୁବକକୁ କେତେକ ତଥ୍ୟ ମାଗିଥିଲେ। କିନ୍ତୁ ସେମାନେ ଉପଯୁକ୍ତ ତଥ୍ୟ ଦେଇନପାରିବାରୁ ତାଙ୍କୁ ଗିରଫ କରାଯାଇଥିଲା। ଚଢ଼ଉ ବେଳେ ସେମାନଙ୍କ ନିକଟରୁ ଲାପଟପ୍, ପ୍ରିଣ୍ଟର୍



ଓ ୧୧ଟି ନକଲି ଷ୍ଟାମ୍ପ ଜବତ ହୋଇଛି। ଏହାସହ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ପଶ୍ଚିମବଙ୍ଗ ଓ ଓଡ଼ିଶା ପରିବହନ ବିଭାଗର ନକଲି କାଗଜପତ୍ର, ରସିଦ୍ ମଧ୍ୟ ଜବତ ହୋଇଛି।

## ଲୋକକଥା



ଅଦିନିଆ ବର୍ଷା ଉଡ଼େଇଲା ହଂସା
ଫସଲ ଦେଲା ଉଜାଡ଼ି,
ଚାଷୀର ମୁଣ୍ଡରେ ଚଡ଼କ ପଡ଼ିଲା
କାନ୍ଦଇ ମୁଣ୍ଡ କଚାଡ଼ି !
କେ ଦେବ ଆଉ ସଜାଡ଼ି,
କେତେ ପାଞ୍ଚ ସତେ ମନେ କରିଥିଲା
ଦଇବ ଦେଲା ବିଗାଡ଼ି !!

**ରାଜ୍ୟରେ ବଢୁଛି ଭୂତଳ ଜଳ ବ୍ୟବହାର**

# ସହରାଞ୍ଚଳ ସ୍ଥିତି ସମ୍ବେଦନଶୀଳ

■ **ଭୁବନେଶ୍ୱର, ୨୧।୩ (ସମିସ):** ପାନୀୟ ଜଳକୁ ନେଇ ବର୍ତ୍ତମାନ କର୍ଣ୍ଣାଟକରେ ହାହାକାର ସ୍ଥିତି। ବେଙ୍ଗାଲୁରୁ ସହରରେ ବାଲ୍‌ଟିଏ ପାଣିରେ ଜଣେ ବ୍ୟକ୍ତିଙ୍କୁ ଚଳିବାକୁ ପଡୁଛି । ଆବଶ୍ୟକତା ଅନୁଯାୟୀ ପାଣି ମିଳୁ ନ ଥିବାରୁ କର୍ଣ୍ଣାଟକ ସରକାର ଜଳ ବ୍ୟବାହାର ଉପରେ କଟକଣା ଜାରି କରିଛନ୍ତି। କେବଳ କର୍ଣ୍ଣାଟକ ନୁହେଁ ଦେଶର ଅନ୍ୟ ପ୍ରମୁଖ ସହର ପଞ୍ଜାବ, ଜୟପୁର, ଚେନ୍ନାଇ ଭଳି ସହରରେ ସ୍ଥିତି ଉଦ୍‌ବେଗଜନକ । ଉପକୂଳବର୍ତ୍ତୀ ରାଜ୍ୟ ଓଡ଼ିଶାରେ ଯଦିଓ ବର୍ତ୍ତମାନ ସ୍ଥିତି ସେତେ ଖରାପ ହୋଇନାହିଁ, ତଥାପି ଭୂତଳ ଜଳର ବଢୁଥିବା ବ୍ୟବହାର ଚିନ୍ତାର ବିଷୟ ପାଲଟିଛି। ଏବେଠାରୁ ସାବଧାନ ନ ହେଲେ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର କିଛି ପ୍ରମୁଖ ସହରରେ ଜଳ ସମସ୍ୟା ଆଗାମୀ ଦିନରେ ବଡ଼ ଆହ୍ୱାନ ହେବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ରାଜ୍ୟରେ ଅଧିକାଂଶ ସହରରେ ବର୍ତ୍ତମାନ ଭୂତଳ ଜଳ ଉତ୍ତୋଳନ ବଢ଼ିବାରେ ଲାଗିଛି। ମୁଖ୍ୟତଃ ସହରାଞ୍ଚଳରେ ଭୂତଳ ଜଳସ୍ତର ହ୍ରାସ ପାଉଛି। ଗତ ବର୍ଷ କେନ୍ଦ୍ରୀୟ ଭୂତଳ ଜଳବୋର୍ଡର ତଥ୍ୟ ଅନୁଯାୟୀ ରାଜ୍ୟରେ ୬୦ ପ୍ରତିଶତ

**ଆଜି ବିଶ୍ୱ ଜଳ ଦିବସ**

- ସାବଧାନ ନ ହେଲେ ଜଟିଳ ହେବ ସ୍ଥିତି
- ଚିନ୍ତା ବଢ଼ାଇଲାଣି ଗୁଣାତ୍ମକ ମାନରେ ହ୍ରାସ

ଚାଷୀ କୃଷି ପାଇଁ ଭୂତଳ ଜଳ ଉପରେ ନିର୍ଭର କରୁଛନ୍ତି। ସେହିପରି ପାନୀୟ ଜଳ ଓ ଶିଳ୍ପ ସଂସ୍ଥାର ଆବଶ୍ୟକତା ନିମନ୍ତେ ଭୂତଳ ଜଳ ଉପରେ ନିର୍ଭର କରିବାକୁ ପଡୁଛି। ରାଜ୍ୟର ୭୫ ପ୍ରତିଶତ ଅଞ୍ଚଳ ପାହାଡ଼ିଆ ତଥା ଢିପାଞ୍ଚଳ ହୋଇଥିବାରୁ ଓ ଭୂତଳ ଜଳ ରିଚାର୍ଜ ପାଇଁ ପ୍ରାକୃତିକ ବ୍ୟବସ୍ଥାର ଅଭାବ ସମ୍ପୃକ୍ତ ଅଞ୍ଚଳର ଭୂତଳ ଜଳସ୍ତରକୁ ନିମ୍ନଗାମୀ କରିଛି। ରାଜ୍ୟର ୩୧୪ ବ୍ଲକ ମଧ୍ୟରୁ ସମ୍ପ୍ରତି ୬ଟି ବ୍ଲକରେ ଭୂତଳ ଜଳସ୍ତର ହ୍ରାସ ସଙ୍କଟଜନକ ସ୍ଥିତିରେ ରହିଛି। ସେସବୁ ଅଞ୍ଚଳରେ ୭୦ ପ୍ରତିଶତରୁ ଅଧିକ ଭୂତଳ ଜଳ ବ୍ୟବହାର ହେଉଛି। ସେହିପରି ୪୬ଟି ବ୍ଲକରେ ୬୦ ରୁ ୭୦ ପ୍ରତିଶତ ଜଳ ଉଠାଣ ହେଉଥିବା ଜଣାପଡ଼ିଛି। ୨୦୧୭ରେ ୪୨.୧୮ ପ୍ରତିଶତ ଭୂତଳ ଜଳ ଉଠାଣ ହୋଇଥିବାବେଳେ ୨୦୨୦ରେ ଏହା ୪୩.୨୦ ପ୍ରତିଶତରେ ପହଞ୍ଚିଛି।

ବିଶ୍ୱ ବ୍ୟାଙ୍କର ଏକ ଏକ ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ରାଜ୍ୟରେ ଜଳର ଆବଶ୍ୟକତା ୫୫ ବିଲିଅନ ଘନ ମିଟର ଥିବାବେଳେ ୨୦୫୧ ସୁଦ୍ଧା ଏହା ୮୫ ବିଲିଅନ ଘନମିଟରରେ ପହଞ୍ଚିବ।



ଫଳରେ ଝାରସୁଗୁଡା, କେନ୍ଦୁଝର, ନୂଆପଡ଼ା, ରାୟଗଡ଼ା, ବଲାଙ୍ଗୀର, ସୁନ୍ଦରଗଡ଼, ପୁରୀ, ମୟୂରଭଞ୍ଜ, ଖୋର୍ଦ୍ଧା, କଟକ ଆଦି ଜିଲ୍ଲାରେ ଜଳ ସଙ୍କଟ ତୀବ୍ର ହୋଇପାରେ ବୋଲି ▸ପୃଷ୍ଠା-୯

**ଜଳବାୟୁ ପରିବର୍ତ୍ତନ ଓ ଗ୍ରୀଷ୍ମ ପ୍ରବାହଜନିତ କ୍ଷୟକ୍ଷତି**

# ଗବେଷଣା ପାଇଁ ଖସଡ଼ା

■ **ଭୁବନେଶ୍ୱର, ୨୧।୩ (ସମିସ):** ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାନବଜାତି ଉପରେ ପ୍ରଭାବକୁ ନେଇ ହେବ ଗବେଷଣା। ଓଡ଼ିଶାର କେଉଁ ଜିଲ୍ଲାର କେଉଁ ଅଞ୍ଚଳରେ ଅଧିକ ଗରମ ଅନୁଭୂତ ହେଉଛି, ଭିନ୍ନ ଭିନ୍ନ ଅଞ୍ଚଳରେ ରୌଦ୍ରତାପର ପ୍ରଭାବ କିପରି ରହୁଛି, କେଉଁ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଉଛି ତାହା ଉପରେ ଅନୁସନ୍ଧାନ କରାଯିବ। ଏଥିପାଇଁ ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାସ୍ତରୀୟ ଯୋଜନା ଅନୁସାରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଓସଡମା) ଏବଂ ଷ୍ଟେଟ୍ ସର୍ଭିଲାନ୍ସ ୟୁନିଟ୍ (ଏସ୍‌ଏସ୍‌ୟୁ) ଗ୍ରୀଷ୍ମ ପ୍ରବାହର ମୁକାବିଲା ଦିଗରେ ବିହିତ ପଦକ୍ଷେପ ନେବ।

ଗ୍ରୀଷ୍ମ ଋତୁରେ ଗରମ ହେବା ସ୍ୱାଭାବିକ। କିନ୍ତୁ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଋତୁ ଅନୁସାରେ ପାଗ ବଦଳୁ ନାହିଁ । ଜୀବଜଗତ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଛି। ଏହି ପ୍ରଭାବ କେତେ ଦୂର କ୍ଷତିକାରକ, କେଉଁ ଅଞ୍ଚଳର ବାସିନ୍ଦା ଅଧିକ ପ୍ରଭାବିତ, କେଉଁ ପ୍ରକାର ରୋଗ ହେଉଛି, ▸ପୃଷ୍ଠା-୯

## ନିର୍ବାଚନୀ ବଣ୍ଡ ଗୁପ୍ତ ନମ୍ବର ସହ ସମସ୍ତ ତଥ୍ୟ ଦେଲା ଏସ୍‌ବିଆଇ

**ସାଇବର ସୁରକ୍ଷା କାରଣରୁ ଦେଲାନି ଦାତାଙ୍କ ଆକାଉଣ୍ଟ ଓ କେୱାଇସି ତଥ୍ୟ**

ନୂଆଦିଲ୍ଲୀ, ୨୧।୩(ଏଜେନ୍ସି): ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସବିଆଇ) ଆଜି ଇଲେକ୍ସନ୍ କମିଶନ ଅଫ୍ ଇଣ୍ଡିଆ (ଇସିଆଇ)ଙ୍କୁ ସମସ୍ତ ନିର୍ବାଚନୀ ବଣ୍ଡ ଓ ବଣ୍ଡଗୁଡ଼ିକର ଅଦୃଶ୍ୟ (ଖାଲିଆଖିରେ ଦେଖାଯାଉନଥିବା) ତଥା ଗୁପ୍ତ ଆଲଫାନ୍ୟୁମେରିକ୍ ନମ୍ବର ସହ ବ୍ୟାଙ୍କ ନିକଟରେ ଉପଲବ୍ଧ ଥିବା ସମସ୍ତ ତଥ୍ୟ ଓ ସୂଚନା ଦେଇଛି। ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ବିଚାରପତି ସଞ୍ଜୀବ ଖାନ୍ନା, ବିଆର୍ ଗାଭାଇ, ଜେବି ପର୍ଦ୍ଦିୱାଲା ଓ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ୫ଜଣିଆ ସୁପ୍ରିମକୋର୍ଟ ଖଣ୍ଡପୀଠ ଗତ ମାର୍ଚ୍ଚ ୧୮ ତାରିଖରେ ସମସ୍ତ ନିର୍ବାଚନୀ ବଣ୍ଡର ଅଦୃଶ୍ୟ ନମ୍ବର ମାର୍ଚ୍ଚ ୨୧ ସୁଦ୍ଧା ଯେପରି ଇସିଆଇଙ୍କୁ ମିଳେ ତାହା ନିଶ୍ଚିତ କରିବାକୁ ଏସବିଆଇକୁ ଆଦେଶ ଦେଇଥିଲେ। ଏହି ଆଦେଶ ପାଳନ କରାଯାଇଥିବା ଓ କୌଣସି ତଥ୍ୟ ଲୁଚାଯାଇନଥିବା ନେଇ ଏକ ସତ୍ୟପାଠ ମଧ୍ୟ ଏସବିଆଇ ଅଧ୍ୟକ୍ଷ ମାର୍ଚ୍ଚ ୨୧ରେ ସୁପ୍ରିକୋର୍ଟଙ୍କୁ ଦେବା ନିମନ୍ତେ ଆଦେଶ ଦିଆଯାଇଥିଲା। ଆଜି ଏସବିଆଇ ଅଧ୍ୟକ୍ଷ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ ପୂର୍ବକ ଜଣାଇଛନ୍ତି ଯେ ନିର୍ବାଚନୀ ବଣ୍ଡଗୁଡ଼ିକର ଆଲଫାନ୍ୟୁମେରିକ୍ ନମ୍ବର ଓ ବ୍ୟାଙ୍କ ପାଖରେ ଉପଲବ୍ଧ ଅନ୍ୟ ସମସ୍ତ ତଥ୍ୟ ଓ ସୂଚନା ଇସିଆଇଙ୍କୁ ଦିଆଯାଇଛି। ସେଥିରୁ ବଣ୍ଡ କ୍ରେତାଙ୍କ ନାମ, କେତେ ନମ୍ବର ବଣ୍ଡ କିଣିଛନ୍ତି, କେତେ ଟଙ୍କାର ବଣ୍ଡ କିଣିଛନ୍ତି ଓ ସେହି ନମ୍ବରର ବଣ୍ଡ କେଉଁ ରାଜନୈତିକ ଦଳ ଭଙ୍ଗାଇଛି, ବଣ୍ଡ ଭଙ୍ଗାଇଥିବା ଦଳର ବ୍ୟାଙ୍କ ଆକାଉଣ୍ଟ ନମ୍ବରର ଶେଷ ୪ଟି ଅଙ୍କ, ଭଙ୍ଗାଇଥିବା ବଣ୍ଡର ନମ୍ବର ଓ ବଣ୍ଡର ମୂଲ୍ୟ କେତେ ତାହା ଜଣାପଡ଼ିବ। ତେବେ ସାଇବର ସୁରକ୍ଷା କାରଣରୁ ଏସବିଆଇ ବଣ୍ଡ ଭଙ୍ଗାଇଥିବା ରାଜନୈତିକ ଦଳର ସମ୍ପୂର୍ଣ୍ଣ ଆକାଉଣ୍ଟ ନମ୍ବର ଓ ନୋ ୟୋର କଷ୍ଟମର(କେୱାଇସି) ଡିଟେଲ୍ସ ନଦେଇ ଆକାଉଣ୍ଟ ନମ୍ବରର ଶେଷ ୪ଟି ଅଙ୍କ କ'ଣ ତାହା ଜଣାଇଛି। ସମାନ ସୁରକ୍ଷା କାରଣରୁ ବଣ୍ଡ କ୍ରେତାଙ୍କର କେୱାଇସି ଡିଟେଲ୍ସ ମଧ୍ୟ ଏସବିଆଇ ଦେଇନାହିଁ।

■ କେନ୍ଦ୍ରକୁ ଇସିଆଇଙ୍କ ନିର୍ଦ୍ଦେଶ

## ଲୋକଙ୍କୁ ବିକଶିତ ଭାରତ ବାର୍ତ୍ତା ପଠାଇବା ବନ୍ଦକର

ନୂଆଦିଲ୍ଲୀ, ୨୧।୩(ଏଜେନ୍ସି): ନାଗରିକମାନଙ୍କ ଫୋନକୁ 'ବିକଶିତ ଭାରତ ସମ୍ପର୍କ' ହ୍ୱାଟସଆପ୍ ସମୂହବାର୍ତ୍ତା (ବଲ୍କ ମେସେଜ୍) ପ୍ରେରଣ ତୁରନ୍ତ ବନ୍ଦ କରିବାକୁ ଇଲେକ୍ସନ୍ କମିଶନ ଅଫ୍ ଇଣ୍ଡିଆ (ଇସିଆଇ) ଆଜି କେନ୍ଦ୍ର ଇଲେକଟ୍ରୋନିକ୍ସ ଆଣ୍ଡ ଇନଫରମେସନ୍ ଟେକ୍ନୋଲୋଜି (ଇ ଆଣ୍ଡ ଆଇଟି) ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ଆଦର୍ଶ ଆଚରଣ ବିଧି (ଏମ୍‌ସିସି) ୨୦୨୪ ମାର୍ଚ୍ଚ ୧୬ତାରିଖରେ ଲାଗୁହେବା ପରେ ବି ଇ ଆଣ୍ଡ ଆଇଟି ମନ୍ତ୍ରଣାଳୟ 'ବିକଶିତ ଭାରତ ସମ୍ପର୍କ' ହ୍ୱାଟସଆପ୍ ବାର୍ତ୍ତା ପଠାଉଥିବା ନେଇ କଂଗ୍ରେସ, ତୃଣମୂଳ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଙ୍କ ଅଭିଯୋଗ ପାଇବା ପରେ ଇସିଆଇ ଏହି ରୋକ ନିର୍ଦ୍ଦେଶ ଦେଇ ନିର୍ଦ୍ଦେଶ ପାଳିତ ହୋଇଥିବା ସମ୍ପର୍କରେ ଜଣାଇବାକୁ କହିଛନ୍ତି। ନିର୍ବାଚନରେ ସମସ୍ତ ପ୍ରତିଯୋଗୀଙ୍କୁ ସମତୁଲ ସୁବିଧାସୁଯୋଗ ଯେପରି ଉପଲବ୍ଧ ହୁଏ ତାହା ନିଶ୍ଚିତ କରିବାକୁ ଚାହିଁ ଇସିଆଇ ଏହି ନିର୍ଦ୍ଦେଶ ଦେଇଛନ୍ତି। ତେବେ ଇ ଆଣ୍ଡ ଆଇଟି ମନ୍ତ୍ରଣାଳୟ ଇସିଆଇଙ୍କୁ ସ୍ପଷ୍ଟୀକରଣ ଦେଇ ଜଣାଇଛି ଯେ ଏମସିସି ଲାଗୁ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ପତ୍ର ସହ ବିକଶିତ ଭାରତ ସମ୍ପର୍କ ହ୍ୱାଟସଆପ୍ ବାର୍ତ୍ତା ଲୋକଙ୍କ ପାଖକୁ ପଠାଯାଇଥିଲା। କିନ୍ତୁ ସିଷ୍ଟମ ଓ ନେଟୱାର୍କ ସୀମିତତା କାରଣରୁ ହୁଏତ କେତେକ ବାର୍ତ୍ତା ବିଳମ୍ବରେ ପ୍ରାପ୍ତ ହୋଇଥିବ।

## ୪ ରାଜ୍ୟର ଅଣ-କ୍ୟାଡର୍ ଡିଏମ୍, ଏସ୍‌ପିଙ୍କୁ ବଦଳି ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୧।୩(ଏଜେନ୍ସି): ଇଲେକ୍ସନ୍ କମିଶନ ଅଫ୍ ଇଣ୍ଡିଆ (ଇସିଆଇ) ଆଜି ୪ ରାଜ୍ୟ ଗୁଜରାଟ, ପଞ୍ଜାବ, ଓଡ଼ିଶା ଓ ପଶ୍ଚିମବଙ୍ଗର ନନ୍-କ୍ୟାଡର୍ ଡିଏମ୍ ଓ ଏସପିଙ୍କୁ ବଦଳି ନିର୍ଦ୍ଦେଶ ଦେଇଛନ୍ତି। ପଞ୍ଜାବର ଭାଟିଣ୍ଡା ଏସଏସପି ଓ ଆସାମର ଶୋଣିତପୁର ଏସପିଙ୍କୁ ବଦଳି ନିର୍ଦ୍ଦେଶ ଦିଆଯାଇଛି। ଏହି ଦୁଇ ଉଚ୍ଚପଦସ୍ଥ ପୁଲିସ ଅଫିସରଙ୍କର ପରିବାରର ସଦସ୍ୟ ଓ ଏମାନଙ୍କ ଆତ୍ମୀୟସ୍ୱଜନଙ୍କ ମଧ୍ୟରେ ନିର୍ବାଚିତ ଲୋକପ୍ରତିନିଧି ରହିଛନ୍ତି। ଗୁଜରାଟର ଛୋଟା ଉଦୟପୁର ଏସପି ଓ ଅହମଦାବାଦ(ଗ୍ରାମୀଣ) ଏସପିଙ୍କୁ, ପଞ୍ଜାବର ପଠାନକୋଟ, ଫଜଲିକା, ଜଳନ୍ଧର(ଗ୍ରାମୀଣ), ମାଲେରକୋଟଲା ଏସଏସପିଙ୍କୁ ବଦଳି ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶାର ଢେଙ୍କାନାଳ ଜିଲ୍ଲା ମାଜିଷ୍ଟ୍ରେଟ ଓ ଦେବଗଡ଼, କଟକ(ଗ୍ରାମୀଣ) ଏସପିଙ୍କୁ ବଦଳି କରାଯାଇଛି। ସେହିଭଳି ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର, ଝାରଗ୍ରାମ, ପୂର୍ବ ବର୍ଦ୍ଧମାନ ଓ ବୀରଭୂମିର ଜିଲ୍ଲା ମାଜିଷ୍ଟ୍ରେଟମାନଙ୍କୁ ବଦଳି କରାଯାଇଛି।

**ତାମିଲନାଡୁ ରାଜ୍ୟପାଳଙ୍କ ଉପରେ ବର୍ଷିଲେ ସୁପ୍ରିମକୋର୍ଟ**

# ଅବମାନନା କରିଛନ୍ତି ନିର୍ଦ୍ଦେଶନାମା

ନୂଆଦିଲ୍ଲୀ,୨୧।୩(ଏଜେନ୍ସି)

ଡିଏମକେ ନେତା କେ ପୋନମୁଦିଙ୍କୁ ଏମ କେ ଷ୍ଟାଲିନଙ୍କ ମନ୍ତ୍ରିମଣ୍ଡଳରେ ପୁନଃ ନଯୁକ୍ତି ପ୍ରସଙ୍ଗରେ ସୁପ୍ରିମକୋର୍ଟ ତାମିଲନାଡୁ ରାଜ୍ୟପାଳ ଆର ଏନ ରବିଙ୍କ ଉପରେ ବର୍ଷିଛନ୍ତି। ପୋନମୁଦିଙ୍କ ନିଯୁକ୍ତି ଉପରେ ରାଜ୍ୟପାଳ ରବି ପ୍ରତିବନ୍ଧକ ଲଗାଇଥିବାରୁ ପ୍ରଧାନବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ୩ ଜଣିଆ ଖଣ୍ଡପୀଠ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ରାଜ୍ୟପାଳଙ୍କ କାର୍ଯ୍ୟଧାରାକୁ ନେଇ କ୍ଷୁବ୍ଧ ହୋଇଛନ୍ତି। ରବି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରୁଥିବା ମଧ୍ୟ ଖଣ୍ଡପୀଠ କହିଛନ୍ତି। ଏହାବ୍ୟତୀତ ରବି ରାଜ୍ୟସରକାରଙ୍କ ସହ ବାରମ୍ବାର ତିକ୍ତତା ସୃଷ୍ଟି କରୁଥିବାରୁ ସୁପ୍ରିମକୋର୍ଟ ଭର୍ତ୍ସନା କରିବା ସହ ପୋନମୁଦିଙ୍କ ନିଯୁକ୍ତି ଉପରେ ୨୪ ଘଣ୍ଟା ମଧ୍ୟରେ ନିଷ୍ପତ୍ତି ନେବାକୁ ରାଜ୍ୟପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ,ଡିଏମକେ ନେତା କେ ପୋନମୁଦିଙ୍କୁ ରାଜ୍ୟ ସରକାର ପୁଣିଥରେ କ୍ୟାବିନେଟରେ ସାମିଲ କରିବାକୁ ଚାହୁଁଛନ୍ତି। ପୋନମୁଦିଙ୍କ ବିରୋଧରେ ଆସିଥିବା ଆୟବହିର୍ଭୂତ ମାମଲାରେ ତାଙ୍କୁ ତିନି ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା। କିନ୍ତୁ ଦଣ୍ଡାଦେଶକୁ ଚ୍ୟାଲେଞ୍ଜ କରି ପୋନମୁଦି ସୁପ୍ରିମକୋର୍ଟରେ ପହଞ୍ଚିଥିଲା ବେଳେ ସର୍ବୋଚ୍ଚ ନ୍ୟାୟାଳୟ ଦଣ୍ଡାଦେଶ ଉପରେ ରୋକ ଲଗାଇଥିଲେ। ଏହାପରେ ତାମିଲନାଡୁର ଷ୍ଟାଲିନ ସରକାର ପୋନମୁଦିଙ୍କୁ ପୁଣିଥରେ ମନ୍ତ୍ରୀ କରିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ରାଜ୍ୟପାଳ ରବି ଡିଏମକେ ସରକାର ପରାମର୍ଶ ଗ୍ରହଣ ନ କରିବା ସହିତ ଏହା ଉପରେ ପ୍ରତିବନ୍ଧକ ଲଗାଇଥିଲେ। ଯାହାକୁ ନେଇ ରାଜ୍ୟ ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଗୁରୁବାର ଏହି ପ୍ରସଙ୍ଗରେ ଶୁଣାଣି କରି ସର୍ବୋଚ୍ଚ ଅଦାଲତ ରାଜ୍ୟପାଳ ରବିଙ୍କ ଉପରେ କ୍ଷୁବ୍ଧ ହୋଇଥିଲେ। ଜଷ୍ଟିସ ଚନ୍ଦ୍ରଚୂଡ଼ କହିଥିଲେ ଯେ, 'ଏହି ମାମଲାରେ ରାଜ୍ୟପାଳଙ୍କ କାର୍ଯ୍ୟଧାରା ଯେଉଁଳି ରହିଛି ତା'କୁ ନେଇ ଆମେ ଗଭୀର ଭାବେ ଚିନ୍ତିତ। ସେ ଦେଶର ସର୍ବୋଚ୍ଚ ନ୍ୟାୟାଳୟକୁ ମଧ୍ୟ ଅବମାନା କରିଛନ୍ତି। ଯେତେବେଳେ ଦଣ୍ଡାଦେଶ ଉପରେ କୋର୍ଟ ରୋକ ଲଗାଇଛନ୍ତି, ସେଥିରେ ରାଜ୍ୟପାଳଙ୍କ କିଛି କରିବା କିମ୍ବା କହିବାର ନାହିଁ। ଆମେ ଆସନ୍ତାକାଲି ଯାଏ ଅପେକ୍ଷା କରିବୁ। ଅନ୍ୟଥା ବିକଳ୍ପ ବ୍ୟବସ୍ଥା କରିବୁ' ବୋଲି ପ୍ରଧାନବିଚାରପତି ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣୀଙ୍କୁ କହିଛନ୍ତି।

**ମନ୍ତ୍ରୀଙ୍କ ନିଯୁକ୍ତିକୁ ନେଇ ୨୪ ଘଣ୍ଟାରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ**



### କେନ୍ଦ୍ରର 'ଫ୍ୟାକ୍ଟ ଚେକ୍ ୟୁନିଟ୍' ଉପରେ 'ସୁପ୍ରିମ୍' ରୋକ

## 'ଅଭିବ୍ୟକ୍ତି ସ୍ୱତନ୍ତ୍ରତାର ପରିପନ୍ଥୀ'

କେନ୍ଦ୍ର ସରକାରଙ୍କ କାର୍ଯ୍ୟକଳାପ ଉପରେ ସୋସିଆଲ ମିଡିଆରେ ପ୍ରକାଶ କରାଯାଉଥିବା ମିଥ୍ୟା ,ମନଗଢା ଖବର କିମ୍ବା ଭୁଲ ତଥ୍ୟର ତଦାରଖ ପାଇଁ ପତ୍ର ସୂଚନା ବ୍ୟୁରୋ(ପିଆଇବି) ମାଧ୍ୟମରେ ଗଠନ କରାଯାଇଥିବା 'ଫ୍ୟାକ୍ଟ ଚେକ୍ ୟୁନିଟ୍'କୁ ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି। ଗତକାଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ଟିମ୍ ଗଠନ ହେବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଏହାକୁ ୨୪ ଘଣ୍ଟା ନ ପୂରୁଣୁ ସର୍ବୋଚ୍ଚ ନ୍ୟାୟାଳୟ ଏହା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଏହାଦ୍ୱାରା ଦେଶରେ ଅଭିବ୍ୟକ୍ତି ସ୍ୱତନ୍ତ୍ରତା କ୍ଷୁଣ୍ଣ ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିସହ ଗତକାଲି ବମ୍ବେ ହାଇକୋର୍ଟ ଏହା ଉପରେ ରୋକ ନ ଲଗାଇବା ପାଇଁ ଦେଇଥିବା ନିର୍ଦ୍ଦେଶକୁ ମଧ୍ୟ ରଦ୍ଦ କରିଦେଇଛନ୍ତି। ଫ୍ୟାକ୍ଟ ଚେକ୍ ୟୁନିଟ୍ ଭଲ ମନ୍ଦ ତାହା ଉପରେ ଆମେ କିଛି କହିପାରିବୁ ନାହିଁ। ବମ୍ବେ ହାଇକୋର୍ଟରେ ଏହି ମାମଲାର ବିଚାର ହେବ। ହାଇକୋର୍ଟଙ୍କ ଚୂଡାନ୍ତ ନିଷ୍ପତ୍ତି ଆସିବା ଯାଏଁ ଏହି ନିୟମ ଉପରେ ରୋକ ଜାରି ରହିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

## ନିର୍ବାଚନ କମିସନରଙ୍କ ନିଯୁକ୍ତି ଉପରେ ରୋକ୍ ଲାଗାଇବାକୁ ନା

ନୂଆଦିଲ୍ଲୀ,୨୧।୩(ଏଜେନ୍ସି): ନିକଟରେ ନିଯୁକ୍ତି ପାଇଥିବା ଦୁଇ ନିର୍ବାଚନ କମିସନର ଜ୍ଞାନେଶ କୁମାର ଏବଂ ସୁଖବୀର ସିଂହ ସାନ୍ଧୁଙ୍କୁ ନେଇ କେତେକ ସ୍ତରରେ ପ୍ରଶ୍ନ ଉଠାଯିବା ସହିତ ସେମାନଙ୍କ ନିଯୁକ୍ତି ଉପରେ ରୋକ୍ ଲଗାଇବାକୁ ସୁପ୍ରିମକୋର୍ଟରେ ବହୁ ପିଟିସନ ଦାଏର କରାଯାଇଥିଲା। ହେଲେ ଏହା ଉପରେ ରୋକ୍ ଲଗାଇବାକୁ ସୁପ୍ରିମକୋର୍ଟ ରୋକ୍‌ଠୋକ୍ ମନା କରି ଦେଇଛନ୍ତି। ବର୍ତ୍ତମାନ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ଏହି ସମୟରେ ନିର୍ବାଚନ କମିସନରଙ୍କ ନିଯୁକ୍ତି ଉପରେ ରୋକ ଲଗାଇବା ଅର୍ଥ ଅରାଜକତା ଏବଂ ବିଶୃଙ୍ଖଳା ସୃଷ୍ଟି କରିବା ଭଳି ହେବ ବୋଲି କହିଛନ୍ତି ସୁପ୍ରିମକୋର୍ଟ। ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଦୀପଙ୍କର ଦତ୍ତାଙ୍କ ଦ୍ୱାରା ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଗୁରୁବାର ଏହି ପ୍ରସଙ୍ଗରେ ଶୁଣାଣି କରି ନିର୍ବାଚନ କମିସନରଙ୍କ ନିଯୁକ୍ତି ପ୍ରକ୍ରିୟାକୁ ନେଇ ରହିଥିବା ଆଇନ ଉପରେ କୌଣସ ପ୍ରତିବନ୍ଧକ ଲଗାଯାଇପାରିବ ନାହିଁ ବୋଲି କହିଛନ୍ତି।

**କ'ଣ କହୁଛି ଆଇନ**

## ଜେଲରୁ ସରକାର ଚଳାଇପାରିବେ କେଜ୍ରିୱାଲ !

ନୂଆଦିଲ୍ଲୀ,୨୧।୩(ଏଜେନ୍ସି)

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଇଡି ଗୁରୁବାର ଗିରଫ କରିବା ପରେ ଆମ ଆଦମୀ ପାର୍ଟି ଦଳୀୟ ନେତା ଏବଂ କର୍ମୀ କେନ୍ଦ୍ର ସରକାରଙ୍କ ବିରୋଧରେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଦିଲ୍ଲୀ ସମେତ ଦେଶର ବିଭିନ୍ନ ଭାଗରେ ଦଳୀୟ କର୍ମୀମାନେ ଇଡି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ଆରମ୍ଭ କରିଦେଇଛନ୍ତି। ଦିଲ୍ଲୀରେ ଦଳର ପ୍ରମୁଖ ନେତାମାନେ କେନ୍ଦ୍ର ବିରୋଧରେ ସ୍ଲୋଗାନ ଦେବା ସହିତ କେଜ୍ରିୱାଲ ତାଙ୍କ ପଦବୀରୁ ଇସ୍ତଫା ଦେବେ ନାହିଁ ; ବରଂ ଜେଲରେ ଥାଇ ସେଠାରୁ ସରକାର ଚଳାଇବେ ବୋଲି କହିଛନ୍ତି। ଆସନ୍ତାକାଲି କେଜ୍ରିୱାଲଙ୍କୁ ଅଦାଲତରେ ହାଜର କରାଯିବାକୁ ରହିଥିଲା ବେଳେ ତାଙ୍କୁ ଜାମିନ ମିଳିବ କି ନାହିଁ ତା' ତ ପଛ କଥା। ଯଦି ତାଙ୍କୁ ଜାମନ ମିଳିଯାଏ ତେବେ କିଛି ସମସ୍ୟା ନାହିଁ। କିନ୍ତୁ ଜାମିନ ନ ମିଳିଲେ ଜେଲରେ ଥାଇ ଜଣେ ମୁଖ୍ୟମନ୍ତ୍ରୀ ସରକାର ଚଳାଇପାରିବେ କି ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି। ସମ୍ବିଧାନର ଧାରା ୩୬୧ ଅନୁଯାୟୀ ରାଷ୍ଟ୍ରପତି କିମ୍ବା କୌଣସି ରାଜ୍ୟପାଳଙ୍କ ଭଳି ଏକ ସାମ୍ବିଧାନିକ ପଦ ପଦବୀ ବିରୋଧରେ ଅପରାଧିକ ଅଭିଯୋଗ ଥାଇ ମାମଲା ବିଚରାଧିନ ରହିଲେ ସେମାନଙ୍କ କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ କିଛି ସମସ୍ୟା ରହିବ ନାହିଁ। କିନ୍ତୁ ପ୍ରଧାନମନ୍ତ୍ରୀ ଏବଂ କୌଣସି ମୁଖ୍ୟମନ୍ତ୍ରୀଙ୍କ ଅପରାଧିକ ମାମଲାରେ ଗିରଫ ହେଲେ ଏଥିପାଇଁ ଆଇନ ଅନୁସାରେ ଜଣଙ୍କୁ ମୁକ୍ତ ହେବାକୁ ପଡ଼ିବ। ପୂର୍ବରୁ ଖଣି ଦୁର୍ନୀତି ମାମଲାରେ ଗତ ଫେବୃଆରୀ ମାସରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଥିବା ହେମନ୍ତ ସୋରେନଙ୍କୁ ଇଡି ଗିରଫ କରିବା ପୂର୍ବରୁ ସେ ଇସ୍ତଫା ଦେଇଥିଲେ। ତାଙ୍କ ସ୍ଥାନରେ ଦଳର ବରିଷ୍ଠ ନେତା ଚମ୍ପାଇ ସୋରେନ ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ କେଜ୍ରିୱାଲଙ୍କୁ ନେଇ ଆପ୍ ନେତାମାନେ ଯେଉଳି ଦାବି କରିଛନ୍ତି ତାହା କେତେ ଦୂର ସଫଳ ହେବ ତାହା ସମୟ କହିବ।



## ୯ ଜଣିଆ ତୃତୀୟ ପ୍ରାର୍ଥୀ ତାଲିକା ପ୍ରକାଶକଲା ବିଜେପି

ନୂଆଦିଲ୍ଲୀ,୨୧।୩(ଏଜେନ୍ସି): ୨୦୨୪ ଲୋକସଭା ନିର୍ବାଚନ ପାଇଁ ବିଜେପି ଗୁରୁବାର ତୃତୀୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଆସନ୍ତାକାଲି ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ହେବାକୁ ଥିବା ବେଳେ ଏହି ବୈଠକରେ ୮ଟି ରାଜ୍ୟର ପ୍ରାର୍ଥୀଙ୍କୁ ନେଇ ଆଲୋଚନା କରାଯାଇ ତୃତୀୟତାଲିକା ପ୍ରକାଶ କରାଯିବା ନେଇ ଆଶା କରାଯାଉଥିଲା। କିନ୍ତୁ ଏହାପୂର୍ବରୁ ଦଳ ପକ୍ଷରୁ ଯେଉଁ ତାଲିକା ପ୍ରକାଶ କରାଯାଇଛି ସେଥିରେ କେବଳ ତାମିଲନାଡୁର ୯ ଜଣ ପ୍ରାର୍ଥୀଙ୍କ ନାମ ରହିଛି। ଚେନ୍ନାଇ ଦକ୍ଷିଣ ଆସନରୁ ବିଜେପି ପୂର୍ବତନ ରାଜ୍ୟପାଳ ତାମିଲସାଇ ସୁନ୍ଦରରାଜଙ୍କୁ ପ୍ରାର୍ଥୀ କରିଛି।ତାମିଲସାଇ ଦୁଇ ଦିନ ପୂର୍ବେ ତେଲେଙ୍ଗାନାର ରାଜ୍ୟପାଳ ଏବଂ ପୁଡୁଚେରୀ ଉପ ରାଜ୍ୟପାଳ ପଦରୁ ଇସ୍ତଫା ଦେବା ପରେ ଗତକାଲି ପୁଣିଥରେ ବିଜେପିରେ ସାମିଲ ହୋଇଥିଲେ। ଏହାଦ୍ୱାରା ସେ ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ନିଶ୍ଚିତ ହୋଇଯାଇଥିଲା। ଗୁରୁବାର ପ୍ରକାଶ ପାଇଥିବା ତାଲିକାରେ ତାଙ୍କୁ ସାମିଲ କରାଯାଇଥିବାରୁ ଏହା ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ତାମିଲନାଡୁ ବିଜେପି ମୁଖ୍ୟ କେ ଆନ୍ନାମଲାଇ କୋଏମ୍ବାଟୁରରୁ ଲଢିବେ ବୋଲି ଜଣାପଡ଼ିସିଛି। ସେହିପରି ଚେନ୍ନଇ ସେଣ୍ଟ୍ରାଲରୁ ବିନୋଦ ପି ସେଲଭାମ, ଭେଲୋରରୁ ଏସି. ଶାନମୁଗାମ ଏବଂ କ୍ରିଷ୍ଣଗିରିରୁ ସି. ନରସିଂହାଙ୍କୁ ପ୍ରାର୍ଥୀ କରାଯାଇଛି।

**ଭାରତରେ ଆୟ ଓ ସମ୍ପତ୍ତି ଅସମାନତା ହାର ଢେର ବଢ଼ିଛି**

## ଆୟ ଅସମାନତାରେ ବିଶ୍ୱରେ ସର୍ବାଧିକ, ସମ୍ପତ୍ତି ଅସମାନତାରେ ବିଶ୍ୱରେ ତୃତୀୟ ସର୍ବାଧିକ

ନୂଆଦିଲ୍ଲୀ, ୨୧।୩(ଏଜେନ୍ସି): ଭାରତର ସମସ୍ତ (ଶତପ୍ରତିଶତ) ଲୋକଙ୍କ ବାର୍ଷିକ ଆୟ ମିଶିଲେ ଯାହା ତାହାର ୨୨.୬% ହେଉଛି ଟପ୍ ୧% ବ୍ୟକ୍ତିଙ୍କ ଆୟ ସହ ସମାନ। ଧରନ୍ତୁ ୧୦୦ ଜଣଙ୍କର ମୋଟ ଆୟ ୧୦୦ ଟଙ୍କା। ତେବେ ସେହି ୧୦୦ ଜଣଙ୍କ ମଧ୍ୟରୁ ଜଣକର ଆୟ ୨୨ଟଙ୍କା ୬୦ ପଇସା ହେଉଥିବା ବେଳେ ବଳକା ୯୯ ଜଣଙ୍କର ହାରାହାରି ଆୟ ହେଉଛି ମାତ୍ର ୭୮ ପଇସା। ଭାରତରେ ଆୟ ଅସମାନତା ବିଶ୍ୱରେ ସର୍ବାଧିକ। ବିଶ୍ୱର ଅନ୍ୟ କୌଣସି ଦେଶରେ ଏତେ ଅଧିକ ଆୟ ଅସମାନତା ନାହିଁ। ଦେଶର ସମସ୍ତ (ଶତପ୍ରତିଶତ) ଲୋକଙ୍କ ସମ୍ପତ୍ତି ମୂଲ୍ୟ ମିଶିଲେ ଯାହା ତାହାର ୪୦.୧% ହେଉଛି ଟପ୍ ୧% ବ୍ୟକ୍ତିଙ୍କ ସମ୍ପତ୍ତି ମୂଲ୍ୟ ସହ ସମାନ। ଧରନ୍ତୁ ୧୦୦ ଜଣଙ୍କର ମୋଟ ସମ୍ପତ୍ତିର ମୂଲ୍ୟ ୧୦୦ ଟଙ୍କା। ତେବେ ସେହି ୧୦୦ ଜଣଙ୍କ ମଧ୍ୟରୁ ଜଣକର ସମ୍ପତ୍ତି ମୂଲ୍ୟ ୪୦ଟଙ୍କା ୧୦ପଇସା ହେଉଥିବା ବେଳେ ବଳକା ୯୯ ଜଣଙ୍କର ହାରାହାରି ସମ୍ପତ୍ତି ମୂଲ୍ୟ ହେଉଛି ମାତ୍ର ୪୦ପଇସା। ଭାରତରେ ସମ୍ପତ୍ତି ଅସମାନତା ବିଶ୍ୱରେ ତୃତୀୟ ସର୍ବାଧିକ। ଦକ୍ଷିଣ-ଆଫ୍ରିକା ଓ ବ୍ରାଜିଲରେ ସମ୍ପତ୍ତି ଅସମାନତା ଭାରତଠାରୁ କିଛି ଅଧିକ। ଆୟଓ ସମ୍ପତ୍ତି ଆହରଣରେ ଏହି ଅସମାନତା ୨୦୨୨-୨୩ରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ସ୍ୱାଧୀନତା ପ୍ରାପ୍ତି ପରଠାରୁ ଭାରତରେ ଆୟ ଓ ସମ୍ପତ୍ତି ଅସମାନତା କମିବାରେ ଲାଗିଥିଲା। ତେବେ ୧୯୮୦ ପରଠାରୁ ଆୟ ଓ ସମ୍ପତ୍ତି-ଏହି ଦୁଇ କ୍ଷେତ୍ରରେ ଅସମାନତା ବଢ଼ିବାରେ ଲାଗିଲା ଓ ୨୦୦୦ ବେଳକୁ ଅସମାନତା ବହୁତ ବଢ଼ିଯାଇଥିଲା ଯାହା ଏଯାଏ ବଢ଼ିଚାଲିଛି। ଏହି ଦୁଃସ୍ଥିତିର ନିରାକରଣ, ଅର୍ଥାତ ଅସମାନତା ହ୍ରାସର ଉପାୟ ହେଲା, ଆୟ ଓ ସମ୍ପତ୍ତି ଉଭୟକୁ ହିସାବକୁ ନେଇ ଟିକସ ସଂହିତାର ପୁନଃବିନ୍ୟାସ କରାଯିବା ଦରକାର। ପୁଣି ଅସମାନତା ହ୍ରାସ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୁଷ୍ଟି କ୍ଷେତ୍ରରେ ପ୍ରାଥମିକତା ପ୍ରଦାନପୂର୍ବକ ବ୍ୟାପକ ଭାବେ ବିପୁଳ ସରକାରୀ ପୁଞ୍ଜି ନିବେଶ କରାଯିବା ବାଞ୍ଛନୀୟ। ପ୍ୟାରସ୍ ସ୍କୁଲ ଅଫ୍ ଇକୋନୋମିକ୍ସରେ ୱାର୍ଲଡ ଇନଇକ୍ୱାଲିଟି ଲାବ୍ ପକ୍ଷରୁ ସଦ୍ୟ ପ୍ରକାଶିତ ୱାର୍କିଂ ପେପରରେ ଏହି ତଥ୍ୟ ଦିଆଯାଇଛି। ଆର୍ଥିକ ଅସମାନତା ଉପରେ ଗବେଷଣା ପାଇଁ ବିଶ୍ୱରେ ସୁଖ୍ୟାତି ଅର୍ଜିଥିବା ଥୋମାସ୍ ପିକେଟି ହେଉଛନ୍ତି ଏହି ୱାର୍କିଂ ପେପରର ଅନ୍ୟତମ ଜଣେ ସହ-ଲେଖକ।

**ସୋନିଆ, ରାହୁଲଙ୍କ ଅଭିଯୋଗ**

# କଂଗ୍ରେସକୁ ଆର୍ଥିକ ପଙ୍ଗୁ କରିବାକୁ ମୋଦୀଙ୍କ ଷଡ଼ଯନ୍ତ୍ର

ନୂଆଦିଲ୍ଲୀ, ୨୧।୩(ଏଜେନ୍ସି)

କଂଗ୍ରେସକୁ ଆର୍ଥିକ ଭାବେ ପଙ୍ଗୁ କରିଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ କରି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ କହିଛନ୍ତି, ଏହା କେବଳ କଂଗ୍ରେସକୁ ନୁହେଁ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ମଧ୍ୟ ଗଭୀର ପ୍ରଭାବିତ କରୁଛି। ଆଜି ସକାଳେ ଏକ ବିରଳ ଘଟଣାକ୍ରମରେ ଏଠାରେ ଥିବା ଅଲ୍ ଇଣ୍ଡିଆ କଂଗ୍ରେସ କମିଟି(ଏଆଇସିସି) ମୁଖ୍ୟ କାର୍ଯ୍ୟାଳୟରେ ଅଚାନକ ଆହୂତ ଏକ ସାମ୍ବାଦିକ ସମ୍ମିଳନୀକୁ କଂଗ୍ରେସର ୩ ତୁଙ୍ଗ ନେତା ସଭାପତି ମଲ୍ଲିକାର୍ଜୁନ ଖଡଗେ, ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କିପରି ଆୟକର ବିଭାଗକୁ ଅସ୍ତ୍ର କରି କଂଗ୍ରେସର ବ୍ୟାଙ୍କ ଖାତା ଅଚଳ କରିଛନ୍ତି, ଫଳରେ କଂଗ୍ରେସ କିପରି ଆର୍ଥିକ ସଙ୍କଟରେ ପଡ଼ି ନିର୍ବାଚନ ପ୍ରସ୍ତୁତି ତ ଦୂରର କଥା, ଦୈନନ୍ଦିନ ଦାପ୍ତରିକ କାର୍ଯ୍ୟ ସମ୍ପାଦନରେ ବି ଘୋର ଅସୁବିଧା ଭୋଗୁଛି ତାହା ବିସ୍ତାର ଭାବେ ଉଦବେଗର ସହ ପ୍ରକାଶ କରିଛନ୍ତି।

ସୋନିଆ ଗାନ୍ଧୀ କହିଛନ୍ତି, ନିର୍ବାଚନୀ ବଣ୍ଡ ଜରିଆରେ ବିପୁଳ ପାଣ୍ଠି ସଂଗ୍ରହ କରି ବିଜେପି ତା'ର ପ୍ରତିଦ୍ୱନ୍ଦ୍ୱୀ ରାଜନୈତିକ ଦଳଙ୍କ ତୁଳନାରେ ଅତି ସୁବିଧାଜନକ ସ୍ଥିତିରେ ରହିଥିବା ମୁଖ୍ୟ ବିରୋଧୀ ଦଳ କଂଗ୍ରେସର ବ୍ୟାଙ୍କ ଖାତା ଅଚଳ କରାଇ ତା'ର ନିର୍ବାଚନ ପ୍ରସ୍ତୁତି ଓ ପ୍ରଚାରରେ ବିଘ୍ନ ସୃଷ୍ଟି କରିଛି। କଂଗ୍ରେସ ଲୋକଙ୍କଠାରୁ ସଂଗ୍ରହ କରି ବ୍ୟାଙ୍କରେ ରଖିଥିବା ଟଙ୍କା ଆୟକର ବିଭାଗର ଆକାଉଣ୍ଟ ଫ୍ରିଜ୍ ନିର୍ଦ୍ଦେଶ ଯୋଗୁଁ ଉଠାଇ ପାରୁନାହିଁ। ପୁଣି କଂଗ୍ରେସ ଆକାଉଣ୍ଟରୁ ଆୟକର ବିଭାଗ ଟିକସ ବକେୟା ଓ ଜୋରିମାନା ବାବଦକୁ ଟଙ୍କା ଜୋରଜବରଦସ୍ତି କାଟିନେଇଛି। ନିର୍ବାଚନ ଲଢ଼େଇକୁ ଏକତରଫା କରିବା ପାଇଁ ଶାସକ ଦଳ ଆୟକର ବିଭାଗକୁ ଅସ୍ତ୍ର ଭାବେ ବ୍ୟବହାର କରି ପ୍ରତିଦ୍ୱନ୍ଦ୍ୱୀକୁ ହତୋତ୍ସାହିତ, ନିରାଶ ଓ ନିଃସ୍ୱ କରିବା ଭଳି ଅଗଣତାନ୍ତ୍ରିକ ଅପକର୍ମ ଆଗରୁ କେବେ ପରିଦୃଶ୍ୟ ହୋଇନଥିଲା। ସକଳ ଆର୍ଥିକ ଦୁର୍ଦ୍ଦଶା ଓ ଦୁରାବସ୍ଥା ସତ୍ତ୍ୱେ କଂଗ୍ରେସ ତା'ର ନିର୍ବାଚନ ପ୍ରଚାର ଅଭିଯାନ ଓ କାର୍ଯ୍ୟକ୍ରମକୁ ପ୍ରଭାବୀ କରିବା ଦିଗରେ ସମସ୍ତ ପ୍ରକାର ଉଦ୍ୟମ କରୁଛି ବୋଲି ସୋନିଆ କହିଛନ୍ତି। କଂଗ୍ରେସ ସଭାପତି ଖଡଗେ କହିଛନ୍ତି, ସୁପ୍ରିମକୋର୍ଟଙ୍କ ଦ୍ୱାରା ବେଆଇନ ଓ ଅଗଣାତାନ୍ତ୍ରିକ ଘୋଷିତ ନିର୍ବାଚନୀ ବଣ୍ଡ ଜରିଆରେ ହଜାରହଜାର କୋଟି ଟଙ୍କା ସଂଗ୍ରହ କରିଥିବା ବିଜେପି ଏବେ ଷଡ଼ଯନ୍ତ୍ର କରି କଂଗ୍ରେସର ପାଣ୍ଠି ହରଣ ଭଳି ଏକ ବିପଦଜ୍ଜନକ ଖେଳ ଖେଳିଛି। ଆୟକର ବିଭାଗ କେବେ କୌଣସି ରାଜନୈତିକ ଦଳଠାରୁ କରଆଦାୟ କରିନାହିଁ, ଊର୍ଦ୍ଧ୍ୱରୁ ଇସାରା ପାଇ କେବଳ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରିଛି। ନିର୍ବାଚନରେ ସମସ୍ତ ପ୍ରତିଯୋଗୀଙ୍କୁ ସମତୁଲ ସୁବିଧାସୁଯୋଗ ପ୍ରାପ୍ତିର ଯେଉଁ ଗଣତାନ୍ତ୍ରିକ ଅନିର୍ବାଯ୍ୟତା ରହିବା କଥା ତାହାକୁ ବିଜେପି ସଜ୍ଞାନରେ ଯୋଜନାବଦ୍ଧ ଭାବେ ଖତମ କରିଦେଇଛି। ଖଡଗେ ପୁଣି କହିଛନ୍ତି, ଏପରି ସମୟରେ ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଆଗଭର ହୋଇ କଂଗ୍ରେସକୁ ଯେପରି ନିର୍ବାଚନ ପ୍ରଚାରରେ ତାହାର ବ୍ୟାଙ୍କରେ ଜମାଥିବା ଟଙ୍କା ବ୍ୟବହାରର ସୁଯୋଗ ମିଳେ ତାହା ସୁନିଶ୍ଚିତ କରାଇବା ଦରକାର। କାରଣ: ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ପ୍ରତିଯୋଗୀ ଦଳଙ୍କୁ ସମସ୍ଥିତି, ସମାନ ସୁଯୋଗ ମିଳିବା ଏକାନ୍ତ ଜରୁରୀ।



ଏହି ସାମ୍ବାଦିକ ସମ୍ମିଳନୀରେ ରାହୁଲ ଗାନ୍ଧୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ କଂଗ୍ରେସ ବିପକ୍ଷରେ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଅଛନ୍ତି। ବିଜେପିକୁ ଟାର୍ଗେଟ କରି ରାହୁଲ କହିଛନ୍ତି, ସେମାନେ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟକୁ ନୁହେଁ, ଭାରତୀୟ ଗଣତନ୍ତ୍ରକୁ ଫ୍ରିଜ୍ କରିଛନ୍ତି। ଗଣତନ୍ତ୍ରକୁ ଦୁର୍ବଳ,ନିଷ୍ପ୍ରଭ କରିଦେବା ପାଇଁ ବିଜେପି ଉଦ୍ୟତ ହୋଇଛି।ଏଭଳି ବିଷମ ପରିସ୍ଥିତିରେ ଅଦାଲତ, ଜାତୀୟ ନିର୍ବାଚନ କମିଶନ ଭଳି ସାମ୍ବିଧାନିକ ସଂସ୍ଥା ଚୁପ୍ ରହିବା ଉଦବେଗର ବିଷୟ ବୋଲି ମତ ଦେଇ କ୍ଷୁବ୍ଧ ରାହୁଲ କହିଛନ୍ତି, ଆଜିର ଭାରତରେ ଗଣତନ୍ତ୍ର ନାହିଁ।

■ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ

## କର୍ଣ୍ଣାଟକରୁ ୫.୮୫ କୋଟି ନଗଦ, ୨୧.୪୮ କୋଟିର ମଦ ଜବତ

ନୂଆଦିଲ୍ଲୀ, ୨୧।୩(ଏଜେନ୍ସି): ନିର୍ବାଚନ ଆଦର୍ଶ ଆଚରଣ ବିଧି (ଏମ୍‌ସିସି) ୨୦୨୪ ମାର୍ଚ୍ଚ ୧୬ତାରିଖରେ ଲାଗୁହେବା ପରଠାରୁ କର୍ଣ୍ଣାଟକରେ ୫କୋଟି ୮୫ଲକ୍ଷ ଟଙ୍କା ନଗଦ ଓ ୨୧କୋଟି ୪୮ ଲକ୍ଷ ଟଙ୍କା ମୂଲ୍ୟର ମଦ ଜବତ ହେଲାଣି। ନିର୍ବାଚନ କମିଶନଙ୍କ କାର୍ଯ୍ୟକର୍ତ୍ତାମାନେ କହିଛନ୍ତି, କର୍ଣ୍ଣାଟକରେ ଫ୍ଲାଇଂ ସ୍କ୍ୱାଡ୍ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ ଓ ପୁଲିସ୍ କର୍ତ୍ତୃପକ୍ଷ, ୫କୋଟି ୮୫ଲକ୍ଷ ଟଙ୍କା ନଗଦ, ୫କୋଟି ୮୭ଲକ୍ଷ ଟଙ୍କା ମୂଲ୍ୟର ଉପହାର ସାମଗ୍ରୀ(ଫ୍ରିବିସ) ଓ ୨୧କୋଟି ୪୮ ଲକ୍ଷଟଙ୍କା ମୂଲ୍ୟର ୬.୮୪ ଲକ୍ଷ ଲିଟର ମଦ, ୧୫ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ୨୪.୩ କିଲୋଗ୍ରାମ ନିଷିଦ୍ଧ ମାଦକ ଦ୍ରବ୍ୟ ଓ ୨୭ କୋଟି ଟଙ୍କା ମୂଲ୍ୟର ମୂଲ୍ୟବାନ ଧାତୁ ଜବତ କରାଯାଇ ତତସଂକ୍ରାନ୍ତୀୟ ୨୦୫ଟି ଏଫଆଇଆର ପଞ୍ଜିକୃତ ହୋଇଛି। ନିର୍ବାଚନ ବେଳେ ଲାଇସେନ୍ସପ୍ରାପ୍ତ ଆଗ୍ନେୟାସ୍ତ୍ର ଥାନାରେ ଜମା ଦେବା ନିୟମ ରହିଛି। ତଦନୁଯାୟୀ ଲୋକେ ୪୭ହଜାର ୮୬୮ଟି ଆଗ୍ନେୟାସ୍ତ୍ର ଜମା ଦେଇଥିବା ବେଳେ ଆଉ ୮୨୭ଟି ଆଗ୍ନେୟାସ୍ତ୍ର ଜବତ କରାଯାଇଛି। ୮ଟି ଆଗ୍ନେୟାସ୍ତ୍ର ଲାଇସେନ୍ସ ବାତିଲ କରାଯାଇଛି। ଅପରାଧ ରେକର୍ଡ ଥିବା ୨ହଜାର ୭୨୫ ଜଣଙ୍କୁ ଧରାଯାଇ ଜେଲ ପଠାଯାଇଛି। ୧୫୬ଟି ବିଭିନ୍ନ ଧରଣର ଯାନ ମଧ୍ୟ ଜବତ କରାଯାଇଛି। କର୍ଣ୍ଣାଟକର ୨୮ ଲୋକସଭା ଆସନରେ ମତଦାନ ଏପ୍ରିଲ ୨୬ ଓ ମେ ୭ ଦୁଇଟି ପର୍ଯ୍ୟାୟରେ ହେବ।



■ ନିର୍ବାଚନ କମିସନଙ୍କ ନିର୍ଦ୍ଦେଶ

# ଢେଙ୍କାନାଳ ଜିଲ୍ଲାପାଳ, ଦେବଗଡ଼ ଓ କଟକ ଗ୍ରାମାଞ୍ଚଳର ଏସ୍‌ପିଙ୍କ ବଦଳି

**ଭୁବନେଶ୍ୱର, ୨୧ ।୩(ସମିସ):** ନିର୍ବାଚନ ପୂର୍ବରୁ ଢେଙ୍କାନାଳ ଜିଲ୍ଲାପାଳ, ଦେବଗଡ଼ ଓ କଟକ ଗ୍ରାମାଞ୍ଚଳର ଏସ୍‌ପିଙ୍କ ସମେତ ୩ ଜଣ ଅଣକ୍ୟାଡର୍ ଅଧିକାରୀଙ୍କ ବଦଳି ହୋଇଛି । ନିର୍ବାଚନ ଆୟୋଗ ଏନେଇ ନିର୍ଦ୍ଦେଶ ଜାରି କରିଛନ୍ତି । ଜିଲ୍ଲାରେ ଡିଏମ ଓ ଏସ୍‌ପି ପଦବୀ ଯଥାକ୍ରମେ ଭାରତୀୟ ପ୍ରଶାସନିକ ଏବଂ ଭାରତୀୟ ପୁଲିସ ସେବାର ଅଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ନିର୍ବାଚନ କମିସନ୍ ଏକ ପ୍ରେସ ବିବୃତ୍ତିରେ ଜଣାଇ ଏହି ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ନିର୍ବାଚନ କମିସନର ରାଜୀବ କୁମାରଙ୍କ ଅଧ୍ୟକ୍ଷତାରେ ନିର୍ବାଚନ କମିସନର ଜ୍ଞାନେଶ କୁମାର ଓ ସୁଖବୀର ସିଂହ ସାନ୍ଧୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଡକାଯିବା ପରେ ଏହି ନିଷ୍ପତ୍ତି ନିଆଯାଇଛି । ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଗୁଜୁରାଟ, ପଞ୍ଜାବ ଆଦି ରାଜ୍ୟରେ ନିଯୁକ୍ତ ହୋଇଥିବା ଅଣକ୍ୟାଡର୍ ଅଧିକାରୀଙ୍କୁ ହଟାଇଛନ୍ତି ।

■ କାମ ଦେଲାନି ଚାଲାକି

# ଲାଞ୍ଚ ନେଇ ପ୍ରଧାନଶିକ୍ଷକ ଗିରଫ



**ଭବାନୀପାଟଣା/ଗୋଲାମୁଣ୍ଡା, ୨୧ ।୩(ସମିସ):** ସ୍କୁଲ କାମର ବିଲ୍ କରାଇଦେବା ପାଇଁ ଜଣେ ଠିକାଦାରଙ୍କଠାରୁ ୪୦ ହଜାର ଟଙ୍କା ଲାଞ୍ଚ ନେଇ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଲେଡେର ତ୍ରିଶକ୍ତି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦ୍ରୋଣ କୁମାର ତାଣ୍ଡି ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଏକକାଳୀନ ସ୍କୁଲ୍ ଅଫିସ୍ ଓ ତାଙ୍କ ଘରେ ଚଢ଼ଉ କରିଥିଲା । ସ୍କୁଲରେ ଏକାଧିକ ଦୁର୍ନୀତିରେ ତାଙ୍କର ସଂପୃକ୍ତି ଥିବା ଅଭିଯୋଗ ହୋଇଛି । ଶେଷ ଖବର ଲେଖା ହେବା ବେଳକୁ ଭିଜିଲାନ୍ସ ପକ୍ଷରୁ ପ୍ରଧାନଶିକ୍ଷକଙ୍କ ଘରେ ଯାଞ୍ଚ ଜାରି ରହିଥିଲା । ସୂଚନାନୁଯାୟୀ, ଭିଜିଲାନ୍ସରେ ଯେପରି ଧରା ନପଡ଼ିବେ, ସେଥିପାଇଁ ପ୍ରଧାନଶିକ୍ଷକ ଶ୍ରୀ ତାଣ୍ଡି ଯୋଜନା କରିଥିଲେ । ହାତକୁ ନଗଦ ଟଙ୍କା ବଦଳରେ ଶ୍ରୀ ତାଣ୍ଡି ତାଙ୍କ ବାପାଙ୍କ ଆକାଉଣ୍ଟରେ ଟଙ୍କା ଜମା କରିବା ପାଇଁ ଠିକାଦାର ଜୟରାମ ସାହୁଙ୍କୁ କହିଥିଲେ । ତାଙ୍କ କହିବାନୁସାରେ, ଠିକାଦାର ଶ୍ରୀସାହୁ ବ୍ୟାଙ୍କରେ ଟଙ୍କା ଜମା କରି କାଉଣ୍ଟର୍ ଫୋଲିଓକୁ ପ୍ରଧାନଶିକ୍ଷକଙ୍କୁ ସ୍କୁଲ ଅଫିସରେ ଦେବାକୁ ଆସିଥିଲେ । ଏହି ସମୟରେ ସମୟରେ ପୂର୍ବରୁ ଛକି ବସିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ । କିନ୍ତୁ ପ୍ରଧାନଶିକ୍ଷକ ବୁଦ୍ଧି ଖଟାଇ କାଉଣ୍ଟର୍ ଫୋଲିଓକୁ ପ୍ରାଣବିକଳରେ ଗିଳି ପକାଇଥିଲେ । ତେବେ ପ୍ରଧାନଶିକ୍ଷକଙ୍କ ମୋବାଇଲ୍‌କୁ ବାପାଙ୍କ ଆକାଉଣ୍ଟରେ ଜମା ହୋଇଥିବା ୪୦ହଜାର ଟଙ୍କାର ମେସେଜ୍ ଆସିଥିବା ଦେଖି ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରି ସାଙ୍ଗରେ ନେଇଯାଇଥିଲେ । ଏନେଇ କୋରାପୁଟ ଭିଜିଲାନ୍ସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ।

**ଭିଜିଲାନ୍ସ ଅଧିକାରୀଙ୍କୁ ଦେଖି ଗିଳିଦେଲେ ବ୍ୟାଙ୍କ ନଥିପତ୍ର**

# ଭିଜିଲାନ୍ସ ପଞ୍ଝାରେ ବିଭିଓ

**ସବ୍‌ସିଡି ଓ ବିଦ୍ୟୁତ୍ ସାର୍ଟିଫିକେଟ୍ ପ୍ରଦାନ ପାଇଁ ଲାଞ୍ଚ ନେଉଥିଲେ**

**ଦେବଗଡ଼, ୨୧ ।୩ (ସମିସ):** ଭିଜିଲାନ୍ସ ପଞ୍ଝାରେ ରିଆମାଳ ବ୍ଲକ ଭେଟେରେନାରୀ ଅଫିସର୍ (ବିଭିଓ) ଡାକ୍ତର ସସ୍ମିତା ସେଠୀ । ଜଣେ କୁକୁଡ଼ା ଚାଷୀଙ୍କ ଫାର୍ମରେ ବିଦ୍ୟୁତ୍ ସଂଯୋଗ ଓ ସବ୍‌ସିଡି ଅର୍ଥ ମଞ୍ଜୁର କରିବା ବାବଦରେ ସେ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ କାବୁ କରିଛି । ମିଳିଥିବା ସୂଚନା ମୁତାବକ, ରିଆମାଳ ବ୍ଲକ୍ ତେଲିମୁଣ୍ଡା ଗ୍ରାମର ସଚ୍ଚିଦାନନ୍ଦ ସାହୁ ନାମକ ଜଣେ କୁକୁଡ଼ା ଚାଷୀଙ୍କୁ ନିଜ ଫାର୍ମରେ ବିଦ୍ୟୁତ୍ ସଂଯୋଗ ପାଇଁ ସାର୍ଟିଫିକେଟ୍ ପ୍ରଦାନ ଓ ସବ୍‌ସିଡି ଅର୍ଥ ମଞ୍ଜୁର ପାଇଁ ଡାକ୍ତର ସେଠୀ ଲାଞ୍ଚ ମାଗିଥିଲେ । ଏନେଇ ସଚ୍ଚିଦାନନ୍ଦ ଦେବଗଡ଼ ଭିଜିଲାରେ ଅଭିଯୋଗ କରିଥିଲେ । ପୂର୍ବ ଯୋଜନା ମୁତାବକ, ସଚ୍ଚିଦାନନ୍ଦ ଆଜି ଡାକ୍ତର ସେଠୀଙ୍କୁ ୫ହଜାର ଟଙ୍କା ଲାଞ୍ଚ ଟଙ୍କା ଦେବା ବେଳେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଡିଏସ୍‌ପି ଯୋଗେଶ ପଟେଲଙ୍କ ନେତୃତ୍ୱରେ ଏକ ଟିମ୍ ତାଙ୍କୁ କାବୁ କରିଥିଲା । ଆସନ୍ତାକାଲି ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି ।

■ ଗଞ୍ଜେଇ ଚାଲାଣ ମାମଲା

# ୩ଜଣଙ୍କୁ ୧୦ ବର୍ଷ ଜେଲ୍ ଓ ୧ଲକ୍ଷ ଲେଖାଁଏ ଜରିମାନା

**କଟକ, ୨୧ ।୩(ସମିସ):** ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପଶ୍ଚିମବଙ୍ଗର ୩ଜଣ ଅଭିଯୁକ୍ତଙ୍କୁ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି । ପଶ୍ଚିମବଙ୍ଗ ନଦିଆ ନବଦୀପ ଅଞ୍ଚଳର ରାଜେଶ ମଜୁମଦାର, ବର୍ଦ୍ଧମାନ ଜିଲ୍ଲା ସାଉଥ ସିରାମପୁରର ଧ୍ରୁବ ମଣ୍ଡଳ ଓ ସାଉଥ ଚବିଶପ୍ରଗଣା ଧପା ଅଞ୍ଚଳର ବିଜୟ ନାୟକଙ୍କୁ ୧୦ବର୍ଷ ସଶ୍ରମ ଜେଲ ଓ ୧ ଲକ୍ଷ ଟଙ୍କା ଲେଖାଁଏ ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଅଦାଲତ । ଏହି ଅଭିଯୋଗ ସମ୍ପର୍କିତ ମାମଲାର ଶୁଣାଣି କରି କଟକ ଦ୍ୱିତୀୟ ଅତିରିକ୍ତ ଦୌରାଜଜ୍ ସ୍ରୋତସ୍ୱିନୀ କର ଏପରି ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଜରିମାନା ଅନାଦେୟ ହେଲେ, ଦୁଇଜଣ ଦୋଷୀଙ୍କୁ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି । ଏନ୍‌ଡିପିଏସ ଆଇନର ଧାରା ୨୦(ବି)(୨)(ସି)ରେ ଅଭିଯୁକ୍ତ ୩ଜଣଙ୍କୁ ଅଦାଲତ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ମାମଲାରୁ ପ୍ରକାଶ ଯେ ଗତ ୨୦୨୨, ନଭେମ୍ବର ୨୧ ତାରିଖରେ କଟକ ଟାଙ୍ଗୀ ଟୋଲଗେଟ୍ ଛକ ନିକଟରେ ଅବକାରୀ ଇନ୍‌ସପେକ୍ଟର୍ ସତ୍ୟଜିତ ଖଟୁଆଙ୍କ ନେତୃତ୍ୱରେ ଏକ ଟିମ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦେହଜନକ ଅବସ୍ଥାରେ ଏକ ସୌଖୀନ୍ କାର୍ ହୁଣ୍ଡାଇ ଭର୍ନା (ଡବ୍ଲୁବି-୦୨-ଏଏ-୦୭ ୯୧)କୁ ଅଟକାଇଥିଲେ । ଏହି ଗାଡ଼ିରୁ ୧୨୦କିଲୋ ଗଞ୍ଜେଇ ଧରାପଡ଼ିଥିଲା । ଅବକାରୀ ବିଭାଗ ଏହି ଗଞ୍ଜେଇ ଜବତ କରିବା ସହିତ ଗାଡିରେ ଥିବା ୩ଜଣ ଅଭିଯୁକ୍ତ ରାଜେଶ, ଧ୍ରୁବ ଓ ବିଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସ୍ୱତନ୍ତ୍ର ପିପି ଦେବାଶିଷ ସାମନ୍ତରାୟ ଓ ଅତିରିକ୍ତ ପିପି ବିଶ୍ୱଜିତ ବରାଳ ମାମଲା ପରିଚାଳନା କରୁଥିଲେ ।

# ଖୁଡ଼ିଙ୍କୁ ପଥରରେ ଛେଚି ମାରିଦେଲା ପୁତୁରା

**ନୀଳଗିରି, ୨୧ ।୩ (ସମିସ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା କୁହ୍ଲାପାଳ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି । ଦୁଇଭାଇ ମଧ୍ୟରେ ଲାଗିଥିବା ଝଗଡ଼ାର ସମାଧାନ କରିବାକୁ ଯାଇ ପ୍ରାଣ ହରାଇଛନ୍ତି ଖୁଡ଼ି । ପୁତୁରା ପଥରରେ ଛେଚି ଖୁଡ଼ିଙ୍କୁ ହତ୍ୟା କରିଛି । ମୃତ ମହିଳାଜଣଙ୍କ ହେଲେ, ସଞ୍ଜୁଲତା ପଣ୍ଡା । ନୀଳଗିରି ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ସୂଚନାନୁଯାୟୀ, ବଡ଼ବାପା ପୁଅ ଓ କକା ପୁଅ ସମ୍ପର୍କୀୟ ଦୁଇଭାଇ ଅସିତ ପଣ୍ଡା ଓ ଅମିତ ପଣ୍ଡା ଦୁଇଦିନ ତଳେ ଝଗଡ଼ା ଲାଗିଥିଲେ । ଗୁରୁବାର ସକାଳେ ପୁଣି ଅମିତ୍ ଝଗଡ଼ା କରିବା ସହିତ ଅସିତକୁ ମାଡ଼ ମାରିଥିଲା । ଅସିତ୍ ଉକ୍ତ ଘଟଣା ସମ୍ପର୍କରେ ଘରେ ପହଞ୍ଚି ମା' ସଞ୍ଜୁଲତାଙ୍କୁ କହିଥିଲେ । ପରେ ସଞ୍ଜୁଲତା ଅମିତଙ୍କ ଘରକୁ ବୁଝାଇବା ପାଇଁ ଯାଇଥିବା ବେଳେ ହଠାତ୍ ଅମିତ ଉତ୍ତ୍ୟକ୍ତ ହୋଇ ସଞ୍ଜୁଲତାଙ୍କ ମୁଣ୍ଡକୁ ପଥରରେ ଛେଚି ଦେଇଥିଲା । ତାଙ୍କୁ ସଙ୍ଗେସଙ୍ଗେ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି ।

**ଅକ୍ଷୟ ଶକ୍ତି କ୍ଷେତ୍ରରେ ଆଉ ପାଦେ ଆଗେଇଲେ ସରକାର**

# ରାଜ୍ୟରେ ପ୍ରତିଷ୍ଠା ହେବ ଅକ୍ଷୟ ଉର୍ଜା ଗବେଷଣା କେନ୍ଦ୍ର

**ଭୁବନେଶ୍ୱର, ୨୧ ।୩ (ସମିସ):** ରାଜ୍ୟରେ ଯେପରି ଅଧିକରୁ ଅଧିକ ଅକ୍ଷୟ ଶକ୍ତିର ଉତ୍ପାଦନ ସହ ବ୍ୟବହାର ହୋଇପାରିବ, ସେନେଇ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି । ଏଥିପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨ ମଧ୍ୟ ପ୍ରଣୟନ କରିଛନ୍ତି । ଏହି ନୀତି ଅଧୀନରେ ୨୦୩୦ ସୁଦ୍ଧା ରାଜ୍ୟରେ ପ୍ରାୟ ୧୧୦୦୦ ମେଗାୱାଟ୍ ସବୁଜଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି କ୍ରମରେ ରାଜ୍ୟରେ ଅକ୍ଷୟ ଉର୍ଜା ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାକୁ ସରକାର ବିଚାର କରୁଛନ୍ତି । ଆଇଆଇଟି ଭୁବନେଶ୍ୱର ଏନେଇ ପ୍ରସ୍ତାବ ଦେଇଥିବା ବେଳେ ଆଜି ଶକ୍ତି ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି ।

ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଇଆଇଟି ଭୁବନେଶ୍ୱରର ପ୍ରସ୍ତାବ ଉପରେ ବ୍ୟାପକ ଆଲୋଚନା ହୋଇଥିଲା । ଏ ଧରଣର ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେଲେ, ଅକ୍ଷୟ ଉର୍ଜା ଗବେଷଣା ଅଧିକ ହେବା ସହ ଏ କ୍ଷେତ୍ରର ଆହ୍ୱାନକୁ ସଫଳତାର ସହ ମୁକାବିଲା କରାଯାଇପାରିବ । ସେହିପରି ସବୁଜଶକ୍ତି ଉତ୍ପାଦନ, ପରିବହନ, ସଂରକ୍ଷଣ ମଧ୍ୟ ପୂର୍ବାପେକ୍ଷା ବେଶ୍ ସହଜସାଧ ହୋଇପାରିବ ବୋଲି ଆଶା କରାଯାଉଛି । ସେହିପରି ସବୁଜଶକ୍ତି ଗବେଷଣା କ୍ଷେତ୍ରରେ କିପରି ଅଧିକରୁ ଅଧିକ ଶିକ୍ଷାନୁଷ୍ଠାନକୁ ସାମିଲ କରାଯାଇ ସହଭାଗିତା ଭିତ୍ତିରେ କାର୍ଯ୍ୟକ୍ରମ ହାତକୁ ନିଆଯାଇପାରିବ, ସେନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି ।

■ ପୂର୍ବାପେକ୍ଷା ସହଜସାଧ ହେବ ସବୁଜ ଶକ୍ତି ଉତ୍ପାଦନ, ସଂରକ୍ଷଣ
■ ରାଜ୍ୟରେ ଗ୍ରୀନ୍ ହାଇଡ୍ରୋଜେନ୍ ଶକ୍ତି ଦ୍ୱାରା ଚାଲିବ ବସ୍
■ ଏନ୍‌ଟିପିସିର ପ୍ରସ୍ତାବ ଉପରେ ବିଚାର କରୁଛନ୍ତି ସରକାର

ଅପରପକ୍ଷେ ରାଜ୍ୟରେ ଗ୍ରୀନ୍ ହାଇଡ୍ରୋଜେନ୍ ଶକ୍ତିଚାଳିତ ବସ୍ ସେବା ଆରମ୍ଭ କରିବାକୁ ମଧ୍ୟ ରାଜ୍ୟ ସରକାର ଚିନ୍ତା କରୁଛନ୍ତି । ଏ ସଂକ୍ରାନ୍ତୀୟ ପ୍ରସ୍ତାବ ଉପରେ ଶକ୍ତି ବିଭାଗ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏପରି ବସ୍ ଚଳାଚଳ ରାଜ୍ୟରେ ହେଲେ ପ୍ରଦୂଷଣର ମାତ୍ରା କମ୍ ହେବା ସହ ଏହା ଅଧିକ ପରିବେଶ ଉପଯୋଗୀ ହୋଇପାରିବ । ଏନ୍‌ଟିପିସିର ଆର୍‌ଇଏଲ୍ (ରିନ୍ୟୁଏବୁଲ୍ ଏନର୍ଜି ଲିମିଟେଡ୍) ପକ୍ଷରୁ ରାଜ୍ୟରେ ଏଥିପାଇଁ ଏକ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ଲାଣ୍ଟ ଲଗାଇବାକୁ ଶକ୍ତି ବିଭାଗ ନିକଟରେ ପ୍ରସ୍ତାବ ଦିଆଯାଇଛି । ଏହି ପ୍ଲାଣ୍ଟରୁ ବସ୍‌ଗୁଡ଼ିକ ପାଇଁ ଆବଶ୍ୟକ ଗ୍ରୀନ୍ ହାଇଡ୍ରୋଜେନ୍ ଉପଲବ୍ଧ କରାଯାଇପାରିବ ।

ସୂଚନାନୁଯାୟୀ, ଏନ୍‌ଟିପିସିର ଉପରୋକ୍ତ ପ୍ରସ୍ତାବକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନେଇଛନ୍ତି । ଏହି ପ୍ରସ୍ତାବକୁ କିପରି କାର୍ଯ୍ୟକାରୀ କରାଯାଇପାରିବ, ସେନେଇ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରିବାକୁ ବୈଠକରେ ବିଭାଗୀୟ ପ୍ରମୁଖ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଏନ୍‌ଟିପିସି, ଗ୍ରୀଡ୍‌କୋ, ଓପିଟିସିଏଲ୍, ଓଏଚ୍‌ପିସି, ଓରେଡାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟରେ ସବୁଜଶକ୍ତିର ଅଧିକରୁ ଅଧିକ ଉତ୍ପାଦନ, ବ୍ୟବହାର ପାଇଁ ରାଜ୍ୟ ସରକାର ଗୁରୁତ୍ୱାରୋପ କରି ଆସୁଛନ୍ତି । ଶକ୍ତି ବିଭାଗ ପକ୍ଷରୁ ଅକ୍ଷୟ ଶକ୍ତି ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ପରିଚାଳନା ନିୟମାବଳୀକୁ ଅନୁମୋଦନ ମିଳିଛି । ସେହିପରି ଓଡ଼ିଶା ଅକ୍ଷୟଶକ୍ତି ନୀତି-୨୦୨୨ ଅଧୀନରେ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହୀ ନିବେଶକଙ୍କ ପ୍ରସ୍ତାବର ତ୍ୱରିତ ସମୀକ୍ଷା କରିବା ପାଇଁ ଶକ୍ତି ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ ସୁବିଧା କକ୍ଷ ବା ଷ୍ଟେଟ୍-ଲେଭେଲ ଫେସିଲିଟେସନ୍ ସେଲ୍ ଖୋଲାଯାଇଛି । ଅକ୍ଷୟ ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆଗତ ନିବେଶ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ ସହ ଅକ୍ଷୟ ଶକ୍ତି ନୀତି କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଏହି ସେଲ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ । ଫଳରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ଅଧିକରୁ ଅଧିକ ନିବେଶ ରାଜ୍ୟକୁ ଆସିପାରିବ ବୋଲି ସରକାର ବିଚାର କରୁଛନ୍ତି ।

**ପୁଲିସ ଅଧିକାରୀଙ୍କୁ ମାଡ଼ ଘଟଣା**

# ସାଂସଦ ଭର୍ତ୍ତୃହରିଙ୍କ ବିରୋଧରେ ଚାର୍ଜଫ୍ରେମ୍

**କଟକ, ୨୧ ।୩(ସମିସ):** ପୁଲିସ ଅଧିକାରୀଙ୍କୁ ଚାପୁଡ଼ା ମାରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ ଅଭିଯୋଗ ମାମଲାରେ କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଡୁଆ ବଢ଼ିଛି । ଶ୍ରୀ ମହତାବଙ୍କ ବିରୋଧରେ ସାଂସଦ ଓ ବିଧାୟକଙ୍କ ମାମଲା ବିଚାର ପାଇଁ ଉଦ୍ଦିଷ୍ଟ ଜେଏମ୍‌ଏଫ୍‌ସି ଅଦାଲତରେ ଚାର୍ଜଫ୍ରେମ ହୋଇଛି । ଜେଏମ୍‌ଏଫସି ଦୀପଙ୍କର ବଳଙ୍କ ଅଦାଲତରେ ଶ୍ରୀ ମହତାବ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ । ଶ୍ରୀ ମହତାବଙ୍କ ବିରୋଧରେ ଆଇପିସିର ଦଫା ୩୪୧, ୩୨୩, ୨୯୪, ୩୩୨, ୩୫୩, ୫୦୬ରେ ଅଦାଲତ ଚାର୍ଜଫ୍ରେମ କରିଛନ୍ତି । ଆସନ୍ତା ଏପ୍ରିଲ ୫କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି । ଗତ ୨୦୧୧, ଜାନୁଆରି ୨୩ରେ ନେତାଜୀ ଜୟନ୍ତୀ ପାଳନ ବେଳେ ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟରେ ଏହି ଘଟଣା ଘଟିଥିଲା । ସେହି ସମୟରେ ପୁଲିସ ଏସ୍‌ଆଇ ଥିବା ଅମିତାଭ ମହାପାତ୍ରଙ୍କୁ ସାଂସଦ ଶ୍ରୀ ମହତାବ ମାଡ଼ ମାରିବା ସହ ଦାୟିତ୍ୱ ନିର୍ବାହରେ ବାଧା ଦେଇଥିଲେ । ଦରଘାବଜାର ଥାନାରେ ଏତଲା ରୁଜୁ ହୋଇଥିବା ବେଳେ ତଦନ୍ତ ପରେ ୨୦୧୮, ମାର୍ଚ୍ଚ ୧୯ରେ ଶ୍ରୀ ମହତାବଙ୍କ ବିରୋଧରେ ପୁଲିସ୍ ଚାର୍ଜସିଟ ଦାଖଲ କରିଥିଲା । ପୂର୍ବରୁ ଶ୍ରୀ ମହତାବଙ୍କୁ ହାଜର ହେବା ସମନ୍ ଜାରି ପରେ ବି ସେ ହାଜର ହୋଇନଥିଲେ । ତେବେ ଅଦାଲତ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ । ଆଜି ଶ୍ରୀ ମହତାବ ବ୍ୟକ୍ତିଗତ ଭାବେ ହାଜର ହେବା ପରେ ଅଦାଲତ ଗିରଫ ପରୱାନା ପ୍ରତ୍ୟାହାର କରିଥିଲେ । ଚାର୍ଜଫ୍ରେମ ହେବା ପରେ ଏହି ମାମଲାରେ ଆଗକୁ ସାକ୍ଷ୍ୟ ଗ୍ରହଣ ହେବ ।

# ବରିଷ୍ଠ ବିଜେଡି ନେତା ଦାମୋଦର ରାଉତ ଗୁରୁତର

**ଭୁବନେଶ୍ୱର, ୨୧ ।୩ (ସମିସ):** ବରିଷ୍ଠ ବିଜେଡି ନେତା ଡାକ୍ତର ଦାମୋଦର ରାଉତଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ରହିଛି । ଗୁରୁବାର ସକାଳେ ତାଙ୍କର ଯେଉଁ ସ୍ୱାସ୍ଥ୍ୟବସ୍ଥା ଥିଲା, ସେଥିରେ ସାମାନ୍ୟ ଉନ୍ନତି ଘଟିଛି ବୋଲି ତାଙ୍କ ପୁଅ ତଥା ପାରାଦୀପ ବିଧାୟକ ସମ୍ବିତ ରାଉତରାୟ କହିଛନ୍ତି । ବର୍ତ୍ତମାନ ତାଙ୍କର ଲାଇଫ୍ ସପୋର୍ଟ ସିଷ୍ଟମରେ ଚିକିତ୍ସା ଚାଲିଛି । ସଂକଟାପନ୍ନ ଅବସ୍ଥାରେ ଡାକ୍ତର ରାଉତ ବର୍ତ୍ତମାନ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ଦାମଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅବଗତ ହେବା ପରେ ସାମାଜିକ ଗଣମାଧ୍ୟମ ଏକ୍ସ-ରେ' ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିକ୍ରିୟା ରଖିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ଅସୁସ୍ଥତା ବିଷୟରେ ଜାଣି ମୁଁ ଚିନ୍ତିତ । ତାଙ୍କର ଆଶୁ ଆରୋଗ୍ୟ ଏବଂ ଦୀର୍ଘାୟୁ ଜୀବନ କାମନା କରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି । ଉଲ୍ଲେଖଯୋଗ୍ୟ, ଓଡ଼ିଶା ରାଜନୀତିରେ ଦାମୋଦର ରାଉତ ଜଣେ ଟାଣୁଆ ନେତା ଭାବେ ଜଣାଶୁଣା । ୧୯୪୨ ମସିହା ଜୁଲାଇ ୨ ତାରିଖରେ ଜଗତସିଂହପୁରରେ ଜନ୍ମିତ ଶ୍ରୀ ରାଉତ ବିଧାୟକ ଭାବେ ୭ଥର ନିର୍ବାଚିତ ହୋଇଛନ୍ତି ।

● ଘରୋଇ ହସ୍ପିଟାଲରେ ଭର୍ତ୍ତି, ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ
● ପୁଅ ସମ୍ବିତଙ୍କ ସୂଚନା, ସ୍ୱାସ୍ଥ୍ୟବସ୍ଥାରେ ସାମାନ୍ୟ ଉନ୍ନତି ଆସିଛି

# କୋଟଗଡ଼ କୋର୍ଟରେ ଦୁର୍ଦ୍ଧାନ୍ତ ମାଓନେତା ଆଜାଦ ହାଜର

**ସ୍ୱତନ୍ତ୍ର ସୁରକ୍ଷା ବଳୟରେ ଝାରପଡ଼ାରୁ କନ୍ଧମାଳ ସ୍ଥାନାନ୍ତର**

**ଫୁଲବାଣୀ,୨୧ ।୩(ସମିସ):** କନ୍ଧମାଳ ଜିଲ୍ଲା କୋଟଗଡ଼ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ହାର୍ଡକୋର୍ ମାଓନେତା ଡୁନା କେଶବ ରାଓ ଓରଫ୍ ଆଜାଦ ହାଜର ହୋଇଛନ୍ତି । ଝାରପଡ଼ା ଜେଲରୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ତାଙ୍କୁ କୋଟଗଡ଼ କୋର୍ଟକୁ ନିଆଯାଇଥିଲା । ସମୁଦାୟ ୬ଟି ମାମଲାରେ ଆଜାଦ ବୁଧବାର କୋର୍ଟରେ ହାଜର ହୋଇଥିଲା । ଦୁଇଜଣ ଏସ୍‌ଡିପିଓ, କୋଟଗଡ଼ ଥାନା ଅଧିକାରୀ ଦୀପ୍ତିରଞ୍ଜନ ବେହେରା ଓ ବାଲିଗୁଡା ସବ୍-ଇନ୍‌ସପେକ୍ଟର ଓମ ନାରାୟଣ ପାତ୍ରଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ସୁରକ୍ଷାକର୍ମୀ ଭୁବନେଶ୍ୱରର ଝାରପଡ଼ା ଜେଲକୁ ଯାଇ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆଣି ଆଜାଦକୁ କୋଟଗଡ଼ କୋର୍ଟରେ ହାଜର କରିଥିଲେ । ଆଜାଦ ନାମରେ ୨୦୦୯ରେ କୋଟଗଡ଼ ଥାନା ଗୃହରକ୍ଷୀ ନାରେଙ୍ଗା ମଲିକଙ୍କୁ ହତ୍ୟା, ଶ୍ରୀରାମପୁରରେ ବୋମା ସ୍କ୍ୱାଡ୍ ଗାଡ଼ି ବିସ୍ଫୋରଣ ମାମଲା, ସୁବର୍ଣ୍ଣଗିରି ଫାଣ୍ଡି ପୋଡ଼ି ମାମଲା ଓ ୨୦୧୧ର ଅନ୍ୟାନ୍ୟ ମାମଲା ରହିଛି । ଉକ୍ତ ମାମଲାଗୁଡ଼ିକର ବିଚାର ଓ ଜାମିନ ଆବେଦନ ଶୁଣାଣି କୋଟଗଡ଼ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ବିଚାରପତି ଅନୁରାଗ ଦେହୁରୀଙ୍କ ଦ୍ୱାରା ହୋଇଥିଲା । ସୂଚନା ମୁତାବକ, ଆଜାଦ ୨୦୧୧ ମସିହା ପୂର୍ବରୁ ଓଡ଼ିଶା, ଛତିଶଗଡ଼ ଓ ଆନ୍ଧ୍ରରେ ସକ୍ରିୟ ଭାବେ ବିଭିନ୍ନ ମାଓବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିଲା । ସେ ୨୦୧୧ରେ ପୁଲିସ ପାଖରେ ଆତ୍ମସମର୍ପଣ ପରେ ଝାରପଡ଼ା ଜେଲରେ ରଖାଯାଇଛି ।



# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**ଫୁଲବାଣୀ,୨୧ ।୩(ସମିସ):** ଫିରିଙ୍ଗିଆ ଥାନା ଅଞ୍ଚଳରେ ଗତ ୨୦୨୧ ମସିହାରେ ସଙ୍ଘଟିତ ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ଶୁଣାଣି କରି ଫୁଲବାଣୀ ପୋକସୋ କୋର୍ଟ ବିଚାରପତି ସଞ୍ଜିତ କୁମାର ବେହେରା ଗୁରୁବାର ଅଭିଯୁକ୍ତ ବବଲୁ ନାୟକକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଓ ୨୩ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ଅଧିକ ୨ ବର୍ଷ ତିନି ମାସ ଜେଲ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ବବଲୁର ଘର ଖଜୁରୀପଡ଼ା ଥାନା ଲାଇନପଡ଼ା ବରସାହି ଅଞ୍ଚଳର ।

ସୂଚନାନୁଯାୟୀ, ୨୦୨୧ ମସିହା ଫେବୃଆରୀରେ ନାବାଳିକାଜଣକ ନିଜ ଗ୍ରାମ ନିକଟ ଏକ ମନ୍ଦିର ନିକଟରେ କାମ କରୁଥିଲେ । ଅଭିଯୁକ୍ତ ବବୁଲ ମଧ୍ୟ ସେହି ସ୍ଥାନରେ ରାଜମିସ୍ତ୍ରି ଭାବେ କାମ କରୁଥିଲେ । ବବଲୁ ନାବାଳିକାକୁ ପ୍ରେମ ନିବେଦନ କରିବା ସହ ବିବାହର ପ୍ରଲୋଭନ ଦେଖାଇ ନିକଟସ୍ଥ ଜଙ୍ଗଲକୁ ନେଇ ବାରମ୍ବାର ଦୁଷ୍କର୍ମ କରିଥିଲା । ପରେ ଜୁନ୍ ୨୬ ତାରିଖରେ ଏକ ଅଟୋ ରିକ୍ସା ଯୋଗେ ନାବାଳିକାକୁ ଅପହରଣ କରି ନିଜ ଘରକୁ ନେଇ ଯାଇଥିଲେ । ଏ ସଂପର୍କରେ ପୀଡ଼ିତାଙ୍କ ବାପା ଜୁନ୍ ୨୮ ତାରିଖରେ ଫିରିଙ୍ଗିଆ ଥାନାରେ ଏତଲା ଦେଇଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ ।

● ଚାକିରି କରାଇଦେବାକୁ କହି ୧୮ ଲକ୍ଷ ଠକେଇ

# କଟକରୁ ଧୂର୍ତ୍ତ ଗଜେନ୍ଦ୍ର ଗିରଫ



**ବ୍ରହ୍ମପୁର,୨୧ ।୩(ସମିସ):** ଚାକିରି କରାଇଦେବାକୁ କହି ଜଣେ ଯୁବତୀଙ୍କଠାରୁ ୧୮ ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ଗୋପାଳପୁର ଥାନା ପୁଲିସ ଜଣେ ବ୍ୟକ୍ତିଙ୍କୁ କଟକରୁ ଗିରଫ କରିଛି । ସେ ହେଲେ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ତଥା ଗାନ୍ଧୀନଗର ନିବାସୀ ଗଜେନ୍ଦ୍ରନାଥ ସାହୁ (୬୧) । ସୂଚନାଯୋଗ୍ୟ, ଗଜେନ୍ଦ୍ର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୧୯୮୩ରେ କନିଷ୍ଠ ସହାୟକ ଭାବେ ନିଯୁକ୍ତି ପାଇଥିଲେ । ଜୁଲାଇ ୨୦୨୩ରେ ସେ ଅବସର ଗ୍ରହଣ କରିଥିଲେ । ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀ ରାଧାମୋହନ ପାତ୍ରଙ୍କ ଝିଅକୁ ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର୍ (ଏଏସ୍‌ଓ) ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ୨୦୨୨ ନଭେମ୍ବର ୭ ତାରିଖରୁ ୨୦୨୩ ନଭେମ୍ବର ୧୮ ତାରିଖ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ମୋଟ ୧୮ ଲକ୍ଷ ୧୬ହଜାର ୨୫୦ ଟଙ୍କା ନେଇଥିଲେ । କିନ୍ତୁ ୨୦୨୩ ଡିସେମ୍ବର ୩୦ତାରିଖରେ ଏଏସ୍‌ଓ ପରୀକ୍ଷା ଫଳାଫଳରେ ରାଧାମୋହନଙ୍କ ଝିଅଙ୍କ ନାମ କିମ୍ବା ରୋଲ ନମ୍ବର ନଥିବାରୁ ସେ ଗଜେନ୍ଦ୍ରଙ୍କୁ ଟଙ୍କା ଫେରସ୍ତ ମାଗିଥିଲେ । କିନ୍ତୁ ଗଜେନ୍ଦ୍ର ବାରମ୍ବାର ମିଥ୍ୟା ପ୍ରତିଶୃତି ଦେଇ ଗଜେନ୍ଦ୍ର ଟଙ୍କା ଫେରାଉ ନଥିଲେ । ଓଲଟି ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଉଥିଲେ । ଏନେଇ ରାଧାମୋହନଙ୍କ ଝିଅ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଗଜେନ୍ଦ୍ରଙ୍କୁ ଧରିବା ପାଇଁ ପୁଲିସ ଏକ ସ୍ୱତନ୍ତ୍ର ଟିମ ଗଠନ କରିଥିଲା । ଉକ୍ତ ଟିମ୍ କୌଣସି ସୂତ୍ରରୁ ଖବର ପାଇ ବୁଧବାର କଟକରୁ ଗଜେନ୍ଦ୍ରକୁ କାବୁ କରି ବ୍ରହ୍ମପୁରକୁ ଆଣିଥିଲା । ଗୁରୁବାର ସନ୍ଧ୍ୟାରେ ଗଜେନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଜନ୍ମେଜୟ ମଲ୍ଲିକ ସୂଚନା ଦେଇଛନ୍ତି ।

**ପ୍ରଚାର ପ୍ରବଳ; କାମ ଦୁର୍ବଳ**

# ରାଜଧାନୀ ଡେଇଁଲେ ମୋବାଇଲ୍ ସେବା ଠପ୍

**ଭୁବନେଶ୍ୱର,୨୧ ।୩(ସମିସ):** ତାରିଖ ୫ ଜାନୁଆରୀ ୨୦୨୩ । ଓଡ଼ିଶାରେ ତଥା ଭୁବନେଶ୍ୱରରେ ଆରମ୍ଭ ହେଲା ୫-ଜି ସେବା । ସେତେବେଳେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ କୁହାଗଲା, ଓଡ଼ିଶାରେ ପ୍ରାଥମିକ ପର୍ଯ୍ୟାୟରେ ଭୁବନେଶ୍ୱର, କଟକ, ପୁରୀ ଆଦି ସହରରେ '୫-ଜି' ସେବାରେ ଦ୍ରୁତ ଇଣ୍ଟରନେଟ୍ ମିଳିବ । ପରବର୍ତ୍ତୀ ସମୟରେ ଅର୍ଥାତ୍ ଆଗାମୀ ୧୧ମାସ ଭିତରେ ରାଜ୍ୟର ୩୦ ଜିଲ୍ଲାରେ ଏହି ସେବା ଉପଲବ୍ଧ କରାଯିବ । ଇତିମଧ୍ୟରେ ୧୫ ମାସ ବିତିଗଲାଣି, ମାତ୍ର ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଓଡ଼ିଶାରେ ନିରବଚ୍ଛିନ୍ନ ୫-ଜି ସେବା ମିଳୁଥିବା ମନ୍ତ୍ରଣାଳୟ ଜୋରଦାର୍ ପ୍ରଚାର କରୁଛି । ହେଲେ ଦୁଃଖ ଓ ପରିତାପର ବିଷୟ, କେବଳ ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳକୁ ଛାଡ଼ି ଦେଲେ ରାଜଧାନୀ ଉପକଣ୍ଠରେ ବି ଏହି ସେବା ଠିକ୍ ଭାବେ ମିଳି ପାରୁନାହିଁ । ତେଣୁ ଜିଲ୍ଲା ଗୁଡ଼ିକରେ କିଭଳି ୫-ଜି ସେବା ଉପଭୋକ୍ତାଙ୍କୁ ମିଳୁଥିବା ଏଥିରୁ ସ୍ପଷ୍ଟ ଅନୁମେୟ । ମନ୍ତ୍ରଣାଳୟ ପ୍ରଚାରକୁ ବିଶ୍ୱାସ କରି ୫-ଜି ଫୋନ୍ କିଣିଥିବା ଲୋକ ଏବେ ପଶ୍ଚାତାପ କରୁଛନ୍ତି । କାରଣ ସହରର ମୁଖ୍ୟ ଅଞ୍ଚଳକୁ ବାଦ୍ ଦେଲେ ଗାଁ ଅନ୍ୟ କେଉଁଠି ଏହି ସେବା ମିଳୁନି ।

୫-ଜି ସେବା ଆରମ୍ଭ ହେବାବେଳେ ଲୋକମାନଙ୍କୁ ଦ୍ରୁତ ଇଣ୍ଟରନେଟ୍ ଅର୍ଥାତ୍ ୧ ଜିବିପିଏସ୍ ପର୍ଯ୍ୟନ୍ତ ଦ୍ରୁତ ଇଣ୍ଟରନେଟ୍ ମିଳିବ ବୋଲି କୁହାଯାଇଥିଲା । ଯେଉଁଥିରେ ଅନ୍‌ଲାଇନ୍ ମାଧ୍ୟମରେ ପଢୁଥିବା ଛାତ୍ରଛାତ୍ରୀ, ବହୁଳ ଡାଟା ବ୍ୟବହାର ହେଉଥିବା ଅନ୍ତଃରାଷ୍ଟ୍ରୀୟ କମ୍ପାନୀ ସମେତ ଡାକ୍ତରଖାନା, ସରକାରୀ କାର୍ଯ୍ୟାଳୟ



ଓ ଗ୍ରାମାଞ୍ଚଳରେ ଚାଷୀମାନେ ଏଥିରୁ ଉପକୃତ ହେବେ । ବିନା ଦ୍ୱିଧାରେ ଇଣ୍ଟରନେଟ୍ ବ୍ୟବହାର କରିପାରିବେ । ହେଲେ ରାଜଧାନୀ ସୀମାରେ ଥିବା ପାତ୍ରପଡ଼ା, ଭଗବାନପୁର, ତମାଣ୍ଡୋ, ପାହାଳ, ନଖରା, ରଘୁନାଥପୁର, ବାଲିଅନ୍ତା, ବାଲିପାଟଣା ଆଦି ଅଞ୍ଚଳରେ ୫-ଜି ସେବା ମିଳୁନି । ଇଣ୍ଟରନେଟ୍ ଚାଲିବା ତ ଦୂରର କଥା, କଥା ହେବା ପାଇଁ ମଧ୍ୟ ନେଟ୍‌ୱାର୍କ ଆସୁନି । ୫-ଜି ଫୋନ୍ ବ୍ୟବହାର କରୁଥିବା ୟୁଜର୍ସମାନଙ୍କୁ କଲ୍ କଲେ ମୋବାଇଲ୍ ନଟ ରିଚେବୁଲ୍ ଆସୁଛି । ଯେଉଁ ଟେଲିକମ୍ ସଂସ୍ଥାର ଏସଏମ୍‌ଏସ୍ ଆଲର୍ଟ ସୁବିଧା ଅଛି, ସହର ଭିତରକୁ ଅର୍ଥାତ୍ ଇଣ୍ଟରନେଟ୍ ଆସୁଥିବା ସ୍ଥାନକୁ ଗଲେ, ଇନ୍‌କମିଙ୍ଗ କଲ୍ ମେସେଜ୍‌ରେ ଇନ୍‌ବକ୍ସ ଫୁଲ୍ ହୋଇଯାଉଛି ମାତ୍ର ୯ହଜାର ଟଙ୍କାରୁ ବିଭିନ୍ନ କମ୍ପାନୀର ୫-ଜି ଫୋନ୍ ବଜାରରେ ମିଳିଯାଉଛି । ୫-ଜି ଇଣ୍ଟରନେଟ୍ ଦ୍ରୁତ ସେବା ପାଇବା ପାଇଁ କୌଣସି ଦେୟ ମଧ୍ୟ ଦେବାକୁ ପଡୁନି । ଟେଲିକମ୍ ସଂସ୍ଥା ଗୁଡ଼ିକ ମାଗଣା ଅସୀମିତ ଇଣ୍ଟରନେଟ୍ ଯୋଗାଇ ଦେଉଛନ୍ତି । ତେଣୁ ଲୋକମାନେ ଆଗ୍ରହର ସହ ଫୋନ୍ କିଣି ନେଇଛନ୍ତି । ଏବେ କିନ୍ତୁ, ଏଭଳି ହଇରାଣ ହୋଇ ୫-ଜିରୁ ଲୋକଙ୍କ ମନ ଛାଡ଼ିଗଲାଣି । ପ୍ରସାରଣ ମନ୍ତ୍ରଣାଳୟ କେବଳ ପ୍ରଚାର କରୁଥିବାବେଳେ କେବେ ୫-ଜି ସେବା ମିଳିବ ବୋଲି ବ୍ୟବହାରୀକାରୀ ପ୍ରଶ୍ନ କରିଛନ୍ତି ।

ଏ ସମ୍ପର୍କରେ ଟେଲିକମ୍ ସଂସ୍ଥାର ଜଣେ କର୍ମଚାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସହର ଭିତରେ ଥିବା ମୋବାଇଲ୍ ଟାୱାର୍ ଗୁଡ଼ିକରେ କମ୍ପାନୀ ତରଫରୁ ପର୍ଯ୍ୟାପ୍ତ ପରିମାଣର ବେସ୍ ଟ୍ରାନ୍ସିଭର୍ ସିଷ୍ଟମ୍ (ବିଟିଏସ୍) ଲଗାଯାଉନି । ଫଳରେ ଲୋକମାନଙ୍କୁ ନିରବଚ୍ଛିନ୍ନ ସେବା ମିଳିପାରୁନି । କେବଳ ଯେଉଁ ଅଞ୍ଚଳରେ ଅଧିକ ୫-ଜି ଫୋନ୍ ବ୍ୟବହାର ହେଉଥିବା କମ୍ପାନୀ ନିଜସ୍ୱ ସର୍ଭେରୁ ଜାଣିଛି, କେବଳ ସେହି ଅଞ୍ଚଳରେ ଅଧିକ ବିଟିଏସ୍ ଲଗେଇଛି । ଯେଉଁଠି ନୂଆ ନୂଆ ଗ୍ରାହକ ଯୋଡ଼ି ହୋଇଛନ୍ତି, କମ୍ପାନୀ ପାଖରେ ସୂଚନା ନଥିବାରୁ ବିଟିଏସ୍ ଲାଗିପାରିନି । ଫଳରେ ଏଭଳି ସମସ୍ୟା ଉପୁଜୁଛି । ସଂସ୍ଥା ଗୁଡ଼ିକ ପର୍ଯ୍ୟନ୍ତ ପରିମାଣର ବିଟିଏସ୍ ଲଗାଇଲେ ଏହି ସମସ୍ୟାର ସ୍ଥାୟୀ ସମସ୍ୟା ହୋଇପାରିବ ବୋଲି ସେ କହିଛନ୍ତି । ଟେଲିକମ୍ ଇଞ୍ଜିନିୟର ସୁଶାନ୍ତ କୁମାର ଦାସଙ୍କ କହିବାନୁଯାୟୀ, ଟେଲିକମ୍ ସଂସ୍ଥା ଗୁଡ଼ିକ ଯେଉଁଭଳି ଭିତ୍ତିଭୂମି ଯୋଗାଇବା ପାଇଁ ଘୋଷଣା କରିଛନ୍ତି, ସେହିଭଳି ଯୋଗାଇପାରୁନାହାନ୍ତି । ୫-ଜି ଇଣ୍ଟରନେଟ୍‌ରେ ଯେଉଁଭଳି ଭିତ୍ତିଭୂମି ଆବଶ୍ୟକ ତାହାର କାର୍ଯ୍ୟ ବିଳମ୍ବିତ ହୋଇଥିବା ସେ ସ୍ୱୀକାର କରିଛନ୍ତି ।

■ କଲ୍ ଲାଗୁନି, ଇଣ୍ଟରନେଟ ତ ଦୂରର କଥା
■ ସାରା ରାଜ୍ୟରେ ୫-ଜି ସେବା ଧୂଆଁବାଣ

# ବୋଟ୍‌ରୁ ଡେଇଁ ମତ୍ସ୍ୟଜୀବୀଙ୍କ ଆତ୍ମହତ୍ୟା ଉଦ୍ୟମ

ଭଦ୍ରକ,୨୧।୩(ସମିସ)

ଭଦ୍ରକ ଜିଲ୍ଲା ଧାମରାରେ ଆଜି ଏକ ନିଶ୍ଚିତ ମୃତ୍ୟୁ ମୁଖରୁ ଜଣେ ମତ୍ସ୍ୟଜୀବୀଙ୍କ ଧାମରା ମେରାଇନ ପୁଲିସ୍‌ର ସ୍ପିଡ୍ ବୋଟ୍ ଉଦ୍ଧାର କରିଥିବା ଜଣାଯାଇଛି। ପ୍ରକାଶ ଯେ, ଧାମରା ମତ୍ସ୍ୟ ପୋତାଶ୍ରୟ ଅଧୀନରେ ଥିବା ରାଜଲକ୍ଷ୍ମୀ ନାମକ ଟ୍ରେଲରରେ ରମେଶ ମୁର୍ମୁ ନାମକ ଜଣେ ମତ୍ସ୍ୟଜୀବୀ କାର୍ଯ୍ୟ କରୁଥିଲା। ଦୀର୍ଘ ଦିନ ହେବ ସଂପୃକ୍ତ ମତ୍ସ୍ୟଜୀବୀ ଜଣକ ତାଙ୍କ ନିଜ ଘର କପ୍ତିପଦା ନିକଟସ୍ଥ ଘୁଟୁବନୀକୁ ଯିବା ଲାଗି ସଂପୃକ୍ତ ବୋଟର ଡ୍ରାଇଭରକୁ ବହୁବାର କାକୁତି ମିନତି ହେବା ପରେ ମଧ ସଂପୃକ୍ତ ବୋଟର ଚାଳକ ରମେଶ ତାକୁ ଘରକୁ ଯିବାକୁ ଦେଉ ନଥିଲେ। ଆଜି ସଂପୃକ୍ତ ବୋଟଟି ମାଛ ଧରିବାକୁ ଯାଉଥିବା ବେଳେ ଧାମରା ନିକଟସ୍ଥ କାଳିନାଳୀ ଠାରେ ସଂପୃକ୍ତ ମତ୍ସ୍ୟଜୀବୀ ଜଣକ ବଙ୍ଗୋପସାଗର ନିକଟସ୍ଥ ମୁହାଣକୁ ଡେଇଁ ପଡିଥିଲେ। ଅନ୍ୟ ଉପାୟ ନପାଇ ସଂପୃକ୍ତ ରାଜଲକ୍ଷ୍ମୀ ବୋଟର ସମସ୍ତ ଷ୍ଟାଫ୍ ରମେଶକୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ ସଫଳ ହୋଇ ପାରି ନଥିଲେ। ଅନ୍ୟପକ୍ଷରେ ସାଗର କବଚ ପାଇଁ ଧାମରା ମେରାଇନର



ଏକ ସ୍ପିଡ୍ ବୋଟ କାଳିନାଳୀ ଠାରେ ପଇଁତରା ମାରୁଥିବା ବେଳେ ସଂପୃକ୍ତ ସ୍ପିଡ୍ ବୋଟର ଦକ୍ଷଚାଳକ ରଞ୍ଜନ ଦାସ, ମାନସ ମଲିକ, ସଂଜୀବ ମଲିକ ପ୍ରମୁଖ ନିଜ ଜୀବନକୁ ବାଜି ଲଗାଇ ଗଭୀର ସମୁଦ୍ର ମୁହାଣରୁ ସଂପୃକ୍ତ ମତ୍ସ୍ୟଜୀବୀ ରମେଶଙ୍କୁ ପାଣିରେ ଭାସୁଥିବା ବେଳେ ଉଦ୍ଧାର କରି ଧାମରାକୁ ଆଣିଥିଲେ। ଧାମରାରେ ପହଞ୍ଚିବା ପରେ ଧାମରା ମେରାଇନ ଥାନାଧିକାରୀ କୃଷ୍ଣଚନ୍ଦ୍ର ଜାନୀ ତୁରନ୍ତ ତାଙ୍କୁ ଧାମରା ମେଡିକାଲକୁ ନେଇ ସେଠାରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରିଥିଲେ। ଡାକ୍ତର ଜନ୍ମେଜୟ ବେହେରା ସଂପୃକ୍ତ ମତ୍ସ୍ୟଜୀବୀର ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା କଥା କହିଥିଲେ। ପରେ ସଂପୃକ୍ତ ମତ୍ସ୍ୟଜୀବୀ ରମେଶକୁ ଧାମରା ଥାନାକୁ ଆଣିବା ପରେ ସଂପୃକ୍ତ ବୋଟର ମାଲିକଙ୍କୁ ଥାନାକୁ ଡକାଇ ହସ୍ତାନ୍ତର କରିଥିଲେ। କେଉଁ ପରିସ୍ଥିତିରେ ସଂପୃକ୍ତ ବୋଟର ଚାଳକ ସଂପୃକ୍ତ ମତ୍ସ୍ୟଜୀବୀଙ୍କୁ ଘରକୁ ଯିବା ପାଇଁ ଅନୁମତି ଦେଲେ ନାହିଁ ଏବଂ ଏହାର ପ୍ରତିଫଳ ସ୍ୱରୂପ ରମେଶ ନିଜ ଜୀବନକୁ ପାଣି ଛଡାଇ ଆତ୍ମହତ୍ୟା କରିବା ଉଦ୍ଦେଶ୍ୟରେ ସମୁଦ୍ର ମଝିକୁ ଡେଇଁଲା ତାହାର ବିଦ୍ଧିବଦ୍ଧ ତଦନ୍ତ ହେବା ଜରୁରୀ ହୋଇପଡିଛି।

## ବାଇକ୍ ଦୁର୍ଘଟଣାରେ ବାପଝିଅ ଗୁରୁତର

**ବାରିକପୁର/ଭଣ୍ଡାରିପୋଖରୀ,୨୧।୩(ସମିସ):** ଭଣ୍ଡାରିପୋଖରୀ ଥାନା ୧୬ନମ୍ବର ଜାତୀୟ ରାଜପଥର ଦମକଳ ଅଫିସ ପ୍ରାଙ୍ଗଣରେ ଆଜି ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଯାଉଥିବା ମାଆ ଆହତ ହୋଇଥିବା ବେଳେ ବାପ ଓ ଝିଅ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ ମଧ୍ୟାହ୍ନ ପ୍ରାୟ ୨ଟା ବେଳେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ବାଂଶପାଳ ଅଞ୍ଚଳର ବରେନ୍ଦ୍ର ପାତ୍ର ଓଡ଼ି୦୧ଏଆର ୩୯୬୫ ବାଇକ୍‌ରେ ପତ୍ନୀ ମିନତୀ ଓ ୪ବର୍ଷର ଝିଅ ମନନ୍ୟାକୁ ଧରି ପାଣିକୋଇଲି ଅଭିମୁଖେ ଯାଉଥିଲେ। କୌଣସି କାରଣ ବଶତଃ ଦମକଳ କାର୍ଯ୍ୟାଳୟ ପ୍ରାଙ୍ଗଣ ପୋଲକୁ ବାଇକ୍‌ଟି ଧକ୍କା ଦେଇଥିଲା। ଫଳରେ ମା' ଝିଅ ଗାଡିରୁ ଛିଟିକି ପଡିଥିବା ବେଳେ ବରେନ୍ଦ୍ର ବାଇକ୍ ସହିତ ପୋଲ ତଳକୁ ଖସି ଯାଇଥିଲେ। ସ୍ଥାନୀୟ ଲୋକ ଓ ଅଗ୍ନିଶମ କର୍ମଚାରୀ ମାନେ ତୁରନ୍ତ ଘଟଣାସ୍ଥଳରୁ ସେମାନଙ୍କୁ ଉଦ୍ଧାର କରି ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ସମସ୍ତଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିବା ବେଳେ ବାପ ଓ ଝିଅକୁ ଭଦ୍ରକ ସ୍ଥାନାନ୍ତରିତ କରାଯାଇଛି। ଝିଅର ଗୋଡ଼ ଭାଙ୍ଗିଥିବା ବେଳେ ବରେନ୍ଦ୍ରଙ୍କର ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି। ଏଠାରେ ସୂଚିତ ଗତ ସପ୍ତାହେ ପୂର୍ବରୁ ଉକ୍ତ ସ୍ଥାନରେ ଏକ ଟାଟା ମ୍ୟାଜିକ ପୋଲକୁ ଧକ୍କା ଦେବାରୁ ଚାଳକଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା। ଏହା ପୂର୍ବରୁ ମଧ ଛୋଟମୋଟ ଦୁର୍ଘଟଣା ମାନ ସେହି ସମାନ ସ୍ଥାନରେ ଘଟିଛି। ତେଣୁ ଉକ୍ତ ଅଞ୍ଚଳକୁ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା ବିପଦ ସଂକୁଳ ସ୍ଥାନ ଭାବେ ଚିହ୍ନଟ କରି ପୋଲ ସଂଲଗ୍ନ ପ୍ରାୟ ୧୦୦ମିଟର ଯାଏଁ ସୁରକ୍ଷା ପ୍ରାଚୀର ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି।

**ମାନସିକ ଭିନ୍ନକ୍ଷମଙ୍କ ଉନ୍ମତ କାଣ୍ଡ**

## ଟାଙ୍ଗିଆ ଆକ୍ରମଣରେ ୨ଯୁବକ ଆହତ

**ଭଦ୍ରକ,୨୧।୩(ସମିସ):** ନିଜ ମାମୁଁ ଘରକୁ ବୁଲିବାକୁ ଆସିଥିବା ଭଣଜା, ମାମୁଁ ଘର ଗାଁରେ ଘଟାଇଲା ଉନ୍ମତ କାଣ୍ଡ। ଗାଁ ଦାଣ୍ଡରେ ହାତରେ ଟାଙ୍ଗିଆ ଧରି ଯାହାକୁ ପାଇଲା ତାକୁ ମାରିବାକୁ ଗୋଡାଇଲା। ଯୁବକର ଟାଙ୍ଗିଆ ଚୋଟରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଧୀନ ଖେରଙ୍ଗ ପଞ୍ଚାୟତର ପଳାଶପୁର ଗ୍ରାମର ୨ଜଣ ଆହତ ହୋଇଥିବା ବେଳେ ଯୁବକକୁ କାବୁ କରିବକୁ ଯାଇଥିବା ପୁଲିସକୁ ମଧ ନାକେଦମ ହେବାକୁ ପଡ଼ିଛି। ଚାନ୍ଦବାଲି ପୁଲିସର ୧୧୨ ଗାଡିକୁ ମଧ ଟାଙ୍ଗିଆରେ ଦୁଇ ଚୋଟ ପକାଇବା ସହ ୧୦୮ ଆମ୍ବୁଲାନ୍ସ ଗାଡିର ଆଗ କାଚକୁ ଟାଙ୍ଗିଆରେ ବାଡେଇ ଭାଙ୍ଗି ପକାଇଥିବାର ଦେଖିବାକୁ ମିଳିଛି। ଶେଷରେ ବହୁ କଷ୍ଟରେ ପୁଲିସ ଉକ୍ତ ଯୁବକକୁ କାବୁ କରି ଚାନ୍ଦବାଲି ଥାନାକୁ ଆଣିଛି। ଉକ୍ତ ଯୁବକ ଜଣେ ମାନସିକ ଭିନ୍ନକ୍ଷମ ବୋଲି କୁହାଯାଉଛି । ସଂପୃକ୍ତ ଯୁବକଙ୍କ ଘର ବାସୁଦେବପୁର ଅଞ୍ଚଳରେ ଓ ତାଙ୍କ ନାମ ଭୀମସେନ ନାୟକ। ସେ ମାମୁଁ ଘରକୁ ବୁଲିବାକୁ ଆସି ଏପରି କାଣ୍ଡ ଘଟାଇଥିବା ସୂଚନା ମିଳିଛି।

## କିଡ୍‌ନୀ ରୋଗରେ ଆକ୍ରାନ୍ତ ନାରାୟଣ



**ଅସୁରାଳି,୨୧।୩(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଭଟସାହି ପଞ୍ଚାୟତ ମିରଘାଟ କୁଳଗାଁର ନାରାୟଣ ଚନ୍ଦ୍ର ମଳିକ (୨୯)। ଗତ ପ୍ରାୟ ୮ ଦିନ ହେବ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ପରେ ସେଠାରୁ କିଛି ସୁଫଳ ନମିଳିବାରୁ ସେଠାରୁ ଭୁବନେଶ୍ୱର କେୟାର ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିଲେ। ମାତ୍ର ତାଙ୍କର ଜଟିଳ ସ୍ୱାସ୍ଥ୍ୟବସ୍ଥା ଯୋଗୁଁ ତାଙ୍କୁ ସେଠାରୁ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତରଣ କରାଯାଇଛି। ହାକ୍ତରଙ୍କ କହିବା ଅନୁଯାଇ ନାରାୟଣଙ୍କର ୨ଟି କିଡ୍‌ନୀ ନଷ୍ଟ ହୋଇଯାଇଛି। ସେଥିପାଇଁ ଡାଏଲିସ ମାଧ୍ୟମରେ ହିଁ ତାଙ୍କର ଚିକିତ୍ସା ସମ୍ଭବ ହୋଇପାରିବ। ମାତ୍ର ଯଥେଷ୍ଟ ଅର୍ଥର ଅଭାବ ଯୋଗୁଁ ନାରାୟଣଙ୍କ ଚିକିତ୍ସାରେ ପଡ଼ିଛି ପୂର୍ଣ୍ଣଛେଦ। ସୂଚନା ଯୋଗ୍ୟ ନାରାୟଣଙ୍କ ୬ ବର୍ଷ ହେବ ବିଭାଘର ହୋଇଛି ଏବଂ ତାଙ୍କର ଗୋଟିଏ ୪ବର୍ଷର କନ୍ୟା ସନ୍ତାନ। ନାରାୟଣ ମାଛ ଶୁଖୁଆ ପନିପରିବା ବିକି ନିଜ ଗୁଜୁରାଣ ମେଣ୍ଟାଉ ଥିବା ବେଳେ ବାପା ତାଙ୍କର ଦିନ ମଜୁରିଆ ଭାବେ ମୂଲ ଲାଗି ଜୀବିକା ନିର୍ବାହ କରନ୍ତି। ପୁଅର ଏପରି ସ୍ୱାସ୍ଥ୍ୟବସ୍ଥାକୁ ଦେଖି ତାଙ୍କ ପିତା ମଧ ଅସହାୟ। କାରଣ ସେ ଚିକିତ୍ସା ନିମନ୍ତେ ଯଥେଷ୍ଟ ପରିମାଣର ଅର୍ଥ ସଂଗ୍ରହ କରି ପାରୁନାହାଁନ୍ତି। ଯଦି କେହି ସହୃଦୟ ବ୍ୟକ୍ତି କିଡ୍‌ନୀ କିମ୍ବା ରକ୍ତ ଦାନ କରିପାରିବେ ନାରାୟଣ ମଳିକଙ୍କ ବହୁ ସାହାଯ୍ୟ ହୋଇପାରନ୍ତା ବୋଲି ପିତା ସହଦେବ ମଳିକ କହିଛନ୍ତି।

**'ସକାଳ' ପ୍ରଭାବ**

## ଯୋଗ ଦେଲେ ଭେଷଜ ବିଭାଗ ଡାକ୍ତର

**ଧାମନଗର,୨୧।୩(ସମିସ):** ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବ ଏବଂ ଖାଲି ପଡିଥିବା ଶିଶୁ ଡାକ୍ତର, ସ୍ତ୍ରୀ ଓ ପ୍ରସୂତି, ସର୍ଜରୀ ଓ ମେଡ଼ିସିନ ସ୍ପେଷାଲିଷ୍ଟ, ଏମ୍‌ବିବିଏସ୍ ଡାକ୍ତର ଆଦି ପଦବୀ ପୂରଣ କରିବା ପାଇଁ ଦୈନିକ "ସକାଳ'ରେ ବାରମ୍ବାର ପ୍ରକାଶ ପାଇଥିଲା। ଫଳରେ ତତ୍ପର ହୋଇପଡିଥିଲେ ବିଭାଗୀୟ ଅଧିକାରୀ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆଦେଶ ନଂ ୬୫୪୫/୧୧/୦୩/୨୪ରେ ମେଡିସିନ ସ୍ପେଷାଲିଷ୍ଟ ଭାବେ ଡାକ୍ତର ମାଝୀ ମାଝୀ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ ଦେଇଛନ୍ତି। ସ୍ୱାସ୍ଥ୍ୟ ଅଧିକାରୀ ତଥା ମେଡିକାଲ ଅଫିସର ଡାକ୍ତର ମନ୍ମୟ ସାମନ୍ତସିଂହାର ସୂଚନା ଦେଇଥିବା ବେଳେ 'ସକାଳ' ପରିବାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଖବର ନେବାରୁ ଯାହା ଜଣାଯାଏ ଧାମନଗର ଡାକ୍ତରଖାନାରେ ୫ଜଣ ଡାକ୍ତରୀ ପଦ ମଧ୍ୟରୁ ୪ଟା ପଦବୀ ଖାଲି ପଡିଥିଲା। ଚତୁର୍ଥ ଶ୍ରେଣୀ କର୍ମଚାରୀ ଅବସର ପରେ ତାଙ୍କ ସ୍ଥାନରେ କେହି ଆସୁନଥିବାରୁ ସେହି ସ୍ଥାନ ମଧ ଖାଲି ପଡିଥିବା ବେଳେ ରୋଗୀ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି। କିଛି କର୍ମଚାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଡେପୁଟେସନ ଯାଇ କାର୍ଯ୍ୟ କରୁଛନ୍ତି। ଧାମନଗର ବ୍ଲକ ଅଞ୍ଚଳ ୧୫ଟା ପଞ୍ଚାୟତ ଏବଂ ଏନ ଏ ସି ଅଞ୍ଚଳର ଜନସାଧାରଣ ଓ ରୋଗୀ ସଂଖ୍ୟା ବୃଦ୍ଧି ପାଉଛି। କିନ୍ତୁ ଡାକ୍ତର ଓ କର୍ମଚାରୀ ଅଭାବ ଯୋଗୁଁ ରୋଗୀ ମାନେ ନାହିଁ ନଥିବାର ଅସୁବିଧା ଭୋଗୁଛନ୍ତି।

## ଫେକର ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ



**ଭଦ୍ରକ,୨୧।୩(ସମିସ):** ଭଦ୍ରକ ରାନ୍ଦିଆସ୍ଥ ଫେରୋ ଆଲୟଜ କର୍ପୋରେସନ ଲିମିଟେଡ (ଫେକର) ପକ୍ଷରୁ ୫୩ ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। କମ୍ପାନିର ମୁଖ୍ୟ ନିର୍ବାହୀ ଅଧିକାରୀ ପଙ୍କଜ ଶର୍ମାଙ୍କ ମାର୍ଗଦର୍ଶନରେ ଓ କମ୍ପାନୀର ସିଏଚ୍‌ଏସଇଓ କୃତୀସୁନ୍ଦର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପାଳିତ ସପ୍ତାହରେ 'ଶୂନ୍ୟ କ୍ଷତି'କୁ ପ୍ରାଧାନ୍ୟ ଦିଆଯାଇଥିଲା। ଏହି ଅବସରରେ ପ୍ଲାଣ୍ଟ ପରିସରରେ ସୁରକ୍ଷା ସମ୍ପର୍କିତ ସଚେତନତା ଶୋଭାଯାତ୍ରାର ଆୟୋଜନ ହୋଇଥିଲା। ଏଥିସହିତ କୁଇଜ ଓ ସ୍ଲୋଗାନ ପ୍ରତିଯୋଗିତା, ନାଟକ, ଅଗ୍ନି ନିରାପତ୍ତା ସମ୍ପର୍କିତ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଏକ ତାଲିମ କାର୍ଯ୍ୟକ୍ରମରେ ଜାତୀୟ ସୁରକ୍ଷା ପରିଷଦର ପ୍ରଶିକ୍ଷକ ଯୋଗ ଦେଇଥିଲେ। ଉଦଯାପନୀ ସଭାରେ ଉପନିର୍ଦ୍ଦେଶକ (ଫାକ୍ଟ୍ରିଜ୍ ଏଣ୍ଡ ବୟଲର୍ସ୍) ଉମେଶ ସୂତାର ଯୋଗଦେଇ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। କମ୍ପାନିର ସିଓଓ ସଂଜୟ ପାଲ ଯୋଗଦେଇ କମ୍ପାନୀ ସବୁବେଳେ ସୁରକ୍ଷାକୁ ପ୍ରାଧାନ୍ୟ ଦେଇଥାଏ ବୋଲି କହିଥିଲେ। କର୍ମଚାରୀମାନଙ୍କ ସଚେତନତା ଓ କମ୍ପାନୀର ସୁରକ୍ଷା ପ୍ରତିବଦ୍ଧତା ପ୍ଲାଣ୍ଟ ପରିସରରେ ଏମିତି ଏକ ବାତାବରଣ ସୃଷ୍ଟି କରିପାରିବ ଯେଉଁଥିରେ ସମସ୍ତେ ନିଜକୁ ସଦା ସୁରକ୍ଷିତ ମଣିବେ ବୋଲି ସେ କହିଥିଲେ।

## ମିନି ଟ୍ରକ୍ ବାଇକ୍ ଧକ୍କା; ଜଣେ ମୃତ, ୨ ଗୁରୁତର

**ତିହିଡି,୨୧।୩(ସମିସ):**ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଏକ ଦୁର୍ଘଟଣା ଘଟି ପୁଣି ଜଣେ ଯୁବକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ପୀରହାଟ ପୁରୁଣା ବଜାର ନିକଟରେ ଘଟିଛି। ସୂଚନା ଅନୁଯାୟୀ ପୂର୍ବାହ୍ନ ସାଢ଼େ ୧୧ଟା ବେଳେ ପୀରହାଟ ଥାନା ଅଧୀନ ଖେଦରପୁର ଗ୍ରାମର ସ୍ୱର୍ଗତଃ ଇନ୍ଦ୍ରମଣି ଦାସଙ୍କ ପୁଅ ବିଜୟକାନ୍ତ ଦାସ ଓରଫ ସନିଆ (୨୬) ଏକ ବାଇକରେ ନିଜ ସାଙ୍ଗ ଚାନ୍ଦବାଲି ଥାନା ଅଧୀନ ରାମପୁର ବାଲିଗାଁର ପ୍ରଭାତ ଦାସ (୨୨)କୁ ବସାଇ ଚାନ୍ଦବାଲି ଅଭିମୁଖେ ଯାଉଥିଲେ। ତେବେ ରାସ୍ତାରେ ଏକ ସାଇକେଲ ଆରୋହୀ ନିକଟସ୍ଥ ସନ୍ଦକପୁର ଗ୍ରାମର ନିଶାକାର ସେଠୀ (୪୫)ଙ୍କୁ ଧକ୍କା ଦେଇ ଭାରସାମ୍ୟ ହରାଇବା ସହ ସମ୍ମୁଖରୁ ଆସୁଥିବା ମିନିଟ୍ରକକୁ ମୁହାଁମୁହିଁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ୩ ଜଣ ଆହତ ହୋଇଥିବା ବେଳେ ଗଦି ଦମକଳ ବାହିନୀ ସେମାନଙ୍କୁ ଉଦ୍ଧାର କରି ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ। ତେବେ ବିଜୟକାନ୍ତଙ୍କୁ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। ପ୍ରଭାତ ଦାସଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଭଦ୍ରକ ଓ ପରେ କଟକ ପଠାଇଦିଆଯାଇଛି। ସେହିପରି ସାଇକେଲ ଆରୋହୀ ନିଶାକରଙ୍କୁ ଭଦ୍ରକ ଡାକ୍ତରଖାନାରେ ଭର୍ତି କରାଯାଇଛି।

## ଧାମରାରେ ଶେଷ ହେଲା ସାଗର କବଚ ସମରାଭ୍ୟାସ




ଭଦ୍ରକ,୨୧।୩(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଧାମରାରେ ଶେଷ ହେଲା ସାଗର କବଚ-୨୦୨୪ ସମରାଭ୍ୟାସ। ୨ଦିନ ଧରି ଚାଲିଥିବା ଏହି ସମରାଭ୍ୟାସରେ ଭାରତୀୟ ତଟରକ୍ଷୀ ବାହିନୀ, ଭାରତୀୟ ନୌସେନା, ଓଡ଼ିଶା ପୁଲିସ ମିଳିତ ଭାବେ ସାମିଲ ହୋଇଥିଲେ। ପ୍ରଥମ ଦିନରେ ଧାମରା ବସଷ୍ଟାଣ୍ଡ, ମତ୍ସ୍ୟ ପୋତାଶ୍ରୟ, ଧାମରା ପୋର୍ଟ ଆଦି ବିଭିନ୍ନ ସ୍ଥାନରେ ଲୁଚିଥିବା ୯ ଜଣ ଗୁପ୍ତଚରଙ୍କୁ ଧରି ଧାମରା ମେରାଇନ ଥାନାକୁ ନିଆଯାଇଥିଲା। ପରେ ସେମାନଙ୍କ ଠାରୁ ବୟାନ ରେକର୍ଡ କରି ଛାଡି ଦିଆଯାଇଥିଲା। ଆଜି ଦ୍ୱିତୀୟ ଦିନରେ ଜଳପଥରେ ଅନୁପ୍ରବେଶ ରୋକିବା ପାଇଁ ଧାମରା ମୁହାଣ ନିକଟ ମେରାଇନ ବୋଟ ବଙ୍ଗୋପସାଗରରେ ପାଇଁତରା ମାରିବା ସହ ମାଛ ମାରୁଥିବା ବୋଟର କର୍ମଚାରୀଙ୍କ ପରିଚୟପତ୍ର ଯାଞ୍ଚ ସହ ବୋଟ ଗୁଡିକୁ ଯାଞ୍ଚ କରାଯାଇଥିଲା। ଏହି ସମରାଭ୍ୟାସ ବେଳେ ବୁଡି ଯାଉଥିବା ଜଣେ ମତ୍ସ୍ୟଜୀବୀଙ୍କୁ ପୁଲିସ ଟିମ ଉଦ୍ଧାର କରିଥିଲା।



## ମେଳଣ ପାଇଁ ପୀଠ ଦେବତାଙ୍କ ପୂଜାର୍ଚ୍ଚନା

**ବାରିକପୁର,୨୧।୩(ସମିସ):** ଭଣ୍ଡାରିପୋଖରୀ ଥାନା ଓ ମେଳଣ କମିଟି ମିଳିତ ସହଯୋଗରେ ଚଳିତବର୍ଷ ଗଣ ପର୍ବ ମୁନସୀ ମେଳଣ ଭାବ ଉଦ୍ଦୀପନାର ସହିତ ଆୟୋଜନ ହେଉଛି। ପ୍ରଥମଦିନ ଘଟ ସ୍ଥାପନ ହୋଇସାରିବା ପରେ ଆଜି ୨ୟ ଦିବସରେ ଥାନା ପରିସର ପୀଠ ଦେବତା ଶୀତିକଣ୍ଠେଶ୍ୱରଙ୍କ ପୂଜାର୍ଚ୍ଚନା ବୈଦିକ ବିଧି ଅନୁଯାୟୀ ଅନୁଷ୍ଠିତ ହୋଇଛି। ମୁଖ୍ୟ ପୂଜକ ରାଜକିଶୋର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୀଠ ଦେବତାଙ୍କୁ ବୈଦିକ ମନ୍ତ୍ର ଅନୁଯାୟୀ ଆବାହନ କରାଯାଇଛି। ପ୍ରଥମେ ଇଷ୍ଟ ଦେବତାଙ୍କ ଷୋଡ଼ଶ ଉପଚାର ପୂଜା, ସୂର୍ଯ୍ୟ ପୂଜା, ସଂଖ୍ୟା ଆହୂତି ହୋମ ଅନୁଷ୍ଠିତ ହୋଇଥିବା ବେଳେ ପରେ ପରେ ରୁଦ୍ରାଭିଷେକ ଓ ମେଳଣ ପାଇଁ ରାଧାକୃଷ୍ଣଙ୍କ ଷୋଡଶ ଉପଚାର ପୂଜା ହୋଇଥିଲା। ଏଥିରେ ଅନ୍ୟତମ ପୂଜକ ଭାବେ ଗୟାଧର ଦାସ ଓ ମନୋଜ ପଣ୍ଡା ସହଯୋଗ କରିଥିଲେ। ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ଓ ସଂଗୀତା ବାଗେ ସଂକଳ୍ପ କର୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପୀଠ ଦେବତାଙ୍କ ପୂଜା କାର୍ଯ୍ୟକୁ ଥାନା କର୍ମଚାରୀଙ୍କ ସମେତ ମେଳଣ କମିଟିର କର୍ମକର୍ତା ମାନେ ପରିଚାଳନା କରିଥିଲେ। ସନ୍ଧ୍ୟାରେ ବିଶିଷ୍ଟ ଅତିଥି ମାନଙ୍କ ଦ୍ୱାରା ଉତ୍ସବ ଉଦଘାଟନ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।

## ଅଦିନିଆ ବର୍ଷା ଉଜାଡ଼ିଦେଲା ଚାଷ

**ତିହିଡି,୨୧।୩(ସମିସ):** ଅଦିନିଆ ବର୍ଷା ଫଳରେ ତିହିଡ଼ି ବ୍ଲକରେ ଚାଷ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଚାଷୀମାନେ ଆଜି ତିହିଡ଼ି ତହସିଲ କାର୍ଯ୍ୟାଳୟରେ ପହଞ୍ଚି କ୍ଷତିପୂରଣ ଦାବି କରିଥିବା ଜଣାଯାଇଛି। ସୋମବାର ରାତ୍ରିରୁ ବର୍ଷା ଆରମ୍ଭ ହୋଇଥିଲା। ତୁହାକୁ ତୁହା ବର୍ଷା ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ ହେବା ଫଳରେ ଚାଷ ଜମିରେ ପାଣି ଜମି ରହିଛି। ମୁଗ, ବିରି, ପନିପରିବା, ସୂର୍ଯ୍ୟମୁଖୀ, ପିଆଜ, ଆଦି ଫସଲ ନଷ୍ଟ ହୋଇଯାଇଛି। ତିହିଡ଼ି ବ୍ଲକର ଉଣାଅଧିକେ ୩୧ ପଞ୍ଚାୟତରେ ଫସଲ ନଷ୍ଟ ହୋଇଛି। ତିହିଡ଼ି ବ୍ଲକର ସଦର ପଞ୍ଚାୟତ ଭାଟପଡ଼ା ଓ ମୁକୁନ୍ଦପୁର ପଞ୍ଚାୟତରୁ ପ୍ରଭାତ କୁମାର ସାହୁ, ପିତାମ୍ବର ମହଲା, ସୁରେଶ



ଚନ୍ଦ୍ର ମହାପାତ୍ର, ଲକ୍ଷ୍ମୀକାନ୍ତ ମହାନ୍ତି, ନରେନ୍ଦ୍ର ସାହୁ, ଲଳିତ ମୋହନ ମହାନ୍ତି, ସୁଜିତ କୁମାର ପ୍ରଧାନ, ନରେନ୍ଦ୍ର ବାରିକ, ବନମାଳି ପଣ୍ଡା, କୃପାସିନ୍ଧୁ ଦାସ, ରବୀନ୍ଦ୍ର ବେହେରା ପ୍ରମୁଖ କେତେକ ଚାଷୀ ଆଜି ଏ ନେଇ ତିହିଡ଼ି ତହସିଲଦାରଙ୍କୁ ନିକଟରେ ପହଞ୍ଚି କ୍ଷତି ସମ୍ପର୍କରେ ସୂଚନା ଦେଇଛନ୍ତି। ଅଧିକାଂଶ ଚାଷୀ ସ୍ୱୟଂ ସହାୟିକା ଗୋଷ୍ଠୀରୁ ଋଣ ନେଇ ଚାଷ କରିଥିଲେ। ଫସଲ ଅମଳ ହୋଇଥିଲେ ସେମାନେ ଋଣ ପରିଶୋଧ କରିଥା'ନ୍ତେ। ତେବେ ଚାଷ ଫସଲ ସଂପୂର୍ଣ୍ଣ ଉଜୁଡ଼ି ଯିବା ପରେ ଋଣ କିପରି ସୁଝିବେ ତାହା ସେମାନଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଚାଷୀମାନଙ୍କର ଫସଲ ନଷ୍ଟ ଆକଳନର କରି କ୍ଷତିପୂରଣ ଦେବାକୁ ସେମାନେ ଅନୁରୋଧ କରିଥିବା ଜଣାଯାଇଛି।

## ବିଶ୍ୱ ଡାଉନ୍ ସିଣ୍ଡ୍ରୋମ୍ ଦିବସ ପାଳିତ




**ଭଦ୍ରକ,୨୧।୩(ସମିସ):** ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର (ସିଆର୍‌ଏସ୍‌ଆର୍), ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର (ଡିଡିଆର୍‌ସି) ଓ ସିଆର୍‌ଏସ୍‌ଆର ସ୍ୱତନ୍ତ୍ର ବିଏଡ୍ କଲେଜ (ଆଇଡି) ମିଳିତ ଆନୁକୂଲ୍ୟରେ ବିଶ୍ୱ ଡାଉନ ସିଣ୍ଡ୍ରୋମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ଭଗବାନ ପରିଡ଼ା ଯୋଗଦାନ ସହିତ ଅନ୍ୟ ଅତିଥିଭାବରେ ଏସ୍‌ଏସ୍‌ଇପିଡି ଅବସରପ୍ରାପ୍ତ ଯୁଗ୍ମ ସଚିବ ଅମ୍ବିକା ପ୍ରସାଦ ପଟ୍ଟନାୟକ, ଅବସରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମନ ରାୟ, ଅଧାପକ ଅରୁଣ କୁମାର ଲେଙ୍କା, ଅବସରପ୍ରାପ୍ତ ଅଧାପିକା ବାସନ୍ତି ନାୟକ, ଡା. ଦେବରାଜ ପାଣିଗ୍ରାହୀ ଓ ସିଆର୍‌ଏସ୍‌ଆର୍‌ର ପ୍ରକଳ୍ପ ସଂଯୋଜକ ପ୍ରମୋଦ ନାୟକ ଯୋଗଦାନ କରିଥିଲେ। ୨ୟ ପର୍ଯ୍ୟାୟରେ ଟେକ୍ନିକାଲ୍ ସେସନ୍‌ରେ ପ୍ରଫେସନାଲ ଫିଜିଓଥେରାପିଷ୍ଟ ସଞ୍ଜୟ କୁମାର ବେହେରା, କ୍ଲିନିକାଲ୍ ସାଇକୋଲୋଜିଷ୍ଟ ସୁମନ୍ ଜେନା, ସ୍ୱତନ୍ତ୍ର ଶିକ୍ଷକ ଅଭିମନ୍ୟୁ ମଲ୍ଲିକ ଏହି ଡାଉନ ସିଣ୍ଡ୍ରୋମ ଦିବସ ଉପରେ ବିଶଦ ଭାବରେ ଆଲୋଚନା କରିଥିଲେ। ଅତିଥିଙ୍କର ଶାରିରୀକ ଶିକ୍ଷକ ରାଜେନ୍ଦ୍ର କୁମାର ବିଶ୍ୱାଳ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଗୋପାଳ ଚନ୍ଦ୍ର ନାୟକ ଉପସ୍ଥିତ ଅତିଥି, ଭିନ୍ନକ୍ଷମ ପିଲାଙ୍କର ଅଭିଭାବକ, ବିଭିନ୍ନ ସାମାଜିକ ସଂଗଠନରୁ ଆସିଥିବା ପ୍ରତିନିଧୀ ଓ କମକର୍ତାଙ୍କୁ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସି.ଆର.ଏସ୍. ଆର.ର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

## ବରପଦା ଇଞ୍ଜିନିୟରିଂ କଲେଜରେ ୧୪୪ ଧାରା

ଭଦ୍ରକ,୨୧।୩(ସମିସ)

ଦୀର୍ଘ ୧ମାସ ଧରି ବରପଦା ଇଞ୍ଜିନିୟରିଂ କଲେଜରେ ଚାଲିଥିବା ବିଶୃଙ୍ଖଳିତ ଓ ହିଂସାତ୍ମକ ଆଚରଣକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରଖିବା ଉଦ୍ଦେଶ୍ୟରେ ଆଜି ୧୪୪ଧାରା ଜାରି ହୋଇଛି। ଉପଜିଲ୍ଲାପାଳ ମନୋଜ ପାତ୍ର ଏହି ଅଞ୍ଚଳରେ ୧୪୪ଧାରା ଜାରି କରିଛନ୍ତି। ୧୪୪ଧାରାର ରିପୋର୍ଟ ଅନୁଯାୟୀ, ବିଆଇଇଟି ଓ ବିଏସ୍‌ଇଟି ବରପଦାର ମୁଖ୍ୟ ଫାଟକ ଏବଂ ଅନୁଷ୍ଠାନ ଠାରୁ ଶହେ ମିଟର ଦୂରତା ସୀମା ମଧ୍ୟବର୍ତ୍ତୀ ଅଞ୍ଚଳରେ ଅନ୍ୟାଦେଶ ପର୍ଯ୍ୟନ୍ତ ଏହି ୧୪୪ଧାରା ଜାରି କରାଯାଇଛି। ପୁଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ୧୪୪ଧାରା ଆଜିଠାରୁ ଜାରି କରାଯାଇଛି। ଉକ୍ତ ଘଟଣାର ତଦନ୍ତ ଆଧାରରେ ଜଣାଯାଇଛି ଯେ, ଭଦ୍ରକ ନାଗରିକ ସୁରକ୍ଷା ପରିଷଦ, ବରପଦା ବିକାଶ ମଞ୍ଚ ଓ ବରପଦା ବୈଷୟିକ ଶିକ୍ଷାନୁଷ୍ଠାନ କର୍ମଚାରୀ ସଂଗଠନ ଦୀର୍ଘ ୫ମାସ ଧରି ଧାରଣା ଓ ଆନ୍ଦୋଳନ କରି ଆସୁଥିଲେ। ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀମାନଙ୍କୁ ଅନୁଷ୍ଠାନ ଭିତରକୁ ଯିବା ବନ୍ଦ କରି ଦେଇଥିଲେ। ଫଳରେ ଦିନକୁ ଦିନ ଶିକ୍ଷାନୁଷ୍ଠାନଟି ସମ୍ପୂର୍ଣ୍ଣ ଅଚଳ ହୋଇ ପଡିଥିଲା। ଆନ୍ଦୋଳନକାରୀମାନେ ବିଶୃଙ୍ଖଳା ସୃଷ୍ଟି କରି ଆଇନକୁ ହାତକୁ ନେଉଥିବାରୁ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ନିଜକୁ ନିରାପଦ ମଣୁନଥିଲେ। ଶୈକ୍ଷିକ ବାତାବରଣ ସମ୍ପୂର୍ଣ୍ଣ ବିଗିଡି ଯାଇଥିଲା। ଅନୁଷ୍ଠାନର ବିଦ୍ୟାର୍ଥୀ ମାନଙ୍କ ଭବିଷ୍ୟତକୁ ଲକ୍ଷ୍ୟ ରଖି ଶିକ୍ଷକ ଓ ଅଣଶିକ୍ଷକ ସମସ୍ତ କର୍ମ.ରୀ ଯେପରି ନିରାପଦରେ ଯାଇ ସେମାନଙ୍କ କର୍ତବ୍ୟ ନିଭାଇ ପାରିବେ ସେ ନେଇ ସୁରକ୍ଷା ଓ ସହାୟତା ଯୋଗାଇ ଦେବାକୁ ଭଦ୍ରକ ଗ୍ରାମାଞ୍ଚଳ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି।




ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰କୃଷ୍ଣପ୍ରୀୟା ମିଶ୍ର
ଆବିର୍ଭାବ: ୦୧.୦୮.୧୯୪୪ | ତିରୋଧାନ: ୧୭.୦୩.୨୦୨୨
ତିଥିରେ ଆଜିକୁ ଦୁଇ ବର୍ଷ ର ତୋର ଆବର୍ତ୍ତମାନର ଦୁଃଖ ଯନ୍ତ୍ରଣା ଆମକୁ ଆନ୍ଦୋଳିତ କରୁଛି । ତୁ ଆମ ପାଇଁ ମାର୍ଗ ଦର୍ଶନ କରିବା ସହିତ ତୋ ପଦାଙ୍କ ଅନୁସରଣ ପାଇଁ ଆଶୀର୍ବାଦ କରୁଥା, ଏତିକି ତୋ ପାଖରେ କାମନା ।
ଶୋକସନ୍ତପ୍ତ :- ପୁତ୍ର-ଶମ୍ଭୁ ପ୍ରସାଦ, ଶକ୍ତି ପ୍ରସାଦ, ଝିଅ-ସଂଘମିତ୍ରା, ସ୍ୱର୍ଣ୍ଣମିତ୍ରା, ସୁଖମିତ୍ରା ଓ ଲୁନା ଓ ପରିବାରବର୍ଗ ।

● କରଦା ସେବା ସମବାୟ ସମିତି

# ସଂପାଦକଙ୍କ ମନୋମୁଖୀ କାର୍ଯ୍ୟରେ ଅତିଷ୍ଠ ଚାଷୀ

**ଦୋବଲ, ୨୧।୩(ସମିସ):** ଧାମନଗର ବ୍ଲକରେ ୧୨ ଟି ସେବା ସମବାୟ ସମିତି ଥିବାବେଳେ କାଁ ଭାଁ ଗୋଟିଏ ଦୁଇଟି ସମିତିକୁ ଛାଡ଼ିଦେଲେ ସେଥି ମଧ୍ୟରୁ ଅନ୍ୟ ସମିତି ଗୁଡ଼ିକରେ ବ୍ୟାପକ ଦୁର୍ନୀତି ହେଉଥିବା ଦେଖାଯାଇଛି। ଉକ୍ତ ସମିତି ମାନଙ୍କରେ ଦୁର୍ନୀତିର ମୂଳକ କାରଣ ହେଉଛି ପାରିବାରିକ ଚାକିରି। ନିକଟରେ ବରଗଡ଼ା, ଧାମନଗର, କୋଠାର ଓ ପାଳସାହି ସେବା ସମିତିରେ ବ୍ୟାପକ ଦୁର୍ନୀତି ନେଇ କେତେକ ସମିତିରେ ମଧ୍ୟ ଭିଜିଲାନ୍ସ ତଦନ୍ତ ହେଉଥିବା ବେଳେ କେତେକ ସ୍ଥାନରେ ସମ୍ପାଦକଙ୍କୁ ଅଦଳବଦଳ କରାଯାଇଥିଲା। ସେହିପରି ସୋହଡ଼ା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା କରଦା ସେବା ସମବାୟ ସମିତିରେ ବ୍ୟାପକ ଦୁର୍ନୀତି ଦେଖିବାକୁ ମିଳିଛି। ଉକ୍ତ ସମିତିରେ ସୋହଡ଼ା, ପଧାନୀ, ଦୋବଲ, ଦଳାଙ୍ଗ ଅଞ୍ଚଳର ପ୍ରାୟ ୨୪୦୦ଶହ ଚାଷୀ ସଭ୍ୟଥିବାବେଳେ ଅଧିକାଂଶ ସମୟରେ ଚଷୀ ମାନଙ୍କୁ ସମ୍ପାଦକ ଓ ଠିକା କର୍ମଚାରୀମାନେ ଭୟଭୀତ କରିବା ସହ ଦୁର୍ବ୍ୟବହାର କରୁଛନ୍ତି। ଅପରପକ୍ଷେ ଉକ୍ତ ସମିତିରେ ପ୍ରାୟ ୬ ଜଣ କର୍ମଚାରୀ ରହି ବିଭିନ୍ନ ଉପାୟରେ ଚାଷୀ ମାନଙ୍କଠାରୁ ଲୁଟୁଛନ୍ତି। ସରକାରଙ୍କର ନୀତିନିୟମକୁ ବେଖାତିର କରି ନିଜ ମର୍ଜିରେ ଉକ୍ତ ସମିତିକୁ ଚଳାଉଛନ୍ତି। ପ୍ରକାଶ ଥାଉକି ସମିତିରେ ଚାଷୀଙ୍କ ବାର୍ଷିକ ବୀମା ପାଇଁ ଏବେ କୌଣସି ନିର୍ଦ୍ଦେଶ ନଥିବା ବେଳେ ଏବେ ଉକ୍ତ ସମିତିରେ ସଂପାଦକ ଓ କର୍ମଚାରୀ ଚାଷୀଙ୍କ ଠାରୁ ବୀମା ବାବଦକୁ ୪ ଶହ ଟଙ୍କା ଆଦାୟ କରୁଛନ୍ତି। ହେଲେ ବୀମା ପାଇଁ ସରକାରୀ ନିୟମ ରହିଛି ୩୫୦ ଟଙ୍କା; କିନ୍ତୁ ଉକ୍ତ ସମିତିରେ ୫୦ ଟଙ୍କା ଲେଖାଏଁ ବି ଜୋର ଜବରଦସ୍ତ ଆଦାୟ କରୁଛନ୍ତି। ଯାହା କି ବିନା ରସିଦରେ ମଧ୍ୟ ଏହି ଟଙ୍କା ଆଦାୟ ହେଉଛି। ଯାହା ଫଳରେ ପାଖାପାଖି ଲକ୍ଷାଧିକ ଟଙ୍କା ସଂପାଦକ ଚଲୁ କରୁଥିବା ଅଭିଯୋଗ ହେଉଛି। ତେବେ ଏ ସଂପର୍କରେ ସଂପାଦକ ବିକାଶ ମହାପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି ୩୫୦ ଟଙ୍କା ବୀମା ପାଇଁ ଆଦାୟ ହେଉଛି, ୫୦ ଟଙ୍କା ପ୍ରସେସିଂ ପାଇଁ ଆଦାୟ ହେଉଛି। ଏଦିଗରେ ସମବାୟ ବ୍ୟାଙ୍କର ଶାଖା ପରିଚାଳକଙ୍କ ସହ ଯୋଗାଯୋଗ କରିବାରୁ ଏବେ କିଛି ବୀମା ପାଇଁ ଟଙ୍କା ଆଦାୟ ହେଉନାହିଁ ଚାଷୀ ମାନେ ପୁର୍ବ ବୀମା ଟଙ୍କା ଦେଉଛନ୍ତି ବୋଲି କହିଥିଲେ। ତେବେ ସଂପାଦକ ଓ ଶାଖା ପରିଚାଳକଙ୍କ ମଧ୍ୟରେ ତାଳମେଳ ଠିକ ରହୁ ନଥିବାରୁ ଦୁର୍ନୀତିର ଗନ୍ଧ ବାରିହେଉଛି। ଏ ଦିଗରେ ବିଭାଗୀୟ ଅଧିକାରୀ ତଦନ୍ତ ପାଇଁ ଚାଷୀ ପ୍ରଶାନ୍ତ ସାହୁ, ଜ୍ଞାନେନ୍ଦ୍ର ଦାସ, ଗଦାଧର ଦାସ ସମେତ ଚାଷୀ ଅଭିଯୋଗ କରିଛନ୍ତି।




ମୁନ୍‌ସୀ ମେଳଣ ମହୋତ୍ସବ ଉଦ୍‌ଘାଟିତ

# ଭାଇଚାରା ସୃଷ୍ଟି କରିଛି ମହୋତ୍ସବ

**ବାରିକପୁର, ୨୧।୩(ସମିସ)**

ଭଣ୍ଡାରିପୋଖରୀ ଥାନା ପରିସରରେ ଏକ ରଙ୍ଗାରଙ୍ଗ ସନ୍ଧ୍ୟାରେ ଆଜି ଐତିହାସିକ ଗଣପର୍ବ ମୁନସୀ ମେଳଣ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ବିଧାୟକ ପ୍ରଫୁଲ୍ଲ ସାମଲ କାର୍ଯ୍ୟକ୍ରମରେ ଯୋଗଦେଇ ଆନୁଷ୍ଠାନିକ ଭାବେ ମହୋତ୍ସବକୁ ଉଦଘାଟନ କରି ସଂଗ୍ରାମୀ ମାନଙ୍କ ଗୌରବ ଗାଥାର କଥା ମହୋତ୍ସବ ବୋଲି ମତବ୍ୟକ୍ତ କରିଥିଲେ। ମେଳଣ କମିଟି ସଭାପତି ତଥା ଶିକ୍ଷାବିତ ଲକ୍ଷ୍ମୀଧର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ଉଦଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସମାଜସେବୀ ଗୋଲକ ଚନ୍ଦ୍ର ବେହେରା, ବଦ୍ରିନାରାୟଣ ଧଳ, ବ୍ଲକ ଅଧକ୍ଷା ସୁମତି ସେଠୀ, ଡାକ୍ତର ରବୀନ୍ଦ୍ର ନାୟକ, ପୁଲିସ ଉପଖଣ୍ଡ ଅଧିକାରୀ ତ୍ରିଲୋଚନ ସେଠୀ, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ନାରିନେତ୍ରୀ ସୁଜାତା ଜେନା, ନାଟ୍ୟକାର ସୁଧାଂଶୁ ନାୟକ ପ୍ରମୁଖ ଉପସ୍ଥିତ ରହି ମେଳଣ ଆଧାତ୍ମିକ ଚେତନା ସହିତ ଭାଇଚାରା ସୃଷ୍ଟି କରିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଉପାଧକ୍ଷ ପ୍ରଣୀତକାନ୍ତି ସାମଲ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଉତ୍କଳକେଶରୀ ମହାନ୍ତି, ସ୍ଥାନୀୟ ସରପଞ୍ଚ ବର୍ଷାରାଣୀ ଜେନା, ସମିତିସଭ୍ୟ ବିଷ୍ଣୁଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଭରତ ଚନ୍ଦ୍ର କରଣ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସତ୍ୟାନନ୍ଦ ମହାପାତ୍ର ଆଭିମୁଖ୍ୟ ପ୍ରଦାନ, ଅନନ୍ତ ତ୍ରିପାଠୀ ସ୍ୱାଗତ ଭାଷଣ ଓ ମେଳଣ କମିଟି ସମ୍ପାଦକ ତଥା ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ ଉତ୍ସବକୁ ମେଳଣ କମିଟି ସଭ୍ୟ ଓ ଥାନା କର୍ମଚାରୀ ମାନେ ପରିଚାଳନା କରିଥିଲେ।




## ହ୍ୟାଣ୍ଡବଲ ଜାତୀୟ ଚାମ୍ପିଅନସିପ୍ ଖେଳିବେ ସରକାରୀ ଶିଳ୍ପତାଲିମ ପ୍ରତିଷ୍ଠାନର ଛାତ୍ର

**ଭଣ୍ଡାରିପୋଖରୀ,୨୧।୩(ସମିସ):** ଭଣ୍ଡାରିପୋଖରୀ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନର ନବୀଶ ଶେଖ ମହମ୍ମଦ କଏସ ଜାତୀୟ ଜୁନିଅର ହ୍ୟାଣ୍ଡବଲ ଚାମ୍ପିଅନସିପରେ ଖେଳିବେ। ମଧ୍ୟପ୍ରଦେଶ ଇନ୍ଦୋର ଷ୍ଟାଡିଅମରେ ୨୩ ତାରିଖ ଶନିବାର ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ଜୁନିଅର ଦଳର ସଦସ୍ୟ ଭାବେ ଶେଖ କଏସ ମନୋନୀତ ହୋଇଛନ୍ତି। ଶେଖ କଏସ ଆଜି ଓଡ଼ିଶା ଦଳର ସଦସ୍ୟ ଭାବେ ମଧ୍ୟପ୍ରଦେଶ ଯାତ୍ରା କରୁଥିବା ଜଣାଯାଇଛି। ଶିଳ୍ପ ତାଲିମ ପ୍ରତିଷ୍ଠାନର ଅଧକ୍ଷ ଇଂ କୃଷ୍ଣଚନ୍ଦ୍ର ରାଉତ, ଟ୍ରେନିଂ ଅଫିସର ରଞ୍ଜନ କୁମାର ଜେନା, ପ୍ରତିଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଭଦ୍ରକ ହ୍ୟାଣ୍ଡବଲ ଆସୋସିଏସନର ସମ୍ପାଦକ ସିରାଜୁଦ୍ଦିନ ଖାଁ ଶେଖ୍ କଏସଙ୍କ ସଫଳତା କାମନା କରିବା ସହ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ଗତ ଫେବୃୟାରୀ ୧୦ ତାରିଖରେ ରାଜ୍ୟ ଦଳ ଚୟନ ପାଇଁ କଟକ ସାଲେପୁର ଏକାମ୍ର ରସୁଲ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୨୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଭଣ୍ଡାରିପୋଖରୀ ଶିଳ୍ପ ତାଲିମ ପ୍ରତିଷ୍ଠାନରୁ ୧୧ ଜଣ ନବୀଶ କ୍ରୀଡ଼ା ଶିକ୍ଷକ ଶେଖ୍ ଗୋଲାପଙ୍କ ତତ୍ୱାଧାନରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଶେଖ କଏସ ରାଜ୍ୟ ଜୁନିଅର ଦଳ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଏହି ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ କାର୍ଯ୍ୟକ୍ଷମ ହେବା ପରେ ପ୍ରଥମ ଥର ପାଇଁ ଜଣେ ଶିକ୍ଷା ନବୀଶ ଜାତୀୟ କ୍ରୀଡାରେ ପ୍ରତିଷ୍ଠାନରୁ ପ୍ରତିନିଧିତ୍ୱ କରୁଥିବା ଜଣାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମଦ୍ରାସା ଶିକ୍ଷକ

**ଧାମନଗର, ୨୧।୩(ସମିସ):** ଧାମନଗର ଏନ୍‌ଏସିର ୫ନମ୍ବର ୱାର୍ଡ ଅନ୍ତର୍ଗତ ବହୁ ଦିନ ଧରି ପ୍ରତିଷ୍ଠିତ ମଦ୍ରାସା ଗୌସିଆ ହବିବିୟା ଏବଂ ବ୍ଲକ ଅଞ୍ଚଳର ମୁସ୍ତାଫାପୁର ପଞ୍ଚାୟତର ମଦ୍ରାସା ଜାମିୟା ମନସୁରିୟାର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଅନୁମୋଦନ ପାଇଥିବା ବେଳେ ମଦ୍ରାସା କାଦ୍ରିୟାର ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ଅନୁମୋଦନ କରିଛନ୍ତି। ଶିକ୍ଷକମାନଙ୍କର ଦୀର୍ଘ ଦିନର ଦାବି ପୂରଣ ହୋଇଛି। ଉକ୍ତ ମଦ୍ରାସା ପରିଚାଳନା କମିଟି ମାଧ୍ୟମରେ ଚାଲିଥିଲା ହେଲେ ସରକାର ଏଠାରେ ଶିକ୍ଷାଦାନ କରୁଥିବା ଶିକ୍ଷକଙ୍କ ସମସ୍ୟା ପ୍ରତି କର୍ଣ୍ଣପାତ କରିନଥିଲେ। ସରକାରଙ୍କ ନିକଟରେ ଏହି ଅନୁଷ୍ଠାନର ଶିକ୍ଷକ ମାନେ ବାରମ୍ବାର ଦାବି କରି ଆସୁଥିବା ବେଳେ ଏବେ ରାଜ୍ୟ ସରକାର ଏମାନଙ୍କର ଦୀର୍ଘ ଦିନର ଦାବି ପୂରଣ କରିଛନ୍ତି। ଗଣଶିକ୍ଷା ବିଭାଗ ପକ୍ଷରୁ ୧୧ଟି ମଦ୍ରାସାଙ୍କୁ ଓଡ଼ିଶା ସରକାର ଅନୁମୋଦନ କରିଛନ୍ତି। ସେଥିମଧ୍ୟରୁ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅଞ୍ଚଳର ମଦ୍ରାସା ଜାମିୟା ମନସୁରିୟା, ମଦ୍ରାସା କାଦ୍ରିୟା ଦୁଇଟା ଏବଂ ଏନ୍‌ଏସି ଅଞ୍ଚଳର ଗୋଟିଏ ମଦ୍ରାସା ଗୌସିଆ ହବିବିୟା ୩ଟିକୁ ସରକାର ଅନୁଦାନ ପ୍ରାପ୍ତ ଘୋଷଣା କରିଛନ୍ତି। ଏହି ଘୋଷଣା ପରେ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ତାଙ୍କ ପରିବାରଙ୍କ ମଧ୍ୟରେ ଖୁସି ଲହରୀ ଖେଳିଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଭାଗୀୟ ମନ୍ତ୍ରୀ, ରାଜ୍ୟ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତତ୍‌ସହିତ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ଅନୁମୋଦନ ନିମନ୍ତେ ବିଭାଗୀୟ ମନ୍ତ୍ରୀଙ୍କୁ ଲିଖିତ ଅନୁରୋଧ କରିଥିଲେ। ସେହିପରି ତତ୍କାଳୀନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ତାଙ୍କ ସମୟରେ ଉକ୍ତ ମଦ୍ରାସା ଗୁଡିକୁ ଅନୁମୋଦନ ପାଇଁ ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଦୀର୍ଘ ଦିନ ପରେ ଦାବି ପୂରଣ ହେଲା। ଅନ୍ୟମାନଙ୍କ ମଧ୍ୟରେ ସହଯୋଗ କରିଥିବା ରିୱାନା ବେଗମ୍ ରାଜ୍ୟ ପରିଷଦ ସଦସ୍ୟା ତଥା ରାଜ୍ୟ ପ୍ରଭାରୀ ଯୁଗ୍ମ ସଂପାଦିକା (ସଂଖ୍ୟାଲଘୁ ବ୍ୟାପାର) ସଦସ୍ୟା ରାଜ୍ୟ ସମାଜ ମଙ୍ଗଳ ବୋର୍ଡ଼, ଅବସରପ୍ରାପ୍ତ ଶିକ୍ଷକ ସେକ ମାନୱାର ଅହେମ୍ମଦଙ୍କ ସହିତ ଅନ୍ୟ ସମସ୍ତ ନେତୃମଣ୍ଡଳୀମାନଙ୍କୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ତାଙ୍କ ପରିବାର ପକ୍ଷରୁ କୃତଜ୍ଞତା ଜ୍ଞାପନ ସହିତ ଧନ୍ୟବାଦ ଜଣାଇଛନ୍ତି।

● ବେଆଇନ ବାଲିଘାଟରେ ତଦନ୍ତ

## ଏନ୍‌ଜିଟିଙ୍କ ନିର୍ଦ୍ଦେଶ ପରେ ଖଣି ବିଭାଗର ଚଢ଼ଉ

**ଦୋବଲ, ୨୧।୩(ସମିସ):** ଧାମନଗର ତହସିଲ ଅଧୀନ ଆନନ୍ଦପୁର ପଞ୍ଚାୟତର ୨ଟି ସ୍ଥାନରେ ବୈତରଣୀ ନଦୀରୁ ବେଆଇନ ଭାବେ ବାଲି ଚାଲାଣର ତଦନ୍ତ ପାଇଁ ବୁଧବାର ନେସନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ବା ଜାତୀୟ ସବୁଜ ପ୍ରାଧିକରଣ ନିର୍ଦ୍ଦେଶ ଦେବା ପରେ ଆଜି ୫ଟା ସମୟରେ ଖଣି ବିଭାଗ ଆନନ୍ଦପୁର ଘାଟରେ ପହଞ୍ଚି ଚଢ଼ଉ ସହ ତଦନ୍ତ ମଧ୍ୟ କରିଛନ୍ତି। ପ୍ରକାଶ ଥାଉକି ଆନନ୍ଦପୁର ସ୍ଥିତ ବୈତରଣୀ ନଦୀରେ ବିଭିନ୍ନ ବେଆଇନ ଘାଟ କରି ବାଲିଚୋରି ହେଉଥିଲା। ଏ ନେଇ ସ୍ଥାନୀୟ ଲୋକ ବାରମ୍ବାର ଅଭିଯୋଗ କରିବି କୌଣସି ସୁଫଳ ପାଇ ପାରିନଥିଲେ। ଏପରିକି ଉକ୍ତ ଘାଟରେ ମଧ୍ୟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ୧୪୪ ଧାରାଜାରି ମଧ୍ୟ କରାଯାଇଥିଲା ତାହାକୁ ମଧ୍ୟ ବାଲିମାଫିଆ ମାନେ ମାନିନଥିଲେ। ପରେ ବାଲି ଚୋରି ଓ ଚୋରାଚାଲାଣ। ପାଇ ଏନ୍‌ଜିଟିର ତଦନ୍ତ କରିବା ଲାଗି ଏକ କମିଟି ମଧ୍ୟ ଗଠନ କରାଯାଇ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପାଇଁ ଗଠନ ହୋଇଥିବା କମିଟିରେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ ଓ ଭଦ୍ରକ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ବା ଏଡିଏମ୍ ପାହ୍ୟାର ଜଣେ ଅଧିକାରୀ ଏହି ଟିମରେ ରହିବେ ବୋଲି ଟ୍ରିବ୍ୟୁନାଲ କହିଛନ୍ତି। ତେବେ ଏହି ଖବର ବିଭିନ୍ନ ଗଣ ମାଧ୍ୟମରେ ପ୍ରକାଶ ପାଇବା ପରେ ଆଜି ଖଣି ବିଭାଗର ଅଧିକାରୀ ଅନିଲ ଦାସ, ସୋଧ ଆରଆଇ ଟୁଲ୍‌ବୁଲ ସିଂ, ଧାମନଗର ଥାନାର କର୍ମଚାରୀ ପ୍ରମୁଖ ଆଜି ସନ୍ଧ୍ୟ ୫ଟା ବେଳେ ପହଞ୍ଚି ଘଟଣା ତଦନ୍ତ ଆରମ୍ଭ କରିଛନ୍ତି।



## ଯାତାୟତର ପଥ ପାଲଟିଛି ଭଙ୍ଗାପୋଲ ଓ କଚ୍ଚା ରାସ୍ତା

**ବାରିକପୁର, ୨୧।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ବୋଧପଡ଼ା ଗାଁଟି ଦୀର୍ଘ ବର୍ଷ ହେବ ଗମନାଗମନ କାରଣରୁ ଅବହେଳିତ ଅବସ୍ଥାରେ ରହିଛି। ଗାଁର ଲୋକ ସଂଖ୍ୟା ପ୍ରାୟ ୬୦୦ରୁ ଅଧିକ ହୋଇଥିବା ବେଳେ ଗମନାଗମନ ପାଇଁ ଥିବା ପ୍ରମୁଖ କଚ୍ଚା ରାସ୍ତାଟି ଦୀର୍ଘଦିନ ହେବ ନିର୍ମାଣ ହୋଇପାରୁନାହିଁ। ବେଲଗଡ଼ିଆ ପଟୁ ଯଦିଓ ଗାଁକୁ କେହି ମିଟର କଂକ୍ରିଟ ନିର୍ମାଣ ହୋଇଛି କଣ୍ଟି ପଟରୁ ଗାଁକୁ ସଂଯୋଗ କରୁଥିବା ରାସ୍ତାଟି ଆଜି ବି ସୁଦ୍ଧା ମାଟି ମୋରମ ନିର୍ମାଣରେ ସୀମିତ ରହିଛି। ଅସରାଏ ବର୍ଷା ହେଲେ ଗାଁ ଲୋକେ ସାଇକେଲ କିମ୍ବା ମୋଟର ସାଇକଲରେ ରାସ୍ତା ପାରିହୋଇ ମୁଖ୍ୟରାସ୍ତାକୁ ଆସିବା କଷ୍ଟକର ହୋଇପଡୁଛି। ଏପରିକି ରାସ୍ତା ମୁଣ୍ଡ ଡ୍ରେନେଜ ନାଳ ଉପରେ ଦୀର୍ଘ ବର୍ଷ ହେବ ନିର୍ମାଣ ହୋଇଥିବା ପାଦ ଚଲା ଭଗ୍ନ ପକ୍କା ପୋଲଟି ଅନେକ ଦିନ ହେବ ନଷ୍ଟ ହୋଇଗଲାଣି। ଏହାର ଗୋଟିଏ ପାର୍ଶ୍ୱ ଦବିଯାଇଥିବା ବେଳେ ଗ୍ରାମବାସୀ ଏହା ଉପରେ ଯିବା ପାଇଁ ଆଉ ସୁରକ୍ଷିତ ମଣୁନାହାନ୍ତି। ଗାଁର ମୁଖ୍ୟ ରାସ୍ତାକୁ ପକ୍କା ନିର୍ମାଣ ଓ ଡ୍ରେନେଜ ନାଳ ଉପରେ ପୋଲ ଖଣ୍ଡେ ପାଇଁ ଗ୍ରାମବାସୀ ନିର୍ବାଚିତ ପ୍ରତିନିଧି ଓ ପ୍ରଶାସନ ନିକଟରେ ବାରମ୍ବାର ଦାବି କରିଛନ୍ତି। ପରିତାପର ବିଷୟ ଅମଲା ବିଭାଗର ଅବ୍ୟବସ୍ଥା ହେଉ କିମ୍ବା ନିର୍ବାଚିତ ପ୍ରତିନିଧିଙ୍କ ଅପାରଗତା ହେଉ ଯେଉଁଥିପାଇଁ ଗାଁ ମୁଖ୍ୟ ରାସ୍ତାଟି ଆଜି ଯାଏଁ ପକ୍କା ନିର୍ମାଣ ହୋଇନାହିଁ। ତେଣୁ ଗମନାଗମନକୁ ନେଇ ଗ୍ରାମବାସୀ ମାନେ କ୍ଷୋଭ ପ୍ରକାଶ କରିଥିବା ବେଳେ ଆଗାମୀ ସାଧାରଣ ନିର୍ବାଚନରେ ସମୂହ ଭୋଟ ବର୍ଜନ କରିବାକୁ ନିଷ୍ପତି ନେଇଥିବା ଜଣାଇଛନ୍ତି।



## ପେଶା ଓକିଲାତି; ନିଶା ଚାରାରୋପଣ

**ବନ୍ତ/ଆଗରପଡ଼ା, ୨୧।୩(ସମିସ):** ବୃକ୍ଷହିଁ ଜୀବନ। ବୃକ୍ଷ ବିନା ଏକ ସୁସ୍ଥ ଓ ସୁନ୍ଦର ପରିବେଶ ବଞ୍ଚିବା ଅସମ୍ଭବ। ଏହାକୁ ଜୀବନର ମନ୍ତ୍ର କରି ସବୁଜ ବନାନୀ ସୃଷ୍ଟି ଲକ୍ଷ୍ୟରେ ଅଗ୍ରସର ହୋଇଛନ୍ତି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଇଟୁଆ ଗ୍ରାମର ଉଦ୍ୟମୀ ଯୁବକ ସୁରେନ୍ଦ୍ର କର। ଶ୍ରୀ କର ପେଶାରେ ଜଣେ ଆଇନଜୀବୀ ହୋଇ ଥିଲେ ମଧ୍ୟ ନିଶା ତାଙ୍କର ଚାରାରୋପଣ। ଗ୍ରାମର ଉଦ୍ୟମୀ ଯୁବକଙ୍କୁ ନେଇ 'ଟ୍ରୀ ଫ୍ୟାମିଲି ଭଦ୍ରକ' ନାମରେ ଏକ ସଂଗଠନ କରି ପ୍ରଥମେ ନିଜର ଗ୍ରାମ ଇଟୁଆରୁ ଏହାର ଶୁଭାରମ୍ଭ କରି ପରେ ଜିଲ୍ଲା ଓ ପାର୍ଶ୍ୱବର୍ତୀ ବାଲେଶ୍ୱର ଜିଲ୍ଲାରେ ଚାରାମାନ ରୋପଣ କରୁଛନ୍ତି। ବାର୍ଷିକ ଏକହଜାର ଚାରାରୋପଣ ସହ ଚାରାବଣ୍ଟନ କରାଯାଉଥିବାର ସେ ପ୍ରକାଶ କରନ୍ତି। ପ୍ରଥମେ ନିଜ ଗ୍ରାମରେ ୨୦୧୪ମସିହାରେ ଏହାର ଶୁଭାରମ୍ଭ କରିଥିଲେ। ପରେ ନିଜ ଅଞ୍ଚଳରେ ଥିବା ଇଟୁଆ, ତେଲନଟୀ, ଚାରିଗାଁ, ଚକ୍ରାପାଢ଼ୀ, ବିଷ୍ଣୁପୁର ଆଦି ବିଭିନ୍ନ ଗ୍ରାମ୍ୟ ରାସ୍ତା, ବିଦ୍ୟାଳୟ, ମନ୍ଦିର ପରିସରରେ ଚାରାରୋପଣ ସହ ତାହା ଉପଯୁକ୍ତ ଯତ୍ନ ନେଉଥିଲେ। ଟ୍ରି ଫ୍ୟାମିଲିର ସଦସ୍ୟ ମାନେ ଉପଯୁକ୍ତ ସ୍ଥାନରେ ରୋପଣ କରାଯାଇଥିବା ଚାରାକୁ ପଶୁଙ୍କ ସହ ଦୈବ ଦୁର୍ଘଟଣାରୁ ରକ୍ଷା କରିବା ପାଇଁ ବାଇଁଷ ତାଟିର ବ୍ୟବସ୍ଥା ସହ ଉପଯୁକ୍ତ ଯତ୍ନ ନେଉଛନ୍ତି। ରାସ୍ତା, ନଦୀତଟ, କେନାଲ ବନ୍ଧ, ଆଉ ଫାଙ୍କା ପଡ଼ିଆରେ କଦମ୍ବ, ଆକାଶିଆ, କୃଷ୍ଣଚୂଡ଼ା, ରାଧାଚୂଡ଼ା, ବଉଳ ଆଦି ଚାରା ଲଗାଇଛନ୍ତି। ଏଥିସହ ବିଭିନ୍ନ ସୁରକ୍ଷିତ ସ୍ଥାନରେ ଫଳ ଆମ୍ବ, ପିଜୁଳି, ଲେମ୍ବୁ, ସହ ବିଭିନ୍ନ ଔଷଧୀୟ ବୃକ୍ଷ ମଧ୍ୟ ରୋପଣ କରିଛନ୍ତି। ଏହି ଚାରାରୋପଣ ଧାର ଜୀବନର ଶେଷ ପର୍ଯ୍ୟନ୍ତ ଜାରି ରହିବ ବୋଲି ଟ୍ରି ଫ୍ୟାମିଲିର ସଦସ୍ୟ ଓ ଶ୍ରୀ କର ପ୍ରକାଶ କରିଛନ୍ତି।



## ମୁଣ୍ଡରେ ବନ୍ଧୁକ ଲଗାଇ ଲୁଟିନେଲେ ୨.୫ ଲକ୍ଷ ଟଙ୍କା

**ଭଦ୍ରକ, ୨୧।୩(ସମିସ):** ଭାଦ୍ରକ ଜିଲ୍ଲା ଧାମରା ନିକଟସ୍ଥ କଇଥଖୋଲା ଠାରେ ଆଜି ସେକ୍ ହବିବୁଲାଙ୍କ ଘରେ ଡକାୟତି ହୋଇଥିବା ସୂଚନା ପୁଲିସର ହସ୍ତଗତ ହୋଇଛି। ପ୍ରାପ୍ତ ଖବରରୁ ଜଣାଯାଇଛି ଆଜି ରାତ୍ର ୮ଟା ସମୟରେ କଇଥିଖୋଲା ଠାରେ ଥିବା ସେକ ହବିବୁଲାଙ୍କ ବାସସ୍ଥାନରେ ତାଙ୍କ ପତ୍ନୀ ଓ ପୁଅ ରହିଥିବା ସମୟରେ ୨ଟି ବାଇକ୍‌ରେ ୩ଜଣ ଆସି ହବିବୁଲାଙ୍କ ଘରକୁ ଯାଇ ତାଙ୍କ ପତ୍ନୀଙ୍କ ମୁଣ୍ଡରେ ରିଭଲଭର ଲଗାଇ ଆଲମିରାରେ ଥିବା ୨.୫ ଲକ୍ଷ ଟଙ୍କା ଏବଂ ତାଙ୍କ ପତ୍ନୀଙ୍କ ଦେହରେ ଥିବା ସମସ୍ତ ଗହଣା ନେଇ ପଳାଇଯାଇଥିଲେ। ଏହି ସମୟରେ ହବିବୁଲୁ ନିକଟସ ମସ୍‌ଜିଦକୁ ନମାଜ ପଢ଼ିବାକୁ ଯାଇଥିଲେ। ପରେ ଆସି ଦେଖିବା ପରେ ଧାମରା ଥାନାକୁ ଖବର ଦେଇଥିଲେ। ଧାମରା ପୁଲିସ, ଧାମରା ମେରାଇନ ପୁଲିସ୍ ଏବଂ ବାଂଶଡା ଥାନାକୁ ଖବର ଦେଇଥିଲେ ମଧ୍ୟ କୌଣସି ଠାରେ ପୁଲିସକୁ କୌଣସି ସୂଚନା ମିଳି ନଥିଲା। ହବିବୁଲାଙ୍କ ଘରେ ଲାଗିଥିବା ସିସିଟିଭି କ୍ୟାମରାକୁ ପୁଲିସ ଦେଖି ଅପରାଧ ଘଟାଇଥିବା ଡକାୟତଙ୍କ ସୂଚନା ଖୋଜୁଥିବା ବେଳେ କୌଣସି ସୂଚନା ମିଳିପାରିନାହିଁ।

## ଭଲ ଦିଶିବାକୁ ଅପରେସନ କରି ଦୃଷ୍ଟିଶକ୍ତି ହରେଇଲେ ଗୟାଧର

**ଭଦ୍ରକ, ୨୧।୩(ସମିସ):** ଆଖିକୁ ଭଲ ଦିଶୁ ନଥିଲା। ଝାପସା ଝାପସା ଦେଖାଯିବାରୁ ଭଲ ହେବା ଆଶାରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଅସ୍ତ୍ରୋପଚାର ହେବା ପରେ ଜଣେ ଆର୍ଥିକ ଅନଗ୍ରସର ବ୍ୟକ୍ତି ଦୃଷ୍ଟି ଶକ୍ତି ହରାଇଥିବା ନେଇ ଅଭିଯୋଗ କରିଛନ୍ତି। ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ବନ୍ଧାଳ-ମଢ଼ିଆଳି ପଞ୍ଚାୟତ ନମକଣା ଗ୍ରାମର ୬୦ ବର୍ଷୀୟ ଗୟାଧର ମହାନ୍ତିଙ୍କୁ ଝାପସା ଝାପସା ଦେଖାଯାଉଥିଲା। ସେ ଗତ ସେପ୍ଟେମ୍ବର ୨୭ ତାରିଖରେ କଟକ ବଡ଼ ଡାକ୍ତରଖାନାର ଚକ୍ଷୁ ବିଭାଗ ବର୍ହି ବିଭାଗରେ ଚିକିତ୍ସା ପାଇଁ ଦେଖାଇବା ପରେ ତାଙ୍କ ବାମ ଆଖିରେ ଅସ୍ତ୍ରୋପଚାର ପାଇଁ ଡାକ୍ତର ପରାମର୍ଶ ଦେବା ସହ ଅକ୍ଟୋବର ୫ ତାରିଖରେ ଅସ୍ତ୍ରୋପଚାର କରାଯାଇଥିଲା। ମାତ୍ର କିଛିଦିନ ପରେ ବାମ ଆଖିକୁ ଆଉ ଦେଖାଯାଉନଥିବା ବେଳେ ଏହା ପ୍ରଭାବରେ ଡାହାଣ ପାଖ ଆଖିକୁ ମଧ୍ୟ ଝାପସା ଦେଖାଯାଉଛି। ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ଗୟାଧର ଏପରି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଛନ୍ତି। ବାରମ୍ବାର ସମ୍ପୃକ୍ତ ଚିକିତ୍ସାକାରୀ ଡାକ୍ତରଙ୍କ ପାଖକୁ ଯାଇ ନିରାଶ ହେବା ସହ ମାନସିକ ଭାବେ ଅବସାଦ ହୋଇପଡ଼ିଛନ୍ତି। ଏହାପରେ ଗତବର୍ଷ ମାର୍ଚ୍ଚ ୧୩ ତାରିଖରେ ଗୟାଧର କଟକ ଏସ୍‌ସିବି ମେଡିକାଲର ଅଧୀକ୍ଷକଙ୍କୁ ଭେଟି ନିଜ ଦୁର୍ଦ୍ଦଶା ସମ୍ପର୍କରେ ଜଣାଇବା ପରେ ଅଧୀକ୍ଷକ ସଂପୃକ୍ତ ଡାକ୍ତରଙ୍କୁ ପରବର୍ତ୍ତୀ ଚିକିତ୍ସା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସମ୍ପୃକ୍ତ ଡାକ୍ତର ଗୟାଧରଙ୍କୁ ଆଉ ଧରା ଛୁଆଁ ଦେଇନଥିଲେ ବୋଲି ଗୟାଧର ଅଭିଯୋଗ କରିଛନ୍ତି। ଆର୍ଥିକ ଅବସ୍ଥା ଖରାପ ଯୋଗୁ ଓ ବିଶେଷ ଭାବେ ଜମିବାଡ଼ି ନଥିବାରୁ ନିଜର ପାଞ୍ଚପ୍ରାଣୀ କୁଟୁମ୍ବକୁ ପୋଷିବା ପାଇଁ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଗୟାଧର ଆଉ ଦେଖାଯାଉନଥିବାରୁ ଓ ଆଖିରେ ଯନ୍ତ୍ରଣା ହେଉଥିବାରୁ କାମକାର୍ଯ୍ୟ କରିପାରୁନାହାନ୍ତି। ଫଳରେ ପରିବାରର ଦୁର୍ଦ୍ଦଶା ବଢ଼ିଯାଇଛି। ଗୟାଧରଙ୍କ ଏପରି ଦୁର୍ଦ୍ଦଶା ବେଳେ ପ୍ରଶାସନ ସାହାଯ୍ୟ ଯୋଗାଇଦେବା ସହ ତାଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇଦେବାକୁ ଗୟାଧର ଭଦ୍ରକ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ମାନବିକ ଅଧିକାର କମିଶନ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।



ଭୂମିହୀନ ପରିବାରକୁ ଉଚ୍ଛେଦ ଉଦ୍ୟମ

# ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ମହିଳା

**ଭଦ୍ରକ, ୨୧।୩ (ସମିସ)**

ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ ଧରି ଘର କରି ରହିଥିବା ଚରମ୍ପା ମୌଜାର ବାଘମରା ଗାଁର ଭୂମିହୀନ ପରିବାର ଏବେ ଷଡ଼ଯନ୍ତ୍ରର ଶିକାର ହୋଇଛନ୍ତି। କେତେକ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ସେମାନଙ୍କୁ ସେଠାରୁ ଉଠାଇ ଦେବା ପାଇଁ ଚକ୍ରାନ୍ତ କରୁଥିବାର ଅଭିଯୋଗ ନେଇ ଭୂମିହୀନ ପରିବାରର ମହିଳାମାନେ ଆଜି ଜିଲ୍ଲାପାଳଙ୍କୁ ଭେଟି ଏକ ନିବେଦନ ପତ୍ର ଦେଇଛନ୍ତି। ଏହି ପତ୍ରରେ ଦର୍ଶାଯାଇଛି ଯେ ୩୦ ବର୍ଷରୁ ଉର୍ଦ୍ଧ ଧରି ବାଘମରା ଅଞ୍ଚଳର ଗୋଚର ଅନାବାଦୀ ପ୍ଲଟରେ ଏହି ୩୦ ଗୋଟି ଭୂମିହୀନ ପରିବାରମାନେ ରହୁଥିଲେ। ଏମାନେ ସବୁ ଆଦିବାସୀ, ହରିଜନ, ଖଣ୍ଡାୟତ, ଗୋପାଳ, ବଢ଼େଇ ଶ୍ରେଣୀର ସମସ୍ତେ ମୂଳ ମଜୁରୀ ଲାଗି ପରିବାର ପ୍ରତିପୋଷଣ କରିଥାନ୍ତି। ଏହା ବ୍ୟତିତ ଚରମ୍ପା ରାଜସ୍ୱ ନିରୀକ୍ଷକଙ୍କୁ ପୂର୍ବରୁ ଏନ୍‌କ୍ରୋଚ୍‌ମେଣ୍ଟ ଫି ଦେଇ ଆସୁଥିଲେ। କିନ୍ତୁ ଏବେ ଏହା ବନ୍ଦ ଅଛି। ଏମାନେ ରହୁଥିବା ଘର ପଛପଟ ଜମି ଚକଜମି ଓ ଚାଷଜମି ହୋଇଥିବାରୁ ଏବେ ସେହି ପ୍ଲଟକୁ ଯିବା ପାଇଁ ରାସ୍ତା ଥିଲେ ବି ଜମି ମାଲିକମାନେ ଉଠାଇ ଦେବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ପ୍ରଶାସନ ତରଫରୁ ଏହି ଭୂମିହୀନ ପରିବାରଙ୍କୁ ବିଜୁଳିବତୀ, ପାଇଖାନା, ପାଣି ନିଷ୍କାସନ ପାଇଁ ନାଳ, ନଳକୂପ ଓ ଇନ୍ଦିରା ଆବାସ ଯୋଜନାରେ ବାସଗୃହ ମିଳିଛି। ବହୁ ପୂର୍ବରୁ ଭୂମିହୀନ ପରିବାରମାନେ ସରକାରୀ ଯୋଜନାରେ ୪ ଡେସିମିଲ୍ ଯାଗା ଯୋଗାଇ ଦେବାପାଇଁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ୍ୟ ଆଜିଯାଏଁ ମିଳିପାରିନାହିଁ। ଏଭଳି ପରିସ୍ଥିତିରେ ଭଦ୍ରକ ତହସିଲଦାରଙ୍କ ଦ୍ୱାରା ସର୍ଜମିନ ତଦନ୍ତ କରାଇ ସମସ୍ୟାର ସମାଧନ କରାଇଲେ ଆମେ ୩୦ ଗୋଟି ପରିବାର ଚିରଉପକୃତ ହେବୁ ବୋଲି ଜିଲ୍ଲା ପ୍ରଶାସନକୁ ହିରା ନାୟକ, ଝୁନୁ ପାତ୍ର, ଉର୍ମିଳା ପାତ୍ର, କାଞ୍ଚନ ପାତ୍ର, ବାସନ୍ତି ଚୌଧୁରୀ, ଶ୍ରୀମତୀ ବେହେରା, ସନ୍ଧ୍ୟାରାଣୀ ବେହେରା, ପୂଜା ବେହେରା, ଶୁଭଦ୍ରା ବେହେରା, ସୋମା ହେମ୍ବ୍ରମ୍, ମାମା ହେମ୍ବ୍ରମ୍, କୁନ୍‌ମୁନ୍ ସିଂ, ଲିସା ବେହେରା ପ୍ରମୁଖ ମହିଳାମାନେ ଜିଲ୍ଲା ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।



## ଭଦ୍ରକ ଆଇଏମ୍‌ଏର ଡାଇବେଟିସ ସେମିନାର

**ଭଦ୍ରକ, ୨୧।୩(ସମିସ):** ଇଣ୍ଡିଆନ ମେଡିକାଲ ଆସୋସିଏସନ ଭଦ୍ରକ ଶାଖା ଦ୍ୱାରା ମଧୁମେହ ଯତ୍ନରେ ଆଧୁନିକ ଇନ୍‌ସୁଲିନର ଭୂମିକା ଉପରେ ସେମିନାର କରାଯାଇଥିଲା। ଏହି ସେମିନାରକୁ ଆୟୋଜକ ନୋଭୋ ନୋରଡିସ୍କ କମ୍ପାନୀ ହୋଟେଲ ଓରିୟନରେ ଆୟୋଜନ କରିଥିଲେ। ଆଲୋଚନାଚକ୍ରରେ ଭଦ୍ରକ ଆଇଏମ୍‌ଏର ସଂପାଦକ ଓ ବକ୍ତା ଡାକ୍ତର ରଣଜିତ ଖଟୁଆ ମଧୁମେହ ରୋଗରେ ପୀଡ଼ିତ ରୋଗୀଙ୍କ ନିରାକରଣ ଓ ଚିକିତ୍ସା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଡାଇବେଟିସ ଲକ୍ଷଣ ଦେଖାଦେଲେ ଭୟ କିମ୍ବା ଭ୍ରାନ୍ତିମୂଳକ ଧାରଣାରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ। ପ୍ରଥମେ ମେଡିସିନ ବ୍ୟବହାର କରିବା ପରେ ଇନସୁଲିନ ବ୍ୟବହାର କଲେ, ରୋଗୀ ସୁସ୍ଥ ହେବା କମ ମନରେ ଭୟ ଧାରଣା ସଂପୂର୍ଣ୍ଣ ଭୁଲ ବୋଲି ଡାକ୍ତର ଖଟୁଆ କହିଥିଲେ। ମଧୁମେହ ଯତ୍ନରେ ଆଧୁନିକ ଇନସୁଲିନ ବ୍ୟବହାର କରୁଥିଲେ ମଧ୍ୟ ପୁନର୍ବାର ମେଡିସିନ ବ୍ୟବହାର କରିପାରିବେ ବୋଲି ପରାମର୍ଶ ଦେଇଥିଲେ। ଜୀବନଚର୍ଯ୍ୟାରେ ଫଳ, ସବୁଜ ପରିବା, ଯୋଗ, ବ୍ୟାୟମ ଓ ଖାଦ୍ୟ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବାକୁ ଭଦ୍ରକ ଆଇଏମଏ ସଭାପତି ବରିଷ୍ଠ ଭେଷଜ ଡାକ୍ତର ରବୀନ୍ଦ୍ର କୁମାର ନାୟକ ଆଲୋଚନାରେ ଭାଗନେଇ ପରାମର୍ଶ ଦେଇଥିଲେ। ଲୋକଙ୍କୁ ଭୟ ନକରିବା ଓ ଆଧୁନିକ ଇନସୁଲିନ ବ୍ୟବହାର ଦ୍ୱାରା ସଚେତନ କିପରି ହୋଇପାରିବେ ତାହା ଉପରେ ଭଦ୍ରକ ଆଇଏମଏର ପୂର୍ବତନ ସଂପାଦକ ଓ ଉପଦେଷ୍ଟା ବରିଷ୍ଠ ଡାକ୍ତର ହରେକୃଷ୍ଣ ନାୟକ ବକ୍ତବ୍ୟରେ ଡାକ୍ତର ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଆଲୋଚନାଚକ୍ରରେ ଡାକ୍ତର ନିର୍ମଳ ଚନ୍ଦ୍ର ପଣ୍ଡା, ଡାକ୍ତର ପ୍ରଫୁଲ୍ଲ କୁମାର ଘଡାଇ, ଡାକ୍ତର ଦେବରାଜ ପାଣିଗ୍ରାହୀ, ଡାକ୍ତର ଦୀପ୍ତିମୂର୍ତ୍ତି ପଣ୍ଡା, ଡାକ୍ତର ଧନଞ୍ଜୟ ପଣ୍ଡା, ଡାକ୍ତର ଭାଗ୍ୟଶ୍ରୀ ପଣ୍ଡା, ଡାକ୍ତର କାହ୍ନୁଚରଣ ପତି, ଡାକ୍ତର ଦୀପଙ୍କର ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ।



ବିତଳକୁ ଆଲିଙ୍ଗନ କରି ଜାହ୍ନବୀ ଶୋଭନ, ହରେ ସୁରବର ତାପ ଚାରୁ ଧାରା ସେ।
ବହେ ମକର କେତନ ଉଚ୍ଛନ୍ନ ରତି ସମାନ ପୂରିତ ହୋଇଛି ପୁଣି ଅଶେଷ ରସେ।
ବିଦ୍ୟ ହୈମବତୀ ପଦରେ, ବିଷକଣ୍ଠ ତୋଷ ଦାନୀ ବେନି ମତରେ।
-କବିସମ୍ରାଟ ଉପେନ୍ଦ୍ର ଭଞ୍ଜ(ବୈଦେହୀଶ ବିଳାସ)



ସକାଳ
THE SAKALA

# ବେଙ୍ଗାଲୁରୁ ଜଳସଙ୍କଟରୁ ଶିକ୍ଷା

କିଛି ସଙ୍କଟକୁ ସର୍ବଦା ସ୍ଥାନୀୟ ଭାବେ ଦେଖି ହୁଏ ନାହିଁ; ଏହାସହିତ ଗୋଟିଏ ଦେଶର ଓ ଏହାର ଲୋକଙ୍କର ଭାଗ୍ୟ ତଥା ଭବିଷ୍ୟତ ପରୋକ୍ଷ ଭାବେ ଯୋଡ଼ି ହୋଇଯାଏ। ବେଙ୍ଗାଲୁରୁର ସାମ୍ପ୍ରତିକ ଜଳ ସଙ୍କଟ ସେମିତି ଏକ ସମସ୍ୟା, ଯାହା ଦେଶର ପଞ୍ଚମ ମହାନଗରୀ ତଥା ଆଇଟି ଉଦ୍ୟୋଗର ରାଜଧାନୀକୁ ବିଶେଷ ଭାବେ ପ୍ରଭାବିତ କରିଛି। ଜଳାଭାବ ଯୋଗୁଁ ସବୁଠୁ ଅଧିକ ପ୍ରଭାବିତ ହୋଇଛି ବେଙ୍ଗାଲୁରୁର ଇଲେକ୍‌ଟ୍ରୋନିକ୍ସ ନଗର। ବହୁ ଦେଶୀ, ବିଦେଶୀ ପ୍ରତିଷ୍ଠିତ କମ୍ପାନୀ ଜଳାଭାବ କାରଣରୁ ସେମାନଙ୍କର କାର୍ଯ୍ୟାଳୟ ବନ୍ଦ କରି କର୍ମଚାରୀଙ୍କୁ ଘରୁ କାମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନେକ ଲୋକ ନିଜର ଘରେ ତାଲା ଲଗାଇ ନିଜ ନିଜ ଗାଁ ଓ ରାଜ୍ୟକୁ ମଧ୍ୟ ପଳାୟନ କରୁଛନ୍ତି। ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବାହ ପର୍ଯ୍ୟନ୍ତ ଏହି ଜଳ ସଙ୍କଟ ସେଠାରେ ଲାଗି ରହିବ ଏବଂ ଆଗକୁ ସେଠାକାର ପରିସ୍ଥିତି ଆହୁରି ଉତ୍କଟ ହେବ ବୋଲି ଅନୁମାନ କରାଯାଉଛି।

ଦେଶର ମହାନଗରୀ ଓ ନଗରୀଗୁଡ଼ିକ ଭାରତର ଅଭିବୃଦ୍ଧିର କେନ୍ଦ୍ର। ଏହା କୋଟି କୋଟି ଲୋକଙ୍କୁ ରୋଜଗାର ଦେବା ସହିତ ଦେଶର ଅର୍ଥନୈତିକ ଓ ଔଦ୍ୟୋଗିକ ବିକାଶ ପ୍ରକ୍ରିୟାରେ ଉଲ୍ଲେଖନୀୟ ଅବଦାନ ରଖିଥା'ନ୍ତି। ସବୁଠୁ ବଡ଼ କଥା ହେଲା ବେଙ୍ଗାଲୁରୁ କେବଳ ଭାରତର ମୁଖ୍ୟ 'ଟେକ୍ ନଗରୀ' ନୁହେଁ, ଏହା ଦେଶର ସବୁଠୁ ଦ୍ରୁତ ବିକଶିତ ଏକ ବିବିଧ ଆର୍ଥିକ ଓ ବୈଷୟିକ ସହର। କୋଲକାତା ଓ ମୁମ୍ବଇକୁ କେତେକାଂଶରେ ବାଦ ଦେଲେ ଆମ ଦେଶର ଅନ୍ୟ ସମସ୍ତ ମହାନଗର ଓ ଅତି ବଡ଼ ବଡ଼ ସହରରେ ଜଳକଷ୍ଟ ଅତି ଉତ୍କଟ। ଚେନ୍ନାଇ, ଦିଲ୍ଲୀ, ବେଙ୍ଗାଲୁରୁ, ପୁଣେ, ଅହମ୍ମଦାବାଦ, ଗୁରୁଗ୍ରାମ, ହାଇଦ୍ରାବାଦ, ବିଶାଖାପାଟଣା, ଭୁବନେଶ୍ୱର ଆଦି ମେଟ୍ରୋ ପଲିଟାନ୍ ଏବଂ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ସହରରେ ମଧ୍ୟ ଜଳ ସଙ୍କଟ ରହିଛି। ତେବେ ବେଙ୍ଗାଲୁରୁର ସମସ୍ୟା ଟିକେ ଭିନ୍ନ। ଏହି ନଗରୀର ଜଳଯୋଗାଣ ବ୍ୟବସ୍ଥା ଏକଦା ଶତାଧିକ ହ୍ରଦ ଓ ବଡ଼ ବଡ଼ ସରୋବର ଉପରେ ନିର୍ଭର କରୁଥିଲା। କାବିନି ଓ କାବେରୀ ଡ୍ୟାମ୍‌ରୁ ପାଇପ୍ ଯୋଗେ ବହୁ ଦୂରରୁ ପାଣି ଅଣାଯାଇ ସହରକୁ ଯୋଗାଇ ଦିଆଯାଉଥିଲା। ପରିତାପର ବିଷୟ ହେଲା ନଦୀ ନଥିବା ଏହି ସହର ବିଗତ କେଇ ବର୍ଷ ଧରି ଅସମ୍ଭବ ଭାବେ ଉଭୟ ଅନୁପ୍ରସ୍ଥ (ହୋରାଇଜେଣ୍ଟାଲ) ଓ ଉଲମ୍ବ (ଭର୍ଟିକାଲ) ଆକାରରେ ବଢୁଛି। ବୃହତ୍ ବେଙ୍ଗାଲୁରୁ ନଗରପାଳିକାର କାୟା ବୃଦ୍ଧି ପ୍ରତିବର୍ଷ ଘଟି ନଗର ଉପାନ୍ତ ଶହ ଶହ ଗ୍ରାମକୁ ଏଥିରେ ସାମିଲ କରାଯାଉଛି। ବିଲଡର ଓ ବ୍ୟକ୍ତିଗତ ଲୋକ ସେଠାରେ ଯାଗା କିଣି ଆକାଶଚୁମ୍ବୀ ଅଟ୍ଟାଳିକା ଓ ଭବନମାନ ନିର୍ମାଣ କରୁଛନ୍ତି। ଜଳାଶୟ, ଆର୍ଦ୍ରଭୂମି ଆଦିକୁ ଅବିଚାରିତ ଭାବେ ପୋତି ଘର ଓ ବ୍ୟବସାୟ ପ୍ରତିଷ୍ଠାନ କରାଯାଉଛି। ପ୍ରାକୃତିକ ଝରଣା ଓ ଜଳାଶୟଗୁଡ଼ିକ ସହରୀ ଆବର୍ଜନାରେ ପୋତି ହୋଇ ଶୁଖିଯାଉଛି। ଏ ବର୍ଷ ଦକ୍ଷିଣ କର୍ଣ୍ଣାଟକରେ ପଡ଼ିଥିବା ମରୁଡ଼ି ପରିସ୍ଥିତିକୁ ଅଧିକ ଜଟିଳ କରିଛି।

ପଚାଶ ବର୍ଗ କିମି ପରିମିତ ଅଞ୍ଚଳରେ ଏକ କୋଟିରୁ ଅଧିକ ଲୋକ ବସବାସ କରିବା ଏବଂ ନଭଶ୍ଚୁମ୍ବୀ ଅଟ୍ଟାଳିକାମାନ ଗଢ଼ି ଉଠିବା ଫଳରେ ଭୂତଳ ଜଳସ୍ତର ବିପଜ୍ଜନକ ଭାବେ ହ୍ରାସ ପାଇବା ସ୍ୱାଭାବିକ। ସହରରେ ଭୂତଳ ଜଳର ପୁନଃକ୍ଷରଣ ବ୍ୟବସ୍ଥା ନାହିଁ। ତେଣୁ ପରିସ୍ଥିତି ଅଣାୟତ୍ତ ହେବା ସ୍ୱାଭାବିକ। ଏହା ଏକ ମନୁଷ୍ୟକୃତ ବିପତ୍ତି। ନଗର ପ୍ରଶାସନ ଓ ସରକାରଙ୍କ ଦୂରଦୃଷ୍ଟି ଏବଂ ଯୋଜନାର ଅଭାବ ଏହାର ମୁଖ୍ୟ କାରଣ। ଏହି ସହରରେ ଏକଦା ୨୬୨ ପ୍ରାକୃତିକ ହ୍ରଦ ଥିଲା। ମାତ୍ର ଛଅ ଦଶନ୍ଧି ମଧ୍ୟରେ ଏହାର ସଂଖ୍ୟା ୮୧ କୁ କମିଆସିଛି। ନଗରୀରେ ଜଳ ବଣ୍ଟନ, ପରିଚାଳନା, ବର୍ଜ୍ୟଜଳର ପୁନଃ ବ୍ୟବହାର, ଜଳ ଯୋଗାଣ ବ୍ୟବସ୍ଥା ବାଟବଣା ହୋଇଯାଇଛି। ଜନସଂଖ୍ୟାର ଚାପ ଏହାକୁ ଉତ୍କଟ କରିଛି। ୨୦୩୧ ବେଳକୁ ବେଙ୍ଗାଲୁରୁର ଜନସଂଖ୍ୟା ୨୦.୩ ନିୟୁତରେ ପହଞ୍ଚିବ। ଜଳ ଉତ୍ସ ନଥିବା ନଗରୀର ଅବସ୍ଥା ସେତେବେଳେ କ'ଣ ହେବ, ତାହା ଚିନ୍ତାର ବିଷୟ। ଦକ୍ଷିଣ ଆଫ୍ରିକାର ଡରବାନ ପରେ ଏହା ବିଶ୍ୱର ଦ୍ୱିତୀୟ ନଗରୀ, ଯେଉଁଠି ଭୂତଳଜଳ ଶୂନ୍ୟରେ ପହଞ୍ଚିଛି। ନଳକୂଅ ସବୁ ଅକାମୀ ହୋଇପଡ଼ିଛି। କୂଅ ଶୁଖିଯାଇଛି। ୨୦୨୨ରେ କର୍ଣ୍ଣାଟକ ସରକାର ଯେଉଁ ଜଳନୀତି ପ୍ରସ୍ତୁତ କରିଥିଲେ, ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଇଥିଲେ ଆଜି ଏ ସମସ୍ୟା ହୁଏତ ହୋଇନଥା'ନ୍ତା।

କେବଳ ବେଙ୍ଗାଲୁରୁ ନୁହେଁ ଭାରତର ୩୦ଟି ପ୍ରମୁଖ ନଗରୀ ଜଳକଷ୍ଟର ସମ୍ମୁଖୀନ ବୋଲି ଡବ୍ଲୁଡବ୍ଲୁଏଫ୍ (ବିଶ୍ୱ ଜଳ ମଞ୍ଚ) ରିପୋର୍ଟରୁ ଜଣାଯାଏ। ଏହାକୁ ଅସତ୍ୟ କୁହାଯାଇ ନ ପାରେ। ଭାରତ ବିଶ୍ୱର ଏକ ଜଳ ବଳକା (ମଧୁର ଜଳ) ଦେଶ ହୋଇଥିଲେ ମଧ୍ୟ ଅନେକ ସହର ଓ ଗ୍ରାମାଞ୍ଚଳରେ ଜଳକଷ୍ଟ ବର୍ଷକୁ ଛ'ମାସ ଦେଖାଦିଏ। ଏହାର ପ୍ରମୁଖ କାରଣ ହେଲା ଜଳର କୁପରିଚାଳନା, ଜଳର ମହତ୍ତ୍ୱ ଓ ଗୁରୁତ୍ୱ ନେଇ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ, ଅପଚୟପୂର୍ଣ୍ଣ ଜଳ ଯୋଗାଣ ବ୍ୟବସ୍ଥା, ସଂରକ୍ଷଣର ଅଭାବ, ଦୂଷିତ ଜଳ ଯୋଗାଣ ଏବଂ ଦ୍ରୁତ ଶିଳ୍ପ ଓ ସହରାୟନ। ବିକଶିତ ଭାରତ ନିର୍ମାଣ ପାଇଁ ଆମର ପ୍ରସ୍ତୁତି ଚାଲିଥିବା ବେଳେ ଦେଶର ପ୍ରମୁଖ ସହରାଞ୍ଚଳରେ ଉତ୍କଟ ଜଳାଭାବ ଆଦୌ ଏକ ଶୁଭସୂଚନା ନୁହେଁ। ଜଳ କେବଳ ଜୀବନ ପାଇଁ ନୁହେଁ, ଅର୍ଥନୀତି, ବିକାଶ ଓ ସଭ୍ୟତା ନିମନ୍ତେ ମଧ୍ୟ ଅପରିହାର୍ଯ୍ୟ। ବେଙ୍ଗାଲୁରୁର ଜଳ ସଙ୍କଟ ସେହି ନଗରୀ ବା କର୍ଣ୍ଣାଟକର ନୁହେଁ, ଏହା ବରଂ ଏକ ଜାତୀୟ ବିପତ୍ତି ଏବଂ ସମଗ୍ର ଦେଶ ତଥା ପ୍ରମୁଖ ନଗରୀଗୁଡ଼ିକ ନିମନ୍ତେ ଏକ ଚେତାବନୀ।

ଉପରମୁଣ୍ଡରେ ନଦୀଜଳକୁ ଡ୍ୟାମ କରି ଅଟକାଇବା ଫଳରେ ଅନେକ ତଳମୁଣ୍ଡ ରାଜ୍ୟରେ ଜଳ ସଙ୍କଟ ଅତ୍ୟନ୍ତ ଉତ୍କଟ ହେଉଛି। ଓଡ଼ିଶା ଏଭଳି ଏକ ସ୍ଥିତିରେ ଶିକାର ହେଉଛି। ତେଣୁ ବେଳ ଥାଉ ଥାଉ ଆମ ପ୍ରମୁଖ ତଥା ଜନାକୀର୍ଣ୍ଣ ନଗରୀଗୁଡ଼ିକର ଜଳ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ସରକାର ଜାତୀୟସ୍ତରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରନ୍ତୁ। ଜଳବାୟୁ ପରିବର୍ତ୍ତନ ଏ ସଙ୍କଟକୁ ଅଧିକ ଜଟିଳ କରିବା ପୂର୍ବରୁ ପ୍ରତିକାର ଜରୁରୀ ମନେହୁଏ।

# ଧର୍ମ ଓ ବିଜ୍ଞାନରେ ଜଳତତ୍ତ୍ୱ



ଡ. ଇଂ ସଞ୍ଜୟ କୁମାର ପଣ୍ଡା
ବୌଦ୍ଧ, ମୋ: ୯୪୩୭୦୭୯୦୯୯

ବ୍ରହ୍ମାଣ୍ଡ ସୃଷ୍ଟିରେ ଉପଲବ୍ଧ ପଞ୍ଚଭୂତ ଯଥା- ଆପ, ତେଜ, ବାୟୁ, ଆକାଶ, ପୃଥିବୀ ମାନବ ଶରୀରର ଅବିଚ୍ଛେଦ୍ୟ ଅଙ୍ଗ। ସହଜଶୀଳ ଜୀବନ ଅତିବାହିତ କରିବା ଲକ୍ଷ୍ୟରେ ପ୍ରକୃତି ପ୍ରଦତ୍ତ ଏହି ଦିବ୍ୟଗୁଣସମ୍ପନ୍ନ ଉପାଦାନମାନ ସଦାସର୍ବଦା ବିକଶିତ ସଭ୍ୟତା ସୃଷ୍ଟି କରିଥାଏ। ମନୁଷ୍ୟ ପ୍ରକୃତ୍ୟାଶ୍ରୟୀ ହୋଇଥିବାରୁ ନିଜର ବିଶ୍ୱସନୀୟତା ବଜାୟ ରଖି ପ୍ରକୃତିର ଉପାସନା କରି ଗଭୀର କୃତଜ୍ଞତା ଜ୍ଞାପନ କରିଥାଏ। ଏହି ଭାବାବେଗ ସର୍ବଦା ଉତ୍ତରପିଢ଼ିକୁ ସମ୍ପ୍ରସାରିତ ହୋଇ ସକାରାତ୍ମକ ଧର୍ମୀୟ ଭାବନା ସୃଷ୍ଟି କରି ସଂସ୍କୃତିର ସଂଜ୍ଞା ବହନ କରିଥାଏ। ସର୍ବ ପୁରାତନ ହିନ୍ଦୁଧର୍ମ ପରି ଅନେକ ଧର୍ମ ପଞ୍ଚଭୂତ ପରିଧିରେ ସମନ୍ୱିତ ହୋଇଥାଏ। ଅତଏବ ପଞ୍ଚଭୂତ ବିନା ମାନବ ସଭ୍ୟତା, ଧର୍ମ ଓ ସଂସ୍କୃତି ଅକଳ୍ପନୀୟ ଓ ସନ୍ଦୀହାନ।

ପଞ୍ଚଭୂତ ମାନବ ଶରୀରର ବିଭିନ୍ନ ତତ୍ତ୍ୱକୁ ଅନୁଶାସିତ କରିଥା'ନ୍ତି। 'ଅପ୍' ସାଧାରଣତଃ ଜଳତତ୍ତ୍ୱକୁ ବୁଝାଇଥାଏ। ହିନ୍ଦୁଧର୍ମ ଅନୁସାରେ ଜଳକୁ କେବଳ ମାନବ ଶରୀର ଭୌତିକ ଆବଶ୍ୟକତା ଭାବେ ବିବେଚନା କରାଯାଇ ନ ଥାଏ, ବରଂ ଜଳର ଆଧ୍ୟାତ୍ମିକ ପ୍ରଭାବ ମାନବ ସତ୍ତାକୁ ସର୍ବଦା ପ୍ରଭାବିତ କରି ରଖିଥାଏ। ଆଧ୍ୟାତ୍ମିକ ପୂଜା ପଦ୍ଧତିରେ ଜଳକୁ ବିଶୋଧନର ମାଧ୍ୟମ ରୂପେ ବିବେଚନା କରାଯାଇ ପ୍ରଦୂଷଣ ଦୂରୀଭୂତ କରାଯିବାରେ ବ୍ୟବହାର କରାଯାଏ। ଏଥିସହିତ ପାତ୍ର ପ୍ରକ୍ଷାଳନ, ଦ୍ରବ୍ୟ ବିଶୋଧନ, ଦେବସ୍ନାନ ଓ ଅଭିଷେକ ଆଦି କର୍ମରେ ଜଳୋପଯୋଗ କରାଯାଇଥାଏ। ଜଳ ତର୍ପଣ କରାଯାଇ ଦେବତାଙ୍କୁ ଆବାହନ କରାଯାଇ ସନ୍ତୁଷ୍ଟ କରାଯାଏ। ପୂର୍ଣ୍ଣକୁମ୍ଭରେ ପଞ୍ଚଗବ୍ୟ ସହ ବିଶୁଦ୍ଧ ଜଳ ସଂରକ୍ଷିତ କରାଯାଇ ଆମ୍ବଡାଳ ଓ ନାରିକେଳର ସଂଯୋଗରେ ଦେବତାଙ୍କୁ ଆସ୍ଥାନ ନିମନ୍ତେ ନିମନ୍ତ୍ରଣ କରାଯାଏ। ବିଶ୍ୱାସ ରହିଛି ଏହି ପୂର୍ଣ୍ଣକୁମ୍ଭରେ ଜୀବନ୍ନ୍ୟାସ ହୋଇଥିବା ଦେବତାଙ୍କ ପ୍ରାଣପ୍ରତିଷ୍ଠା ହୋଇଥାଏ। ପୂଜାବିଧି ପ୍ରକାରେ ପୂର୍ଣ୍ଣକୁମ୍ଭ (ତମ୍ବା, ରୁପା, ସ୍ୱର୍ଣ୍ଣ କିମ୍ବା ମୃତ୍ତିକା ନିର୍ମିତ) ଭିନ୍ନ ଭିନ୍ନ ମଣ୍ଡଳରେ ଅବସ୍ଥାପିତ ହୋଇଥାଏ। ଜଳପୂର୍ଣ୍ଣ କୁମ୍ଭକୁ ବ୍ରହ୍ମାଣ୍ଡ ରୂପେ ମାନ୍ୟତା ଦିଆଯାଏ। ଜଳତର୍ପଣ ହିନ୍ଦୁ ଧର୍ମରେ କୃତଜ୍ଞତାର ପର୍ବ ଅଟେ। ପିତୃପୁରୁଷ ଓ ଦେବାଦେବୀଙ୍କୁ ଗଙ୍ଗାଜଳ, ଅକ୍ଷତ, କୁଶ, ହରିଦ୍ରା, ଅଗୁର, ଚନ୍ଦନ ଆଦିର ସମ୍ମିଶ୍ରଣରେ ପାତ୍ରି ମାଧ୍ୟମରେ ଜଳ ତର୍ପଣ କରାଯାଏ। ଏହି ବିଧି ସମର୍ପଣ, କୃତଜ୍ଞତା ଓ ଭକ୍ତିଭାବର ପ୍ରତୀକ ଭାବେ ପିତୃପୁରୁଷ ଓ ଦେବାଦେବୀଙ୍କ ସନ୍ତୁଷ୍ଟି ନିମନ୍ତେ ଅଭିପ୍ରେତ।

ପୂଜା ସମୟରେ ଶରୀର ବିଶୋଧନ ନିମନ୍ତେ କୁଶଦ୍ୱାରା ଜଳ ସିଞ୍ଚନ ଆପାଦମସ୍ତକରେ କରାଯାଏ। ଫଳତଃ ଶରୀର, ଆତ୍ମା ଓ ମାନସ ପବିତ୍ର ହୋଇଥାଏ। ଆଚମନରେ ଜଳ ବ୍ୟବହାର କରି ଅନ୍ତରାତ୍ମା ବିଶୋଧନ କରାଯାଇଥାଏ। ବିଶ୍ୱାସ ରହିଛି ଯେ ଆଚମନ ଦ୍ୱାରା କଳୁଷିତ ଆତ୍ମା ବିଶୋଧିତ ହୁଏ। ସୂର୍ଯ୍ୟାର୍ଘ୍ୟ ପ୍ରଦାନ କରାଯାଇ ପୂଜାରମ୍ଭ କରାଯାଉଥିବା ବେଳେ ଶକ୍ତି ଓ ଜୀବନ କିମ୍ବା ଜଳ ଓ ଅଗ୍ନିର ଶାଶ୍ୱତ ସମ୍ପର୍କକୁ ସୂଚୀତ କରାଯାଏ। ଜଳ ସିଞ୍ଚନ ଦ୍ୱାରା ଶରୀର ସମସ୍ତ ଅଙ୍ଗ ଶୁଦ୍ଧ ହେବା ସହ ଅସୁର ଆତ୍ମାର ଅପସାରଣ ହୋଇ ଦେବତାଙ୍କ ଆଗମନ ହେବାର ବିଶ୍ୱାସ ରହିଛି। ଏଠାରେ କାମନା, ବାସନା, କ୍ରୋଧ ଅସୁର ରୂପେ ଆଖ୍ୟାୟିତ କରାଯାଏ। ସୂର୍ଯ୍ୟଙ୍କୁ ପ୍ରଜ୍ଞାର ଉଦୟ ରୂପେ ବିବେଚନା କରାଯାଏ। ଅଗ୍ନି ଯେପରି ସମସ୍ତ କଳୁଷିତ ଅବଗୁଣକୁ ଦହନ କରିଥାଏ, ଜଳ ମଧ୍ୟ ସେହିପରି ସମସ୍ତ ପାପକୁ ଧୌତ କରି ପୁଣ୍ୟତା



ପ୍ରଦାନ କରିଥାଏ। ଏପରିକି ଶବ ସତ୍କାର, ଅସ୍ଥି ବିସର୍ଜନ ଓ ଅନ୍ୟାନ୍ୟ ପ୍ରେତକର୍ମ ଆଦିରେ ଜଳର ଭୂମିକା ଗୁରୁତ୍ୱପୂର୍ଣ୍ଣ।

ପୌରାଣିକ ମତାନୁସାରେ ଜଳକୁ ଅଗ୍ନିର ସ୍ୱରୂପ ରୂପେ ମାନ୍ୟତା ରହିଛି। ଜଳକୁ ପୃଥିବୀର ଯୋନି ରୂପେ ବର୍ଣ୍ଣନା କରାଯାଏ। ଜଳ ହିଁ ଅମୃତର ଧାରା ଓ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ଆଧାର ଅଟେ।

ବିଷ୍ଣୁ ପୁରାଣ ଅନୁସାରେ ପ୍ରଭୁ ନାରାୟଣ ସୃଷ୍ଟି ଆରମ୍ଭ ଜଳରୁ ଆରମ୍ଭ କରି ମତ୍ସ୍ୟ ଅବତାର ନେଇଥିଲେ। ଯେହେତୁ ଜଳ(ନାର) ଭଗବାନଙ୍କ ଆୟନ(ବାସସ୍ଥାନ) ହୋଇଛି, ଏଣୁ ତାଙ୍କୁ ନାରାୟଣ କୁହାଯାଏ। ଜଳ ଶରୀର ମଧ୍ୟରେ ରହି ଶରୀରର ପ୍ରତ୍ୟେକ ତତ୍ତ୍ୱକୁ ନିୟନ୍ତ୍ରଣ କରୁଥିବାରୁ ଏହାକୁ ଅମୃତ କୁହାଯାଏ। ଶରୀର ପରି ଜଗତର ପ୍ରାଣ ମଧ୍ୟ ଜଳ। ଜଳର ଆଧାରରେ ସମସ୍ତ ଚର, ଅଚର ସ୍ଥିତିବାନ। ଜଳକୁ ଶକ୍ତି ରୂପେ ମଧ୍ୟ ପୂଜା କରାଯାଇଥାଏ। ଜଳକୁ ଶ୍ରୀକୃଷ୍ଣ ରୂପେ ପୂଜା କରାଯାଏ, ଯିଏ କି ଜଳରୁ ଜଳ ସୃଷ୍ଟି କରନ୍ତି, ଜଳରୁ ଜଳ ପାଳନ ଓ ଜଳରୁ ଜଳକୁ ହରଣ କରିଥା'ନ୍ତି। ଅତଏବ ଜଳ ଯେ ଶାଶ୍ୱତ ଏବଂ ନାରାୟଣ ବା କୃଷ୍ଣଙ୍କ ସାକ୍ଷାତ ରୂପ, ଏହା ନିଃସନ୍ଦେହ। ଜଳ ହିନ୍ଦୁ ଧର୍ମରେ କେବଳ ପୂଜ୍ୟ ନୁହେଁ, ଏ ସମାଜର ସମସ୍ତ ଜଡ଼, ଜୀବ ଓ ଧର୍ମ ଜଗତର ଉପାସ୍ୟ।

ବୈଜ୍ଞାନିକ ଯୁଗରେ ଜଳର ବୈଜ୍ଞାନିକ ଅନୁଶୀଳନ କରିବା ବିଧେୟ। ଖାଦ୍ୟ ବିନା ମନୁଷ୍ୟ ସପ୍ତାହାନ୍ତ ଜୀବିତ ରହିପାରିବ, କିନ୍ତୁ ବିନା ଜଳରେ ସେ ବଞ୍ଚିବା କଷ୍ଟ। ମନୁଷ୍ୟ ଶରୀରରେ ୯୮ ପ୍ରତିଶତ ଜଳ ଥିବାରୁ ଜଳର ଆବଶ୍ୟକତା ସହଜେ ଅନୁମେୟ। ଏଣୁ କୁହାଯାଏ 'ଜଳମେବ ଜୀବନମ୍'।

ସୂର୍ଯ୍ୟଙ୍କ ଦ୍ୱାରା ଦୀର୍ଘ ଆଠମାସ ଜଳ ଶୋଷଣ ହୋଇ ଅନ୍ୟୂନ ଚାରିମାସ ବର୍ଷା ମାଧ୍ୟମରେ ପୃଥିବୀରେ ଅବତରଣ ହୁଏ। ଏହି ଜଳ ଶ୍ୱେତ ମୃତ୍ତିକାରେ ପତିତ ହେଲେ କଷା, ପାଣ୍ଡୁବର୍ଣ୍ଣ ମୃତ୍ତିକାରେ ପଡ଼ିଲେ କ୍ଷାର, ଉସର (ଲବଣ) ମୃତ୍ତିକାରେ ପଡ଼ିଲେ ଲବଣ, ପର୍ବତରେ ପଡ଼ିଲେ କଟୁ ଓ କଳା ମୃତ୍ତିକା (ଚିକିଟା) ରେ ପଡ଼ିଲେ ମଧୁର ହୋଇଥାଏ। ଜଳ ତୃଷ୍ଣା, ମୂର୍ଚ୍ଛା, ଜ୍ୱଳନ, ପିତ୍ତ ବିକାର, ରକ୍ତ ବିକାର ଦୂର କରିବା ସହ ଗ୍ଲାନି, ହାଲିଆପଣ ଦୂର କରିଥାଏ। ଜଳକୁ ସୁବର୍ଣ୍ଣ, ରୌପ୍ୟ, ତମ୍ବା, ସ୍ଫଟିକ ଓ ମୃତ୍ତିକା ପାତ୍ରରେ ପାନ କଲେ ଏହାର ଧାତବ ଗୁଣ ମନୁଷ୍ୟ ଶରୀରକୁ ସ୍ୱାସ୍ଥ୍ୟବାନ କରିଥାଏ।

ରାସାୟନିକ ଦୃଷ୍ଟିକୋଣରୁ ଜଳ ଉଦ୍‌ଜାନ ଓ ଅମ୍ଳଜାନର ସମ୍ମିଶ୍ରଣରେ ସୃଷ୍ଟି ହୋଇଥାଏ। ପୁନଶ୍ଚ ଅନୁଶୀଳନରୁ ଜଣାଯାଏ ଯେ ଉଦ୍‌ଜାନ ଓ ଅମ୍ଳଜାନ ଜ୍ୱଳନଶୀଳ ରସାୟନ ହୋଇଥା'ନ୍ତି। ଜଳରୁ ଅଗ୍ନିର ସୃଷ୍ଟି ଏଥିପାଇଁ କୁହାଯାଇଥାଏ। ଜଳ ଓ ଅଗ୍ନି ପରସ୍ପରର ପରିପୂରକ। ଅଗ୍ନିରୁ ଜଳ କିମ୍ବା ଜଳରୁ ଅଗ୍ନି, ଏହା ଏକ ବିତର୍କର ବିଷୟ ହେଲେ ମଧ୍ୟ ଏହି ଦୁହେଁ ଯେ ମାନବ ସଂସ୍କୃତିର ଅବିଚ୍ଛେଦ୍ୟ ଉପାଦାନ ଏହା ସ୍ୱୀକାର୍ଯ୍ୟ। ଏ ଦୁଇ ଉପାଦାନ ପରସ୍ପରର ନିର୍ବାପନର ମାଧ୍ୟମ। ଅଗ୍ନି ଜଳକୁ ବାଷ୍ପ କରିଦିଏ। ଠିକ୍ ସେହିପରି ଜଳ ଅଗ୍ନିକୁ ନିଶ୍ଚିହ୍ନ କରିଦିଏ। ଜଳ ଅତ୍ୟଧିକ ଗରମ କଲେ (ପରମାଣୁ ରିଏକ୍ଟର ଶୀତଳୀକରଣ ପ୍ରଣାଳୀ) ଏଥିରୁ ଉଦ୍‌ଜାନ ଓ ଅମ୍ଳଜାନ ନିର୍ଗତ ହୁଏ, ଯାହା ବାୟୁ ମଣ୍ଡଳ ସଂସ୍ପର୍ଶରେ ଆସି ବିସ୍ଫୋରଣ ସୃଷ୍ଟି କରିଥାଏ। ଏଣୁ ଜଳ ଓ ଅଗ୍ନି ଉଭୟ ସର୍ଜନ ଓ ବିନାଶଶୀଳ ହୋଇଥାଏ।

ବିକାଶୋନ୍ମୁଖୀ ପୃଥିବୀରେ ଗୃହକର୍ମ, କୃଷି, ବିଦ୍ୟୁତ ଉତ୍ପାଦନ, କଳକାରଖାନା, ଜଳସେଚନ, ପାନୀୟ (ବିଶୁଦ୍ଧ) ନିମନ୍ତେ ଜଳର ଯଥେଷ୍ଟ ପ୍ରୟୋଜନ ରହିଛି। ପୃଥିବୀର ଶତକଡ଼ା ଏକସ୍ତରୀ ଭାଗ ଜଳ ଥିବା ବେଳେ ବିଶୁଦ୍ଧ ଜଳର ମାତ୍ରା ସମୁଦ୍ର ଜଳ ତୁଳନାରେ ୩.୦ ଶତକଡ଼ା ରହିଥାଏ। ଏହି ବିଶୁଦ୍ଧ ଜଳର ଅଧିକାଂଶ ଭାଗ ୯୦% ବରଫ, ବାୟୁମଣ୍ଡଳ ଓ ମୃତ୍ତିକା ମଧ୍ୟରେ ଅବସ୍ଥିତ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଉପଲବ୍ଧ ୩% ବିଶୁଦ୍ଧ ଜଳରୁ କେବଳ ୦.୩% ବିଶୁଦ୍ଧ ଜଳ ଭୂମିରେ ପ୍ରବାହିତ। ଏଣୁ ଜଳର ସଠିକ୍ ବ୍ୟବହାର ଓ ସଂରକ୍ଷଣ ନିହାତି ଆବଶ୍ୟକ।

'ଜଳ ହିଁ ସମ୍ପଦ' ବିବେଚନା କରି ଆମେ ଏହାର ଆବଶ୍ୟକ ମୁତାବକ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରେ ବ୍ୟବହାର ନ କଲେ ଜଳ ଭବିଷ୍ୟତରେ ଅନ୍ୟ ଏକ ବିଶ୍ୱଯୁଦ୍ଧର କାରଣ ହୋଇପାରେ। ଅନାବଶ୍ୟକ ଗୃହସ୍ଥ ବ୍ୟବହାରରୁ ନିବୃତ୍ତ ରହିଲେ ଜଳ ସଂରକ୍ଷଣ ହେବ। ଘରଛାତରେ ବର୍ଷାଜଳ ଅମଳ କରିପାରିଲେ ଓ ନିଜ ନିଜର କୂପରେ ସଂରକ୍ଷଣ କରିପାରିଲେ ଭୂତଳ ଜଳ ସଂରକ୍ଷଣ ହେବ ଓ ଜଳକ୍ଲିଷ୍ଟ ଅନେକାଂଶରେ ଦୂର ହୋଇପାରିବ। ସମାଜରେ ଭୂମିର ସଦୁପଯୋଗ କରିବା ସହ ଚାରାରୋପଣ, ଜଙ୍ଗଲ ସୃଷ୍ଟି, ପ୍ରାକୃତିକ ଦ୍ରବ୍ୟର ସଦୁପଯୋଗ, ସଂରକ୍ଷଣ ଓ ଉତ୍ତମ ଜୀବନଚର୍ଯ୍ୟା ରଖିପାରିଲେ ଜଳ ସଂରକ୍ଷଣ ହେବା ସହ ପ୍ରାକୃତିକ ପରିବେଶ ସନ୍ତୁଳନ ବଜାୟ ରହିବ।

ଜଳ ସଂରକ୍ଷଣ ପାଇଁ ସଂଗଠନାତ୍ମକ ନିର୍ମାଣ ଢାଞ୍ଚା ଯଥା କ୍ଷୁଦ୍ର ନଦୀବନ୍ଧ, ଆଡ଼ିବନ୍ଧ, ପୋଖରୀ, ହ୍ରଦ ଆଦି ସବୁ ସୃଷ୍ଟି କରିବା ସହ ଜଳସେଚନ ବ୍ୟବସ୍ଥା କରାଯାଇ ଉନ୍ନତମାନର କୃଷିପ୍ରଣାଳୀ ଆଦରି ନେଲେ ଜଳ ବ୍ୟବହାର କମ୍ ହେବା ସହ ଜଳ ସଂରକ୍ଷଣ ହୋଇପାରିବ। ବର୍ଷା ଜଳକୁ ଭୂମିରେ ଅଧିକ ସମୟ ଧାରଣ କରିପାରିଲେ ଭୂତଳ ଜଳସ୍ତର ବୃଦ୍ଧି ପାଇବ। ଚାରାରୋପଣ ଜଳଧାରଣ କ୍ଷମତା ବୃଦ୍ଧି କରିବାର ପ୍ରମୁଖ ମାଧ୍ୟମ ଅଟେ। ପ୍ରକୃତି ବଞ୍ଚିଲେ ପଞ୍ଚଭୂତ ତାର ଅମୃତ ବର୍ଷା କରିବ, ନଚେତ୍ ପଞ୍ଚଭୂତର ପ୍ରଳୟ ରୂପ ଏ ବ୍ରହ୍ମାଣ୍ଡରେ ମାନବ ସଭ୍ୟତାକୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ କରିଦେବ। ଏଣୁ କୁହାଯାଏ -

*ପ୍ରାଣୋ ବୈ ଜଗତା ନାପୋ ଭୂତାନି ଭୁବନାନି ଚ*
*ବହୁନାତ୍ର କିମୁକ୍ତେନ ଚିରାଚର ମିଦଂ ଜଗତଃ।*

ଅର୍ଥାତ୍ ଜଳ ଜଗତର ପ୍ରାଣ ଅଟେ, ଯେଉଁଠାରେ ଭୂତ ଓ ଭୁବନ ରହିଛି। ସମ୍ପୂର୍ଣ୍ଣ ଚର ଓ ଅଚର ଜଗତର ପ୍ରାଣ ଜଳ ଅଟେ। 'ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ' ଉକ୍ତିକୁ ମନେ ରଖି ବିଜ୍ଞାନ ଯୁଗରେ ବିଜ୍ଞାନୀ ନାମେ ଡିଣ୍ଡିମ ପିଟୁଥିବା ମନୁଷ୍ୟ ନିଜର ବିକାଶ ନିମନ୍ତେ ସ୍ୱାର୍ଥୀ ନ ହୋଇ ହିତାହିତ ଜ୍ଞାନକୁ ଜାଗ୍ରତ କରି ବିକାଶ ସହ ପ୍ରକୃତିକୁ ସନ୍ତୁଳିତ ନ କଲେ ବିନାଶ ଥୟ। କେବଳ ଲୋକଦେଖା 'ଜଳଦିବସ' ପାଳନ ବିଶ୍ୱସ୍ତରରେ ଆଲୋଚନା, ପର୍ଯ୍ୟାଲୋଚନାରେ ସୀମିତ ନ ରଖି କାର୍ଯ୍ୟ ମାଧ୍ୟମରେ ପରିପ୍ରକାଶ କରିପାରିଲେ ବିଶ୍ୱ ମଙ୍ଗଳ ହେବ।

# ନଦୀ କହେ ସଂସ୍କୃତିର କଥା



ବୈଷ୍ଣବ ମେହେର
ନୂଆପଡ଼ା, ମୋ: ୯୭୭୭୬୩୯୩୫

କୁଳୁକୁଳୁ ନିନାଦିନୀ ପୁଣ୍ୟତୋୟା ଉଦନ୍ତୀ ଗାଇ ଚାଲିଛି ଅତୀତର ଗାଥା। କେଉଁ ଆବହମାନ କାଳରୁ ସ୍ମୃତି ବହନ କରି ନିର୍ଝରିଣୀ ଉଦନ୍ତୀ ସିନାପାଲି ମାଟିରେ ନିଜକୁ ବିସ୍ତରୀ ଦେଇଛି। ଉନ୍ନତ କଳା, ସାହିତ୍ୟ, ଐତିହ୍ୟ ଓ ପରମ୍ପରାର ସ୍ୱାକ୍ଷର ବହନ କରି ତାର ଦୁଇତଟ ଆଜି ଗର୍ବିତ ଓ ଗୌରବାନ୍ୱିତ। ପୂର୍ବଘାଟ ପର୍ବତମାଳାର ଅଂଶବିଶେଷରୁ ଜନ୍ମିତ ଉଦନ୍ତୀ ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିମଣ୍ଡିତା ଘାଟମାଳ ଅଞ୍ଚଳ ଦେଇ କାୟା ବିସ୍ତାରି ସିନାପାଲି ମାଟିକୁ ପ୍ରବେଶ କରିଛି। ଉଦନ୍ତୀ ନଦୀ ତଟରେ ଅବସ୍ଥାପିତ ସଂସ୍କୃତିସମ୍ପନ୍ନ ସିନାପାଲି ଆଜି ସତରେ ବେଶ ଆନନ୍ଦିତ। ଅଞ୍ଚଳର ମାତୃତୁଲ୍ୟ ନଦୀର ନାମାନୁସାରେ ନାମିତ ଏ ଅଞ୍ଚଳର ଜନଜୀବନର ସାଂସ୍କୃତିକ ପରିପ୍ରକାଶ ଉଦନ୍ତୀ ମହୋତ୍ସବ ଆଜି ଊନବିଂଶ ବର୍ଷରେ ପଦାର୍ପଣ କରି ଗର୍ବର ସହିତ କହିପାରେ ସମଗ୍ର ବିଶ୍ୱରେ ସୃଷ୍ଟି ହୋଇଥିବା ସାଂସ୍କୃତିକ ବିପ୍ଳବରେ ତା'ର ସ୍ୱର ବି କୁଳୁକୁଳୁ ନିନାଦିତ।

ରାଜଧାନୀ ଠାରୁ ପ୍ରାୟ ୫୫୦ କିଲୋମିଟର ଦୂରବର୍ତ୍ତୀ ଛତିଶଗଡ଼ ସୀମାନ୍ତରେ ଥାଇ ମଧ୍ୟ ସିନାପାଲି ତା'ର ଅତୀତର କଳା ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ସହିତ ଗୌରବାବହ ଇତିହାସ ଓ ମନମୁଗ୍ଧକର ପରମ୍ପରାକୁ ଉଦ୍ରେକ କରେ ସୀମାନ୍ତର ସାଂସ୍କୃତିକ ସ୍ପନ୍ଦନ ଉଦନ୍ତୀ ମହୋତ୍ସବ ମାଧ୍ୟମରେ।

ମଣିଷ ସମାଜକୁ ନଦୀର ଅବଦାନ ଅତୁଳନୀୟ। ସେଥିପାଇଁ ତ ପ୍ରାଚୀନ କାଳରୁ ନଦୀ କୂଳରେ ହିଁ ପ୍ରାୟ ଉନ୍ନତ ସଭ୍ୟତା ସବୁ ଗଢ଼ି ଉଠିଛି। ଏହିକ୍ରମରେ



ଉଦନ୍ତୀ ନଦୀ ତଟରେ କଳା, ସାହିତ୍ୟ, ସଂସ୍କୃତିରେ ପରିପୂର୍ଣ୍ଣ ସିନାପାଲି ସମେତ ଅନେକ କଳାସମ୍ପନ୍ନ ଛୋଟବଡ଼ ଜନବସତି ମୁଣ୍ଡ ଟେକିରହିଛି। ଉଦନ୍ତୀ ନଦୀ ସିନାପାଲି ଅଞ୍ଚଳର ଜନଜୀବନ ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ନଦୀର ଅବଦାନ ପାଇଁ ତାକୁ କୃତଜ୍ଞତା ଜଣାଇବା ସହ ଆଗାମୀ ପିଢ଼ିକୁ ନଦୀ ସହ ମଣିଷର ଭାବକୁ ଅବଗତ କରାଇବା ଏବଂ ମଣିଷକୁ ପ୍ରକୃତିମୁହାଁ କରିବାରେ ଉଦନ୍ତୀ ନଦୀ ନାଁରେ ମହୋତ୍ସବ ପାଳନ କରାଯିବା ଯେତିକି ଯଥାର୍ଥ ସେତିକି ମହତ୍ତ୍ୱପୂର୍ଣ୍ଣ ମନେ ହୁଏ। ନଦୀଟିଏ ସବୁ ବେଳେ ଜନସମ୍ପର୍କକୁ ମଜବୁତ କରିଥାଏ। ତା'ର ଦୁଇ ତଟରେ ଥିବା ପ୍ରତ୍ୟେକ ବର୍ଗର ମଣିଷଙ୍କ ସହିତ ଭାବଗତ ସମ୍ପର୍କ ଗଢ଼ି ଉଠିଥାଏ ନଦୀ ସହ। ସୁତରାଂ ଏକ ନିର୍ଦ୍ଦିଷ୍ଟ କୂଳରେ ବସବାସ କରୁଥିବା ମଣିଷଙ୍କ ସଂସ୍କୃତି, ପରମ୍ପରା ପ୍ରାୟତଃ ମେଳ ଖାଇଥାଏ। ଯାହା ସମ୍ପୃକ୍ତ ଅଞ୍ଚଳର ସଂହତିର ବାର୍ତ୍ତା ବହନ କରିଥାଏ। ସବୁଠାରୁ ବଡ଼ କଥା ହେଉଛି ଭାରତ ବର୍ଷର ବିଭିନ୍ନ ରାଜ୍ୟ ମଧ୍ୟରେ ସୀମା ବିବାଦ, ନଦୀ ଜଳ ଆବଣ୍ଟନକୁ ନେଇ ସମସ୍ୟା ଲାଗି ରହିଥିବା ବେଳେ ଓଡ଼ିଶା ଓ ଛତିଶଗଡ଼ ସୀମା ସିନାପାଲିର ଉଦନ୍ତୀ ମହୋତ୍ସବ ଉଭୟ ରାଜ୍ୟର ସାଧାରଣ ଲୋକଙ୍କ ଭାବଧାରାର ଏକ ସମନ୍ୱିତ ପରିପ୍ରକାଶ ବୋଲି କୁହାଯାଇପାରେ।

ସିନାପାଲିଠାରେ ଉଭୟ ରାଜ୍ୟର ଭୌଗୋଳିକ ସ୍ଥିତି ଯେତିକି ନିକଟତର ଜୀବନ ପ୍ରକ୍ରିୟା ମଧ୍ୟ ସେତିକି ମହିମାନ୍ୱିତ। ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ଛତିଶଗଡ଼ରୁ ବାହାରି ଅନେକ ବଣ, ପାହାଡ଼ ଦେଇ ସିନାପାଲିଠାରେ ଓଡ଼ିଶାକୁ ପ୍ରବେଶ କରିଥିବା ଉଦନ୍ତୀ ଉଭୟ ରାଜ୍ୟର ସାଂସ୍କୃତିକ, ଭୌଗୋଳିକ, ସାମାଜିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାରେ ହୋଇଛି ବେଶ ସହାୟକ।

ପ୍ରାକ ଐତିହାସିକ ଯୁଗରୁ ଉଦନ୍ତୀର କଳକଳ ସ୍ରୋତ ସହ ତାଳ ଦେଇ ସଦା ପ୍ରବାହମାନ ସିନାପାଲିର ଐତିହ୍ୟ। ଉଦନ୍ତୀର ଉତ୍ପତ୍ତିସ୍ଥଳ, ନଦୀ ଗର୍ଭସ୍ଥ ମନୋରମ ଗଣ୍ଡ, କୂଳବର୍ତ୍ତୀ ସୁରମ୍ୟ ଉପତ୍ୟକା ଭଳି ପ୍ରକୃତି ଦତ୍ତ ଉପହାର ଏ ଅଞ୍ଚଳକୁ ଅନେକାଂଶରେ କରିଛି ଆକର୍ଷଣୀୟ। ଐତିହାସିକ ଗବେଷଣା ଫଳରେ ଉଦନ୍ତୀ ନଦୀର ଦୁଇତଟରୁ ଆବିଷ୍କୃତ ବିଭିନ୍ନ ଆକୃତିର ଦେବାଦେବୀଙ୍କ ପାଷାଣ ମୂର୍ତ୍ତିମାନ ଉଦ୍ଧାର କରାଯିବା ଏ ଅଞ୍ଚଳରେ ପ୍ରାଚୀନ ସଭ୍ୟତାର ସ୍ପଷ୍ଟ ପରିଚୟ ଦେଇଥାଏ। ବର୍ତ୍ତମାନର ଘାଟମାଳ ଏବଂ ଚିତାରମା ଗ୍ରାମ ମଧ୍ୟରେ ଉଦନ୍ତୀ କୂଳରେ ଏକ ପ୍ରସ୍ତର ନଙ୍ଗଳ ଆବିଷ୍କାର କରାଯିବା ପ୍ରାଚୀନ କାଳରୁ ଏଠାରେ ଉନ୍ନତ କୃଷିକାର୍ଯ୍ୟ ହେଉଥିବା ସୂଚନା ଦିଏ। ଉଦନ୍ତୀ ତଟରେ ଏଯାଏଁ ଆବିଷ୍କୃତ ଭୈରବୀ ଯନ୍ତ୍ର, ଯୋନି ଯନ୍ତ୍ରକୁ ପ୍ରାକତତ୍ତ୍ୱବିତ୍‌ମାନେ ଅତ୍ୟନ୍ତ ବିରଳ ବୋଲି କହିଛନ୍ତି। ପୁନଶ୍ଚ ଏହି ଉପତ୍ୟକାରୁ ରାମ, ଲକ୍ଷ୍ମଣ, ସୀତା, ହନୁମାନଙ୍କ ପଥର ମୂର୍ତ୍ତୀ ଉଦ୍ଧାର କରାଯିବା ପରେ ଏହି ଅଞ୍ଚଳର ଅନେକ କିମ୍ବଦନ୍ତୀ ଗବେଷଣାର ବିଷୟବସ୍ତୁ ପାଲଟିଛି।

କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରୁ ଜଣାପଡ଼େ ଯେ, ଦିନେ ଏ ଅଞ୍ଚଳ ମୂଲ୍ୟବାନ ରତ୍ନପଥର ପାଇଁ ପ୍ରସିଦ୍ଧ ଥିଲା। ସାରଗର୍ଭକ ଶାଗୁଆନ ଗଛର ଅରଣ୍ୟ ନିମିତ୍ତ ଭାରତ କାହିଁକି ଦେଶ ବାହାରେ ମଧ୍ୟ ସିନାପାଲିର ନାଁ ରହିଛି। ନଙ୍ଗଳବୋଡ଼, ଘାଟମାଳ ଜଙ୍ଗଲର ଶାଗୁଆନ କାଠ ଲଣ୍ଡନର 'ବକିଂହାମ' ରାଜପ୍ରାସାଦରେ ବ୍ୟବହୃତ ହୋଇଥିବା ଗବେଷକମାନେ ମତ ଦିଅନ୍ତି। ଏହାର ସୂଚନା 'ୱାର୍ଲ୍ଡ ବୁକ୍ ଅଫ ଟିକ୍'ରେ ଲିପିବଦ୍ଧ ହୋଇ ରହିଛି।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଅଦିନିଆ ବର୍ଷା ହେଲା କାଳ

# ଅମଳ ହେବାକୁ ଥିବା ଚିନାବାଦାମ ଗଳା

ଯାଜପୁର/କୁଆଖିଆ, ୨୧।୩(ସମିସ)



ଗତ ଦୁଇଦିନ ଧରି ଯାଜପୁର ଜିଲ୍ଲାରେ ହୋଇଥିବା ଅଦିନିଆ ଲଗାଣ ବର୍ଷା ଯୋଗୁଁ ଚିନାବାଦାମ ଚାଷୀ ସର୍ବାଧିକ ପ୍ରଭାବିତ ହୋଇଛି। ଏବେ ଚିନାବାଦାମ ଚାଷ ଅମଳ ହେବା ସମୟ ହୋଇଥିବାବେଳେ ଅଦିନିଆ ବର୍ଷା ଯୋଗୁଁ ଚିନାବାଦାମ ଅମଳ ହୋଇପାରିନାହିଁ। ଯାଜପୁର ଓ ରସୁଲପୁର ବ୍ଲକର ବ୍ୟାପକ ଅଞ୍ଚଳରେ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ଚାଷୀ କରଜ କରି ଚିନାବାଦାମ ଚାଷ କରିଥିବାବେଳେ ଏହି ଅଦିନିଆ ବର୍ଷା ସବୁ କିଛି ଉଜାଡି ଦେଇଛି। ଯାଜପୁର ବ୍ଲକର ବେରୁଦା, ସିମିଳିଆ, ବରୁହାଁ, ଝାଲପଡ଼ା, ଏରବାଙ୍ଗ ପଞ୍ଚାୟତ ଅଞ୍ଚଳର ହଜାର ହଜାର ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି। କେତେକ ସ୍ଥାନରେ ଚିନାବାଦାମ ବର୍ଷା ଯୋଗୁଁ ମଧ୍ୟ ଭାସିଯାଇଛି।

ସେହିପରି ରସୁଲପୁର ବ୍ଲକ ଅଞ୍ଚଳରେ ତୈଳବୀଜ ଚିନାବାଦାମ ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଥିବା ଦେଖାଯାଇଛି। ବର୍ତ୍ତମାନ ଚିନାବାଦାମର ଅମଳ ସମୟ ହୋଇଥିବାବେଳେ ଚାଷୀ ଜମିରୁ ଚିନାବାଦାମ ଉପାଡି ଘରକୁ ଆଣି ଅମଳ କରିଥା'ନ୍ତି। କିନ୍ତୁ ମଙ୍ଗଳବାରଠାରୁ ଲଗାତର ବର୍ଷା ଯୋଗୁଁ ଚାଷୀ ଜମିରୁ ଚିନାବାଦାମ ଉପାଡିବାରେ ସମସ୍ୟା ସୃଷ୍ଟି ହୋଇଛି। ଫଳରେ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ଚିନାବାଦାମ ଚାଷ ପ୍ରଭାବିତ ହୋଇଥିବା ଦେଖାଯାଇଛି। ଏକର ଏକର ଜମିରେ ଲଗାଯାଇଥିବା ଚିନାବାଦାମ ଜମିରେ ଏବେ ବର୍ଷା ପାଣି ଜମି ରହି ଫସଲ ପ୍ରତି ବିପଦ ଦେଖାଦେଇଛି। କେତେକ ଜମିରେ ଚିନାବାଦାମ ଓପଡ଼ା ହୋଇ ପଡ଼ିଥିବାବେଳେ ସେଗୁଡିକ ବର୍ଷା ପାଣି ଲାଗି ପଚି ଯିବାର ସମ୍ଭାବନା ଦେଖାଦେଇଛି। କେତେକ ଜମିରେ ମୁଗ, କୋଳଥ ଚାଷ ହୋଇଥିବାବେଳେ ସେଗୁଡିକ ଅମଳ ପାଇଁ ଖଳାକୁ ଆସି ନ ପାରି ଜମିରେ ପଡ଼ିରହିଛି। ଫଳରେ ଫସଲରେ ବ୍ୟାପକ କ୍ଷତି ହେବା ସମ୍ଭାବନା ରହିଛି। ତେବେ ଚାଷୀଙ୍କ କହିବା ଅନୁଯାୟୀ ବ୍ୟୟବହୁଳ ଚିନାବାଦାମ ଚାଷରେ ଚାଷୀମାନେ ଆଶାନୁରୂପ ଲାଭ ପାଉ ନ ଥିବାବେଳେ ପ୍ରତିକୂଳ ପ୍ରଭାବ ଯୋଗୁଁ ଚାଷୀ ଏହି ଚାଷ ପ୍ରତି ମୁହଁ ଫେରାଇ ନେଉଛନ୍ତି। ଅନ୍ୟପକ୍ଷରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଏଭଳି କ୍ଷୟକ୍ଷତି ସମ୍ପର୍କରେ ଆକଳନ କରାଯିବ ବୋଲି ସୂଚନା ଦିଆଯାଇଛି।

## ଦୁର୍ଘଟଣାରେ ସରପଞ୍ଚଙ୍କ ମୃତ୍ୟୁ



**ଧର୍ମଶାଳା, ୨୧।୩(ସମିସ):** ଧର୍ମଶାଳା ଥାନା ଚୋରମୁହାଁ ପଞ୍ଚାୟତର ସରପଞ୍ଚ ପ୍ରଦ୍ୟୁମ୍ନ କେଶରୀ ମହାନ୍ତିଙ୍କ ଗୁରୁବାର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମିର୍ଜାପୁରକୁ ଏକ ଭୋଜିରେ ଯୋଗ ଦେବାକୁ ଯାଉଥିବାବେଳେ ଭବାନୀପୁର ଗ୍ରାମ ନିକଟ ବ୍ରାହ୍ମଣୀ ନଦୀବନ୍ଧ ରାସ୍ତା ଉପରେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ସୂଚନା ମୁତାବକ, ପ୍ରଦ୍ୟୁମ୍ନ ମହାନ୍ତି ଗୁରୁବାର ମଧ୍ୟାହ୍ନରେ ବାଇକ୍ ଯୋଗେ ଏକ ସାମାଜିକ କାର୍ଯ୍ୟରେ ଯୋଗଦେବାକୁ ଏହି ନଦୀବନ୍ଧ ରାସ୍ତା ଦେଇ ଯାଉଥିବା ସମୟରେ ତାଙ୍କ ବାଇକ୍ ଭରସାମ୍ୟ ହରାଇ ବନ୍ଧ ତଳକୁ ଖସିଯାଇଥିଲା। ଚେତାଶୂନ୍ୟ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଦ୍ୟୁମ୍ନଙ୍କ ମୃତ୍ୟୁ ଖବର ପ୍ରଘଟ ହେବାପରେ ଡାକ୍ତରଖାନା ପରିସରର ଲୋକାରଣ୍ୟ ହେବା ସହିତ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ୧୪ନଂ ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ବିକାଶ ପରିଷଦ ସଭାପତି ଶ୍ରୀକାନ୍ତ ସାହୁ, ବିଜେପି ନେତ୍ରୀ ସ୍ମୃତିରେଖା ପହି, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶନ ପଣ୍ଡାଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ମେଡିକାଲରେ ପହଞ୍ଚିଥିଲେ। ବିଜେପି ନେତା ସର୍ବେଶ୍ୱର ବେହୁରା, ପବିତ୍ର ଦାସ ଓ ପ୍ରଫୁଲ୍ଲ କୁମାର ରାଉତ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ମର ଶରୀରକୁ ପଞ୍ଚାୟତ ସାରା ପରିକ୍ରମା କରାଯାଇଥିଲା।

ପ୍ରଦ୍ୟୁମ୍ନଙ୍କର ୯ ବର୍ଷର ଝିଅ ଓ ୫ ବର୍ଷର ପୁଅ ଅଛି। ପ୍ରଦ୍ୟୁମ୍ନ ୨୦୨୧ ତ୍ରିସ୍ତରୀୟ ନିର୍ବାଚନରେ ବିଜେପି ଦଳ ସମର୍ଥନରେ ବିଜୟୀ ହୋଇଥିଲେ। ମାସେ ତଳେ ସେ ବିଜେପି ଦଳ ତ୍ୟାଗ କରି ବିଜେଡିରେ ସାମିଲ ହୋଇଥିଲେ। ତାଙ୍କ ବିୟୋଗରେ ସମଗ୍ର ଧର୍ମଶାଳା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶୁକ୍ରବାର ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି। ଏହି ଦୁର୍ଘଟଣାର କୌଣସି ପ୍ରତ୍ୟକ୍ଷଦର୍ଶୀ ନ ଥିବାରୁ ଦୁର୍ଘଟଣା କେଉଁ ପରିସ୍ଥିତିରେ ହେଲା ଓ କେତେ ସମୟ ଧରି ସେ ଘଟଣାସ୍ଥଳରେ ଆହତ ହୋଇପଡ଼ିଥିଲେ, ତାହା ଜଣାପଡ଼ିନାହିଁ। ପୁଲିସ ତଦନ୍ତ ଜାରି ରଖିଛି।

## କୃଷି ଶ୍ରମିକଙ୍କ ମୃତ୍ୟୁ

**ବରୀ, ୨୧।୩(ସମିସ):** ସ୍ଥାନୀୟ ଏରବାଙ୍ଗ ପଞ୍ଚାୟତର ଇନ୍ଦାରୋଇ ଗ୍ରାମକୁ କେନ୍ଦୁଝର ଜିଲ୍ଲାର ଆଦିବାସୀ ସମ୍ପ୍ରଦାୟର ଶ୍ରମିକ ପ୍ରତିବର୍ଷ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଆସିଥା'ନ୍ତି। ଅନୁରୂପ ଭାବେ ଚଳିତବର୍ଷ ମଧ୍ୟ ଏକମାସ ଧରି କୃଷି କ୍ଷେତ୍ରରେ ଶ୍ରମିକ ଭାବେ କାର୍ଯ୍ୟ କରିଆସୁଥିଲେ। ମାତ୍ର ଗତକାଲି ବିଳମ୍ବିତ ରାତିରେ ଭାଗୀରଥି ମୁଣ୍ଡା(୪୫) ନାମକ ଜଣେ ଶ୍ରମିକ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସାଥି ଶ୍ରମିକ ଚିକିତ୍ସା ପାଇଁ ନେବାକୁ ପ୍ରସ୍ତୁତ ହେଉଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଯୁବକ ଏ ଖବର ଯାଜପୁର ତହସିଲଦାର, ବିଡିଓ ଓ ସଦର ଥାନାକୁ ଖବର ଦେଇ ମର ଶରୀରକୁ ମୃତକଙ୍କ ଜନ୍ମସ୍ଥାନ କେନ୍ଦୁଝର ଜିଲ୍ଲାର ଟେନ୍ଦ୍ରା ଗ୍ରାମକୁ ପଠାଇବାକୁ ଅନୁରୋଧ କରିଥିଲେ। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ଘଟଣାସ୍ଥଳକୁ ନ ଆସିବା କିମ୍ବା ମୃତ ଶରୀରକୁ ପଠାଇବାକୁ ମହାପ୍ରୟାଣ ଗାଡ଼ି ଯୋଗାଇ ଦିଆଯାଇ ନ ଥିଲା। ପରବର୍ତ୍ତୀ ଅବସ୍ଥାରେ ବରୀ ଅଞ୍ଚଳର ଯୁବ ସମାଜସେବୀ ସଞ୍ଜୀବ ଜେନାଙ୍କ ସମେତ ଇନ୍ଦାରୋଇ ଗ୍ରାମର ଯୁବକଙ୍କ ଆର୍ଥିକ ସହାୟତା କ୍ରମେ ମରଶରୀରକୁ ଏକ ଡାଲା ଅଟୋ ଯୋଗେ ପଠାଯାଇଥିଲା। ପ୍ରଶାସନର ଏଭଳି ଅବହେଳିତ ମନୋଭାବକୁ ବହୁ ବୁଦ୍ଧିଜୀବୀ ନିନ୍ଦା କରିଛନ୍ତି।

## ଗଣ୍ଡାନାଳରେ ବୁଡ଼ି ବୃଦ୍ଧ ମୃତ

**ଦାନଗଦି, ୨୧।୩(ସମିସ):** ରାମ୍ପିଲୋ ଗାଁ ଗଣ୍ଡାନାଳରେ ମାଛ ଧରୁଥିବାବେଳେ ବୁଡ଼ି ଯାଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ଜଣକ ହେଲେ ରାମ୍ପିଲୋ ଗାଁର ଜ୍ଞାନ ଜେନା (୬୦)। ବୃଦ୍ଧ ଜଣକ ସବୁଦିନ ପରି ଆଜି ଅପରାହ୍ନରେ ନିକଟ ଗଣ୍ଡାନାଳକୁ ଜାଲ ନେଇ ମାଛ ଧରିବାକୁ ଯାଇଥିଲେ। ହେଲେ ରାତିରେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଗଣ୍ଡାନାଳକୁ ଯାଇ ଖୋଜା ଖୋଜି କରିବା ପରେ ତାଙ୍କୁ ମୃତ ଅବସ୍ଥାରେ ପାଣିରେ ଭାସୁଥିବା ଦେଖିଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ଦାନଗଦି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

● ନାଳ ଶୁଖାଇବାକୁ ନେଇ ଗଣ୍ଡଗୋଳ

## ସରପଞ୍ଚଙ୍କ ନାମରେ ଥାନାରେ ମାମଲା

**ଦଶରଥପୁର, ୨୧।୩ (ସମିସ):** ନାଳ ଶୁଖାଇବାକୁ ନେଇ ଗଣ୍ଡଗୋଳ ହୋଇଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ଅଧୀନରେ। ପାଲଟପୁର ପଞ୍ଚାୟତ କଣ୍ଟିବାଙ୍କଠାରେ ଏକ ପାଣି ନାଳ ଶୁଖାଯାଇ ମନରେଗାରେ କାର୍ଯ୍ୟ କରିବାକୁ ପାଲଟପୁର ସରପଞ୍ଚଙ୍କ ନିର୍ଦ୍ଦେଶକ୍ରମେ ପାଲଟପୁର ଗ୍ରାମର ରାଧେଶ୍ୟାମ ମଲ୍ଲିକଙ୍କ ପୁଅ ବାସୁଦେବ ମଲ୍ଲିକ ଉକ୍ତ ନାଳକୁ ପାଣି ମଟର ସାହାଯ୍ୟରେ ଶୁଖାଉଥିଲେ। ଏହି ସମୟରେ ଜାଫରପୁର ସରପଞ୍ଚ ଗୋଲେଖ ବେହୁରିଆଙ୍କ ସମେତ ୮ ଜଣ ଯୁବକ ଆସି ବାସୁଦେବଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ପାଣି ମଟରକୁ ଫୋପାଡ଼ି ଦେବା ଓ ପେଲାଠେଲା କରି ମାଡ଼ ମାରିଥିଲେ। ଏ ନେଇ ମଙ୍ଗଳପୁର ଥାନାରେ ବାସୁଦେବ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ୧୦୯/୨୪ରେ ସରପଞ୍ଚ ଗୋଲେଖ ବେହୁରିଆ, ଛାତ୍ରନେତା ଚିନ୍ମୟ ମାହନ୍ତ, ମୁନ୍ନୁ ବେହୁରିଆ, ସତ୍ୟବ୍ରତ ବେହୁରିଆ, ବାବୁଲି ବେହୁରିଆଙ୍କ ନାମରେ ରୁଜୁ କରାଯାଇଛି। ଏସଡିପିଓ ସତ୍ୟବ୍ରତ ଲେଙ୍କା ଘଟଣାର ତଦନ୍ତ କରିଥିବା ଜଣାପଡ଼ିଛି। ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହିତ ଅଭିଯୋଗକାରୀଙ୍କ ବୟାନ ରେକର୍ଡ କରିଛି।

## ଧର୍ମଶାଳା ବ୍ଲକରେ ୩୯ଟି ସ୍ୱତନ୍ତ୍ର ବୁଥ୍ ପାଇଁ ଜିଲ୍ଲା ପ୍ରଶାସନକୁ ପ୍ରସ୍ତାବ

**ଧର୍ମଶାଳା, ୨୧।୩(ସମିସ):** ଆଗାମୀ ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜି ସାରିଛି। ଏ ନେଇ ନିର୍ବାଚନ କମିଶନ ତାରିଖ ଘୋଷଣା କରିଛନ୍ତି। ୭ଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ନିର୍ବାଚନରେ ଯାଜପୁର ଜିଲ୍ଲାରେ ଶେଷ ପର୍ଯ୍ୟାୟ ଅର୍ଥାତ୍ ଜୁନ ୧ ତାରିଖରେ ମତଦାନ ହେବାକୁ ଘୋଷଣା କରାଯାଇଛି। ଏହି କ୍ରମରେ ଚଳିତ ଥର ଧର୍ମଶାଳା ବ୍ଲକରେ ହେବାକୁ ଥିବା ନିର୍ବାଚନ ପାଇଁ ୨୬୪ ବୁଥରେ ୨ ଲକ୍ଷ ୨୯ ହଜାର ୮୪୯ ଭୋଟର ମତଦାନ କରିବେ। ଏଥି ମଧ୍ୟରୁ ୩୯ଟି ସ୍ୱତନ୍ତ ବୁଥ ଗଠନ କରିବା ନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ପ୍ରସ୍ତାବ ଦିଆଯାଉଛି। ସେଥି ମଧ୍ୟରେ ୨୩ଟି ମହିଳା ବୁଥ, ୧୦ଟି ପୁରୁଷ, ୩ଟି ପିଙ୍କ ବୁଥ, ୨ଟି ଯୁବ ଓ ଗୋଟିଏ ଦିବ୍ୟାଙ୍ଗ ବୁଥ ଗଠନ ପାଇଁ ପ୍ରସ୍ତାବ ରହିଛି। ଧର୍ମଶାଳା ବ୍ଲକର କଣିପାଟିଆ ଉପ୍ରା ସ୍କୁଲ ବୁଥକୁ ଦିବ୍ୟାଙ୍ଗ ବୁଥ କରାଯାଇଛି। ଜାରକା ଉପ୍ରା ସ୍କୁଲର ୧୭୨, ୧୭୩ ଓ ଧର୍ମଶାଳା ବାଣୀପୀଠ ବୁଥକୁ ପିଙ୍କ ବୁଥ କରାଯାଇଛି। କୋଟପୁରସ୍ଥ ଜାଗୁଳାଇ ସ୍କୁଲରେ ହେବାକୁ ଥିବା ୨ଟି ବୁଥକୁ ଯୁବ ବୁଥ କରାଯାଇଛି। ଜେନାପୁର ହାଇସ୍କୁଲର ୩୭, ୩୮, ୩୯ନଂ ବୁଥ ଓ ଅଚ୍ୟୁତପୁରସ୍ଥ ଦାମୋଦର ବିଦ୍ୟାପୀଠର ୧୯୭, ୧୯୮ ଓ କାଏମା ହାଇସ୍କୁଲର ୧୯୨, ୧୯୩ ଓ ନୀଳସୁନ୍ଦର ହାଇସ୍କୁଲରେ ୨୨୪, ୨୨୭ ଓ ୨୨୮ ନମ୍ବର ବୁଥକୁ ଚଳିତ ଥର ମଡେଲ ବୁଥ କରାଯାଇଛି। ସେହିପରି ୮୯, ୧୦୦, ୧୦୧, ୧୦୨, ୧୦୪, ୨୦୫, ୧୭୦, ୧୭୧, ୧୭୪, ୧୭୫, ୧୭୬, ୧୭୮, ୧୭୯, ୧୮୦୧୯୦, ୧୯୧, ୧୯୬, ୧୯୯, ୨୦୦, ୨୦୨, ୨୦୩ ୨୦୪, ୨୨୩ ବୁଥକୁ ମହିଳା ବୁଥ କରାଯାଇଛି। ନିର୍ବାଚନ ପାଇଁ ମେ ୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ମେ ୧୪ ତାରିଖରେ ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ ଥିବାବେଳେ ୧୫ ତାରିଖରେ ପାଞ୍ଚ ପ୍ରକ୍ରିୟା ସ୍ଥିର କରାଯାଇଛି। ୧୭ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ଦିନ ସ୍ଥିର କରାଯାଇଛି।

## ଟମକା ପୁଲିସର ଫ୍ଲାଗ ମାର୍ଚ୍ଚ



**ଟମକା, ୨୧।୩(ସମିସ):** ସାରା ଦେଶରେ ନିର୍ବାଚନ ଆଚରଣବିଧି ଲାଗୁ ହେବା ପରେ ଜନସାଧାରଣଙ୍କ ସଚେତନ ପାଇଁ ସ୍ଥାନୀୟ ଥାନା ପକ୍ଷରୁ ଟମକା ଛକରୁ ଜନିନ୍ଦାପାଳ ପର୍ଯ୍ୟନ୍ତ ଆଇଆଇସି ଶଙ୍କର୍ଷଣ ଦଳାଇଙ୍କ ନେତୃତ୍ୱରେ ରିଜର୍ଭ ବାଟାଲିୟନର ସୁରକ୍ଷା କର୍ମୀ ଫ୍ଲାଗ ମାର୍ଚ୍ଚ କରିଛନ୍ତି। ନିର୍ବାଚନ କିପରି ଅବାଧ ଓ ନିରପେକ୍ଷ, ଶୃଙ୍ଖଳିତ ଭାବେ ହୋଇପାରିବ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ଜିଲ୍ଲା ବ୍ୟାପି ଏଭଳି ଫ୍ଲାଗ ମାର୍ଚ୍ଚ କରାଯାଉଛି। ଏହା ପୁଲିସ୍‌ର ନିର୍ବାଚନ ପୂର୍ବରୁ ମକଡ୍ରିଲ। ଯଦ୍ୱାରା ରାଜନୈତିକ ଦଳର କର୍ମୀ ଯେପରି ସମ୍ପ୍ରଦାୟିକ ଗଣ୍ଡଗୋଳ, ଗୋଷ୍ଠୀ ସଂଘର୍ଷ, ସାଧାରଣ ଲୋକଙ୍କୁ ଭୟଭୀତ ନ କରିବା, ଗ୍ରାମରେ ଆଇନଶୃଙ୍ଖଳାକୁ ମାନିବା, ଆତଙ୍କ ସୃଷ୍ଟି ନ କରିବା ଲକ୍ଷ୍ୟରେ ଏକ ସଚେତନତାର ବାର୍ତ୍ତା ପ୍ରଶାସନ ଏହି ପଇଁତରା ମାଧ୍ୟମରେ ଦେଇଥାଏ ବୋଲି ଆଇଆଇସି ଶ୍ରୀ ଦଳାଇ ପ୍ରକାଶ କରିଛନ୍ତି।

## ତ୍ରିଲୋଚନ ଦାଶ ବିଜେଡିର ରାଜ୍ୟ ସମ୍ପାଦକ



**କୁଆଖିଆ/ବାରବାଟୀ, ୨୧।୩(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ କୋଳଥଳ ଗ୍ରାମର ତ୍ରିଲୋଚନ ଦାଶ ରାଜ୍ୟ ବିଜୁ ଜନତା ଦଳର ସମ୍ପାଦକ ନିଯୁକ୍ତ ହୋଇଛନ୍ତି। ଆଜି ବିଜୁ ଜନତା ଦଳର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି। ଶ୍ରୀ ଦାଶ ସ୍ୱର୍ଗତ କଳ୍ପତରୁ ଦାସଙ୍କ ଘନିଷ୍ଠ ସହଯୋଗୀ ଭାବେ ପରିଚିତ ଥିଲେ। ବିଗତ ଦିନରେ ରସୁଲପୁର ବ୍ଲକରେ ବିଜୁ ଜନତା ଦଳର ସଭାପତି କାର୍ଯ୍ୟ ତୁଲାଇବା ସହିତ ୩ଥର ଯାଜପୁର ଜିଲ୍ଲାର ସମ୍ପାଦକ ଓ ଜିଲ୍ଲା ଉପସଭାପତି କାର୍ଯ୍ୟ ସୁଚାରୁରୂପେ ତୁଲାଇ ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ। ତାଙ୍କ ସହଧର୍ମିଣୀ ରସୁଲପୁର ବ୍ଲକର ଅଧ୍ୟକ୍ଷା ଥିଲେ। ସେ ବରୀ ନିର୍ବାଚନ ମଣ୍ଡଳୀର ସାମନ୍ତରାପୁର ପଞ୍ଚାୟତର ସମିତି ସଭ୍ୟ ଥିଲେ। ବିଜୁ ଜନତା ଦଳ ଗଠନ ହେବା ଦିନରୁ ସେ ନିରବଚ୍ଛିନ୍ନ ଭାବେ ଦଳ ପାଇଁ କାର୍ଯ୍ୟ କରିଆସୁଛନ୍ତି। ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୯ ପଞ୍ଚାୟତ, କୋରେଇ ନିର୍ବାଚନ ମଣ୍ଡଳୀର ୯ ପଞ୍ଚାୟତ ଓ ବରୀ ନିର୍ବାଚନ ମଣ୍ଡଳୀର ୧୦ ପଞ୍ଚାୟତକୁ ନେଇ ରସୁଲପୁର ବ୍ଲକରେ ଶ୍ରୀ ଦାଶଙ୍କ ପ୍ରଭାବ ରହିଛି। ଏ ପରିପ୍ରେକ୍ଷୀରେ ବିଜୁ ଜନତା ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରିଥିବାରୁ କୃତଜ୍ଞତା ଜଣାଇଛନ୍ତି। ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜଣାଇବା ସହିତ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ଜିଲ୍ଲାର ସମସ୍ତ ବିଧାୟକ, ବିଧାୟିକା ଓ ସମସ୍ତ ବିଜୁଜନତା ଦଳର କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଜିନ୍ଦଲରେ ଆନ୍ତର୍ଜାତିକ ଜଙ୍ଗଲ ଦିବସ ପାଳିତ




**ଦାନଗଦି, ୨୧।୩(ସମିସ):** ଜିନ୍ଦଲ ଷ୍ଟେନଲେସ ଲିମିଟେଡ ଆଜି ଯାଜପୁର କାରଖାନାରେ ପରିବେଶ ଚେତନା ଓ ଜୈବ ବିବିଧତା ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ପ୍ରଭାବଶାଳୀ କାର୍ଯ୍ୟକଳାପ ସହିତ ଆନ୍ତର୍ଜାତିକ ଜଙ୍ଗଲ ଦିବସ ପାଳନ କରିଛି। ଏ ପରିପ୍ରେକ୍ଷୀରେ ଏକ ଚାରା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆମ୍ବ, ଜାମୁ, ବେଲ, ପିଜୁଳି ଓ ଲେମ୍ବୁ ଭଳି ବିଭିନ୍ନ ପ୍ରକାର ଚାରା ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏହି ପଦକ୍ଷେପ କେବଳ ସବୁଜ ଆବରଣକୁ ବଢ଼ାଇବା ନୁହେଁ, ବରଂ ସ୍ଥାନୀୟ ସମ୍ପ୍ରଦାୟକୁ ସ୍ଥାୟୀ ଉତ୍ସ ମଧ୍ୟ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ପରିବେଶ ପରିଚାଳନା ଦାୟିତ୍ୱ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରି କମ୍ପାନୀ ପ୍ଲାଣ୍ଟ ପରିସରରେ ଏକ ବୃକ୍ଷରୋପଣ ଅଭିଯାନ ଆୟୋଜନ କରି ବୃକ୍ଷରୋପଣର ମହତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବାକୁ କର୍ମଚାରୀଙ୍କୁ ନିୟୋଜିତ କରିଥିଲା। କାରଖାନାର ବରିଷ୍ଠ ନେତୃତ୍ୱ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ସମସ୍ତଙ୍କୁ ଆଜି ବୃକ୍ଷରୋପଣ କରି ଉତ୍ତମ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏହାବ୍ୟତୀତ ନାଗପୁରର ଇକୋନସ ପରିବେଶ ସମାଧାନ ଏଲଏଲପି ଉପଦେଷ୍ଟା ତଥା ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଜଣେ ସ୍ୱୀକୃତିପ୍ରାପ୍ତ ଗ୍ରୀନବେଲ୍ଟ ବିଶେଷଜ୍ଞ ଡଃ ସମୀର ଦେଶପାଣ୍ଡେଙ୍କ ସହ 'ଜୈବ ବିବିଧତା ଓ ଏହାର ପ୍ରାସଙ୍ଗିକତା ବୁଝିବା' ଶୀର୍ଷକ ଏକ ୱେବିନାର ଆୟୋଜନ କରାଯାଇଥିଲା। ଡକ୍ଟର ଦେଶପାଣ୍ଡେ ଚଳିତ ବର୍ଷର ବିଷୟବସ୍ତୁ 'ଜଙ୍ଗଲ ଓ ଉଦ୍ଭାବନ' ଉପରେ ଏକ ଅନ୍ତର୍ନିହିତ ଆଲୋଚନା କରି ଉଦ୍ଭାବନ ଓ ନିରନ୍ତର ବିକାଶରେ ଜଙ୍ଗଲର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆଲୋକିତ କରିଛନ୍ତି। ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍ ଏହାର ପରିବେଶ ପରିଚାଳନା ଦାୟିତ୍ୱରେ ପ୍ରତିବଦ୍ଧ ଓ ସବୁଜ, ଅଧିକ ସ୍ଥାୟୀ ଭବିଷ୍ୟତ ଆଡକୁ ଯାତ୍ରା ଜାରି ରଖିବାକୁ ଲକ୍ଷ୍ୟ ରଖିଛି।

## ଦୁର୍ଘଟଣାରେ ତହସିଲ କର୍ମଚାରୀ ମୃତ

**ବ୍ୟାସନଗର/କୋରେଇ, ୨୧।୩(ସମିସ):** ଯାଜପୁରରୋଡ୍ ଆଦର୍ଶ ଥାନା ନିକଟସ୍ଥ ନୂଆଗଡ଼ ଗୋଲେଇ ଛକରେ ଗୁରୁବାର ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ବ୍ୟାସନଗର ତହସିଲରେ କାର୍ଯ୍ୟରତ ଜଣେ ରେଭିନ୍ୟୁ ସହାୟିକାଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ବର୍ଷାରାଣୀ ବେହେରା (୩୧) ବୋଲି ଜଣାପଡ଼ିଛି। ସେ ଚଳିତ ମାସ ୧୧ ତାରିଖରେ ବ୍ୟାସନଗର ତହସିଲରେ କାର୍ଯ୍ୟଭାର ନେଇଥିଲେ। ବର୍ଷାରାଣୀ ନୂଆଗଡ଼ ଗୋଲେଇ ଛକ ନିକଟବର୍ତ୍ତୀ ସୁଜଳ ନଗରରେ ତାଙ୍କ ଭାଇଙ୍କ ସହିତ ରହୁଥିଲେ। ତାଙ୍କ ଭାଇ କଳିଙ୍ଗନଗର ଟାଟା କାରଖାନାରେ କାର୍ଯ୍ୟରତ ଅଛନ୍ତି। ବର୍ଷା ଗୁରୁବାର ଅଫିସରୁ ଫେରି ଘରକୁ ଫେରିବା ସମୟରେ ଭାଇ ଭଉଣୀ ଗୋଲେଇ ଛକରେ ପରିବା କିଣୁଥିବାବେଳେ ହଠାତ୍ ଏକ ଟ୍ରକ ସ୍କୁଟିରେ ଥିବା ବର୍ଷାରାଣୀଙ୍କୁ କିଛି ବାଟ ଘୋଷାରି ନେବା ସହିତ ତାଙ୍କ ଗୋଡ଼ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ବର୍ଷାରାଣୀଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତଦେହକୁ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଥିବାବେଳେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୁଲିସ ଜବତ କରିଥିବାବେଳେ ଡ୍ରାଇଭରକୁ ଗିରଫ କରିଥିବା ସୂଚନା ମିଳିଛି। ଉକ୍ତ ୧୬ଚକିଆ ଟ୍ରକଟି ଭଦ୍ରକରୁ ମାଲ ବୋଝେଇ କରି କେନ୍ଦୁଝର ଯାଉଥିବାବେଳେ ବର୍ଷାରାଣୀଙ୍କୁ ପ୍ରାୟ ୬୦୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

## ସିଦ୍ଧେଶ୍ୱର ପୀଠରେ ସର୍ବଭାରତୀୟ ବେଦଯଜ୍ଞ ୨୮ରୁ

**ଦଶରଥପୁର, ୨୧।୩ (ସମିସ):** ସାରା ଦେଶରେ ପିତୃପୁରୁଷଙ୍କ ଅସ୍ଥି କ୍ଷେପଣ ପାଇଁ ପ୍ରସିଦ୍ଧି ଲାଭ କରିଥିବା ଅନ୍ୟତମ ତୀର୍ଥସ୍ଥଳୀ ଯାଜପୁର ସହର ସନ୍ନିକଟ ବୈତରଣୀ ନଦୀ ତଟରେ ଥିବା ସିଦ୍ଧେଶ୍ୱର ଶୈବ ପୀଠରେ ଚଳିତ ମାସ ୨୮ରୁ ୨୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ସର୍ବଭାରତୀୟ ବୈଦିକ ଯଜୁର୍ବେଦ ଯଜ୍ଞ ମହୋତ୍ସବ। ଏହି ଯଜ୍ଞ ମହୋତ୍ସବରେ ସାରା ଭାରତରୁ ବିଶିଷ୍ଟ ସାଧୁ, ସନ୍ଥଙ୍କଠାରୁ ଆରମ୍ଭ କରି ଦେଶର କୋଣଅନୁକୋଣରୁ ବହୁ ସଂଖ୍ୟାରେ ବିଦ୍ୱାନ ପୁରୋହିତ ଯୋଗ ଦେବେ। ଯଜ୍ଞରେ ଯାଜପୁର ଜିଲ୍ଲା ସମେତ ରାଜ୍ୟବାସୀଙ୍କ ମଙ୍ଗଳ ପାଇଁ ମୋଟ ୨୮୦୦ ଯଜ୍ଞ କୁଣ୍ଡରେ ଆହୂତି ପ୍ରଦାନ କରାଯିବ। ଏ ପରିପ୍ରେକ୍ଷୀରେ ଗୁରୁବାର ସନ୍ଧ୍ୟାରେ ସିଦ୍ଧେଶ୍ୱର ପୀଠ ପଡ଼ିଆରେ ଜିଲ୍ଲା ଯଜ୍ଞ କମିଟି ସଭାପତି ଦେବେନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ଯଜ୍ଞ କମିଟିର ବରିଷ୍ଠ ସଦସ୍ୟା ତଥା ପୂର୍ବତନ ଜିଲ୍ଲା ପରିଷଦ ସଭାପତି ରଞ୍ଜିତା ରାଉତ, ସଭ୍ୟ ସରୋଜ ବିଶ୍ୱାଳ, ପ୍ରୀତମ ରାଉତ, ଚନ୍ଦ୍ରମଣି ସାହୁ, କେଶବ ଦୀକ୍ଷିତ, ମନୋରଞ୍ଜନ ପାଣିଗ୍ରାହୀଙ୍କ ସମେତ ସିଦ୍ଧେଶ୍ୱର ମନ୍ଦିର ସେବାୟତ ଉପସ୍ଥିତ ରହି ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ୯୦ ଲିଟର ଦେଶୀମଦ ସହ ଗାଡ଼ି ଜବତ, ଜଣେ ଗିରଫ



**ବ୍ୟାସନଗର, ୨୧।୩(ସମିସ):** ଡୋଲିପୁର ଅବକାରୀ ବିଭାଗ ପକ୍ଷରୁ ମୁଣ୍ଡମାଳ ଛକରେ ଚଢ଼ଉ କରାଯାଇ ୯୦ ଲିଟର ଦେଶୀମଦ ଓ ସ୍କୁଟି ଜବତ କରାଯିବା ସହିତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଦିନ ପ୍ରାୟ ୧୧.୩୦ ମିନିଟ ସମୟରେ ଡୋଲିପୁର ଅବକାରୀ ବିଭାଗ ଅଧିକାରୀ ନାରାୟଣ ବେହେରା ମୁଣ୍ଡମାଳ ଛକରେ ଚଢ଼ଉ କରିଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ଦେଶୀମଦ ବିକିବାକୁ ନେଇ ଆସୁଥିବା ଦେଖି ଗିରଫ କରିନେଇଥିଲେ। ଏହି ଗିରଫ ବ୍ୟକ୍ତି ଜଣଙ୍କ ହେଲେ ଯାଜପୁର ରୋଡ ଥାନା ମୁଣ୍ଡମାଳ ଅଞ୍ଚଳର ପ୍ରତାପ ଜେନା ବୋଲି ଜଣାପଡ଼ିଛି। ଏହି ଚଢ଼ଉରେ ସବ-ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଣ୍ଡା, ଏସଆଇ କ୍ଷୀରୋଦ କୁମାର ସାହୁ, ଶୁଭସ୍ମିତା ପ୍ରଧାନ, ମାଳତୀ ମାଝୀ, ସୁଚିତ୍ରା ନାୟକଙ୍କ ସମେତ କର୍ମଚାରୀ ସାମିଲ ଥିଲେ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ; ଟାୟାର ଜାଳି ଜାତୀୟ ରାଜପଥ ଅବରୋଧ

ଦଶରଥପୁର, ୨୧।୩ (ସମିସ)



ଦୁର୍ଘଟଣାରେ ଚାଲିଗଲା ଯୁବକଙ୍କ ଜୀବନ। ଏଭଳି ଅଘଟଣ ଘଟିଛି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକରେ। କାଟିକଟା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ରାତ୍ରି ପ୍ରାୟ ୮.୩୦ ସମୟରେ ବିରଜାପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମର ଅକ୍ଷୟ କୁମାର ଷଡଙ୍ଗୀଙ୍କ ପୁଅ ନରେନ୍ଦ୍ର କୁମାର ଷଡଙ୍ଗୀ(୩୭) କୌଣସି କାମରେ କାଟିକଟା ଆଡକୁ ବାଇକ୍‌ରେ ଆସୁଥିଲେ। ଏହି ସମୟରେ ରାସ୍ତାରେ କୁଢ଼ ହୋଇଥିବା ଚିପ୍‌ସରେ ବାଡେଇ ହୋଇଯାଇଥିଲେ। ନରେନ୍ଦ୍ରଙ୍କ ମୁଣ୍ଡରେ ପ୍ରବଳ ମାଡ଼ ହୋଇଯିବାରୁ ଖୁବ ଜୋରରେ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ସଂଗେ ସଂଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସାର କିଛି ସମୟ ପରେ ଡାକ୍ତର ନରେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଯୁବକଙ୍କ ପରିବାରକୁ କ୍ଷତିପୂରଣ ସହ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଦାବିରେ ୨୦ନଂ ଜାତୀୟ ରାଜପଥ ଉପରେ ଟାୟାର ଜାଳି ରାସ୍ତାରୋକ କରିଥିଲେ। ଦଶରଥପୁର ଆଇଆଇସି ବଦ୍ରିକାନାଥ ବେହେରା ଓ ଏସଡିପିଓ ସତ୍ୟବ୍ରତ ଲେଙ୍କାଙ୍କ ସମେତ ବହୁ ପୁଲିସ ଉପସ୍ଥିତ ରହି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିବା ଦେଖିବାକୁ ମିଳିଛି। କିଛିଦିନ ହେବ ରାସ୍ତା କାମ ପାଇଁ ଚିପ୍‌ସ କୁଢ଼ କରାଯାଇ ରଖାଯାଇଛି। ବିପରିତ ଦିଗରୁ ଗାଡ଼ି ଲାଇଟ ପଡ଼ିବାରୁ ସେ ଚିପ୍‌ସରେ ପିଟି ହୋଇଯାଇଥିବା ସ୍ଥାନୀୟ ଲୋକେ କହୁଛନ୍ତି।

### ଚାଷୀଙ୍କ କାମରେ ଆସୁନି ବେଙ୍ଗା ନାଳ

# ନାଗଫେଣୀ, କଲକତି ଦଳରେ ଭର୍ତ୍ତି, ପୁନରୁଦ୍ଧାର ଦାବି

**କୟାଁଗୋଲା, ୨୧।୩(ସମିସ)**

ଏକଦା ଏ ଅଞ୍ଚଳ ଚାଷୀଙ୍କ ଜୀବନରେଖା ସାଜିଥିବା ବେଙ୍ଗାନାଳ ଏବେ ଦୁଃଖ ପାଲଟିଛି। ପୁନରୁଦ୍ଧାର ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ନାଳ ଅବସ୍ଥା ସୁଧୁରିବା ପରିବର୍ତ୍ତେ ଅଧିକରୁ ଅଧିକ ପୋତି ହୋଇପଡୁଥିବା ଦେଖିବାକୁ ମିଳୁଛି। ଚାଷୀ ଏହାର ପ୍ରତିକାର ପାଇଁ ପ୍ରଶାସନକୁ ଅବଗତ କରୁଛନ୍ତି ଓ ପୁନରୁଦ୍ଧାର ପାଇଁ ପ୍ରତିଶ୍ରୁତି ମିଳୁଛି। ମାତ୍ର ତାହା କାର୍ଯ୍ୟକାରୀ ହେଉନି। ଏବେ ଏହି ନାଳ ନାଗଫେଣି ଓ କଲକତି ଦଳରେ ଭର୍ତ୍ତି ହୋଇଛି। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।





ବିଗତ କିଛିବର୍ଷ ତଳେ ଏହି ନାଳର ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଆଶା କରାଯାଇଥିଲା ଏହି ନାଳ ସଫା ହେବା ପରେ ସ୍ଥାନୀୟ ଚାଷୀ ଏହାର ସୁଫଳ ପାଇବେ। କିନ୍ତୁ ଏହାର କୌଣସି ଲାଭ ମିଳି ନ ଥିଲା। ନାମକୁ ମାତ୍ର ଠିକାଦାର ଏହାର ସଫେଇ କରି ଲକ୍ଷ ଲକ୍ଷ ଟଙ୍କା ବିଲ୍ କରିନେଲେ, କିନ୍ତୁ ଚାଷୀଙ୍କ ବିଲକୁ ପାଣି ଆସିଲା ନାହିଁ।

ସେହିପରି ଏହି ବେଙ୍ଗାନାଳର ଅନେକ ସ୍ଥାନରେ ଜବରଦଖଲ ଯୋଗୁଁ ଉପର ମୁଣ୍ଡରୁ ପାଣି ଆସିବାରେ ବାଧକ ସାଜିଛି ଓ ନାଗ ଫେଣି, କଲକତି ଦଳରେ ନାଳ ଭର୍ତ୍ତି ହୋଇଯାଇଛି। ପୂର୍ବରୁ ଏହି ନାଳ ଉପରେ ନିର୍ଭର କରି ଚାଷୀ ପ୍ରତିବର୍ଷ ପାରମ୍ପରିକ ଧାନ ଫସଲ ସହ ପନିପରିବା ଚାଷ କରି ଗୁଜୁରାଣ ମେଣ୍ଟାଉଥିଲେ। ଏଥିସହିତ ଗାଧୁଆ, ବାସନ ମଜା, ଗୃହପାଳିତ ପଶୁ ପାଣି ପିଇବା ପାଇଁ ବ୍ୟବହାର କରୁଥିଲେ। ଏତଦ୍‌ବ୍ୟତୀତ ପ୍ରତିବର୍ଷ ଏହି ନାଳରୁ ରୋହି, ଭାକୁର, ଶେଉଳ, କରାଣ୍ଡି, କଣ୍ଟିଆ ମାଛ ଧରି ବହୁ ଲୋକ ଉପକୃତ ହେଉଥିଲେ। ଏବେ ସବୁ ବନ୍ଦ ଓ ଦଳ ଭର୍ତ୍ତି। କେତେକ ଜାଗାରେ ପାଣି ନ ଥିବାରୁ ଜମିକୁ ଜଳସେଚିତ କରାଯାଇପାରୁନାହିଁ। ମାଛ ମରୁନାହାଁନ୍ତି କି ଗୃହପାଳିତ ପଶୁ ଏହାର ଜଳ ବ୍ୟବହାର କରିପାରୁନାହାଁନ୍ତି।

ସୁନ୍ଦରୀମୁହଁଠାରୁ ବାହାରି କୁସୁନପୁର ସଫେଇ ନଦୀରେ ମିଶିଥିବା ଏହି ବେଙ୍ଗାନାଳ ଏବେ ଧିରେ ଧିରେ ଲୋକଙ୍କ ମନରୁ ଲିଭିବାକୁ ଗଲାଣି। କାରଣ ବର୍ଷ ତମାମ ଏହି ନାଳ ସ୍ଥାନୀୟ ଲୋକଙ୍କ କୌଣସି କାମରେ ଆସୁନାହିଁ। ପୂର୍ବରୁ ଏହି ନାଳ ଉପରେ ନିର୍ଭର କରି ହଜାର ହଜାର ହେକ୍ଟର ଚାଷ ଜମି ଜଳସେଚିତ ହେଉଥିଲା। କିନ୍ତୁ ଏବେ ସେସବୁ ଅଞ୍ଚଳ ବର୍ଷ ତମାମ ପଡ଼ିଆ ପଡୁଛି। ଏଭଳି ଏକ ଗୁରୁତର ସମସ୍ୟା ସମ୍ପର୍କରେ ବାରମ୍ବାର ସ୍ଥାନୀୟ ଲୋକେ ସମାଧାନ କରିବା ପାଇଁ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ସମାଧାନର ରାସ୍ତା ବାହାରୁନାହିଁ। ଓଲଟି ଏହି ନାଳ ସଫା ନାଁରେ କେତେକ ଠିକାଦାର ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଲୁଟ କରିବାରେ ସକ୍ଷମ ହେଉଛନ୍ତି। ତେଣୁ ଏଭଳି ଏକ ସମସ୍ୟା ସମ୍ପର୍କରେ ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

## ଲକ୍ଷ୍ମୀପ୍ରିୟା ମଲ୍ଲିକ ବରୁଣ୍ଡାଇ ପଞ୍ଚାୟତ ବିଜେଡି ମହିଳା ସଭାପତି



**ପାଣିକୋଇଲି, ୨୧।୩(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡାଇ ପଞ୍ଚାୟତର ବିଜୁ ଜନତା ଦଳର ମହିଳା ସଭାପତି ପୂର୍ଣ୍ଣିମା ନାୟକ ଦଳୀୟ କାର୍ଯ୍ୟକ୍ରମ ପାଇଁ ସମୟ ଦେଉ ନ ଥିବାରୁ ତାଙ୍କୁ ପରିବର୍ତ୍ତନ କରାଯାଇଛି। ତାଙ୍କ ସ୍ଥାନରେ ବରୁଣ୍ଡାଇ ବିଜେଡି ମହିଳା ସଭାପତି ଭାବେ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ମଲ୍ଲିକଙ୍କୁ ନୂତନ ଭାବେ ଦାୟିତ୍ୱ ଦିଆଯାଇଥିବା ଘୋଷଣା କରାଯାଇଛି। କୋରେଇ ବିଧାୟକ ଅଶୋକ କୁମାର ବଳଙ୍କ ପରାମର୍ଶ କ୍ରମେ କୋରେଇ ବ୍ଲକ ବିଜେଡି ମହିଳା ସଭାପତି ପଙ୍କଜିନୀ ସାହୁ ଏହାକୁ ପରିବର୍ତ୍ତନ କରିଥିବା ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

## ବନ୍ଧୁଘରକୁ ଯାଇଥିବା ଯୁବକଙ୍କ ଅକାଳ ମୃତ୍ୟୁ

**ଦଶରଥପୁର, ୨୧।୩ (ସମିସ):** ୨ ଦିନ ତଳେ ବାପାଙ୍କ ପିଲା ଦିନର ସାଙ୍ଗ ଘରକୁ ବୁଲିବାକୁ ଯାଇଥିବା ଜଣେ ଯୁବକଙ୍କ ଅକାଳ ମୃତ୍ୟୁକୁ ନେଇ ଦଶରଥପୁର ଥାନା ଚମ୍ପେଇପାଳ ପଞ୍ଚାୟତର ବରିଆନା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଘରର ଏକମାତ୍ର ପୁଅକୁ ହରାଇ ବାପା ଓ ମାଆ ବାରମ୍ବାର ଚେତା ହରାଇ ବସୁଥିବାବେଳେ ଗ୍ରାମବାସୀ ଶୋକରେ ବୁଡ଼ି ରହିଛନ୍ତି। ଦଶରଥପୁର ଥାନା ବରିଆନା ଗ୍ରାମର ପ୍ରବୋଧ ସାମଲଙ୍କ ୨୨ ବର୍ଷର ପୁଅ ହିତେଶ ସାମଲ ୧୯ ତାରିଖ ମଙ୍ଗଳବାର ସକାଳୁ ଘରୁ ବାହାରି ନବରଙ୍ଗପୁର ଜିଲ୍ଲା ଉମରକୋଟ ଅଞ୍ଚଳରେ ବହୁଥିବା ବାପା ପ୍ରବୋଧ ସାମଲଙ୍କ ପିଲା ଦିନର ସାଙ୍ଗ ଘରକୁ ବୁଲିବାକୁ ଯାଇଥିଲେ। ବୁଧବାର ଦିନ ତମାମ ସେଠାରେ ଥିବା ସାଙ୍ଗଙ୍କ ସହ ବୁଲାବୁଲି କରିଥିବାବେଳେ ଗୁରୁବାର ସ୍ଥାନୀୟ ୩ ଜଣ ସାଙ୍ଗଙ୍କ ସହିତ ଉମରକୋଟ ବେହେଡ଼ା ଅଞ୍ଚଳରେ ଥିବା ଖଡ଼ଗା ଡ୍ୟାମକୁ ଗାଧୋଇବାକୁ ଯାଇଥିଲେ। ସାଙ୍ଗଙ୍କ ସହିତ ମିଳି ମିଶି ଡ୍ୟାମରେ ଗାଧୋଉଥିବାବେଳେ ହିତେଶ୍‌ଙ୍କ ସମେତ ୩ ଜଣ ସାଙ୍ଗ ଅଥଳ ପାଣିରେ ବୁଡ଼ି ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ପର୍ଯ୍ୟଟକ ସମସ୍ତଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ହିତେଶଙ୍କୁ ଛାଡ଼ି ଅନ୍ୟ ସମସ୍ତ ୩ ଜଣଙ୍କୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ। ହିତେଶଙ୍କ ପତ୍ତା ମିଳି ନ ଥିଲା। ଉମରକୋଟ ଅଗ୍ନିଶମ ବାହିନୀ ବହୁ ଖୋଜାଖୋଜି ପରେ ମୃତ ଅବସ୍ଥାରେ ହିତେଶଙ୍କୁ ଉଦ୍ଧାର କରିଥିଲା।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଧର୍ମଶାଳା, ୨୧।୩ (ସମିସ):** ଧର୍ମଶାଳା ଥାନା କୋତପୁର ଫାଣ୍ଡି ଅନ୍ତର୍ଗତ କୋତପୁର ଗ୍ରାମ ନିକଟସ୍ଥ କେଲୁଅ ନଦୀ ପଠାରୁ ଆଜି ସକାଳେ ପୁଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। କୁଆଖିଆ ଥାନା ଅନ୍ତର୍ଗତ ହରିପୁର ଗ୍ରାମର ସୁଶାନ୍ତ ପଣ୍ଡା (୪୩) ଗତକାଲି ନିଜ ଶଶୁର ଘର କୋତପୁର ଗ୍ରାମର ଚୈତନ୍ୟ ଦାସଙ୍କ ଘରକୁ ଆସିଥିଲେ। ତେବେ ରାତିରେ ଘରକୁ ଯାଉଛନ୍ତି କହି ସେ ଶଶୁର ଘରୁ ଚାଲିଆସି କେଲୁଅ ନଦୀପଠାରେ ବେକରେ ରଶି ଲଗାଇ ଏକ ଗଛରେ ଝୁଲିପଡ଼ି ଆତ୍ମହତ୍ୟା କରିଛନ୍ତି। ସକାଳୁ ସ୍ଥାନୀୟ ଲୋକେ ଦେଖି ତାଙ୍କ ଶଶୁର ଘରକୁ ଜଣାଇବା ପରେ ଶଶୁର ଘର ଲୋକେ ସେଠାରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିବା ସହ ପୁଲିସକୁ ଖବର ଦେଇଥିଲେ। କୋତପୁର ଫାଣ୍ଡି ପୁଲିସ ସେଠାରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ ଚଳାଇଛି।

## ବାଲିଚନ୍ଦ୍ରପୁରରେ ସିଆରପିଏଫ୍ ଯବାନଙ୍କ ଫ୍ଲାଗ୍‌ମାର୍ଚ୍ଚ

**ବାଲିଚନ୍ଦ୍ରପୁର, ୨୧।୩(ସମିସ)**



ବାଲିଚନ୍ଦ୍ରପୁର ଥାନା ପକ୍ଷରୁ ସିଆରପିଏଫ୍ ଯବାନଙ୍କୁ ନେଇ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ୨୦୨୪ ସାଧାରଣ ନିର୍ବାଚନ ପାଇଁ ଆଚରଣବିଧି ଲାଗୁ ହେବା ପରେ ନିରପେକ୍ଷ, ହିଂସାମୁକ୍ତ ନିର୍ବାଚନ କରିବା ପାଇଁ ଯବାନମାନେ ସଜାଗ ରହିଛନ୍ତି ବୋଲି ସାଧାରଣ ଜନତାଙ୍କୁ ଜଣାଇବା ପାଇଁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ବାଲିଚନ୍ଦ୍ରପୁର ଥାନା ଆଇଆଇସି ପ୍ରମୋଦିନୀ ସାହୁ ଓ ସିଆରପିଏଫ୍ ଇନ୍ସପେକ୍ଟର ବିନୟ କୁମାରଙ୍କ ତତ୍ତ୍ୱାବଧାନରେ ବାଲିଚନ୍ଦ୍ରପୁର, ପତରାଜପୁର, ନଳୀପୁର, ଚାରିନଙ୍ଗଳ, ବାଲିକୁଦା, ରଇପୁର, ସାଉଡିଆ, ଗୋପାଳପୁର ପଞ୍ଚାୟତରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା। ନିର୍ବାଚନ ଆଚରଣବିଧି ଲାଗୁ ହେବା ପରେ ସର୍ବସାଧାରଣ ସ୍ଥାନରେ ଲାଗିଥିବା ସରକାରୀ ଓ ଆଶାୟୀ ପ୍ରାର୍ଥୀଙ୍କ ହୋର୍ଡିଂ ଓ ପୋଷ୍ଟର ହଟାଇବା, ସାମାଜିକ ହିଂସା ଓ ଦଙ୍ଗା ଘଟାଇବା, ନିର୍ବାଚନ ସମୟରେ ମିଥ୍ୟା ପ୍ରଚାର କରିବା ଓ ଭୋଟରଙ୍କୁ ପ୍ରଲୋଭନ ଦେଖାଇ ପ୍ରଭାବିତ କରିବା ଭଳି କାର୍ଯ୍ୟକଳାପ ରୋକିବା ଆଦି କାର୍ଯ୍ୟରେ ନଜର ରଖିବାକୁ ସିଆରପିଏଫ୍ ଯବାନଙ୍କୁ ନେଇ ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା।

## ଫଗୁ ଦଶମୀରେ ଲକ୍ଷ୍ମୀ-ନୃସିଂହଙ୍କ ଚାଚେରୀ ବେଶ



**ବାଲିଚନ୍ଦ୍ରପୁର, ୨୧।୩(ସମିସ)**

ଆଜି ଫଗୁ ଦଶମୀରେ ଲକ୍ଷ୍ମୀ ନୃସିଂହ ଚାଚେରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ବଡ଼ଚଣା ବ୍ଲକ ଅନ୍ତର୍ଗତ ଆମ୍ବସୌରୀ-ପତରାଜପୁର ଗ୍ରାମର ନୃସିଂହ ପରମାଣିକଙ୍କ ଲକ୍ଷ୍ମୀ ନୃସିଂହ ବିମାନରେ ଚାଚରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଚନ୍ଦନ, କର୍ପୂର, ଅତର, ଅଗୁରରେ ଲେପନ କରାଯାଇ ଶ୍ରୀଜୀଉଙ୍କୁ ନୂଆ ବସ୍ତ୍ର ପରିଧାନ କରାଯାଇଥିଲା। ଅଳଙ୍କାର, ସ୍ୱର୍ଣ୍ଣ କୁଣ୍ଡଳ ପିନ୍ଧାଯାଇ ସୁସଜ୍ଜିତ ବିମାନରେ ଶଙ୍ଖ, ହୁଳହୁଳି, ଘଣ୍ଟ ନାଦରେ ବିମାନକୁ ନିଆଯାଇଥିଲା। ଏହାପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମନ୍ଦିର ପୂଜକ ଲିଙ୍ଗରାଜ କର ଲକ୍ଷ୍ମୀ ନୃସିଂହ ବିମାନରେ ଜୀଉଙ୍କୁ ପୂଜାର୍ଚ୍ଚନା ଓ ଆଳତି କରି ଭୋଗ ଲାଗି କରିଥିଲେ। ଏହି ସମୟରେ ଉପସ୍ଥିତ ଥିବା ଶ୍ରଦ୍ଧାଳୁଙ୍କୁ ଶ୍ରୀଜୀଉଙ୍କ ମଥାରେ ଅବିର ଲେପନ କରାଯାଇଥିଲା। ଏହାପରେ ବିମାନ ଶୋଭାଯାତ୍ରାରେ ଗ୍ରାମ ଦେବତୀ ବୁଢୀ ଜାଗୁଳାଇ ଠାକୁରାଣୀ ସମ୍ମୁଖରେ ଅଧିଷ୍ଠାନ ପରେ ଶ୍ରୀଜୀଉଙ୍କ ବିମାନରେ ଚାଚେରୀ ବେଶ ଶୋଭାଯାତ୍ରାରେ ବାହାରି ପତରାଜପୁର ଗ୍ରାମର ବିଜୟ ପରମାଣିକଙ୍କ ଦାଣ୍ଡରେ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଭୋଗ ଲାଗି ପରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମନ୍ଦିରକୁ ବିଜେ କରିଥିଲେ। ଆଗାମୀ ୨୭ ତାରିଖ ଚୈତ୍ର କୃଷ୍ଣପକ୍ଷ ଦ୍ୱିତୀୟା ତିଥି ରାତ୍ରରେ ବାଲିଚନ୍ଦ୍ରପୁର ଶ୍ରୀଜଗନ୍ନାଥ ହାଟ ମେଳଣକୁ ଶୋଭାଯାତ୍ରାରେ ଯାଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ପୂଜକ ଶ୍ରୀ କର ସୂଚନା ଦେଇଥିଲେ। ଏହି ଚାଚେରୀ ବେଶ ପରିଚାଳନାରେ ସୁକାନ୍ତି ପରମାଣିକ, ପର୍ଶୁରାମ ପରମାଣିକ, ଅନନ୍ତ ସେଠୀ, ରମାକାନ୍ତ ବାରିକ, ପ୍ରମୋଦ କୁମାର ସିଂ, ସରୋଜ କୁମାର ସିଂ, ତପନ କୁମାର ସିଂ ପ୍ରମୁଖ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ



**ଯାଜପୁର, ୨୧।୩(ସମିସ):** ଯାଜପୁର ସଦର ଥାନା ଅନ୍ତର୍ଗତ କୁଖିଲା ଗ୍ରାମର ଟିକମ୍ ଜେନାଙ୍କ ପୁଅ ରାଜା ଜେନା(୨୧)ଙ୍କ ସଡ଼କ ଦୁର୍ଘଟଣାରେ ମୃତ ହୋଇଥିବା ଜଣାପଡ଼ିଛି। ଆଜି ସକାଳ ୪ଟା ସମୟରେ ଟେଣ୍ଟ୍ କାମ ସାରି ଏକ ବାଇକ୍ ଯୋଗେ ଘରକୁ ଫେରୁଥିବା ବାଟରେ କୁଖିଲା ଛକସ୍ଥ କନକଲତା ଉଚ୍ଚବିଦ୍ୟାଳୟ ନିକଟରେ ଘନ କୁହୁଡି ଭିତରେ ଏକ ଷଣ୍ଢ ବାଇକ୍ ଆଗକୁ ଚାଲି ଆସିବାରୁ ବନମାଳୀ ଜେନା ହଠାତ୍ ଗାଡ଼ିର ବ୍ରେକ ଦେବାରୁ ପଛରେ ବସିଥିବା ରାଜା ଗାଡିରୁ ଛିଟିକି ଏକ ଗଛରେ ବାଡେଇ ହେବାରୁ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଫଳରେ ଘଟଣାସ୍ଥଳରେ ରାଜାର ମୃତ୍ୟୁ ହୋଇଥିଲା। ଗତକାଲି ସନ୍ଧ୍ୟା ପରେ ଘନ କୁହୁଡି ଯୋଗୁଁ ରାସ୍ତା ଘାଟ ସ୍ପଷ୍ଟ ଭାବେ ଦେଖାଯାଉ ନ ଥିବାରୁ ବାଇକ୍ ଦୁର୍ଘଟଣା ଘଟିବାରୁ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଖବର ପାଇ ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଯୁବକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## କାର୍-ବାଇକ ଧକ୍କା, ବର୍ତ୍ତିଲେ ଯାତ୍ରୀ

**ପାଣିକୋଇଲି, ୨୧।୩(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟ୍ରମାକେୟାର ନିକଟସ୍ଥ ଡାଇଭର୍ସନରେ ଆଜି ଅପରାହ୍ନରେ ଟ୍ରକ୍ ସହ କାର୍ ଧକ୍କା ହେବା ଫଳରେ କାର୍ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପାଣିକୋଇଲିରୁ ଭଦ୍ରକ ଯାଉଥିବା ଏକ ଟ୍ରକ୍ ଓ କାର୍ ଯାଉଥିଲେ। ହଠାତ ଡାଇଭର୍ସନରେ ଉଭୟ ଗାଡ଼ି ଶୀଘ୍ର ଯିବା ପାଇଁ ପୂରାଇ ଦେବାରୁ ଟ୍ରକ ଓ କାର୍ ମଧ୍ୟରେ ଧକ୍କା ହୋଇଥିଲା। ତେବେ କାର୍‌ରେ ଥିବା ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ପାଣିକୋଇଲି ପୁଲିସ ପହଞ୍ଚି ଟ୍ରକ୍‌କୁ ଜବତ କରିବା ସହ ତଦନ୍ତ ଜାରି ରଖିଛି।

## ୱାରେଣ୍ଟି ଗିରଫ



ପାଣିକୋଇଲି, ୨୧।୩(ସମିସ): ପାଣିକୋଇଲି ପୁଲିସ ଆଜି ଜଣେ ୱାରେଣ୍ଟିକୁ ଗିରଫ କରି ଅଦାଲତ ଚାଲାଣ କରିଛି। ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ପୁଲିସ ମୂଳାପାଳ ପଞ୍ଚାୟତ ଅନ୍ତର୍ଗତ ସରସଦା ଗ୍ରାମର ରାମଚନ୍ଦ୍ର ପଲେଇଙ୍କ ପୁଅ ଭାଗୀରଥି ପଲେଇଙ୍କୁ ବୁଧବାର ରାତିରେ ଗିରଫ କରି ଥାନାକୁ ଆଣିଥିଲା। ଆଜି ତାକୁ ଅଦାଲତ ଚାଲାଣ କରାଯାଇଛି।

## ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକ ଗିରଫ



**ପାଣିକୋଇଲି, ୨୧।୩(ସମିସ):** ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକକୁ ପାଣିକୋଇଲି ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଛି। ଦୁର୍ଘଟଣା ଘଟାଇଥିବା ତାମିଲନାଡୁ ରାଜ୍ୟ ନାମକାଲ ଥାନା ଅଞ୍ଚଳର ପେରୁମାଲଙ୍କ ପୁଅ ଶୁଭ୍ରହମିନା ପି(୪୩)କୁ ଅଦାଲତ ଚାଲାଣ କରାଯାଇଛି। ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଓଭରବ୍ରିଜର ଶେଷ ମୁଣ୍ଡ ତଥା ପୁରୁଣା ଥାନା ନିକଟରେ ବୁଧବାର ସନ୍ଧ୍ୟା ସାଢେ ୭ଟାବେଳେ ଟ୍ରକ୍ ଧକ୍କାରେ ଯୁବକ ଗୁରୁତର ହୋଇଥିବାବେଳେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟକୁ ପଠାଇବା ସହ ପାଣିକୋଇଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରିଥିଲା। ପାଣିକୋଇଲି ଅଳତିରି ଗ୍ରାମର ଯୋଗେନ୍ଦ୍ର ସାହୁଙ୍କ ପୁଅ ଶଙ୍କର୍ଷଣ ଓରଫ ଟିକିଲି (୩୮) ଚାଲି ଚାଲି ରାସ୍ତା ପାର ହେଉଥିବା ସମୟରେ ପାଣିକୋଇଲି ପଟୁ ଓଭରବ୍ରିଜରୁ ଗଡୁଥିବା ଏକ ଦ୍ରୁତଗାମୀ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ଯାଜପୁରରୋଡ ଚିକିତ୍ସାଳୟକୁ ପଠାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଯାଜପୁର ଲୋକସଭା ଓ ତିନି ବିଧାନସଭାରେ ଏସ୍‌ୟୁସିଆଇ ଲଢ଼ିବ

**ଯାଜପୁର, ୨୧।୩ (ସମିସ):** ଆଗାମୀ ସାଧାରଣ ନିର୍ବାଚନରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ସିଦ୍ଧାନ୍ତ ଅନୁସାରେ ସାରା ଓଡ଼ିଶାରେ ପାର୍ଟି ଏକକ ଭାବେ ୧୬ଟି ଲୋକସଭା ଆସନ ଓ ୨୮ଟି ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛି। ଏ ପରିପ୍ରେକ୍ଷୀରେ ପାର୍ଟିର ଯାଜପୁର ଜିଲ୍ଲା ସମ୍ପାଦକ ସୁରେନ୍ଦ୍ର ମଲ୍ଲିକ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ଯେ, ଯାଜପୁର ଲୋକସଭା ପାଇଁ କମ୍ରେଡ଼ ସୁବାସ ମଲ୍ଲିକ ଓ ବିଞ୍ଝାରପୁର ବିଧାନସଭା ପାଇଁ କମ୍ରେଡ଼ ରାଧାବଲ୍ଲଭ ମଲ୍ଲିକ, ଧର୍ମଶାଳା ବିଧାନସଭା ପାଇଁ କମ୍ରେଡ଼ କେଦାରନାଥ ସାହୁ, ସୁକିନ୍ଦା ବିଧାନସଭା ପାଇଁ କମ୍ରେଡ଼ ଲିଲି ମହାନ୍ତିଙ୍କୁ ପ୍ରାର୍ଥୀ କରାଯାଇଛି। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଯାଜପୁର ଜିଲ୍ଲାର ଚାଷୀ ମୂଲିଆ, ଶ୍ରମିକ, ମହିଳା, ଛାତ୍ର ଯୁବକଙ୍କ ସମସ୍ୟା ନେଇ ଲଗାତର ଗଣ ଆନ୍ଦୋଳନ ସଂଗଠିତ କରି ଆସୁଛି। ଉପରୋକ୍ତ ପ୍ରାର୍ଥୀ ଏହି ଆନ୍ଦୋଳନରେ ଦୀର୍ଘବର୍ଷ ଧରି ନିଜକୁ ସାମିଲ କରିଛନ୍ତି। ଲୋକସଭା ଓ ବିଧାନସଭା ଭିତରେ ଖଟିଖିଆ ଗରିବ ସାଧାରଣ ଲୋକଙ୍କ ଦାବିକୁ ଦୃଢ ଭାବେ ଉପସ୍ଥାପନ କରିବେ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ଶୂନ୍ୟବାସୀ ମଠ ପରିଚାଳକଙ୍କ ପରଲୋକ

**କବାଟବନ୍ଧ, ୨୧।୩(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ପଞ୍ଚାୟତ କବାଟବନ୍ଧ ଗ୍ରାମ ମଝିସାହିର ଅଭୟ କୁମାର ପାତ୍ର (୫୬)ଙ୍କ ବୁଧବାର ସକାଳ ପ୍ରାତଃ ସମୟରେ ପରଲୋକ ଘଟିଛି। ସେ କବାଟବନ୍ଧରେ ଥିବା ଶୂନ୍ୟବାସୀ ବାବାଙ୍କ ମଠର ପରିଚାଳନା ଦାୟିତ୍ୱରେ ଥିଲେ। ସକାଳୁ ଶୂନ୍ୟବାସୀ ବାବାଙ୍କ ମଠକୁ ପୂଜା କରିବା ପାଇଁ ଯାଉଥିବା ସମୟରେ ହଠାତ ଅସୁସ୍ଥ ହୋଇ ସେଠାରେ ଟଳି ପଡ଼ିଥିଲେ। ତାଙ୍କୁ ତୁରନ୍ତ ଧର୍ମଶାଳା ମେଡ଼ିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସ୍ୱର୍ଗତ ପାତ୍ର ଜଣେ ଶାନ୍ତ, ସରଳ, ମେଳାପୀ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ଆଖପାଖ ଅଞ୍ଚଳରେ ବେଶ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଝିଅଜ୍ୱାଇଁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ମର ଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ବ୍ରାହ୍ମଣୀ ନଦୀ ପଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ପୂର୍ଣ୍ଣାନନ୍ଦ ମୁଖାଗ୍ନି ଦେଇଥିଲେ।



### ପ୍ରଶାସନର ପଡୁନି ନଜର

# ସରକାରୀ ଯୋଜନାରୁ ବଞ୍ଚିତ ଦେହୁରୀ ସାହିବାସୀ

**ବାଲିଚନ୍ଦ୍ରପୁର, ୨୧।୩(ସମିସ)**

ବର୍ଷ ବର୍ଷ ଧରି ଭଙ୍ଗା ପାଲ ଟଙ୍ଗା ଚାଳିଆ ଘରେ ଜୀବନ ବିତାଉଛନ୍ତି ବଡଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତ ନିକଟସ୍ଥ ଧାଉଡିଆପଦା ଦେହୁରୀ ସାହି ବାସିନ୍ଦା। ଏମାନଙ୍କ ଅବସ୍ଥାକୁ କେହି ନିଜ ଆଖିରେ ନ ଦେଖିଲେ ହୃଦୟଙ୍ଗମ କରିପାରିବେ ନାହିଁ। ପ୍ରଶାସନ ଏହି ସାହି ବାସିନ୍ଦାଙ୍କ ସମସ୍ୟାର ସମାଧାନ କରିବା ତ ଦୂର କଥା, ଏପର୍ଯ୍ୟନ୍ତ ଏମାନଙ୍କ ଦୟନୀୟ ସ୍ଥିତି ବି ପରଖିନାହିଁ। ଏଠାରେ ପାନୀୟଜଳର ସମସ୍ୟା ରହିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ସୂଚନା ମୁତାବକ, ଦେହୁରୀ ସାହିରେ ୪୫ଟି ପରିବାରର ପାଖାପାଖି ୫୦୦ ଲୋକ ଏଠାରେ ରହିଆସୁଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ପରିବାର ଲୋକେ ଭଙ୍ଗା ଦଦରା ପାଲ ଘେରା ଘରେ ରହିଆସୁଛନ୍ତି। ଅସରାଏ ବର୍ଷା ହେଲେ ଏମାନଙ୍କ ଘରେ ପାଣିର ସୁଅ ଛୁଟିଥାଏ। ପବନ ଆସିଲେ ଏସବୁ ପରିବାର ଆତଙ୍କିତ ହୋଇପଡନ୍ତି। ଏମିତି ଦୟନୀୟ ଜୀବନ ବିତାଉଥିବା ପରିବାର ମଧ୍ୟରେ ରହିଛନ୍ତି ସୁନାକର ଦେହୁରୀ, ଶଙ୍କର ଦେହୁରୀ, ଦୀନବନ୍ଧୁ ଦେହୁରୀ, ବାବୁଲି ଦେହୁରୀ, କୁଳମଣି ଦେହୁରୀ, ଲଛମନ ଦେହୁରୀ, ଠୁକୁ ଦେହୁରୀ, ବଳରାମ ଦେହୁରୀ, କୁମର ଦେହୁରୀ, ଭରତ ଦେହୁରୀ ଓ ମହନି ଦେହୁରୀଙ୍କ ସହିତ ଏମିତି ଅନେକ। ସରକାରଙ୍କ ଆବାସ ଯୋଜନା ଏମାନଙ୍କ ପାଇଁ ଅପହଞ୍ଚ ହୋଇରହିଛି। ପ୍ରଶାସନ ପାଖରେ ବହୁବାର ଆବାସ ଯୋଜନାରେ ଘରଖଣ୍ଡେ ପାଇବା ପାଇଁ ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସାହି ବାସିନ୍ଦା ପ୍ରକାଶ କରିଛନ୍ତି। ଅପରପକ୍ଷରେ ଗତ ୨୨/୨୩ ବର୍ଷ ପୂର୍ବରୁ ଏହି ସାହିର କେତେକ ଲୋକଙ୍କୁ ଆବାସ ଯୋଜନାରେ ଅର୍ଥ ଯୋଗାଇ ଦିଆଯାଇଥିଲା। ସେସବୁ ଘର ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନ ହୋଇ ଅଧାପନ୍ତରିଆ ଭାବେ ପଡ଼ିରହିଥିବା ଦେଖିବାକୁ ମିଳିଛି। ସାହିବାସିନ୍ଦା ସମସ୍ତେ ଦିନମଜୁରିଆ। ସରକାରୀ ନିୟମ ଅନୁଯାୟୀ ଏମାନେ ଆବାସ ଯୋଜନାରେ ଘରକାମ କରିପାରୁ ନ ଥିବାରୁ ତାହା ଆଜି ଯାଏ ଅସମ୍ପୂର୍ଣ୍ଣ ହୋଇପଡ଼ିରହିଛି ବୋଲି କୁହାଯାଉଛି।



ସେହିପରି ଏହି ସାହିରେ ପାନୀୟଜଳ ସମସ୍ୟା ଉତ୍କଟ। ପୂର୍ବରୁ ବସାଯାଇଥିବା ନଳକୂପ ଦୀର୍ଘ ବର୍ଷ ହେବ ଅଚଳ ହୋଇପଡ଼ିଛି। ଏଥିପ୍ରତି ବିଭାଗ କୌଣସି ପଦକ୍ଷେପ ନ ନେବାରୁ ସାହି ବାସିନ୍ଦା ପାନୀୟ ଜଳ ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାହି ପାଖରୁ ଅଧ କିଲୋମିଟର ଦୂରରେ ଥିବା ଏକମାତ୍ର ନଳକୂପରୁ ଏମାନେ ବର୍ଷ ବର୍ଷ ଧରି ପାଣି ଆଣି ଶୋଷ ମେଣ୍ଟାଉଛନ୍ତି। ଏହି ସାହିର ଅନେକ ପରିବାର ରାସନ କାର୍ଡରୁ ବଞ୍ଚିତ ରହିଛନ୍ତି। ଭୋଟର କାର୍ଡ ସହିତ ଆଧାର କାର୍ଡ ଥିଲେ ମଧ୍ୟ କେତେକ ପରିବାରକୁ ରାସନ କାର୍ଡ ଯୋଗାଇ ଦିଆଯାଇନାହିଁ ବୋଲି ଅତି ଦୁଃଖର ସହିତ ସାହି ବାସିନ୍ଦା କହିଛନ୍ତି।

ଅନ୍ୟପକ୍ଷରେ ସାହି ପିଲାଙ୍କ ପାଇଁ ଗୋଟିଏ ଅଙ୍ଗନବାଡି କେନ୍ଦ୍ର ଖୋଲାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ନିଜସ୍ୱ ଗୃହ ନ ଥିବାରୁ ସାହି କୋଠଘରେ ଏବେ କେନ୍ଦ୍ର କାର୍ଯ୍ୟ କରୁଛି ବୋଲି ସାହି ବାସିନ୍ଦା ସୂଚନା ଦେଇଛନ୍ତି। ଏତେ ସବୁ ସମସ୍ୟା ଦେଇ ଏହି ଦେହୁରୀ ସାହିର ବାସିନ୍ଦା ଜୀବନ ବିତାଉଥିବାବେଳେ ପ୍ରଶାସନ ଏମାନଙ୍କ ପାଇଁ କାହିଁକି ଉଦାସୀନ ରହୁଛି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଏହି ଦେହୁରୀ ସାହି ପ୍ରତି ପ୍ରଶାସନ ଦୃଷ୍ଟି ଦେଇ ସମସ୍ତ ସମସ୍ୟାର ସମାଧାନ ପାଇଁ ସାହି ବାସିନ୍ଦା ଦାବି କରିଛନ୍ତି।

# ବରିଷ୍ଠ ନାଗରିକ ସଂଘର ବୈଠକ



**ବାଲିକୁଦା,୨୧।୩(ସମିସ):** ବାଲିକୁଦା ବ୍ଲକର ସରକାରୀ ସ୍ୱୀକୃତିପ୍ରାପ୍ତ ବରିଷ୍ଠ ନାଗରିକ ସଂଘର ୧୪ତମ ମାସିକ ବୈଠକ ବାଲିକୁଦା ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଶରତ କିଶୋର କାନୁନଗୋଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିଥିଲେ। ଏହି ଅବସରରେ ସଂଘରେ ନୂତନ ଭାବେ ପଞ୍ଜିକୃତ କରିଥିବା ବାବୁ ଭୋଇ, ବିଚିତ୍ରାନନ୍ଦ ସ୍ୱାଇଁ, ଆଲାମ ବାବୁ, ଶରତ ମଲ୍ଲିକ, ରବୀନ୍ଦ୍ର ଭାରତୀ, ନିତ୍ୟାନନ୍ଦ ଦାସ, ରତ୍ନାକର ବେହେରା, ଗଣେଶ୍ୱର ରାଉତ, ଶାନ୍ତିଲତା ରାଉତଙ୍କ ସହ ୪୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ମାନଙ୍କୁ ପରିଚୟ ପତ୍ର ଓ ୩୦ଜଣଙ୍କୁ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରାଯାଇଥିଲା।ବୈଠକରେ ସଂଘର କାର୍ଯ୍ୟକାରୀ ସମ୍ପାଦକ ନଗେନ୍ଦ୍ର ନାଥ ପରିଡା ପୂର୍ବ ମାସର ବିବରଣୀ ପ୍ରଦାନ କରିଥିବା ବେଳେ ଅନିରୁଦ୍ଧ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ବିଜୟ କୁମାର ଜେନା,କୃଷ୍ଣଚନ୍ଦ୍ର ସାହୁ, ରବିନ୍ଦ୍ର ଜେନା, , ଚଅଁରପୁର ଶାଖାର ସଭାପତି ମାନସ ରଞ୍ଜନ ପରିଡା, ବୋରିକିନା ଶାଖା ସଭାପତି ସଦାଶିବ ଷଡ଼ଙ୍ଗୀ, ସମ୍ପାଦକ ବଂଶୀଧର ଶତପଥି,ପ୍ରଫୁଲ୍ଲ ଚୌଧୁରୀ,କ୍ଷେତ୍ରମୋହନ ସାହୁ, ଧର୍ମାନନ୍ଦ ବିଶ୍ୱାଳ, ପ୍ରକାଶ କୁମାର ରାୟଙ୍କ ସହ ଶତାଧିକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

**ରାଜକନିକା-କଣ୍ଡିଆ ପୂର୍ତ୍ତ ବିଭାଗ ରାସ୍ତା କଲଭର୍ଟ ଅଧା ନିର୍ମାଣ ପ୍ରସଙ୍ଗ**

# ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ; ବଢୁଛି ଦୁର୍ଘଟଣା

ରାଜକନିକା,୨୧।୩(ସମିସ)

ରାସ୍ତା ପ୍ରଶସ୍ତିକରଣ ହେବାର ତିନିବର୍ଷରୁ ଅଧିକ ଦିନ ହେଲାଣି। ଅନେକ ସ୍ଥାନରେ ପିଚୁ ଉପରେ ପୁଣି ପିଚୁ ହେଲାଣି।ଠାଏ ଠାଏ ବି କେଉଁଠି କେମିତି ଶୋଚନୀୟ ହେଇ ପଡ଼ିଲାଣି। ମାତ୍ର ପ୍ରଶସ୍ତିକରଣ ବେଳେ କଲଭର୍ଟ ଗୁଡିକୁ ତରବରିଆ ଭାବେ ହୋମ୍ ପାଇପ୍ ପକେଇ ଦେଇ ଠିକାଦାର ଚାଲିଯାଇଛି।।ଆଉ କଲଭର୍ଟ କାମ ଆଗେଇ ନପାରି ସେମିତି ପଡି ରହିଛି।ଯାହା ଫଳରେ ଅଞ୍ଚଳବାସୀ ଭଙ୍ଗାତୁଟା କଲଭର୍ଟ ଯୋଗୁଁ ନାହିଁ ନ ଥିବା ହିନସ୍ଥା ଭୋଗୁଛନ୍ତି।କେବଳ ବିଭାଗୀୟ ଷଡ଼ଯନ୍ତ୍ର ଯୋଗୁଁ ହିଁ ଅଞ୍ଚଳବାସୀ ଶୀକାର ହୋଇଛନ୍ତି ବୋଲି ଅଭିଯୋଗ ହେଉଛି। ପ୍ରକାଶଯୋଗ୍ୟ ଯେ ରାଜକନିକା -କଣ୍ଡିଆ ପୂର୍ତ୍ତବିଭାଗ ରାସ୍ତା ତଥା ରାଜ୍ୟ ୨୦ ନମ୍ବର ରାଜପଥରେ ସିହୋପଡାରୁ ନମତରା ରାସ୍ତାରେ ରହିଛି ୬ଟି କଲଭର୍ଟ। ସେଥିମଧ୍ୟରୁ ସିହୋପଡା କଲଭର୍ଟ ଦିନକୁ ଦିନ ଦବିଯାଉଥିବାର ଜଣା ପଡ଼ିଛି। ସେଥିଯୋଗୁଁ ବିଭିନ୍ନ ସମୟରେ ଛୋଟମୋଟଦୁର୍ଘଟଣାମାନ ଘଟୁଛି।



ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ନମତରା ବଚ୍ଛା ରାଉତ ମାହାରା କଲଭର୍ଟରେ ଦୀର୍ଘଦିନ ଧରି ବଡ଼ ବଡ଼ଗର୍ତ୍ତ ଉଭା ହୋଇ ଯାତାୟାତରେ ବାଧକ ସାଜିଛି।କେବଳ ବିଭାଗୀୟ ଅଧିକାରୀ ୫ ଥର ବାଲି ପକେଇ ଗାତ ଭରୁଥିଲେ ବି ପୁଣି ଦେଖା ଯାଉଛି ଏକା ଅବସ୍ଥା।ଠିକ୍ ସେଇଭଳି ସାନପାଟ କଲଭର୍ଟ ଅବସ୍ଥା ବିସଙ୍ଗୀନହେଲାଣି।ଏହି ଦୁଇ ସ୍ଥାନରେ ବକ୍ସ କଲଭର୍ଟ ପାଇଁ ଦାବି ହୋଇଆସୁଛି।ନମତରା ଦିବ୍ୟ ରାଉତ ଘର ପାଖ ଓ ଇନ୍ଦିରା ଛକ ଶ୍ମଶାନନିକଟସ୍ଥ କଲଭର୍ଟ ଅବସ୍ଥା ଏବେ ଶୋଚନୀୟ ହେଲାଣି। ପ୍ରଶସ୍ତିକରଣହେବା ବେଳେ କେବଳ ହୋମ୍ ପାଇପ୍ ପକେଇ ଠିକାଦାର କାମ ସାରିଦେଇ ଛୁ ମାରିବା ପରେ ଏହି କଲଭର୍ଟର ଅବସ୍ଥା ଏବେ ସଙ୍ଗୀନ ସ୍ଥିତିରେ ରହିଛି। ଆଣ୍ଠୁଏ ପାଣି ସହିତ ବଡ଼ ବଡ଼ ଗାଡ଼ ଯାତାୟାତରେ ବାଧକ ସୃଷ୍ଟି କରୁଛି। କେତେ ଯେ ଦୁର୍ଘଟଣା ଘଟୁଛି ତାହା ନ କହିବା ଭଲ।ତଥାପି ବି ବିଭାଗୀୟ ଅଧିକାରୀ, ବିଡ଼ିଓ, ତହସିଲଦାରଙ୍କ ସହସବୁ ରାଜନୈତିକ ନେତୃବୃନ୍ଦ ଏହି ବାଟ ଦେଇ ଯାଉଥିଲେ ବି ବିପର୍ଯ୍ୟସ୍ତ କଲଭର୍ଟ ପ୍ରତି କାହାର ନିଘା ଥିବା ଭଳି ମନେ ହେଉନାହିଁ।ଫଳରେ ଏହିସବୁ କଲଭର୍ଟ ଦିନକୁ ଦିନ ଶୋଚନୀୟ ହେବାକୁ ଲାଗିଲାଣି।ଏ ସମ୍ପର୍କରେ ବହୁବାର ଗଣମାଧ୍ୟମରେ ଚର୍ଚ୍ଚା ହେବା ସହ ବିଭାଗୀୟ ଅଧିକାରୀ ଅବଗତ ଥାଇବି ଏଯାବତ୍ କଲଭର୍ଟ କାମ ଇଞ୍ଚେ ବି ଆଗେଇପାରିଲାନି।ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଗଲାଣି। ପ୍ରକାଶ ଥାଉକି ଏହି ରାସ୍ତା ରାଜକନିକା ବ୍ଲକ, ତହସିଲ, ଥାନା ସହିତ ଯୋଡୁଥିବାର ଏକମାତ୍ର ରାସ୍ତା।ଏଥିରେ ବଡ଼ ବଡ଼ ସହରକୁ ବସ୍‌ସେବା ବି ଦୈନଦିନ ରହିଥିବା ବେଳେ ବହୁ ଚର୍ଚ୍ଚିତ ଲକ୍ଷ୍ମୀ ବସ୍ ସେବା ବି ଉପଲବ୍ଧ ରହିଛି।ଏହା ପରେ ବି କେବଳ ବିପର୍ଯ୍ୟସ୍ତ କଲଭର୍ଟ ହିଁ ବାଧକ ସାଜିଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ତୁରନ୍ତ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବିହେଉଛି।

**କନିକା ରାଜମେଳଣ ଆରମ୍ଭ**

# ପ୍ରଥମ ଦିନର କାଳିକାପୁର ମେଳଣରେ ୪୦ରୁ ଉର୍ଦ୍ଧ୍ୱ ବିମାନ ସାମିଲ





**ରାଜକନିକା,୨୧।୩(ସମିସ):** ବର୍ଷକର ପ୍ରତୀକ୍ଷାର ଅନ୍ତ ଘଟିଛି। ଆଜି ଫଗୁର ରଙ୍ଗରେ ସାରା ପରିବେଶକୁ ରଙ୍ଗାୟିତ କରି ଦୋଳ ମେଳଣରେ ଭକ୍ତ ଓ ଭଗବାନ ଏକାଠି ହୋଇଛନ୍ତି । ଦୋଳ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଦର୍ଶନର ସାନିଧ ଲାଭ କରି କନିକାର ନରନାରୀ ଆହ୍ଲାଦିତ ହୋଇଛନ୍ତି। ଆଜି ଫଗୁ ଏକାଦଶୀ ତିଥିରେ କନିକା ରାଜମେଳଣର ପରମ୍ପରା ଅନୁଯାୟୀ କାଳିକାପୁର ମେଳଣ ଅନୁଷ୍ଠିତ ହୋଇଛି। ସକାଳ ୧୧ଟାଠାରୁ ମେଳଣ ପଡିଆକୁ ଗୋଟିକ ପରେ ଗୋଟିଏ ଦୋଳ ବିମାନ ଥାଟ ପଟ୍ଟାଳି ଧରି ପ୍ରବେଶ କରିବା ପରେ ଆୟୋଜକ କମିଟି ପକ୍ଷରୁ ସେମାନଙ୍କୁ ଫଗୁର ଅବିରରେ ସ୍ୱାଗତ କରାଯାଇଥିଲା। ବର୍ଷର ପ୍ରଥମ ଦିନର ପ୍ରଥମ ମିଳନ ପର୍ବରେ ସାମିଲ ହେଉଥିବା ଶ୍ରୀଜୀଉ ନିଜ ନିଜର ଶୋଭାଯାତ୍ରା ଧରି ରଙ୍ଗ ବେରଙ୍ଗର ପତକା, ଢୋଲ, ମହୁରୀ, କାହାଳୀ, ଛତ୍ରଛତ୍ରୀ, ଆଲଟ ଚାମର ଓ ନର୍ତ୍ତକୀଙ୍କ ରଙ୍ଗରାସର ଉଦଣ୍ଡ ନୃତ୍ୟରେ ପରିବେଶକୁ ମୁଖରିତ କରି ମେଳଣରେ ସାମିଲ ହୋଇଥିଲେ। କନିକା ରାଜ ପରିବାର ଦ୍ୱାରା ଆୟୋଜିତ ହେଉଥିବା ୫ଦିନିଆ ମେଳଣର ପ୍ରଥମ ଦିନରେ ୪୦ରୁ ଉର୍ଦ୍ଧ୍ୱ ଦୋଳ ବିମାନର ସମାହାର ହୋଇଥିବାବେଳେ ଅନୁକୂଳ ପାଣିପାଗ ଥିବାରୁ ହଜାର ହଜାର ଭକ୍ତ ଛୁଟି ଆସିଥିଲେ ମେଳଣ ଦେଖିବାକୁ। ଆଜି ସନ୍ଧ୍ୟାରେ ଆୟୋଜକ କମିଟି ପକ୍ଷରୁ ପ୍ରତ୍ୟେକ ବିମାନର ଜୀଉଙ୍କୁ ଭୋଗ ଅର୍ପଣ କରାଯିବା ସହ ପରସ୍ପର ମଧ୍ୟରେ ଆଧ୍ୟାତ୍ମିକ ଭାବ ଆଦାନ ପ୍ରଦାନ କରାଯାଇଥିଲା। ଆସନ୍ତାକାଲି ଆୟତନଠାରେ ଦ୍ୱିତୀୟ ଦିନର ମେଳଣ ଅନୁଷ୍ଠିତ ହେବାକୁ ଥିବାରୁ ସାରା କନିକାର ପୁରପଲ୍ଲୀରେ ଶ୍ରୀଜୀଉଙ୍କୁ ଭୋଗଲାଗି କରାଯିବାର ଅପୂର୍ବ ମୁହୂର୍ତ୍ତ ଫଗୁର ମାଦକତା ଭରି ଦେଇଛି।

# ଜଗନ୍ନାଥ ସଂସ୍କୃତି ଓ ସଦ୍‌ଭାବନା ରଥକୁ ସ୍ୱାଗତ

**ପାରାଦୀପ,୨୧।୩(ସମିସ):** ଆଜି ରୋଟାରୀ କ୍ଲବ ଅଫ୍ ଆମେଟୀ ଓ ରୋଟାରୀ ଜିଲ୍ଲା ୩୨୬୨ ଦ୍ୱାରା ଗତ ୬ ତାରିଖଠାରୁ ଆରମ୍ଭ ହୋଇଥିବା ଜଗନ୍ନାଥ ସଂସ୍କୃତି ପରିକ୍ରମା ଓ ରୋଟାରୀ ଭାତୃତ୍ୱବାଦର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଭ୍ରମଣ କରୁଥିବା ଜଗନ୍ନାଥରଥକୁ ପାରାଦୀପ ରୋଟାରୀ କ୍ଲବ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଯାତ୍ରା ଓଡିଶାର ବିଭିନ୍ନ ସହରରେ ଥିବା ସମସ୍ତ ୧୧୫ଟି ସ୍ଥାନକୁ ଭ୍ରମଣ କରି ଭାରତର ବିଭିନ୍ନ ପ୍ରଦେଶରେ ପରିଭ୍ରମଣ କରି ସଦ୍‌ଇଚ୍ଛା, ଭାଇଚାରା ମାଧ୍ୟମରେ ଓଡିଶାର ମହାପ୍ରଭୁ ଜଗନ୍ନାଥଙ୍କ ମହିମା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର କରିବା ସହ ବିଶ୍ୱ ଭାତୃତ୍ୱକୁ ଗୁରୁତ୍ୱ ପ୍ରଦାନ କରିବ। ସେହିପରି ଏକ ସନ୍ତାନ, ଏକ ବୃକ୍ଷ, ଅଙ୍ଗଦାନ, ରକ୍ତଦାନର ମହତ୍ୱକୁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ମଧ୍ୟ ଏହି ୫ମାସ ବ୍ୟାପି ଯାତ୍ରାର ଉଦ୍ଦେଶ୍ୟ। ଏହି ଯାତ୍ରା ରୋଟାରୀ କ୍ଲବ ଅଫ ଆମିଟି ଭୁବନେଶ୍ୱର ପକ୍ଷରୁ ରୋଟାରୀଆନ ବିଘ୍ନେଶ୍ୱର ବେହେରା ଓ ମନମୋହନ ପଣ୍ଡାଙ୍କ ନେତୃତ୍ୱରେ ପରିଚାଳନା କରାଯାଇଛି। ଆଜି ଏହି ରଥ ପାରାଦୀପରେ ପହଂଚିବା ପରେ ରଥରେ ଥିବା ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ପାରାଦୀପ ରୋଟାରୀ କ୍ଲବ ସଭାପତି ଅକ୍ଷୟ ଚନ୍ଦ୍ର ମିଶ୍ର ଙ୍କ ନେତୃତ୍ୱରେ କ୍ଲବ ର ସଦସ୍ୟ ଆଭାସ ଚନ୍ଦ୍ର ଚୌଧୁରୀ, କ୍ୟାପଟେନ ପ୍ରେମାନନ୍ଦ ରାଉତ, କ୍ୟାପଟେନ ସୁଶାନ୍ତ ବାଗ, ଡଃ କୈଳାସ ଚନ୍ଦ୍ର ମହାରଣା, ଡଃ ପ୍ରଶାନ୍ତ ମହାପାତ୍ର, କାଳୀ ପ୍ରସାଦ ମିଶ୍ର, ବିପ୍ଳବ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।



# ମରିଚପୁର ବିଦ୍ୟାଳୟରେ ପଖାଳ ଦିବସ ପାଳିତ

**ବାଲିକୁଦା,୨୧।୩(ସମିସ):** ବାଲିକୁଦା ବ୍ଲକର ବିଭିନ୍ନ ସ୍ଥାନରେ ବିଶ୍ୱ ପଖାଳ ଦିବସ ପାଳନ କରାଯାଇଛି। ଏ ଅବସରରେ ବରମୁଣ୍ଡଳୀ ପଞ୍ଚାୟତର ମରିଚପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବରିଷ୍ଠ ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳଙ୍କ ପୌରୋହିତରେ ବିଶ୍ୱ ପଖାଳ ଦିବସ ପାଳନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ସ୍ୱାଇଁ, ଜଟାଧାରୀ ନନ୍ଦ, ତପନ ଗାୟା, ଟୁକୁରାମ ମହାନ୍ତିଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ସମସ୍ତ ଛାତ୍ରଛାତ୍ରୀ ପଖାଳ ଦୈନଦିନ ଜୀବନରେ ଖାଦ୍ୟ ଭାବେ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ କ୍ଷିତୀଶ ଧାରୁଆ, ମଣ୍ଟୁ ବେହେରା, କବିନ ଦାସ, ଜଗନ୍ନାଥ ସାମଲ, ଅଞ୍ଜଳି ମହାନ୍ତି, ନୀଳିମା ପତି, ମୋନାଲିସା ସାହୁ, ଅନୁପମା ସିଂ, ଜଟାଧାରୀ ସ୍ୱାଇଁ ପ୍ରମୁଖ ସହାୟତା କରିଥିଲେ।ସେହିପରି ଖାଲଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ମୁଦୁଲିଙ୍କ ପୌରୋହିତ୍ୟରେ ବିଶ୍ୱ ପଖାଳ ଦିବସ ପାଳନ ହୋଇଥିଲା। ଅବସରପ୍ରାପ୍ତ ପୁଲିସ କର୍ମଚାରୀ ରବିନ୍ଦ୍ର ପ୍ରଧାନ, ପ୍ରିୟବ୍ରତ ମହାପାତ୍ର, ସାମ୍ବାଦିକ ବିଧାନ ରାଉଳ, ସାମ୍ବାଦିକ ପ୍ରଣବ ପ୍ରଧାନ, ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ବଲ୍ଲବ ଜେନା, ଆଲୋକ ଦଳାଇ, ସଞ୍ଜୟ ମହାନ୍ତି, ଟୁଟୁ ସ୍ୱାଇଁ, ଧରଣୀଧର ମହାନ୍ତି, ମନୋରମା ରାଉତ, ମମତାରାଣୀ ବେହେରା, ଲିପିକା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।



# ଚାଷଜମି ଉପରେ ଗୃହ ନିର୍ମାଣ; ଜିଲ୍ଲାପାଳଙ୍କୁ ଅଭିଯୋଗ



**କେନ୍ଦ୍ରାପଡ଼ା,୨୧।୩(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଓସ୍ତପୁର ଗ୍ରାମର ପରମାନନ୍ଦ ସ୍ୱାଇଁ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ଯେ, ତାଙ୍କ ମୌଜର ୨୧୦ନଂ ଖାତାର ୩୬୫ ପ୍ଲଟରେ ଥିବା ୧ଏକର ୪୦୦ ଡିସମିଲ ଜଳସେଚନ ବିଭାଗ ଅଧୀନସ୍ଥ ଜମିରେ ତାଙ୍କ ଅଜା ଓ ବାପ ଦୀର୍ଘଦିନ ଧରି ଭୂମିହୀନ ଭାବରେ ଚାଷ କରିଆସୁଥିଲେ। ବାପାଙ୍କ ପରେ ଦରଖାସ୍ତକାରୀ ସେହି ଜମିରେ ଚାଷ କରୁଛନ୍ତି। ତହସିଲ ପକ୍ଷରୁ ଏହି ଜମିକୁ ଦଖଲକୁ ନେବା ପାଇଁ ଉଦ୍ୟମ ହେବାରୁ ଦରଖାସ୍ତକାରୀ ଓଡିଶା ହାଇକୋର୍ଟରେ ଏକ ରିଟ୍ ମାମଲା ଦାଏର କରି ଏହି ଜମିରେ ଚାଷ କରିବା ପାଇଁ ହାଇକୋର୍ଟରୁ ସାମୟିକ ଆଦେଶ ପାଇଛନ୍ତି। ଏହି ଜମି ଓସ୍ତପୁର ମୌଜାର ଗୋବରୀ କେନାଲର ଦକ୍ଷିଣ ପାଶ୍ୱର୍ରେ ଅବସ୍ଥିତ। ହାଇକୋର୍ଟରେ ଏହି ମାମଲା ବିଚାରାଧୀନ ଥିବାବେଳେ ସେହି ଜମି ଉପରେ ଏକ ବେଆଇନ ଗୃହ ନିର୍ମାଣ ହେଉଛି। ଏହା ବିରୋଧରେ ଦରଖାସ୍ତକାରୀ କେନ୍ଦ୍ରାପଡ଼ା ତହସିଲଦାର ଓ ସାହସପୁର ଗଜସ୍ୱ ନିରୀକ୍ଷକଙ୍କ ପାଖରେ ଦରଖାସ୍ତ କରି ଏହି ଜମିକୁ ଚାଷ କରିବା ପାଇଁ ଦଖଲରେ ରଖିବା ପାଇଁ ଅନୁମତି ପାଇଥିବାବେଳେ ଓସ୍ତପୁରର ଜଣେ ମୁଷ୍ଟିମେୟ ସେହି ଜମି ଉପରେ ବେଆଇନ ଗୃହ ନିର୍ମାଣ କରୁଛନ୍ତି। ଏହାକୁ ବନ୍ଦ କରିବା ପାଇଁ ଜିଲ୍ଲାପାଳଙ୍କୁ ଦରଖାସ୍ତକାରୀ ପରମାନନ୍ଦ ସ୍ୱାଇଁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ କେନ୍ଦ୍ରାପଡ଼ା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

# ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଜଗତସିଂହପୁର, ୨୧।୩(ସମିସ):** ମା’ ଶାରଳାଙ୍କ ପାତାଳୀକ୍ଷେତ୍ର ମୂଳିସିଂହ ପଞ୍ଚାୟତ ଅଧୀନ ହରସିଂପୁର ଗ୍ରାମରେ ନବନିର୍ମିତ ସାଇମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଝଙ୍କେଶ୍ୱର୍ ମହାଦେବଙ୍କ ଘାଟରୁ କଳସ ଶୋଭାଯାତ୍ରା ବାହାରି ସହରହାଟ ବାଟଦେଇ ବାବା ସାଇନଥଙ୍କ ପୀଠର ପହଞ୍ଚିଥିଲା। ପରେ ଘଟପୂଜା, ମଣ୍ଡଳପୂଜା କରାଯାଇ ଯଜ୍ଞକୁଣ୍ଡରେ ଅଗ୍ନି ସ୍ଥାପନ କରାଯାଇଥିଲା। ବାବାଙ୍କ ନିତ୍ୟ ପୂଜକ ବସନ୍ତ କୁମାର ନାୟକ ଓ ଯୋଗେନ୍ଦ୍ର ପଣ୍ଡା, ଯଜ୍ଞ୍ କର୍ତ୍ତା କର୍ତ୍ତୀ କୈଳାସ ଚନ୍ଦ୍ର ମଲ୍ଲିକ, ସଂଯୁକ୍ତା ମଲ୍ଲିକ, ସାରଦା ପ୍ରାସାଦ ମହାରଣା, ଅନ୍ନପୂର୍ଣ୍ଣା ମହାରଣାଙ୍କ ସମେତ ଅଭୟ କୁମାର ମଲ୍ଲିକ, ସନ୍ତୋଷ ମଲ୍ଲିକ, ରବୀନ୍ଦ୍ର ମଲ୍ଲିକ, ସୁରେନ୍ଦ୍ର ମଲ୍ଲିକ, ଅନୀଲ ଦାସ, ପ୍ରମୋଦ ମଲ୍ଲିକ , ଦିଲିଆ ମଲ୍ଲିକ , ବିଶ୍?ନାଥ ମଲ୍ଲିକ , ସୂର୍ଯ୍ୟନାରାୟଣ ମଲ୍ଲିକ , ଶେଖର ଚନ୍ଦ୍ର ମଲ୍ଲିକ , ନିକୁଞ୍ଜ ବେହେରା ଓ ଗଣେଷ ମଲ୍ଲିକ ପ୍ରମୁଖ କର୍ମକର୍ତ୍ତା ଏ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ସୁନୀଲ କୁମାର ବେହେରା, ସରପଞ୍ଚ ସଫି ଆଜାମ, ସମିତି ସଭ୍ୟ ରଂଜନ କୁମାର୍ ସାହୁ ଓ ଶ୍ରୀକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ବନ୍ଦରନଗରୀରେ ଉତ୍କଟ ହେଉଛି ପାନୀୟ ଜଳ ସମସ୍ୟା

ପାରାଦୀପ,୨୧।୩(ସମିସ)

ପାରାଦୀପ ବନ୍ଦର ରାଜ୍ୟ ଅର୍ଥନୀତିର ମୁଖଶାଳା ପାଲଟିଛି। ବନ୍ଦରର ବର୍ଷକୁ ହାରାହାରି କାରବାର ଲକ୍ଷେ କୋଟିରୁ ଅଧିକ। ତା’ ସାଙ୍ଗକୁ ପାରାଦୀପରେ ରହିଛି ତୈଳ ବିଶୋଧନାଗାର, ପିପିଏଲ, ଇଫ୍‌କୋ ଭଳି ବୃହତ ସାରକାରଖାନା, ଆରସେଲର ମିତ୍ତଲ ନିପ୍ପନ ଷ୍ଟିଲ ପ୍ଲାଣ୍ଟ, ଆଗକୁ ଜେଏସଡବ୍ଲୁ ପକ୍ଷରୁ ପ୍ରତିଷ୍ଠା ହେବାକୁ ଯାଉଛି ଆଉ ଏକ ବୃହତ ଷ୍ଟିଲ ପ୍ଲାଣ୍ଟ। ଶିଳ୍ପ ଉପରେ ନିର୍ଭର କରି ହଜାର ହଜାର ଲୋକ ବସବାସ କରୁଛନ୍ତି। ତା ସହିତ ବନ୍ଦର ମଧ୍ୟରେ ରହିଛି ୨୫ ରୁ ଅଧିକ ବସ୍ତି। ମାତ୍ର ହଜାର ହଜାର ଅନ୍ତେବାସୀ ଟୋପେ ସ୍ୱଚ୍ଛ ପାନୀୟ ଜଳ ପାଇବାରୁ ଏବେବି ବଞ୍ଚିତ। ସାମାନ୍ୟ ପିଇବା ପାଣି ସାଧାରଣ ଲୋକଙ୍କ ପାଇଁ ସାତ ସପନ ପାଲଟିଛି। ବନ୍ଦର କାହିଁକି ଏଠାରେ ଗଢି ଉଠିଥିବା ଶିଳ୍ପାନୁଷ୍ଠାନ ମଧ୍ୟ ଏହି ସମସ୍ୟା ପ୍ରତି ଦାୟୀ ରହିବେ। ସବୁ ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷ ଯଦି ଏହି ସମସ୍ୟା ପ୍ରତି ଟିକେ ଚିନ୍ତା କରନ୍ତେ ତେବେ ଏହା ସମାଧାନ ହୋଇ ଯାଆନ୍ତା।

ଏବେ ପାରାଦୀପ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ରହିଥିବା ବସ୍ତି ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଖରାଦିନ ପୂର୍ବରୁ ବସ୍ତି ଅଞ୍ଚଳରେ ପାନୀୟ ଜଳ ସମସ୍ୟାକୁ ନେଇ ହନ୍ତସନ୍ତ ହେଉଥିବା ସମୟରେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ପାରାଦ୍ୱୀପ ପୌରପରିଷଦର ୧୭, ୧୮ ଏବଂ ୧୯ ନମ୍ବର ୱାର୍ଡ ଷଣ୍ଢକୁଦ ବସ୍ତି ବାସିନ୍ଦାଙ୍କର ପାନୀୟ ଜଳ ସମସ୍ୟା ଏବେବି ଦେଖିବାକୁ



## ■ ବସ୍ତିବାସିନ୍ଦା ହନ୍ତସନ୍ତ; ଆନ୍ଦୋଳନ ଚେତାବନୀ

ମିଳିଛି। ପିଇବା ପାଣିପାଇଁ ହନ୍ତସନ୍ତ ହେଉଛନ୍ତି ଷଣ୍ଢକୁଦ ବସ୍ତିର ତିନିଗୋଟି ୱାର୍ଡବାସିନ୍ଦା। ପାରାଦ୍ୱୀପ ଏନ୍‌ଏସି ଥିବା ସମୟରେ ତତ୍କାଳୀନ ଅଧ୍ୟକ୍ଷ ରମେଶ ସାମନ୍ତରାୟଙ୍କ ବହୁ ହସ୍ତକ୍ଷେପ ପରେ ପାରାଦୀପ ବନ୍ଦର ତରଫରୁ ଷଣ୍ଢକୁଦ ଅଟୋଷ୍ଟାଣ୍ଡ ନିକଟକୁ ପାଇପ ଯୋଗେ ଦିନରେ ଦୁଇଓଳି ୬ ଗୋଟି ପ୍ୟାନେଲରେ ପାନୀୟ ଜଳ ଯୋଗାଣ ଆରମ୍ଭ ହୋଇଥିଲା। ଯାହାଦ୍ୱାରା ବସ୍ତି ଅଞ୍ଚଳବାସୀ ପାନୀୟ ଜଳ ସମସ୍ୟାରୁ କିଛି ପରିମାଣରେ ଆଶ୍ୱସ୍ତ ହୋଇଥିଲେ। ଧୀରେ ଧୀରେ ଏହି ପାଇପ ଲାଇନ ରକ୍ଷଣାବେକ୍ଷଣ ଅଭାବରୁ ପାଣି ସପ୍ଲାଇ ବାଧାପ୍ରାପ୍ତ ହୋଇଛି। ଫଳରେ ବସ୍ତିର ମହିଳାମାନେ ୫ କିଲୋମିଟର ଦୂରରେ ରହିଥିବା ବିଭିନ୍ନ କ୍ୱାର୍ଟର ଓ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପିଇବା ପାଣି ଟୋପେ ପାଇଁ ହାଣ୍ଡି ମାଠିଆ ଧରି ଲମ୍ବାଧାଡି ଲଗାଇଥିବା ବେଳେ ବିଭିନ୍ନ ସମୟରେ ପାଣି ନ ପାଇ ଖାଲି ହାତରେ ଫେରୁଛନ୍ତି। ବିଭିନ୍ନ ସମୟରେ ବସ୍ତିବାସିନ୍ଦାଙ୍କ ଅଭିଯୋଗ ପରେ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଷଣ୍ଢକୁଦ ବସ୍ତିର ୧୭, ୧୮, ୧୯ ନମ୍ବର ତିନିଗୋଟି ୱାର୍ଡରେ ତିନିଗୋଟି ପମ୍ପସେଟ ବସାଯିବା ସହିତ ପାଇପ ଯୋଗେ ଘର ଘରକୁ ପାଣି ଯୋଗାଇ ଦିଆଯାଉଥିବାବେଳେ ଏହା ପାନୀୟ ଜଳ ପାଇଁ ଅନୁପଯୁକ୍ତ ସାବ୍ୟସ୍ତ ହୋଇଛି। ଏ ନେଇ ଘରେ ଘରେ ପାଣିପାଇଁ ମିଟର ଲଗାଯାଇ ପାଣି ଟିକସ ଆଦାୟକୁ ବିରୋଧ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଯଥାଶୀଘ୍ର ବସ୍ତି ଅଞ୍ଚଳରେ ପାନୀୟ ଜଳ ସମସ୍ୟା ସମାଧାନ କରିବାକୁ ବସ୍ତି ବାସିନ୍ଦା ନିବେଦନ କରିବା ସହିତ ଯଦି ପାଣି ଯୋଗାଣ ସ୍ୱାଭାବିକ ନହୁଏ ତେବେ ଆଗାମୀ ଦିନରେ ବସ୍ତିର ମହିଳାମାନେ ହାଣ୍ଡି ମାଠିଆ ଧରି ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

ଏ ନେଇ ପାରାଦୀପ ବିଧାୟକ ସମ୍ବିତ ରାଉତରାୟଙ୍କୁ ପଚାରିବାରୁ ସମସ୍ୟା ଅନେକ ସ୍ଥାନରେ ରହିଛି, ସବୁ ସମସ୍ୟାର ସମାଧାନ କରିବାକୁ ଆମେ ଚେଷ୍ଟା ଜାରି ରଖିଛୁ। ଆଗାମୀ ଦିନରେ କୁଜଙ୍ଗ ସାନ୍ତରା ନିକଟରେ ବ୍ୟାରେଜ ନିର୍ମାଣ ହେବା ସହିତ ପାରାଦୀପ ଅଞ୍ଚଳରେ ସୃଷ୍ଟି ହେଉଥିବା ପାନୀୟ ଜଳର ସମସ୍ୟା ଦୂର ହେବ ବୋଲି କହିଛନ୍ତି।

# କନ୍ଦରାପଟିରେ ମହିମା ମହୋତ୍ସବ



**ରଘୁନାଥପୁର,୨୧।୩(ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର କନ୍ଦରାପଟି ମହିମା ଆଶ୍ରମରେ ବିଶ୍ୱଶାନ୍ତି, ବ୍ରହ୍ମଧ୍ୱନୀ ସ୍ଥାପନ ଓ ମହିମା ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ବ୍ରହ୍ମ ଅବଧୂତ ନକୁଳ ବାବା ପୌରହିତ୍ୟ କରିଥିଲେ। ଏଥିରେ ବ୍ରହ୍ମ ଅବଧୂତ ସନ୍ନ୍ୟାସୀ ବାବା ଯୋଗଦେଇ ବିଶୁଦ୍ଧ ଅଦ୍ୱୈତ ବ୍ରହ୍ମବାଦ ମହିମା ଧର୍ମର ମୂଳଲକ୍ଷ୍ୟ ବୋଲି କହିଥିଲେ। ଏଥିରେ ଅତିଥି ଭାବେ ବ୍ରହ୍ମ ଅବଧୂତ ଶଙ୍କର୍ଷଣ ବାବା, ବ୍ରହ୍ମ ଅବଧୂତ ଗୋପାଳ ବାବା, ଦୀନବନ୍ଧୁ ବାବା, ବେଣୁଧର ବାବା, ଉଦ୍ଧବ ବାବା, ଛାୟାକାନ୍ତ ବାବା, ଲମ୍ବୋଦର ବାବା, ଶଙ୍କରାନନ୍ଦ ବାବା, ଦୁଷ୍ମନ୍ତ ବାବା, ନିଗମାନନ୍ଦ ବାବା, ପବିତ୍ର ବାବା ଯୋଗଦେଇ ମହିମା ଧର୍ମ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଶରତ କୁମାର ରାଉତରାୟ, ଦେବେନ୍ଦ୍ର ନାଥ ବାରିକ ଯୋଗଦେଇ ଅଲେଖ ଅବାୟୁ ଶୂନ୍ୟ, ଅମୂର୍ତ୍ତୀ ପରମପଦ, ଯୋଗଧ୍ୟାନ, ବେଦବେଦାନ୍ତରେ ଉପଲବ୍ଧି ହୁଅନ୍ତେ ନାହିଁ କେବଳ ଗୁରୁ ଆଜ୍ଞା ପିତ ହୋଇ ଶରଣ ଗଲେ ଈଶ୍ୱର ସହଜରେ ମିଳନ୍ତି ବୋଲି କହିଥିଲେ। ଏଥିରେ ବ୍ରହ୍ମଧ୍ୱନି ସ୍ଥାପନ, ମହିମା ଭଜନ, ବାଲ୍ୟଲୀଳା, ଭଜନ, ସାଧୁଭିକ୍ଷା ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରକୁ ଦେବବ୍ରତ ନାୟକ, ସତ୍ୟବ୍ରତ ନାୟକ. ପ୍ରିୟବ୍ରତ ନାୟକ, ସୁବ୍ରତ ନାୟକ, ଦୃଢବ୍ରତ ନାୟକ, ବ୍ରହ୍ମାନନ୍ଦ ନାୟକ ଓ କନ୍ଦରାପଟୀ ଗ୍ରାମବାସୀମାନେ ପରିଚାଳନା କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୬୫ • ପାଉଣ୍ଡ ୧୦୬.୭୩
- ୟୁରୋ ୯୦.୫୫ • ୟେନ୍ ୦.୫୫

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୦,୯୭୯ (ନୂଆଦିଲ୍ଲୀ)
- ରୁପା : ୭୬,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୬୪୧.୦୦
- ନିଫ୍ଟି ୨୨,୦୧୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



**ଅପରେଟରଙ୍କୁ ଟେଲିକମ୍ ବିଭାଗର ସତର୍କବାଣୀ**

# କଟିବ ୨୧ ଲକ୍ଷ ଜାଲ୍ ସିମ୍ କାର୍ଡ

**ନୂଆଦିଲ୍ଲୀ,୨୧।୩(ଏଜେନ୍ସି)**




ସମ୍ପ୍ରତି ଦେଶରେ ବଢ଼ିବାରେ ଲାଗିଛି ନକଲି ମୋବାଇଲ ସିମ୍ କାର୍ଡ। ଏ ନେଇ ବର୍ତ୍ତମାନ ଟେଲିକମ୍ ଅପରେଟରମାନଙ୍କୁ ସତର୍କ କରାଇଛି ଟେଲିକମ୍ ବିଭାଗ (ଡିଓଟି)। ଟେଲିକମ୍ ବିଭାଗ ଦ୍ୱାରା କରାଯାଇଥିବା ଏକ ଅନୁସନ୍ଧାନ ଅନୁଯାୟୀ, ନକଲି ପରିଚୟ ପ୍ରମାଣପତ୍ର (ଆଇଡି ପ୍ରମାଣ) କିମ୍ବା ଠିକଣା ଦଲିଲ ବ୍ୟବହାର କରି ଦେଶରେ ଅତି କମ୍‌ରେ ୨୧ ଲକ୍ଷ ସିମ୍ କାର୍ଡ ସକ୍ରିୟ କରାଯାଇଛି। ଟେଲିକମ୍ ବିଭାଗ ଭାରତୀ ଏୟାରଟେଲ, ଏମ୍‌ଟିଏନ୍‌ଏଲ୍, ବିଏସ୍‌ଏନ୍‌ଏଲ୍, ରିଲାଏନ୍ସ ଜିଓ ଏବଂ ଭୋଡାଫୋନ୍ ଆଇଡିଆକୁ ଏକ ସନ୍ଦେହଜନକ ଗ୍ରାହକଙ୍କର ଏକ ତାଲିକା ଦେଇଛି। ଏଥିରେ ନକଲି ପ୍ରମାଣପତ୍ର ଦେଇ ସିମ୍ କାର୍ଡ କିଣିଥିବା ଲୋକଙ୍କ ସଂଯୋଗକୁ ତୁରନ୍ତ ଯାଞ୍ଚ କରିବାକୁ କୁହାଯାଇଛି।

ଟେଲିକମ୍ ବିଭାଗର ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ଡିଜିଟାଲ୍ ଇଣ୍ଟେଲିଜେନ୍ସ ୟୁନିଟ୍ (ଏଆଇ ଏବଂ ଡିଆଇୟୁ) ଦ୍ୱାରା ୧୧୪ କୋଟି ମୋବାଇଲ୍ ଫୋନ୍ ସଂଯୋଗର ଏକ ପାନ-ଇଣ୍ଡିଆ ବିଶ୍ଳେଷଣରୁ ଜଣାପଡିଛି ଯେ ବିଭିନ୍ନ ଟେଲିକମ୍ ସେବା ପ୍ରଦାନକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ଅତି କମ୍‌ରେ ୨୧ ଟି କମ୍ପାନୀ ନକଲି କିମ୍ବା ଜାଲ୍ ଲକ୍ଷ ଲକ୍ଷ ସିମ୍ ସକ୍ରିୟ କରିବାକୁ ଆବେଦନ ପାଇଁ ଡକ୍ୟୁମେଣ୍ଟ ବ୍ୟବହାର କରାଯାଇଥିଲା। ସନ୍ଦେହ କରାଯାଉଛି ଯେ ଏହି ସଂଖ୍ୟାଗୁଡ଼ିକ ମଧ୍ୟରୁ ଅଧିକାଂଶ ବିଭିନ୍ନ ପ୍ରକାରର ସାଇବର ଅପରାଧ କିମ୍ବା ଅନଲାଇନ୍ ଠକେଇରେ ବ୍ୟବହୃତ ହୁଏ। ଏଆଇ ଏବଂ ଡିଆଇଓ ଅନୁସନ୍ଧାନକାରୀମାନେ ଜାଣିବାକୁ ପାଇଲେ ଯେ ୧.୯୨ କୋଟି ମାମଲାରେ ଜଣେ ବ୍ୟକ୍ତି ଅତ୍ୟଧିକ ମୋବାଇଲ୍ ସଂଯୋଗ ନେଇଛନ୍ତି, ଯାହା ସାରା ଦେଶରେ ସେବା ପ୍ରଦାନକାରୀଙ୍କ ପାଇଁ ୯ଟି ସିମ୍ କାର୍ଡର ସୀମା ଅତିକ୍ରମ କରିଛି। ଏଥିରେ ସଂଯୋଗ ଅନ୍ତର୍ଭୁକ୍ତ ହୋଇଥିଲା ଯାହାକି 'ଭୁଲ ଭାବରେ' ସେବା ପ୍ରଦାନକାରୀ ଦ୍ୱାରା ବଲ୍କ ସଂଯୋଗ ଅପେକ୍ଷା ବ୍ୟକ୍ତିଗତ ଭାବରେ ବର୍ଗୀକୃତ ହୋଇଥିଲା। କେତେକ କ୍ଷେତ୍ରରେ ଗ୍ରାହକଙ୍କ ଡାଟାବେସ୍ ରେକର୍ଡର ପରିଚୟର ପ୍ରମାଣ କିମ୍ବା ଠିକଣା ବିଭାଗର ପ୍ରମାଣରେ ଅସ୍ପଷ୍ଟ ତଥ୍ୟ ଦିଆଯାଇଥିଲା। ସିମ କାର୍ଡର ଦେଶବ୍ୟାପୀ ଅନୁସନ୍ଧାନ ନାଗରିକ-କେନ୍ଦ୍ରିକ ପଦକ୍ଷେପ – 'ସଞ୍ଚାର ସାଥି' ଅଧୀନରେ କରାଯାଇଛି। ଏହି ପଦକ୍ଷେପ ଅଧୀନରେ ନାଗରିକମାନଙ୍କୁ ସେମାନଙ୍କ ନାମରେ ଦିଆଯାଇଥିବା ମୋବାଇଲ୍ ସଂଯୋଗ ଜାଣିବା ଏବଂ କୌଣସି ସିମ୍ କାର୍ଡକୁ ନିଷ୍କ୍ରିୟ କରିବା ପାଇଁ କ୍ଷମତା ଦିଆଯାଇଛି ଯାହା ପାଇଁ ସେମାନେ ଆବେଦନ କରିନାହାଁନ୍ତି କିମ୍ବା ଯାହା ଆଉ ଆବଶ୍ୟକ କରନ୍ତି ନାହିଁ। ଟେଲିକମ୍ ବିଭାଗର ଆଲର୍ଟରେ କୁହାଯାଇଛି ଯେ , ଯେତେବେଳେ ନାଗରିକମାନେ ସଞ୍ଚାର ସାଥୀ ପୋର୍ଟାଲ୍ ବ୍ୟବହାର କରନ୍ତି, ସେତେବେଳେ ସେମାନଙ୍କୁ ସଠିକ୍ ଏବଂ ବୈଧ ତଥ୍ୟ ଦେଖାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରିପ୍ରେକ୍ଷୀରେ, ୧୧୪ କୋଟି ମୋବାଇଲ୍ ସଂଯୋଗର ଏକ ସର୍ବଭାରତୀୟ ବିଶ୍ଳେଷଣରୁ ଜଣାପଡିଛି ଯେ ସଦସ୍ୟତା ପାଇଁ ୨୧.୦୮ ଲକ୍ଷ ଅବୈଧ / ଅବାସ୍ତବ କିମ୍ବା ନକଲି / ନକଲି ପିଓଏଲ୍ / ପିଓଏ ଡକ୍ୟୁମେଣ୍ଟ ବ୍ୟବହାର କରାଯାଇଛି।

ଏଆଇ ଏବଂ ଡିଆଇୟୁର ଉପମହାନିର୍ଦ୍ଦେଶକ ମୁକେଶ ମଙ୍ଗଲ ହିନ୍ଦୁଙ୍କୁ କହିଛନ୍ତି, ନକଲି ଡକ୍ୟୁମେଣ୍ଟ ସହିତ ସକ୍ରିୟ ସିମ୍ ବିଚ୍ଛିନ୍ନ କରି ତଥ୍ୟ ସଫା କରିବା ପାଇଁ ଏହା ଏକ ପ୍ରକ୍ରିୟା। ଦେଶବ୍ୟାପୀ ଅନୁସନ୍ଧାନ ଦ୍ୱାରା ଜଣେ ବ୍ୟକ୍ତି ଏକାଧିକ ସ୍ଥାନରେ କିମ୍ବା ବିଭିନ୍ନ ଟିଏସ୍‌ପି ମାଧ୍ୟମରେ ନିଆଯାଇଥିବା ସଂଯୋଗଗୁଡ଼ିକୁ ପ୍ରକାଶ କରି।, ଯେଉଁଠାରେ ସାଇବର ଅପରାଧ କିମ୍ବା ଅନଲାଇନ୍ ଠକେଇ ଭଳି କୌଣସି ବେଆଇନ କାର୍ଯ୍ୟକଳାପ କରାଯାଇଥାଏ। ଆମେ କେବଳ ସଂଖ୍ୟାକୁ ବିଚ୍ଛିନ୍ନ କରୁନାହୁଁ ବରଂ ହ୍ୟାଣ୍ଡସେଟକୁ ମଧ୍ୟ ନିଷ୍କ୍ରିୟ କରିଥାଉ। ସେ କହିଛନ୍ତି ଯେ ଗ୍ରାହକଙ୍କ ଗୋପନୀୟତା ଉଲ୍ଲଂଘନ ନ କରି ଟେଲିକମ୍ ବିଭାଗ ନିର୍ଦ୍ଦେଶାବଳୀକୁ କଡାକଡି ପାଳନ କରି ଟିଏଓ୍ପି ଦ୍ୱାରା ଯାଞ୍ଚ ଏବଂ ବିଚ୍ଛିନ୍ନତା ପ୍ରକ୍ରିୟା କରାଯାଉଛି।

ସାଇବର ଅପରାଧର ଘଟଣା ହ୍ରାସ ଉପରେ ମତ ରଖି ସେ କହିଛନ୍ତି ଯେ ନକଲି ଡକ୍ୟୁମେଣ୍ଟ ଏବଂ ମୋବାଇଲ୍ ଫୋନ୍ ହ୍ୟାଣ୍ଡସେଟ୍ ସହିତ ମିଳିଥିବା ସମସ୍ତ ସିମ୍ କାର୍ଡ ଅପରାଧ କରିବା ପାଇଁ ବ୍ୟବହୃତ ହୋଇଛି। ସେ କହିଛନ୍ତି, ପୂର୍ବ ତୁଳନାରେ ବର୍ତ୍ତମାନ ଅଧିକ ଲୋକ ସାଇବର ଅପରାଧ ବିରୋଧରେ ଅଭିଯୋଗ ଆଣିବାକୁ ଆଗେଇ ଆସୁଛନ୍ତି। ଯେହେତୁ ଆମେ ଅପରାଧୀଙ୍କ ମୋବାଇଲ୍ ଫୋନ୍ ଆଧାରିତ କାର୍ଯ୍ୟକଳାପକୁ ବନ୍ଦ କରୁଛୁ, ଅନଲାଇନ୍ ଠକେଇର ଘଟଣା ନିଶ୍ଚିତ ଭାବରେ ହ୍ରାସ ପାଇବ।ଏହା କୁହାଯାଉଛି ଯେ ପ୍ରକ୍ରିୟା ସଂପୂର୍ଣ୍ଣ କରିବା ପାଇଁ ସେବା ପ୍ରଦାନକାରୀଙ୍କୁ ଏକ ସମୟସୀମା ଦିଆଯାଇଥିବାରୁ ଖୁବ୍ ଶୀଘ୍ର ବହୁ ସଂଖ୍ୟକ ସିମ୍ କାର୍ଡ ସଂଯୋଗ ବିଚ୍ଛିନ୍ନ ହେବ।

## ସର୍ବବୃହତ ମାନବ ଜାତୀୟ ପତାକା ତିଆରି କରି ଜେଜିୟୁର ଗିନିଜ୍ ୱାର୍ଲ୍ଡ ରେକର୍ଡ




**ନୂଆଦିଲ୍ଲୀ,୨୧।୩(ସମିସ):** ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆ (ଏଫ୍‌ଏଫ୍‌ଆଇ) ସହଯୋଗରେ ଓପି ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟି (ଜେଜିୟୁ) ସର୍ବବୃହତ ମାନବ ଜାତୀୟ ପତାକା ତିଆରି କରି ଗିନିଜ୍ ୱାର୍ଲ୍ଡ ରେକର୍ଡ ସ୍ଥାପନ କରିଛି। ଏହି କାର୍ଯ୍ୟକ୍ରମରେ ଜେଜିୟୁର ୭୩୬୮ ଜଣ ଛାତ୍ରଛାତ୍ରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ ଯାହାକୁ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍ ସଂସ୍ଥାର ଅଧିକାରୀମାନେ ଅନୁମୋଦନ କରିଥିଲେ। ଏହି ନିଆରା ଅବସରରେ ଜେଜିୟୁର ସମସ୍ତ ବିଦ୍ୟାଳୟ ଓ ଅନୁଷ୍ଠାନର ଛାତ୍ରଛାତ୍ରୀ, କର୍ମଚାରୀ, ଅଧ୍ୟାପକ ଏବଂ ଅନ୍ୟ ଅଧିକାରୀମାନେ ଉତ୍ସାହର ସହ ଭାରତୀୟ ପତାକାର ରଙ୍ଗରେ ଏକାଠି ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରମାଣିତ କରିବା ପାଇଁ କ୍ୟାମ୍ପସରେ ଉପସ୍ଥିତ ଥିବା ଗିନିଜ୍ ୱାର୍ଲ୍ଡ ରେକର୍ଡର ବିଚାରକ ଋଷି ନାଥ କହିଛନ୍ତି ଯେ, ମୁଁ ଖୁସିର ସହ ଘୋଷଣା କରୁଛି ଯେ ଓପି ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟି, ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆ ସହଯୋଗରେ, ୭୩୬୮ ଜଣ ଉତ୍ସାହୀ ଅଂଶଗ୍ରହଣକାରୀଙ୍କ ସହ ସର୍ବବୃହତ ମାନବ ଜାତୀୟ ପତାକା ରେକର୍ଡ ସଫଳତାର ସହ କରିଛି। ଜେଜିୟୁ ଏବଂ ଏଫଏଫଆଇ ବର୍ତ୍ତମାନ ଏହି କାର୍ଯ୍ୟ ପାଇଁ ରେକର୍ଡର ଅଧିକାରୀ ଏବଂ ଏହି ନୂତନ ରେକର୍ଡକୁ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସାମିଲ କରାଯିବ। ଏହି ଅବସରରେ ଓପି ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟିର ପ୍ରତିଷ୍ଠାତା ଚାନ୍‌ସେଲର ତଥା ଫ୍ଲାଗ ଫାଉଣ୍ଡେସନର ସଭାପତି ନବୀନ ଜିନ୍ଦଲ କହିଥିଲେ ଯେ, ଉଡୁଥିବା ଜାତୀୟ ପତାକା ଆକୃତିର ଏକ ମାନବ ଚିତ୍ର ତିଆରି କରି ସଫଳତାର ସହ ଏକ ନୂତନ ଗିନିଜ୍ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଥିବାରୁ ମୁଁ ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆ ଏବଂ ଓପି ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟିକୁ ଅଭିନନ୍ଦନ ଜଣାଉଛି।

## ଅଭିନବତା ଓ ମେକ ଇନ ଇଣ୍ଡିଆ ଭିଜନ ଲକ୍ଷ୍ୟ ଅତିକ୍ରମ କରିଛି ହାଭେଲ୍ସ

**ଭୁବନେଶ୍ୱର, ୨୧।୨୩(ସମିସ):** ହାଭେଲ୍ସ ଇଣ୍ଡିଆ ଏହାର ମେକ ଇନ ଇଣ୍ଡିଆ ରଣନୀତିକୁ ଅଧିକ ସୁଦୃଢ କରିବା ପାଇଁ ପ୍ରତିଶ୍ରୁତି ପାଇଁ ନିଜର ଦୃଷ୍ଟିକୋଣ ଘୋଷଣା କରିଛି। ଏହାର ଲଏଡ ଷ୍ଟେଲର ଓ ଷ୍ଟାଇଲସ ଏୟାର କଣ୍ଡିସନର ରେଞ୍ଜ ସହିତ ଅଗ୍ରଣୀ ରେଫ୍ରିଜରେଟର ରାପିଡ କୁଲ ଟେକ୍ନୋଲୋଜି ସହିତ ସଜ୍ଜିତ ହୋଇ ମାତ୍ର ୨୯ ମିନିଟରେ ବରଫ ଉତ୍ପାଦନ କରିବାକୁ ସକ୍ଷମ ହୋଇଥାଏ। ଏହା ସହିତ ଅଟୋମାଟିକ ୱାସିଂ ମେସିନ ଓ ଗୁଗଲ କ୍ୟୁଏଲଇଡି ଟିଭି ଏବେ ୮୫ ଇଞ୍ଚ୍ ଓ ୧୦୦ ଇଞ୍ଚ ମଡେଲ ବୈଶିଷ୍ଟ୍ୟତା ସହ ଆସିଯାଇଛି। ଏହାର ଏୟାର କଣ୍ଡିସନର ଓ ୱାସିଂ ମେସିନରେ ଗିଲୋଟ ସୁବିଧା ସହିତ ଉତ୍ପାଦର ବିସ୍ତାର ଲାଭ କରିଛି। ଏଥିପାଇଁ ଶ୍ରୀ ସିଟିରେ କମ୍ପାନୀର ଉତ୍ପାଦନ ୟୁନିଟରେ ବାର୍ଷିକ ଉତ୍ପାଦନ କ୍ଷମତା ୧ ମିଲିୟନ ଏସି ଯାହା ଦ୍ୱାରା କଂପାନିର ବାର୍ଷିକ ମୋଟ ୨ ନିୟୁତ ୟୁନିଟକୁ ବୃଦ୍ଧି ପାଇଛି। ଘରୋଇ ଉପଭୋକ୍ତା ସ୍ଥାୟୀ ବଜାରରେ ଏହାର ସ୍ଥିତିକୁ ଆହୁରି ସଦୃଢ କରିବା ଲାଗି ପ୍ରତିବଦ୍ଧତା ସୂଚାଇଛି। ଏହି ବ୍ରାଣ୍ଡ ଆର୍ନ୍ତଜାତୀୟ ବଜାରରେ ୩୦ଟି ଦେଶକୁ ରପ୍ତାନି ଜରୀଆରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହାସଲ କରିବାକୁ ସକ୍ଷମ ହୋଇଥିବା ହାଭେଲସ ଇଣ୍ଡିଆ ଲିମିଟେଡର , ନିର୍ବାହୀ ନିର୍ଦ୍ଦେଶକ ଯୋଗେଶ କୁମାର ଗୁପ୍ତା କହିଛନ୍ତି।

**ପ୍ରଭାବଶାଳୀ ସାମାଜିକ ଗଣମାଧ୍ୟମ ବ୍ୟକ୍ତିତ୍ୱଙ୍କୁ ସୂଚନା ପ୍ରସାରଣ ମନ୍ତ୍ରଣାଳୟ ପରାମର୍ଶ**

## ଅନ୍‌ଲାଇନ୍ ବେଟିଂ ଏବଂ ଜୁଆ ପ୍ଲାଟଫର୍ମଠାରୁ ଦୂରେଇ ରୁହ

**ନୂଆଦିଲ୍ଲୀ,୨୧।୩(ଏଜେନ୍ସି):** ବିଦେଶୀ ଅନଲାଇନ ବେଟିଂ ଏବଂ ଜୁଆ ପ୍ଲାଟଫର୍ମ ସମେତ ସରୋଗେଟ୍ (ଛଦ୍ମ) ବିଜ୍ଞାପନ କିମ୍ବା ପ୍ରଚାରପ୍ରସାରଠାରୁ ଦୂରେଇ ରହିବାକୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଆଜି ସାମାଜିକ ଗଣମାଧ୍ୟମର ସମସ୍ତ ସମର୍ଥକ ଏବଂ ପ୍ରଭାବଶାଳୀ ବ୍ୟକ୍ତିବିଶେଷମାନଙ୍କୁ ପରାମର୍ଶ ଦେଇଛି। ମନ୍ତ୍ରଣାଳୟ କହିଛି ଯେ ଏହି ବିଜ୍ଞାପନଗୁଡ଼ିକ ଗ୍ରାହକ, ବିଶେଷ କରି ଯୁବବର୍ଗଙ୍କ ଉପରେ ଅନଲାଇନ୍ ବେଟିଂ ଏବଂ ଜୁଆଖେଳର ଏକ ଗୁରୁତ୍ୱପୂର୍ଣ୍ଣ ବିତ୍ତୀୟ ଏବଂ ସାମାଜିକ-ଆର୍ଥିକ ପ୍ରଭାବ ପକାଇଥାଏ। ଭାରତୀୟ ଦର୍ଶକଙ୍କୁ ଆଖି ଆଗରେ ରଖି ଏଭଳି ପ୍ରଚାରମୂଳକ ବିଷୟବସ୍ତୁ ପ୍ରସାରଣ ନ କରିବାକୁ ମନ୍ତ୍ରଣାଳୟ ଅନଲାଇନ୍ ବିଜ୍ଞାପନ ମଧ୍ୟସ୍ଥମାନଙ୍କୁ ପରାମର୍ଶ ଦେଇଛି। ଏଭଳି

**ଅନୁପାଳନରେ ବିଫଳ ହେଲେ ଆକାଉଣ୍ଟକୁ ହଟାଇ ଦିଆଯାଇପାରେ**

ବିଷୟବସ୍ତୁ ପ୍ରକାଶ ନ କରିବା ପାଇଁ ସେମାନଙ୍କ ବ୍ୟବହାରକାରୀଙ୍କ ମଧ୍ୟରେ ସଚେତନ ପ୍ରୟାସ କରିବାକୁ ମଧ୍ୟ ସାମାଜିକ ଗଣମାଧ୍ୟମ ମଧ୍ୟସ୍ଥମାନଙ୍କୁ ପରାମର୍ଶ ଦିଆଯାଇଛି। ଏହାକୁ ପାଳନ ନକଲେ ଉପଭୋକ୍ତା ସୁରକ୍ଷା ଆଇନ, ୨୦୧୯ର ବ୍ୟବସ୍ଥା ଅନୁଯାୟୀ ସାମାଜିକ ଗଣମାଧ୍ୟମ ପୋଷ୍ଟ କିମ୍ବା ଆକାଉଣ୍ଟକୁ ହଟାଇବା କିମ୍ବା ଅଚଳ କରିବା ଏବଂ ପ୍ରଯୁଜ୍ୟ ଆଇନ ଅନୁଯାୟୀ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ବୋଲି ମାର୍ଗଦର୍ଶିକାରେ ଚେତାବନୀ ଦିଆଯାଇଛି। ସୂଚନା ପ୍ରଯୁକ୍ତି ଆଇନ,୨୦୦୦ର ଧାରା ୭୯ରେ ମଧ୍ୟସ୍ଥଙ୍କ ଦ୍ୱାରା ଉପଲବ୍ଧ କିମ୍ବା ହୋଷ୍ଟ କରାଯାଇଥିବା ତୃତୀୟ ପକ୍ଷ ସୂଚନା, ଡାଟା କିମ୍ବା ଯୋଗାଯୋଗ ଲିଙ୍କ୍ ପାଇଁ ସେମାନଙ୍କୁ ଦାୟିତ୍ୱରୁ ମୁକ୍ତି ପାଇଁ ବ୍ୟବସ୍ଥା କରାଯାଇଛି।

## ପାତ୍ରପଡ଼ାରେ ଶ୍ରୀଲେଦର୍ସର ନୂତନ ଶୋ' ରୁମ୍

**ଭୁବନେଶ୍ୱର, ୨୧।୩(ଏସମିସ):** ଦୀର୍ଘ ୭୦ ବର୍ଷର ପୁରାତନ ଫୁଟୱେୟାର ତଥା ଜୋତା ଶିଳ୍ପ ବ୍ୟବସାୟରେ ନିର୍ଭରଯୋଗ୍ୟ ବ୍ରାଣ୍ଡ ଭାବେ ପରିଚିତ ଶ୍ରୀଲେଦର୍ସ ଭୁବନେଶ୍ୱରସ୍ଥିତ ପାତ୍ରପଡ଼ାଠାରେ ଏହାର ଅନ୍ୟ ଏକ ନୂତନ ଶୋ'ରୁମ ଖୋଲିଛି। ସମଗ୍ର ରାଜ୍ୟରେ ଶ୍ରୀଲେଦର୍ସର ଏହା ନବମ ଶୋ'ରୁମ। ଏହି ନୂତନ ଶୋ'ରୁମରେ ବିଶ୍ୱସ୍ତରୀୟ ଜୋତା, ଚମଡ଼ାରେ ନିର୍ମିତ ବ୍ୟାଗ୍, ଟ୍ରାଭେଲ ବ୍ୟାଗ୍, ସ୍ପୋର୍ଟ ଜୋତା ଆଦି ସୁଲଭ ମୂଲ୍ୟରେ ଉପଲବ୍ଧ। ଲୋକମାନଙ୍କୁ ସୁଲଭମୂଲ୍ୟରେ ବିଶ୍ୱସ୍ତରୀୟ ଜୋତା ଏବଂ ଚମଡ଼ା କାରୁକାର୍ଯ୍ୟ ସମ୍ପନ୍ନ ହାତବ୍ୟାଗ୍ ଦେବା ଉଦ୍ଦେଶ୍ୟରେ ୧୯୫୨ ମସିହାରେ 'ଶ୍ରୀଲେଦର୍ସ' ସ୍ଥାପନା କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସୁରେଶ ଚନ୍ଦ୍ର ଦେ ଦେଶବାସୀଙ୍କୁ ଅପେକ୍ଷାକୃତ ସ୍ୱଳ୍ପ ମୂଲ୍ୟରେ ଆରାମଦାୟକ ଜୋତା ବ୍ୟବହାର କରିବା ଉଦ୍ଦେଶ୍ୟ ରଖି ଏହି ବ୍ୟବସାୟ ଆରମ୍ଭ କରିଥିଲେ। 'ଗୁଣାତ୍ମକ ଉତ୍ପାଦ ଏବଂ



ଗ୍ରାହକ ସନ୍ତୁଷ୍ଟୀକରଣ' ସଫଳତା ସୂତ୍ର ଆଧାରରେ ସମସ୍ତ ବର୍ଗର ଗ୍ରାହକଙ୍କୁ ଆରାମଦାୟକ ଷ୍ଟାଇଲିସ୍ ଜୋତା, ବ୍ୟାଗ୍, ନିତ୍ୟ ବ୍ୟବହାର୍ଯ୍ୟ ଚମଡ଼ା ସାମଗ୍ରୀ ଯୋଗାଇବାରେ 'ଶ୍ରୀଲେଦର୍ସ' ଜୋତା ବଜାରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଏହି ପରିପ୍ରେକ୍ଷୀରେ ଶ୍ରୀଲେଦର୍ସର ପାର୍ଟନର ଶେଖର ଦେ କହିଛନ୍ତି ଯେ, ପ୍ରତ୍ୟେକ ନୂତନ ଡିଜାଇନ୍ ଏବଂ ବିଭିନ୍ନ ବର୍ଗର ଉତ୍ପାଦ ପ୍ରଥମେ ଆମ ଶୋ'ରୁମକୁ ଆସିଥାଏ। ଏହାର ଗୁଣବତ୍ତା ଏବଂ ଗ୍ରାହକଙ୍କ ଗ୍ରହଣୀୟତା ବିଷୟରେ ନିଶ୍ଚିତ ହେବା ପରେ ହିଁ ଆମେ ଏହାକୁ ଆମର ଫ୍ରାଞ୍ଚାଇଜକୁ ଦେଇଥାଉ। ପରିବାରର ୩ୟ ପିଢି ତଥା ପାର୍ଟନର ସୁଶାନ୍ତୋ ଦେ କହିଛନ୍ତି ଯେ, 'ବର୍ତ୍ତମାନ ଆମେ କ୍ରୀଡ଼ା ଭିତ୍ତିକ ଜୋତା ଉତ୍ପାଦନ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଚାହୁଁଛୁ। ପୃଥକ ଭାବେ ବିଭିନ୍ନ କ୍ରୀଡ଼ାର ରୂପରେଖ ଅନୁଯାୟୀ ବ୍ୟାଡମିଣ୍ଟନ ଭଲିବଲ୍ ଏବଂ ବାସ୍କେଟବଲ ଭଳି କ୍ରୀଡ଼ା ପାଇଁ ଜୋତା ଉପଲବ୍ଧ କରାଇବା ପାଇଁ ଯୋଜନା ରଖିଛୁ।

## ଭୁବନେଶ୍ୱରରେ ମାଷ୍ଟର କ୍ୟାପିଟାଲ୍ ସର୍ଭିସେସ୍ ଲିମିଟେଡର ନୂତନ କାର୍ଯ୍ୟାଳୟ

**ଭୁବନେଶ୍ୱର,୨୧।୩(ସମିସ):** ଏକ ଅଗ୍ରଣୀ ବ୍ରୋକିଂ ଏବଂ ଇନଭେଷ୍ଟମେଣ୍ଟ ପ୍ଲାଟଫର୍ମ ମାଷ୍ଟର କ୍ୟାପିଟାଲ୍ ସର୍ଭିସେସ୍ ଲିମିଟେଡ୍ ରାଜଧାନୀ ଭୁବନେଶ୍ୱରରେ ଏହାର ନୂତନ କାର୍ଯ୍ୟାଳୟ ଖୋଲିଛି। କୋଲକାତାରେ ଦୁଇଟି କାର୍ଯ୍ୟାଳୟ ସହିତ ପୂର୍ବ ଭାରତରେ ନିଜର ଦୃଢ଼ ଉପସ୍ଥିତି ସହିତ ମାଷ୍ଟର କ୍ୟାପିଟାଲ ସର୍ଭିସେସ୍ ଲିମିଟେଡ୍ ଓଡ଼ିଶା ରାଜ୍ୟରେ ନିଜର ଆର୍‌ôଥକ ଦକ୍ଷତା ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି। ଯାହାକି ଭାରତର ପୂର୍ବାଂଳରେ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀର ସମର୍ପଣକୁ ଆହୁରି ଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ଏହି ନୂତନ ଶାଖାର ପ୍ରତିଷ୍ଠା ପୂର୍ବ ଭାରତରେ ନିଜର ଉପସ୍ଥିତି ପ୍ରସାରିତ କରିବା ଦିଗରେ କମ୍ପାନୀର ସୁଚିନ୍ତିତ ଲକ୍ଷ୍ୟକୁ ପ୍ରତିଫଳିତ କରୁଛି ଯାହାକି ଏହି ଅଞ୍ଚଳର ଆର୍ଥିକ ଅଭିବୃଦ୍ଧିରେ ଏକ ଭୂମିକା ଗ୍ରହଣ କରିବ। ଏହି ଭୁବନେଶ୍ୱର ଶାଖା ନିବେଶ ସେବା, ସମ୍ପତି ପରିଚାଳନା ଏବଂ ପୋର୍ଟଫୋଲିଓ ଯୋଜନା ଭଳି ବିବିଧ ଆର୍‌ôଥକ ସେବା ପ୍ରଦାନ କରିବ। ଗ୍ରାହକକୈନ୍ଦ୍ରିକ ରଣନୀତି ମାଧ୍ୟମରେ ମାଷ୍ଟର କ୍ୟାପିଟାଲ୍ ସର୍ଭିସେସ୍ ଲିମିଟେଡ୍ ଭୁବନେଶ୍ୱରରେ ବ୍ୟକ୍ତିବିଶେଷ ଏବଂ ବ୍ୟବସାୟଗୁଡ଼ିକୁ ସେଗୁଡ଼ିକର ଆର୍ଥିକ ଉଦ୍ଦେଶ୍ୟ ଓ ସ୍ୱପ୍ନ ପୂରଣ କରିବା ପାଇଁ ସକ୍ଷମ କରିବାକୁ ଚାହୁଁଛି।



**ଏଲନ୍ ମସ୍କଙ୍କ ନୂଆ ଆବିଷ୍କାର**

# ବ୍ରେନ୍ ଚିପ୍ ସାହାଯ୍ୟରେ ପକ୍ଷାଘାତ ରୋଗୀ ଖେଳିଲେ ଚେସ୍

**ନୂଆଦିଲ୍ଲୀ,୨୧।୩(ଏଜେନ୍ସି)**



ବିଶ୍ୱର ଅନ୍ୟତମ ବଡ଼ ଧନୀ ତଥା ଟେସ୍‌ଲା ଏବଂ ସ୍ପେସ୍‌ଏକ୍ସର ମାଲିକ ଏଲନ୍ ମସ୍କ ଏକ ନୂତନ ଆବିଷ୍କାର ସହିତ ସମଗ୍ର ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଛନ୍ତି। ମସ୍କଙ୍କ କମ୍ପାନୀ ନ୍ୟୁରାଲିଙ୍କ୍ ଏକ ବ୍ରେନ୍ ଚିପ୍ ବା ମସ୍କିଷ୍କ ଚିପ୍ ପ୍ରସ୍ତୁତ କରିଛି ଯାହା ଲୋକଙ୍କ ମସ୍ତିଷ୍କରେ ସେଟ୍ ହୋଇଯାଉଛି। ଏହି ବ୍ରେନ୍ ଚିପ୍ ସାହାଯ୍ୟରେ ମସ୍କ ଜଣେ ପକ୍ଷାଘାତ ବ୍ୟକ୍ତିଙ୍କ ଉପରେ ପରୀକ୍ଷଣ କରିଛନ୍ତି। ତାଙ୍କର ଭିଡିଓ ସୁଟ୍ କରି ସୋସିଆଲ୍ ମିଡିଆ ସାଇଟ୍ 'ଏକ୍ସ' ରେ ମସ୍କ ଏହାକୁ ପୋଷ୍ଟ କରିଛନ୍ତି। ଏହି ଭିଡିଓରେ, ବ୍ୟକ୍ତି ଜଣକ ନ୍ୟୁରାଲିଙ୍କ ବେନ୍ ଚିପ୍ ସାହାଯ୍ୟରେ କମ୍ପ୍ୟୁଟରରେ ଚେସ୍ ଭଳି ଭିଡିଓ ଗେମ୍ ଆଦି ଖେଳୁଥିବା ଦେଖିବାକୁ ମିଳିଛି। ଏହି ଚିପ୍ ତାଙ୍କ ଜୀବନକୁ କିପରି ଭାବେ ସହଜ କରିଦେଇଛି ସେ ସମ୍ପର୍କରେ ବ୍ୟକ୍ତିଜଣକ ପ୍ରଶଂସା କରି କହୁଛନ୍ତି।

ଏକ ସଡକ ଦୁର୍ଘଟଣା ପରେ ୨୯ ବର୍ଷ ବୟସ୍କ ଏହି ଯୁବକଙ୍କୁ ଅଧିକାଂଶ ସମୟ ଶଯ୍ୟାରେ ହିଁ ଅତିବାହିତ କରିବାକୁ ପଡୁଛି। ଦୁନିଆର ସବୁଠାରୁ ଧନୀ ବ୍ୟକ୍ତି ମସ୍କ ସେହି ବ୍ୟକ୍ତିଙ୍କ ମସ୍ତିଷ୍କରେ ଏକ

**■ ନ୍ୟୁରାଲିଙ୍କ୍ ପ୍ରସ୍ତୁତ କରିଛି ଚିପ୍**

ନ୍ୟୁରାଲିଙ୍କ୍ ଚିପ୍ ପ୍ରତିରୋପଣ କରି କେବଳ ଚିନ୍ତା କରି ସିଷ୍ଟମକୁ ଘୁଞ୍ଚାଇବା ପାଇଁ ଏକ ଲିଙ୍କ ସଂସ୍ଥାପିତ କରିଥିଲେ। ମସ୍କଙ୍କ ମାଲିକାନାରେ ଥିବା ନ୍ୟୁରାଲିଙ୍କ୍ ବର୍ତ୍ତମାନ ଏହାର ଚିପ୍ ଲଗାଇଥିବା ବ୍ୟକ୍ତିଙ୍କ ସହ ଏକ ଲାଇଭ୍ ଷ୍ଟ୍ରିମିଂ କରିଛି। ଏହି ଲାଇଭ୍ ଷ୍ଟ୍ରିମିଂରେ ବ୍ୟକ୍ତି ଜଣକ ନିଜ ମସ୍ତିଷ୍କକୁ ବ୍ୟବହାର କରି ଭିଡିଓ ଗେମ୍ ଏବଂ ଅନ୍‌ଲାଇନ୍ ଚେସ୍ ଖେଳୁଥିବା ଦେଖାଯାଉଛି। ନ୍ୟୁରାଲିଙ୍କ ଚିପ୍ ସାହାଯ୍ୟରେ ଜଣେ ବ୍ୟକ୍ତି କେବଳ ତାଙ୍କ ଚିନ୍ତାଧାରା ବ୍ୟବହାର କରି କମ୍ପ୍ୟୁଟରକୁ ନିୟନ୍ତ୍ରଣ କରିପାରିବେ ଏବଂ ନିଜର ଚିନ୍ତାଶକ୍ତି ଅନୁଯାୟୀ କମ୍ପ୍ୟୁଟରକୁ ନିୟନ୍ତ୍ରଣ କରିପାରିବ। ଏହି ୨୯ ବର୍ଷୀୟ ବ୍ୟକ୍ତି ଜଣକ କହିଛନ୍ତି ଯେ ନ୍ୟୁରାଲିଙ୍କ୍ ଚିପ୍ ବ୍ୟବହାର କରିବା ପରେ ସେ ଲାପଟପ୍ ସ୍କ୍ରିନରେ କର୍ସର୍ ଚଳାଇ ଅନ୍-ସ୍କ୍ରିନ୍ ମ୍ୟୁଜିକ୍ ପ୍ଲେୟାରକୁ ପଜ୍ ଏବଂ ପ୍ଲେ ଭଳି କାର୍ଯ୍ୟ କରିବାରେ ସକ୍ଷମ। ୮ ବର୍ଷ ପୂର୍ବେ ଏକ ସଡକ ଦୁର୍ଘଟଣା ଯୋଗୁ ସେହି ବ୍ୟକ୍ତି ବେକଠାରୁ ପକ୍ଷାଘାତର ଶିକାର ହୋଇଥିଲେ। ବ୍ୟକ୍ତି ଜଣକ କହିଛନ୍ତି ଯେ ଏହା ପୂର୍ବରୁ ସେ ମାଉଥ୍ ଷ୍ଟିକ୍ ପରି ଅନ୍ୟାନ୍ୟ ଡିଭାଇସ୍ ବ୍ୟବହାର କରିଥିଲେ, କିନ୍ତୁ ନ୍ୟୁରାଲିଙ୍କ୍ ପ୍ରତ୍ୟାରୋପଣ ପରେ ସେ ଦୀର୍ଘ ସମୟ ଧରି ଖେଳ ଖେଳିପାରିବେ ଓ ଅନଲାଇନରେ କାମ କରିପାରିବେ। ଏଠାରେ ସୂଚନାଯୋଗ୍ୟ ଯେ, ନ୍ୟୁରାଲିଙ୍କ୍ ମାନବଙ୍କ ପୂର୍ବରୁ ଶିମ୍ପାଞ୍ଜି ସମେତ ଅନେକ ପ୍ରାଣୀଙ୍କଠାରେ ଏହାକୁ ପରୀକ୍ଷା କରିଥିଲା। ଏହି ଭିଡିଓରେ, ୨୯ ବର୍ଷ ବୟସ୍କ ବ୍ୟକ୍ତି କହିଛନ୍ତି ଯେ କିଛି ପ୍ରାରମ୍ଭିକ ସମସ୍ୟା ପରେ, ମସ୍ତିଷ୍କରେ ନ୍ୟୁରାଲିଙ୍କ ଚିପ୍ ଲଗାଇବା ପରେ ତାଙ୍କର ଅଭିଜ୍ଞତା ଅତ୍ୟନ୍ତ ଭଲ ରହିଥିଲା।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ 'ଜ୍ୟୋତି ଫେଲୋସିପ୍'




**ଭୁବନେଶ୍ୱର,୨୧।୩(ସମିସ):** ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍‌ଏଫ୍) ପକ୍ଷରୁ ମଙ୍ଗଳବାର ଯୋଡ଼ାରେ ଅନୁଷ୍ଠିତ ଅରୁଣିମା କାର୍ଯ୍ୟକ୍ରମରେ ଯୋଡ଼ା ଏବଂ ଆଖପାଖ ଅଞ୍ଚଳର ଅର୍ଥନୈତିକ ଅନଗ୍ରସର ଅନୁସୂଚିତ ଜାତି (ଏସ୍‌ସି) ଓ ଅନୁସୂଚିତ ଜନଜାତି (ଏସ୍‌ଟି) ବର୍ଗର ୧୨୧୧ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ୧.୨୯ କୋଟି ଟଙ୍କାର ଜ୍ୟୋତି ଫେଲୋସିପ୍ ପ୍ରଦାନ କରାଯାଇଛି। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମ 'ଅରୁଣିମା'ରେ ଦୀର୍ଘସ୍ଥାୟୀ ଜଳ ପରିଚାଳନା ଓ ବିକାଶର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ଟାଟା ଷ୍ଟିଲର ଜିଏମ୍ (ଓଏମ୍‌କ୍ୟୁ) ଅତୁଲ କୁମାର ଭଟ୍ଟନାଗର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା

ବେଳେ ଟାଟା ଷ୍ଟିଲ୍ ଯୋଡ଼ାର ମୁଖ୍ୟ ରାଜେଶ କୁମାର, ଟାଟା ଷ୍ଟିଲ୍‌ର କଳମଙ୍ଗ-ଗନ୍ଧଲପଡ଼ା ପ୍ରକଳ୍ପ ମୁଖ୍ୟ ଦୀପକ କୁମାର ବେହେରା, ଏନ୍‌ଆଇଏନ୍‌ଏଲ୍‌ର ମୁଖ୍ୟ ରାହୁଲ କିଶୋର ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନ ଓଡ଼ିଶାର ସିଏସ୍‌ଆର୍ ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ ଓ ଟିଏସ୍‌ଏଫ୍‌ର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଦୀର୍ଘସ୍ଥାୟୀ ବିକାଶ ପାଇଁ ଜଳ - ବିଶ୍ୱ ଜଳ ସଙ୍କଟକୁ ଏଡ଼ାଇବା' ବିଷୟବସ୍ତୁ ଉପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦକ୍ଷତା ବୃଦ୍ଧି, ସଚେତନତା ପଦକ୍ଷେପ ଏବଂ ଅଭିନବ ସମାଧାନ ମାଧ୍ୟମରେ ଜଳ ସମ୍ବନ୍ଧୀୟ ଆହ୍ୱାନର ମୁକାବିଲା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ଦୀର୍ଘସ୍ଥାୟୀ ଜଳ ଓ କୃଷି ପ୍ରକଳ୍ପ, ଜଳ ସଂରକ୍ଷଣ ଢାଂଚା, ଜଳସେଚନ ପରିଚାଳନା ଏବଂ କୃଷକମାନଙ୍କ ଶିକ୍ଷା ପାଇଁ ଉଦ୍ୟମକୁ ପ୍ରଦର୍ଶିତ କରାଯାଇଥିଲା। ପଦ୍ମଶ୍ରୀ ଦୈତ୍ରୀ ନାୟକ ଓ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ପ୍ରମୁଖ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଂଶଗ୍ରହଣକାରୀଙ୍କ ସହ ନିଜ ବ୍ୟକ୍ତିଗତ ଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ।

# ଟି-୨୦ ଉପରେ ଆଇପିଏଲ ଇମ୍ପାକ୍ଟ





**ନୂଆଦିଲ୍ଲୀ,୨୧।୩(ଏଜେନ୍ସି)**

୧୭ ବର୍ଷ ତଳେ ଅର୍ଥାତ ୨୦୦୮ରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଶୁଭାରମ୍ଭ ହୋଇଥିଲା। ଏହା ପରଠାରୁ ବିଭିନ୍ନ ଦୃଷ୍ଟିକୋଣରୁ ବିଶ୍ୱ କ୍ରିକେଟ ଉପରେ ଆଇପିଏଲର ପ୍ରଭାବ ଦେଖିବାକୁ ମିଳିଛି। କେବଳ ଟି-୨୦ ନୁହେଁ କ୍ରିକେଟର ୩ଟି ଯାକ ଫର୍ମାଟ୍‌ରେ ପ୍ରଦର୍ଶନରେ ଫରକ ଦେଖିବାକୁ ମିଳିଛି।

ଦିନିକିଆ ଫର୍ମାଟ୍ ଆରମ୍ଭ ହେବାର ୩୭ ବର୍ଷ ମଧ୍ୟରେ ୩୧ଥର ୩୫୦ରୁ ଊର୍ଦ୍ଧ୍ୱ ଦଳୀୟ ସ୍କୋର ଦେଖିବାକୁ ମିଳିଥିଲା। କିନ୍ତୁ ଆଇପିଏଲ ଆରମ୍ଭ ହେବାପରେ ଏଥିରେ ୪.୬ ଗୁଣା ବୃଦ୍ଧି ଦେଖିବାକୁ ମିଳିଛି। ଅର୍ଥାତ ୧୪୫ଥର ୩୫୦ରୁ ଊର୍ଦ୍ଧ୍ୱ ସ୍କୋର ଦେଖିବାକୁ ମିଳିଛି। ଆଇପିଏଲ୍ ଆରମ୍ଭ ହେବା ପରେ ହିଁ ପୁରୁଷ ଦିନିକିଆରେ ପ୍ରଥମଥର ପାଇଁ ଦ୍ୱିଶତକ ଦେଖିବାକୁ ମିଳିଥିଲା। ଏବେ ଦିନିକିଆରେ ଦ୍ୱିଶତକ ସଂଖ୍ୟା ୧୨ରେ ପହଞ୍ଚିଲାଣି। ସେହିପରି ଟି-୨୦ ଦଳ ସଂଖ୍ୟା ୧୬ ବୃଦ୍ଧି ପାଇ ଏବେ ୧୦୩ରେ ପହଞ୍ଚିଛି। ଟେଷ୍ଟ ଫର୍ମାଟ୍‌ରେ ମଧ୍ୟ ମଜାଦାର ତଥ୍ୟ ଦେଖିବାକୁ ମିଳିଛି। ଟେଷ୍ଟ ଦଳଗୁଡ଼ିକ ମ୍ୟାଚ୍ ଅମୀମାଂସିତ ରଖିବା ଅପେକ୍ଷା ଫଳାଫଳ ହାସଲ କରିବା ପାଇଁ ପ୍ରୟାସ କରୁଛନ୍ତି। ଆଇପିଏଲ ପରେ ୮୦ ପ୍ରତିଶତ ଟେଷ୍ଟରେ ଫଳାଫଳ ଦେଖିବାକୁ ମିଳିଛି। ଏବେ କେବଳ ଟି-୨୦ ଫର୍ମାଟ୍ ଉପରେ ଆଇପିଏଲ୍‌ର ପ୍ରଭାବ ନେଇ ଆଲୋଚନା କରିବା।

## ମ୍ୟାଚ୍, ଦଳ ସଂଖ୍ୟାରେ ଆଶାତୀତ ବୃଦ୍ଧି

ଆଇପିଏଲ ଦ୍ୱାରା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟି-୨୦ ଫର୍ମାଟରେ ଅଧିକ ପ୍ରଭାବ ଦେଖିବାକୁ ମିଳିଛି। ୨୦୦୫ ଫେବୃଆରୀ ୧୭ରେ ଟି-୨୦ କ୍ରିକେଟ ଆରମ୍ଭ ହୋଇଥିଲା। ଏହାର ଦୁଇବର୍ଷ ପରେ ୨୦୦୭ରେ ପ୍ରଥମଥର ପାଇଁ ଟି-୨୦ ବିଶ୍ୱକପ୍ ଖେଳାଯାଇଥିଲା ଓ ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ଭାରତ ଚାମ୍ପିଅନ ହୋଇଥିଲା। ଏହାର ଗୋଟିଏ ବର୍ଷ ପରେ ଆଇପିଏଲ ଆରମ୍ଭ ହୋଇଥିଲା ଓ ଏହାପରେ କ୍ରିକେଟର ସଂଜ୍ଞାରେ ପରିବର୍ତ୍ତନ ହୋଇଥିଲା। ୨୦୧୦ ଅର୍ଥାତ ୬ ବର୍ଷ ମଧ୍ୟରେ ୧୭ଟି ଦେଶ ଟି-୨୦ ଖେଳୁଥିଲେ। ଗୋଟିଏ ବର୍ଷରେ ହାରାହାରି ୩୩ଟି ମ୍ୟାଚ୍ ଖେଳାଯାଉଥିଲା। ଦଳଗୁଡ଼ିକ ୬ ବର୍ଷରେ ହାରାହାରି ୧୨ଟି ଦଳ ମ୍ୟାଚ୍ ଖେଳୁଥିଲେ। କିନ୍ତୁ ଏହାପରେ ହାରାହାରି ମ୍ୟାଚ୍ ବୃଦ୍ଧି ପାଇ ୬୩ ଓ ଦଳ ସଂଖ୍ୟା ୨୧ରେ ପହଞ୍ଚିଥିଲା। କିନ୍ତୁ ୨୦୧୭ରେ ପ୍ରକୃତ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ଦଳଗୁଡ଼ିକର ସଂଖ୍ୟା ୫ ଗୁଣା ବୃଦ୍ଧି ପାଇ ୧୦୩ ହୋଇଥିଲା। ସେହିପରି ବର୍ଷକୁ ହରାହାରି ମ୍ୟାଚ୍ ସଂଖ୍ୟା ୨୮୦ରେ ପହଞ୍ଚିଥିଲା। ନେପାଳ, ମଙ୍ଗୋଲିଆ, ଜର୍ସି ଭଳି ଛୋଟଛୋଟ ଦେଶ ଟି-୨୦ରୁ ହିଁ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ଟି-୨୦ ଏବେ ଗ୍ଲୋବାଲ ସ୍ପୋର୍ଟ୍ସର ମାନ୍ୟତା ପାଇଛି। ଏବେ ଟି-୨୦କୁ ୨୦୨୮ ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ସାମିଲ କରାଯାଇଛି। ପୁଣି ୨୦୨୪ ଟି-୨୦ ବିଶ୍ୱକପ୍ ୱେଷ୍ଟଇଣ୍ଡିଜ ସମେତ ଆମେରିକା ଭଳି ନନ୍ କ୍ରିକେଟିଂ ଦେଶରେ ଖେଳାଯିବ। ଆଇପିଏଲ୍ ପ୍ରଭାବରେ ଅନ୍ତର୍ଜାତୀୟ ଟି-୨୦ରେ ୨୦୦ରୁ ଉଦ୍ଧ୍ୱର୍ ରନର ବିଜୟ ଲକ୍ଷ ଅତି ସହଜରେ ହାସଲ କରିହେଉଛି।

## ଶତକ ସଂଖ୍ୟାରେ ବୈପ୍ଳବିକ ବୃଦ୍ଧି

ଏକଦା ଦିନିକିଆରେ ୩୦୦ ରନକୁ ବଡ଼ ସ୍କୋର ବୋଲି କୁହାଯାଉଥିଲା। ଏବେ ଟି-୨୦ରେ ୩୦୦ ରନ ସଂଗ୍ରହ ସମ୍ଭବ ହୋଇଛି। ୨୦୨୩ରେ ମଙ୍ଗୋଲିଆ ବିପକ୍ଷରେ ନେପାଳ ୩୦୦ ରନ ସ୍କୋର ପାର କରିଥିଲା। ପ୍ରଥମ ୧୨ବର୍ଷରେ ୧୯ଟି ଶତକ ଦେଖିବାକୁ ମିଳିଥିଲା। ଏବେ ଗତ ୭ ବର୍ଷରେ ୧୨୪ଟି ଶତକ ଦେଖିବାକୁ ମିଳିଛି। ଅଷ୍ଟ୍ରେଲିଆର ଗ୍ଲେନ୍ ମ୍ୟାକ୍ସୱେଲ ଓ ଭାରତର ରୋହିତ ଶର୍ମା ୫ଟି ଲେଖାଏ ଶତକ ଅର୍ଜନ କରିଛନ୍ତି। ଆଇସିସି ଟି-୨୦ ମାନ୍ୟତା ଶୀର୍ଷରେ ରହିଥିବା ଭାରତୀୟ ୩୬୦ ଡିଗ୍ରୀ ବ୍ୟାଟର ସୂର୍ଯ୍ୟକୁମାର ଗତ ୩ ବର୍ଷ ମଧ୍ୟରେ ୪ଟି ଶତକ ହାସଲ କରିଛନ୍ତି।

ଆଇପିଏଲର ପ୍ରଥମ ମ୍ୟାଚ୍‌ରେ ହିଁ ନ୍ୟୁଜିଲାଣ୍ଡର ବ୍ରେଣ୍ଡନ ମ୍ୟାକୁଲମ କୋଲକାତା ନାଇଟ ରାଇଡର୍ସ ତରଫରୁ ପ୍ରତିନିଧିତ୍ୱ କରି ୧୫୮ ରନରେ ଶତକୀୟ ପାଳି ଖେଳିଥିଲେ। ସେବେଠାରୁ ଏପର୍ଯ୍ୟନ୍ତ ଟି-୨୦ ଫର୍ମାଟରେ ୩ ଥର ୧୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଗତ ସ୍କୋର, ୧୭ଥର ୧୨୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଗତ ସ୍କୋର ଦେଖିବାକୁ ମିଳିଛି। ଅଷ୍ଟ୍ରେଲିଆର ଆରୋନ ଫିଞ୍ଚ୍ ୧୭୨ ରନର ଶତକୀୟ ପାଳି ଖେଳି ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି।

## ସହଜରେ ଚେଜ୍ ହେଉଛି ୨୦୦ ରନର ଲକ୍ଷ୍ୟ

ଆଇପିଏଲ ଆରମ୍ଭ ହେବାପରେ ଟି-୨୦ ଅନ୍ତର୍ଜାତୀୟରେ ୨୦୦ ରନର ବିଜୟ ଲକ୍ଷ୍ୟ ସହଜରେ ଚେଜ୍ ହେବାର ଦେଖିବାକୁ ମିଳିଛି। ଅନ୍ୟପଟେ କହିବାକୁ ଗଲେ ଟି-୨୦ରେ ସ୍କୋରିଂ ହାରରେ ବୃଦ୍ଧି ଘଟିଛି। ୨୦୧୦ ପର୍ଯ୍ୟନ୍ତ ୧୯ଥର ୨୦୦ରୁ ଊର୍ଦ୍ଧ୍ୱ ରନ ସ୍କୋର ହୋଇଥିବା ବେଳେ ଦୁଇଥର ୨୦୦ରୁ ଊର୍ଦ୍ଧ୍ୱ ରନ ଚେଜ୍ ହୋଇଛି। କିନ୍ତୁ ଗତ ୭ ବର୍ଷ ମଧ୍ୟରେ ୨୪୩ଥର ୨୦୦ରୁ ଅଧିକ ରନ ସ୍କୋର ହୋଇଛି। କେବଳ ସେତିକି ନୁହେଁ ୪୨ଥର ୨୦୦ରୁ ଅଧିକ ରନ ସଂଗ୍ରହ ହୋଇଛି। ଏଥିରେ ୫୯ ପ୍ରତିଶତ ମ୍ୟାଚ୍‌ରେ ୨୦୦ କିମ୍ବା ତାଠାରୁ ଅଧିକ ରନ ସଂଗ୍ରହ କରିଥିବା ଦଳଗୁଡ଼ିକୁ ବିଜୟ ମିଳିଛି।

## ବୋଲରଙ୍କୁ ମିଳିଛି ଅଧିକ ସଫଳତା

ଆଇପିଏଲ ଆରମ୍ଭ ହେବା ପରେ ଟି-୨୦ରେ ବୋଲରଙ୍କୁ ଅଧିକ ହାରରେ ସଫଳତା ମିଳିଛି। ଅବଶ୍ୟ ବୋଲରଙ୍କ ଇକୋନୋମି ରେଟ୍ ୭ରୁ ବୃଦ୍ଧି ହୋଇ ପାଖାପାଖି ୭.୫ରେ ପହଞ୍ଚିଛି। କିନ୍ତୁ ପ୍ରତି ୬ ବର୍ଷରେ ବୋଲରମାନେ ଅଧିକ ସଂଖ୍ୟାରେ ୱିକେଟ ହାସଲ କରିଛନ୍ତି। ୨୦୧୦ ପର୍ଯ୍ୟନ୍ତ ଜଣେ ବୋଲରଙ୍କୁ ବର୍ଷକୁ ହାରାହାରି ୪ ୱିକେଟ ମିଳୁଥିଲା। କିନ୍ତୁ ଏବେ ଗତ ୭ ବର୍ଷ ମଧ୍ୟରେ ଜଣେ ବୋଲରଙ୍କୁ ହାରାହାରି ୭ ୱିକେଟ ମିଳିଛି। କେବଳ ସ୍ପିନ୍ ଓ ଦ୍ରୁତବୋଲରଙ୍କୁ ହାରାହାରି ୯ଟି ଲେଖାଏ ୱିକେଟ ମିଳିଛି।

**ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ପ୍ରତିଯୋଗିତା**

# ଓଡ଼ିଶାକୁ ୯ ପଦକ; ମୀନା ଶ୍ରେଷ୍ଠ ଭାରୋତ୍ତୋଳିକା

**ଭୁବନେଶ୍ୱର, ୨୧।୩ (ସମିସ):** ହିମାଚଳ ପ୍ରଦେଶର କାଙ୍ଗ୍ରା ଜିଲ୍ଲାରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଲିଗ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବରିଷ୍ଠ ବିଭାଗରେ ହିମାଚଳ ପ୍ରଦେଶ ଦଳଗତ ଭାବେ ଚାମ୍ପିଅନ ଆଖ୍ୟା ଲାଭ କରିଛି। ସେହିଭଳି ଓଡ଼ିଶାର ମୀନା ସାନ୍ତା ଯୁବ ବିଭାଗରେ ଶ୍ରେଷ୍ଠ ଭାରୋତ୍ତୋଳିକା ପୁରସ୍କାର ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାର ୧୦ ଜଣିଆ ମହିଳା ଦଳ ଅଂଶଗ୍ରହଣ କରି ୯ଟି ପଦକ ଜିତିବାରେ ସଫଳ ହୋଇଛନ୍ତି। ସେଥିମଧ୍ୟରୁ ୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ଟି କାଂସ୍ୟ ପଦକ ରହିଛି। ଯେଉଁଥିରେ କନିଷ୍ଠ ବିଭାଗରେ ଓଡ଼ିଶା ପ୍ରତିଯୋଗୀ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ସଫଳତା ପାଇଛନ୍ତି। ସେହିଭଳି ବରିଷ୍ଠ ବିଭାଗରେ ୩ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଏବଂ ଯୁବ ବିଭାଗରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ସାମିଲ ରହିଛି। ଏହି ଅବସରରେ ଓଡ଼ିଶା ଦଳର ପ୍ରଶିକ୍ଷକ କେ. ରବିକୁମାର ପ୍ରଦର୍ଶନକୁ ସେଇ ସନ୍ତୋଷବ୍ୟକ୍ତ କରିବା ସହ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯାଇଥିବାରୁ କୃତଜ୍ଞତା ଜଣାଇଛନ୍ତି।



# ଜାତୀୟ ବରିଷ୍ଠ ମହିଳା ହକି ସେମିଫାଇନାଲ ଆଜି

**ପୁଣେ, ୨୧।୩ (ଏଜେନ୍ସି):** ସ୍ଥାନୀୟ ମେଜର ଧ୍ୟାନଚାନ୍ଦ ହକି ଷ୍ଟାଡିୟମରେ ଚାଲିଥିବା ଜାତୀୟ ବରିଷ୍ଠ ମହିଳା ହକିର ୧୪ତମ ସଂସ୍କରଣର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ସମାପ୍ତ ହୋଇଯାଇଛି। ଶୁକ୍ରବାର ପ୍ରତିଯୋଗିତାର ଦୁଇଟି ଯାକ ସେମିଫାଇନାଲ ଖେଳାଯିବ। ପ୍ରଥମ ସେମିଫାଇନାଲରେ ହରିୟାଣା ଓ ଝାଡ଼ଖଣ୍ଡ ସାମ୍ନାସାମ୍ନି ହେବେ। ସେହିଭଳି ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଦୁଇ ଦଳର ବିଜେତା ମଧ୍ୟ ଶନିବାର ଫାଇନାଲ ଅନୁଷ୍ଠିତ ହେବ।

ପୂର୍ବରୁ ଖେଳାଯାଇଥିବା ମହାରାଷ୍ଟ୍ର ୨-୧ ଗୋଲରେ ମଣିପୁରକୁ, ଝାଡ଼ଖଣ୍ଡ ୨-୧ ଗୋଲରେ ମିଜୋରାମକୁ, ମଧ୍ୟପ୍ରଦେଶ ସୁଟ୍‌ଆଉଟ୍‌ରେ ୪-୩ ଗୋଲରେ ବେଙ୍ଗଲକୁ ପରାସ୍ତ କରିଥିଲା। ସେହିଭଳି ୩ୟ କ୍ୱାର୍ଟର ଫାଇନାଲରେ ଅନ୍ତର୍ଜାତୀୟ ତାରକାଙ୍କୁ ନେଇ ଖଚିତ ହରିୟାଣା ୪-୧ ଗୋଲରେ ଓଡ଼ିଶାକୁ ପରାସ୍ତ କରି ସେମିଫାଇନାଲ ଟିକଟ୍ ହାସଲ କରିଥିଲା। ହରିୟାଣା ଦଳରେ ୧୧ଜଣ ଅନ୍ତର୍ଜାତୀୟ ଖେଳାଳି ରହିଥିବାରୁ ଟାଇଟଲ୍ ଫେଭରାଇଟ୍ ରହିଛି। ହରିୟାଣା ପୁଲ୍ ପର୍ଯ୍ୟାୟରେ ଦୁଇଟି ମ୍ୟାଚ୍ ଖେଳି ଯଥାକ୍ରମେ ୧୫-୦ରେ ଆସାମକୁ ଓ ୨୨-୦ରେ ପୁଡୁଚେରୀକୁ ହରାଇ କ୍ୱାର୍ଟରରେ ପହଞ୍ଚିଥିଲା।



**ଓସ୍‌ଜାର ନୂଆ କର୍ମକର୍ତ୍ତା**

# ସନ୍ଦୀପ ସଭାପତି, ସୁରେଶ ସମ୍ପାଦକ

**ଭୁବନେଶ୍ୱର, ୨୧।୩**

ଭାରତୀୟ କ୍ରୀଡ଼ା ସାମ୍ବାଦିକ ସଂଘ (ଏସ୍‌ଜେଏଫଆଇ)ର ଏକମାତ୍ର ଅନୁବନ୍ଧିତ ରାଜ୍ୟ ସଂଘ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ୧୧ତମ ପ୍ରତିଷ୍ଠା ଦିବସ ଅବସରରେ ଗୁରୁବାର ଏହାର ବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିଏମ୍) ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ୨ ନିୟମିତ କାର୍ଯ୍ୟକ୍ରମ ପୁରସ୍କାର ପ୍ରଦାନ ଉତ୍ସବ ଓ ବିଶ୍ୱ କ୍ରୀଡ଼ା ସାମ୍ବାଦିକତା ଦିବସରେ ସ୍ମରଣିକା ପ୍ରକାଶନକୁ ଜାରି ରଖିବାକୁ ନିଷ୍ପତ୍ତି ହୋଇଥିଲା। ଏକ ଆଞ୍ଚଳିକ କ୍ରୀଡ଼ା ସାମ୍ବାଦିକଙ୍କ କର୍ମଶାଳା ପାଇଁ ମଧ୍ୟ ପ୍ରସ୍ତାବ ଆଗତ ହୋଇଥିବାବେଳେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଯୋଜନା ଓ ଆୟବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ୨୦୨୪-୨୬ ଆର୍ଥିକ ବର୍ଷ ପାଇଁ ଓସ୍‌ଜାର ନୂଆ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସନ୍ଦୀପ ମିଶ୍ର ସଭାପତି ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ସେହିଭଳି ସମ୍ବିତ ମହାପାତ୍ର ନୂଆ କାର୍ଯ୍ୟକାରୀ ସଭାପତି ଏବଂ ସୁରେଶ ସ୍ୱାଇଁ ୩ୟ ଥର ଲାଗି ସମ୍ପାଦକ ପଦକୁ ଫେରିଛନ୍ତି। ଦେବାଶିଷ ସୁନ୍ଦରାୟ କୋଷାଧ୍ୟକ୍ଷ ଭାବେ ପଦ ବଜାୟ ରଖିଛନ୍ତି। ଦେବୀ ପ୍ରସନ୍ନ ମହାନ୍ତି, ତପନ କୁମାର ସ୍ୱାଇଁ, ସମୀକ୍ଷା ପଟ୍ଟନାୟକ ଉପସଭାପତି, ହିମାଂଶୁ ପତି ମିଶ୍ର, ସଞ୍ଜୀବ କୁମାର ବିଶ୍ୱାଳ, ଜ୍ଞାନରଞ୍ଜନ ମିଶ୍ର ଯୁଗ୍ମ ସମ୍ପାଦକ ହୋଇଛନ୍ତି। ବରିଷ୍ଠ ସାମ୍ବାଦିକ କେ. ରବି, ସନାତନ ପାଣିଙ୍କ ସମେତ ନିରଞ୍ଜନ ରେଡ୍ଡୀ, ଶକ୍ତିପ୍ରସାଦ ନନ୍ଦ, ମନୋରଞ୍ଜନ ଦାଶ, ଦୀପ୍ତିରଞ୍ଜନ ସାମଲ, ବିମଳ କୁମାର ରାଉଳ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଛନ୍ତି।

**ମିଆମି ଓପନ୍ ଟେନିସ**

# ପୁରୁଷ ବନ୍ଧୁଙ୍କୁ ହରାଇବା ସତ୍ତ୍ୱେ ଖେଳିବେ ସାବାଲେଙ୍କା



**ମିଆମି,୨୧।୩(ଏଜେନ୍ସି):** ବିଶ୍ୱର ଦୁଇ ନଂ ମହିଳା ଖେଳାଳି ବେଲାରୁଷର ଅରିନା ସାବାଲେଙ୍କା ଏହି ସପ୍ତାହରେ ଆରମ୍ଭ ହେବାକୁ ଯାଉଥିବା ମିଆମି ଓପନ ଟେନିସ ଟୁର୍ଣ୍ଣାମେଣ୍ଟ ଖେଳିବେ। ବୟଫ୍ରେଣ୍ଡଙ୍କ ପରଲୋକ ସତ୍ତ୍ୱେ ସେ ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯାଉଥିବାରୁ ବିଶ୍ୱବ୍ୟାପୀ ଟେନିସ ପ୍ରଶଂସକ ତାଙ୍କ ଉପରେ ନଜର ରଖିଛନ୍ତି। ଗତ ସୋମବାର ତାଙ୍କର ୪୨ ବର୍ଷୀୟ ପୁରୁଷ ବନ୍ଧୁ କୋନଷ୍ଟାନଟିନ୍ କୋଲ୍ଟସୋଭ ସ୍ଥାନୀୟ ଏକ ରିଚର୍ଟ୍‌ସର ବାଲକୋନୀରୁ ଡେଇଁ ଆତ୍ମହତ୍ୟା କରିଥିଲେ।

## ମୁଖ୍ୟ ଡ୍ର'କୁ ଉଠିବାରେ ନାଗଲ ବିଫଳ

ମିଆମି ଓପନ୍‌ର ମୁଖ୍ୟ ଡ୍ର'ରେ ସାମିଲ ହେବାରେ ଭାରତୀୟ ଶ୍ରେଷ୍ଠ ପୁରୁଷ ଏକକ ତାରକା ସୁମିତ ନାଗଲ ବିଫଳ ହୋଇଛନ୍ତି। ହଂକଂର କୋଲେମାନ ଓଙ୍ଗଙ୍କଠାରୁ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ୬-୩, ୧-୬, ୫-୭ ସେଟ୍‌ରେ ପରାସ୍ତ ହେବା ପରେ ନାଗଲ ବିଦାୟ ନେଇଛନ୍ତି। ନାଗଲ ଏଥର ମିଆମି ଓପନ୍‌ରେ ପଦାର୍ପଣ କରିଥିଲେ। ତେବେ ସେ ପ୍ରଥମ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ୬-୨, ୩-୬, ୬-୨ ସେଟ୍‌ରେ ଫ୍ରାନ୍ସର ହୁଗୋ ଗାଷ୍ଟୋନଙ୍କୁ ପରାସ୍ତ କରି ଅଗ୍ରଗତି କରିଥିଲେ। ନାଗଲ ପୂର୍ବରୁ ଅଷ୍ଟ୍ରେଲିଆନ ଓପନ୍ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ ଓ ଇଣ୍ଡିଆନ ୱେଲ୍ସ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇଥିଲେ।

**ଇଣ୍ଡିଆନ ଓପନ୍ ଜମ୍ପ ପ୍ରତିଯୋଗିତା**

# ହାଇଜମ୍ପ୍‌ରେ ସ୍ୱାଧୀନଙ୍କୁ କାଂସ୍ୟ



**ଭୁବନେଶ୍ୱର, ୨୧।୩ (ସମିସ):** ଓଡ଼ିଶାର ସ୍ୱାଧୀନ କୁମାର ମାଝି ବେଙ୍ଗାଲୁରୁରେ ଚାଲିଥିବା ଇଣ୍ଡିଆନ ଓପନ୍ ଜମ୍ପ ପ୍ରତିଯୋଗିତାର ହାଇଜମ୍ପ ଇଭେଣ୍ଟରେ କାଂସ୍ୟ ପଦକ ସଫଳତା ପାଇଛନ୍ତି। ବେଙ୍ଗାଲୁରୁର ଅଞ୍ଜୁ ବବି ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ଅନୁଷ୍ଠିତ ପୁରୁଷ ହାଇଜମ୍ପରେ ସ୍ୱାଧୀନ ୨.୧୦ ମିଟର ଉଚ୍ଚକୁ ଡେଇଁ ପୋଡିୟମରେ ୩ୟ ସ୍ଥାନ ହାସଲ କରିଥିଲେ। ଏହି ଇଭେଣ୍ଟରେ କର୍ଣ୍ଣାଟକର ଜେସ୍ ସନ୍ଦେଶ (୨.୨୦ ମିଟର) ଓ ତାମିଲନାଡୁର ଆଦର୍ଶ ରାମ (୨.୧୦ମି) ଯଥାକ୍ରମେ ପ୍ରଥମ ଓ ୨ୟ ସ୍ଥାନରେ ରହି ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ହାତେଇନେଇଥିଲେ। ଏଥିରେ ଭାଗନେଇଥିବା ଅନ୍ୟତମ ଓଡ଼ିଆ ପ୍ରତିଯୋଗୀ ରାଜୀବ ଦାସ (୨ ମିଟର) ୫ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ଉଲ୍ଲେଖଯୋଗ୍ୟ, ସ୍ୱାଧୀନ ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥ୍‌ଲେଟିକ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।

**କଳାହାଣ୍ଡି କପ୍**

# ରାକେଶ, ସାଇଦୀପ, ହେମନ୍ତଙ୍କ ଶତକ

**କଟକ,୨୧।୩(ସମିସ)**



ହେମନ୍ତ ନାୟକ



ଜାମଲା ମହାପାତ୍ର



ରାକେଶ ପଟ୍ଟନାୟକ



ସନ୍ଦୀପ ମହାପାତ୍ର

ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ପ୍ରଥମ ପର୍ଯ୍ୟାୟ ଲିଗ ମ୍ୟାଚ୍ ପୁଣିଥରେ ଆରମ୍ଭ ହୋଇଛି। ଗତ କିଛି ଦିନର ବର୍ଷା ଯୋଗୁଁ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲା। ଏପରିକି ଓଦା ଆଉଟଫିଲ୍ଡ ଯୋଗୁଁ ଗୁରୁବାର ଅନୁଷ୍ଠିତ ସମସ୍ତ ମ୍ୟାଚ୍‌ଗୁଡ଼ିକ ମଧ୍ୟ ୫୦ ଓଭର ଖେଳାଯାଇ ପାରିନାହିଁ। କଟକର ବିଭିନ୍ନ ଗ୍ରାଉଣ୍ଡରେ ଅନୁଷ୍ଠିତ କଳାହାଣ୍ଡି କପ୍‌ର ମ୍ୟାଚ୍‌ରେ ଗୁରୁବାର ୩ଟି ଶତକୀୟ ପାଳି ଦେଖିବାକୁ ମିଳିଛି। କଟକ-ବି'ର ସାଇଦୀପ ମହାପାତ୍ର, ଖୋର୍ଦ୍ଧାର ରାକେଶ ପଟ୍ଟନାୟକ, ରାଉରକେଲାର ହେମନ୍ତ ନାୟକ ଶତକ ହାସଲ କରିବା ଦିବସର ଉଲ୍ଲେଖନୀୟ ପ୍ରଦର୍ଶନ ରହିଥିଲା।

ସନସାଇନ ଗ୍ରାଉଣ୍ଡରେ କଟକ-ବି ଏବଂ ପୂର୍ବତଟ ରେଳବାଇ ମୁହାଁମୁହିଁ ହୋଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ରେଳବାଇ ୩୨ ଓଭରରେ ୭ ୱିକେଟ ହରାଇ ୨୯୫ରନ ସଂଗ୍ରହ କରିଥିଲା। ଅଭିଷେକ ଯାଦବ ୩୭ ବଲରୁ ୭୫ ରନର ଧୂଆଁଧାର ପାଳି ଖେଳିଥିଲେ। କଟକ-ବି'ର ସାର୍ଥକ ପଣ୍ଡା ଏବଂ ଆଶିଷ ରଥ ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଜବାବରେ ସାଇଦୀପ ମହାପାତ୍ରଙ୍କ ୧୨୦ ରନର ଶତକୀୟ ପାଳି ସତ୍ତ୍ୱେ କଟକ-ବି ବିଜୟଠାରୁ ୬୩ରନ ପଛରେ ରହିଥିଲା। ନିର୍ଦ୍ଧାରିତ ୩୨ ଓଭରରେ ଦଳ ୩ ୱିକେଟ ହରାଇ ୨୩୨ରନ କରିଥିଲା। ବାରବାଟୀ ଷ୍ଟାଡିୟମରେ ସୁନ୍ଦରଗଡକୁ ୫ ୱିକେଟରେ ଖୋର୍ଦ୍ଧା ପରାସ୍ତ କରିଛି। ଗୋବିନ୍ଦ ପୋଦ୍ଦାରଙ୍କ ୯୪ ରନ ସହାୟତାରେ ସୁନ୍ଦରଗଡ ୪୦ ଓଭରରେ ୭ ୱିକେଟ ହରାଇ ୨୫୪ରନ କରିଥିଲା। ଏହାକୁ ପିଛା କରି ଖୋର୍ଦ୍ଧା ୩୯.୪ ଓଭରରେ ୫ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ରାକେଶ ପଟ୍ଟନାୟକ ୭୭ ବଲରୁ ୧୦୧ ରନ ସଂଗ୍ରହ କରି ଖୋର୍ଦ୍ଧାକୁ ଜିତାଇଥିଲେ। ସେହିପରି ଡ୍ରିମସ ଗ୍ରାଉଣ୍ଡରେ ରାଉରକେଲା ୬୯ ରନରେ ଢେଙ୍କାନାଳକୁ ହରାଇଥିଲା। ହେମନ୍ତ ନାୟକଙ୍କ ୧୦୬ ରନର ଶତକୀୟ ପାଳି ସହାୟତାରେ ରାଉରକେଲା ୯ ୱିକେଟ ବିନିମୟରେ ୨୭୬ ରନ ସଂଗ୍ରହ କରିଥିଲା। ଜବାବରେ ଢେଙ୍କାନାଳ ୨୦୭ରନରେ ଅଲଆଉଟ ହୋଇଛି।

ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଝାରସୁଗୁଡା ୪୩ ରନରେ ଯାଜପୁରକୁ, କଟକ-ଏ ୬୯ରନରେ ବାଲେଶ୍ୱରକୁ, ଭୁବନେଶ୍ୱର-ଏ ୭ ୱିକେଟରେ ସମ୍ବଲପୁର-ଏ'କୁ ହରାଇଛି। ଝାରସୁଗୁଡ଼ାର ସନ୍ତୋଷ ଯାଦବ (୬୫ ରନ), କଟକ-ଏ'ର ଜାମଲା ମହାପାତ୍ର (୮-୧-୧୮-୫) ଓ ଭୁବନେଶ୍ୱର-ଏ'ର ମାନସ ନାୟକ (୭୦ ରନ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।






# ନିଦରେ କଥାହେବା ରୋଗର ସଙ୍କେତ

କେହି କେହି ରାତିରେ ନିଦବାଉଳାରେ କଥା କୁହନ୍ତି। କିଛି କଥାକୁ ବିଳିବିଳେଇ ହୋଇ ଚିତ୍କାର କରନ୍ତି। ତେବେ କିଛିଜଣ ଏହି ଅଭ୍ୟାସକୁ ମାମୁଲି ଭାବି ଅଣଦେଖା କରନ୍ତି। ଯଦିଓ ଏହା କେତେକ କ୍ଷେତ୍ରରେ ବଂଶଗତ କିନ୍ତୁ ଏପରି ହେବା ପଛରେ ସ୍ୱାସ୍ଥ୍ୟ ସହିତ ଜଡ଼ିତ କାରଣ ରହିଛି। ଯାହାକୁ ସ୍ଲିପ୍ ଡିଜ୍‌ଅର୍ଡର କୁହାଯାଏ। ଏହାକୁ ଅଣଦେଖା ନ କରି କାରଣ ଏବଂ ଲକ୍ଷଣକୁ ଗୁରୁତ୍ୱ ଦେବା ଦରକାର। ମାନସିକ ବିକାରଗ୍ରସ୍ତ କାରଣରୁ ଲୋକଙ୍କର ନିଦରେ କହିବା ଅଭ୍ୟାସ ଥାଏ। ଅଧିକ ଚିନ୍ତାରେ ରହିବା, ମାନସିକ ଅବସାଦ, ବଦହଜମୀ, କମ୍ ନିଦ, ନିଶାଗ୍ରସ୍ତ, ଔଷଧର ପାର୍ଶ୍ୱପ୍ରତିକ୍ରିୟା, ଥକ୍କାପଣ କିମ୍ବା କମ୍‌ଜୋର୍ କାରଣରୁ ଏପରି ହୋଇଥାଏ। ଶୋଇବା ସମୟରେ ଅଚାନକ ଭୟ କରି ଉଠିଯିବା, ସମୟରେ ନିଦ ନ ଆସିବା ଆଦି ସମସ୍ୟା ହୋଇଥାଏ। ରୋଗଗ୍ରସ୍ତ ଲୋକ, ମାନସିକ ରୋଗୀ, ନିଶା ସେବନ କରୁଥିବା ଲୋକଙ୍କଠାରେ ଏହି ସମସ୍ୟା ଅଧିକ ଥାଏ। ସେଥିପାଇଁ ଦିନରେ ଅଧିକ ଥକ୍କା ନ ରହିବା, ନିଶା ସେବନ ନ କରିବା, ରାତିରେ କମ୍ ଖାଦ୍ୟ ଖାଇବା, ନିର୍ଦ୍ଧାରିତ ସମୟରେ ଶୋଇବା ଦ୍ୱାରା ଏହି ସମସ୍ୟାକୁ କମ୍ କରାଯାଇପାରିବ।



# ପୌଷ୍ଟିକ ପାନୀୟ

**ଶରୀରକୁ ସୁସ୍ଥ ଓ ଫିଟ୍ ରଖିବାକୁ ପୌଷ୍ଟିକ ପାନୀୟର ଆବଶ୍ୟକତା ରହିଛି। ୱାର୍କ ଆଉଟ୍ ବା ବଡି ଡିଟକ୍ସ ପାଇଁ ବିଭିନ୍ନ ସ୍ୱାଦଯୁକ୍ତ ପାଣି ବା ପୌଷ୍ଟିକ ପାନୀୟ ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ପୌଷ୍ଟିକ ପାନୀୟରେ ବିଭିନ୍ନ ଭିଟାମିନ୍ ସମେତ ଭରପୂର ନ୍ୟୁଟ୍ରିଏଣ୍ଟ, ମିନେରାଲ୍ସ ଏବଂ ଆଣ୍ଟିଅକ୍ସିଡାଣ୍ଟ ରହିଥିବାରୁ ଏହା ଶରୀରକୁ ସୁସ୍ଥ ରଖେ।**

- ପୌଷ୍ଟିକ ପାନୀୟରେ ଜୁଆଣି, ଧଣିଆ, ମଞ୍ଜି, ସବୁଜ ପତ୍ର, ଜିରା ଆଦି ମିଶାଯାଇଥାଏ। ଏହା ଖାଦ୍ୟ ହଜମରେ ସହାୟକ ହୁଏ। ଭିଟାମିନ୍-ସି ବୃଦ୍ଧି ପାଇଁ ଲେମ୍ବୁପାଣିରେ ହାଲୁକା ଲୁଣ ମିଶାଇ ପିଇ ପାରିବେ। ଏହା ଶରୀରକୁ ଶକ୍ତି ଯୋଗାଏ।
- ପୌଷ୍ଟିକ କଫି ଏବଂ ଏମ୍‌ସିଟି ଅଏଲ୍‌କଫି ଆଦି ଚିନ୍ତା ଦୂର କରିବାରେ ସହାୟକ ହୁଏ। ଏହା ମଧ୍ୟ ଏକାଗ୍ରତା ବୃଦ୍ଧି କରାଏ।
- ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ମହୁ, ଗୋଲମରିଚ ଏବଂ ହଳଦୀ ମିଶା ହଳଦୀ ପୌଷ୍ଟିକ ପାନୀୟ ପିଇବା ଦ୍ୱାରା ଶରୀର ସୁସ୍ଥ ରୁହେ। ପଇଡ଼ ପାଣି ମଧ୍ୟ ପିଇପାରିବେ।
- ତୁଳସୀ ଏବଂ ଅଦା ମିଶା ପୌଷ୍ଟିକ ପାନୀୟ' ପିଇବା ଦ୍ୱାରା ଏହା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହିତ ଥଣ୍ଡାଜନିତ ସମସ୍ୟା ଦୂର କରେ। ଶରୀରକୁ ସକ୍ରିୟ ଓ ଫୂର୍ତ୍ତି ରଖିଥାଏ। ତେଣୁ ନିଜ ସ୍ୱାସ୍ଥ୍ୟାବସ୍ଥାକୁ ଧ୍ୟାନ ଦେଇ ପୌଷ୍ଟିକ ପାନୀୟ ପିଇବା ସ୍ୱାସ୍ଥ୍ୟପ୍ରଦ।



## ସକାଳର ସ୍ୱାସ୍ଥ୍ୟ

# ପୁରୁଷଙ୍କ ତୁଳନାରେ ଅଧିକ ଭୁଲନ୍ତି ମହିଳା

**ଗୋଟିଏ ସ୍ଥାନରେ ଚାବିରଖି ଅନ୍ୟ ସ୍ଥାନରେ ଖୋଜିବା କିମ୍ବା କୋଠରି ଭିତରକୁ ଆସି ଭୁଲିଯିବା, କୋଠରି ଭିତରକୁ କାହିଁକି ଆସିଲି ବୋଲି ଭାବିବା ଆଦି ବାର୍ଦ୍ଧକ୍ୟଜନିତ ଜ୍ଞାନର ହ୍ରାସ ଯୋଗୁଁ ହୋଇଥାଏ। ଯାହାକୁ ଡିମେନ୍‌ସିଆର ଲକ୍ଷଣ ବୋଲି କୁହାଯାଏ। ଏହି ଲକ୍ଷଣ ବୟସ୍କ ଲୋକଙ୍କ କ୍ଷେତ୍ରରେ ଅଧିକ ଦେଖାଯାଏ। ହେଲେ ପୁରୁଷଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଭୁଲିଯିବାର ସମ୍ଭାବନା ଅଧିକ ହୋଇଥାଏ। ଉଭୟ ମହିଳା ଏବଂ ପୁରୁଷଙ୍କ ମସ୍ତିଷ୍କରେ ଏହା ଭିନ୍ନ ଭିନ୍ନ ପ୍ରକ୍ରିୟାରେ ହୋଇଥିଲେ ହେଁ, ମହିଳାଙ୍କ କ୍ଷେତ୍ରରେ ଇଷ୍ଟ୍ରୋଜେନ୍ କାରଣରୁ ଏପରି ହୋଇଥାଏ।**

ଡା. ସ୍ୱୟଂସୁଦ୍ଧା ପଣ୍ଡା



ମହିଳାଙ୍କ କ୍ଷେତ୍ରରେ ଇଷ୍ଟ୍ରୋଜେନ୍ ହରମୋନ କେବଳ ଏକ ପ୍ରଜନନ ହରମୋନ ନୁହେଁ; ଏହା ମସ୍ତିଷ୍କ ଉପରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥାଏ। ସେଥିପାଇଁ ମେନୋପଜ୍ ପରେ ଇଷ୍ଟ୍ରୋଜେନ୍‌ର ପ୍ରଭାବ କମିଯିବା କାରଣରୁ ନିଦ୍ରାହୀନତା, ରାତିରେ ଝାଳ ବୋହିବା, ସ୍ମରଣଶକ୍ତିରେ ପରିବର୍ତ୍ତନ ଇତ୍ୟାଦି ଲକ୍ଷଣ ଦେଖାଦିଏ। ଏହାଦ୍ୱାରା ମହିଳାମାନେ କମ୍ ସମୟରେ କିଛି କଥାକୁ ଭୁଲିଯାଆନ୍ତି। ତେଣୁ କିଛି ଗୁରୁତ୍ୱପୂର୍ଣ୍ଣ ଦିଗକୁ ଧ୍ୟାନ ଦେଲେ ମହିଳାମାନେ ଡିମେନ୍‌ସିଆକୁ ବିଳମ୍ବ କରିପାରିବେ।

**ଡିମେନ୍‌ସିଆକୁ ବିଳମ୍ବ କରେ ବ୍ୟାୟାମ**

ସପ୍ତାହକୁ ୪ରୁ ୫ ଥର ୩୦ ମିନିଟ୍ ନିୟମିତ ବ୍ୟାୟାମ କଲେ ହୃଦ୍‌ସ୍ପନ୍ଦନ ବୃଦ୍ଧି ଯୋଗୁଁ ରକ୍ତ ପ୍ରବାହ ବଢ଼ିଥାଏ। ମସ୍ତିଷ୍କକୁ ଅଧିକ ଅମ୍ଳଜାନ ମିଳିପାରେ। ତେବେ ଅନୁସନ୍ଧାନ ଦ୍ୱାରା ଜଣାଯାଇଛି ଯେ, ବ୍ୟାୟାମ ଦ୍ୱାରା ୩୦% ପର୍ଯ୍ୟନ୍ତ କଗ୍ନିଟିଭ ଡିକ୍ଲାଇନର ସମ୍ଭାବନାକୁ ହ୍ରାସ କରେ।

ସେହିପରି ମସ୍ତିଷ୍କରେ ଚିନ୍ତା ଏବଂ ଚାପ ରହିବା କାରଣରୁ ସ୍ମରଣ ଶକ୍ତି ହ୍ରାସ ପାଏ। ଧ୍ୟାନ ତଥା ଏକାଗ୍ରତା ଉପରେ ଏହା ପ୍ରଭାବ ପକାଏ। ତେଣୁ ସର୍ବଦା ଚିନ୍ତାମୁକ୍ତ ରହିବା ଜରୁରି।

**୮ ଘଣ୍ଟା ଶୋଇବା ଜରୁରି**

ଏହି ସମସ୍ୟାରୁ ବର୍ତ୍ତିବାକୁ ନିୟମିତ ନିର୍ଦ୍ଦିଷ୍ଟ ସମୟ ଶୋଇବାର ଆବଶ୍ୟକତା ରହିଛି। କାରଣ ଶୋଇବା ସମୟରେ ମସ୍ତିଷ୍କରୁ ସମସ୍ତ ବିଷାକ୍ତ ପଦାର୍ଥ ନିଷ୍କାସିତ ହୋଇଥାଏ। ଏହି ସମୟରେ ମସ୍ତିଷ୍କ ନବୀକରଣ କରିଥାଏ। ତେଣୁ ରାତିରେ ୭ରୁ ୮ ଘଣ୍ଟା ଶୋଇବା ଦରକାର। ଅନୁସନ୍ଧାନରୁ ଜଣାଯାଇଛି ଯେ, କମ୍ ଶୋଉଥିବା ଲୋକ ଉଦାସୀନତା ଏବଂ ଚିନ୍ତାର ଶିକାର ହୁଅନ୍ତି। ଏଥିପାଇଁ କଗ୍ନିଟିଭ ଡିକ୍ଲାଇନ ବା ଜ୍ଞାନ ହ୍ରାସ ହୋଇପାରେ।

**ପୁଷ୍ଟିକର ଖାଦ୍ୟ ସେବନ**

ଜ୍ଞାନଗତ କାର୍ଯ୍ୟର ଉନ୍ନତି ପାଇଁ ଭିଟାମିନ୍ ଔଷଧ ଉପରେ ନିର୍ଭର ନ କରି ପୁଷ୍ଟିକର ଖାଦ୍ୟ ଖାଇବା ଉଚିତ। ଉଦ୍ଭିଦଜନିତ ପୁଷ୍ଟିକର ଖାଦ୍ୟ, ଆଣ୍ଟିଅକ୍ସିଡାଣ୍ଟର ମୁଖ୍ୟ ଉତ୍ସ। ଭୂମଧ୍ୟସାଗରୀୟ ଖାଦ୍ୟ ଉଦ୍ଭିଦଭିତ୍ତିକ ଇଷ୍ଟ୍ରୋଜେନରେ ଭରପୂର ଥାଏ। ଏହା ମସ୍ତିଷ୍କ ପାଇଁ ବହୁତ ଭଲ। ଯେହେତୁ ମେନୋପଜ୍ ସମୟରେ ମହିଳାମାନଙ୍କ ଇଷ୍ଟ୍ରୋଜେନ କମ୍ ଥାଏ। ତେଣୁ କଫିରେ ଆଣ୍ଟି ଅକ୍ସିଡାଣ୍ଟ ଭରପୂର ଥିବାରୁ ଦିନକୁ ୧ରୁ ୨ କପ୍ ଆମେରିକାନ କଫି, କୋଳି ଏବଂ ସାମୁଦ୍ରିକ ମାଛ(ଅଧିକ ଚର୍ବିଜାତୀୟ) ତଥା ବିଭିନ୍ନ ପୌଷ୍ଟିକ ଖାଦ୍ୟ ଖାଇବା ଦ୍ୱାରା ଡିମେନ୍‌ସିଆ ସମ୍ଭାବନାକୁ ହ୍ରାସ କରେ।

ତେଣୁ ମହିଳାମାନେ ସାମାଜିକ ଭାବେ ନିଜକୁ ସର୍ବଦା ଜଡ଼ିତ ରଖିବା ଉଚିତ। ସୁସ୍ଥ ଜୀବନଶୈଳୀ ଆପଣାନ୍ତୁ। ସାମାଜିକ କଥାବାର୍ତ୍ତା ଅନ୍ୟ ମାଂସପେଶୀ ପରି ମସ୍ତିଷ୍କକୁ ସୁସ୍ଥ ଓ ନିରୋଗ ରଖିଥାଏ। ଏହାଦ୍ୱାରା ମସ୍ତିଷ୍କ ମଧ୍ୟ ସୁସ୍ଥ ରହିଥାଏ। ତେଣୁ ପୌଷ୍ଟିକ ଖାଦ୍ୟପେୟ, ଶାରୀରିକ ପରିଶ୍ରମ ସହ ଖୁସି ଓ ଚିନ୍ତାମୁକ୍ତ ରହିଲେ ମହିଳାମାନେ ଡିମେନ୍‌ସିଆରୁ ବର୍ତ୍ତି ପାରିବେ।

- ଆସୋସିଏଟ କନ୍‌ସଲଟାଣ୍ଟ, ନ୍ୟୁରୋଲୋଜି, ଭୁବନେଶ୍ୱର

# ମୁଖ ଦୁର୍ଗନ୍ଧରୁ କର୍କଟ!



ସମ୍ପ୍ରତି ଖରାପ ଜୀବନ ଶୈଳୀ ଯୋଗୁଁ ବିଭିନ୍ନ ରୋଗ ସୃଷ୍ଟି ହେଉଛି। ତନ୍ମଧ୍ୟରୁ ମୁଖ୍ୟ ସମସ୍ୟା ଭାବେ କର୍କଟ ରୋଗ ଉଭା ହୋଇଛି। ତେବେ ସୁସ୍ଥ ରହିବା ପାଇଁ ଶରୀରର ବିଭିନ୍ନ ଅଙ୍ଗ ସମେତ ମୁଖଗହ୍ୱର ସ୍ୱାସ୍ଥ୍ୟକୁ ମଧ୍ୟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ସାଧାରଣତଃ ଓଠ, ମୁହଁରେ କୋଷିକା ଗୁଡ଼ିକ ଅନିୟନ୍ତ୍ରିତ ଭାବେ ବୃଦ୍ଧି ପାଇଲେ ମୁଖ କର୍କଟ ଆଶଙ୍କା ବୃଦ୍ଧି ପାଇଥାଏ। ଏହା ଯେକୌଣସି ବୟସରେ ଦେଖାଯାଏ। ହେଲେ ପ୍ରାୟତଃ ଭାବିଥାନ୍ତି ଯେ, ବିଡ଼ି, ସିଗାରେଟ୍, ତମ୍ବାଖୁ, ପାନ କିମ୍ବା ଗୁଟୁଖା ଆଦି ସେବନରୁ ମୁଖକର୍କଟ ହୋଇଥାଏ। କିନ୍ତୁ ଦାନ୍ତ, ମାଢ଼ି ତଥା ଜିଭର ଯତ୍ନ ନ ନେବା ଦ୍ୱାରା ଏହି ସମସ୍ୟା ବୃଦ୍ଧି ପାଇଥାଏ। ପରିତାପର ବିଷୟ ଏହା ଯେ, ଭାରତର ପ୍ରାୟ ୮୦ ପ୍ରତିଶତ ଲୋକଙ୍କ ଯେକୌଣସି ପ୍ରକାର ପାଟି ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ନିୟମିତ ଦାନ୍ତ ସଫା ନ କରିବା, ଫ୍ଲସିଙ୍ଗ ଏବଂ ଦାନ୍ତର ଯତ୍ନ ନ ନେବା ଦ୍ୱାରା ମୁଖ ଜନିତ ସମସ୍ୟା ହୋଇଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ ପାଟି ଦୁର୍ଗନ୍ଧରୁ ହୃଦ୍‌ଘାତ ଆଶଙ୍କା ୭୦ ପ୍ରତିଶତ ବୃଦ୍ଧି ପାଉଥିବାବେଳେ ମୁଖ କର୍କଟର ଆଶଙ୍କା ମଧ୍ୟ ରହିଛି। ଏନେଇ ଦିଲ୍ଲୀ, ରାଜୀବ ଗାନ୍ଧୀ କର୍କଟ ହସ୍‌ପିଟାଲ ଡା ବିନୀତ ତଲବାରଙ୍କ ମତରେ କେବଳ ଗୁଟୁଖା କି ପାନ ଖାଇବା ଦ୍ୱାରା ମୁଖ କର୍କଟ ହୁଏ ତାହା ନୁହେଁ, ବରଂ ଯେଉଁମାନେ ଦାନ୍ତକୁ ଭଲ ଭାବେ ସଫା କରନ୍ତିନି ସେମାନଙ୍କ ଠାରେ ମଧ୍ୟ ମୁଖ କର୍କଟ ହେବାର ଆଶଙ୍କା ଅଧିକ ରହିଛି। ତେବେ ସ୍ୱାସ୍ଥ୍ୟ ପାଇଁ ଓରାଲ ହେଲ୍‌ଥର ପ୍ରମୁଖ ଭୂମିକା ଥିବାରୁ ତେଣୁ ମୁହଁ ପରି ଦାନ୍ତ, ମାଢ଼ି ଆଦିର ଧ୍ୟାନ ରଖିବା ଜରୁରି। କେବଳ ସେତିକି ନୁହେଁ, ପାଟି ବା ଦାନ୍ତ ଜନିତ ସମସ୍ୟା ଯୋଗୁଁ ଗମ୍ଭୀର ରୋଗ ଯଥା - ହୃଦ୍‌ରୋଗ, ମଧୁମେହ, ଓରାଲ ଇନ୍‌ଫେକସନ, ପେରିୟୋଡୋଟାଇଟିସ୍, ଏଣ୍ଡୋକାର୍ଟିଟିସ୍, ନିମୋନିଆ, କର୍କଟ ଆଦି ହେବାର ଆଶଙ୍କା ଥାଏ। ଖରାପ ଦାନ୍ତ ହିଁ ଓଜନ ବୃଦ୍ଧିର ମୂଳ କାରଣ। ତେଣୁ ଏପରି ସମସ୍ୟାରୁ ବର୍ତ୍ତିବାକୁ ହେଲେ ପାଟି, ଦାନ୍ତ, ଜିଭକୁ ସବୁବେଳେ ପରିଷ୍କାର କରିବା ଆବଶ୍ୟକ। ପ୍ରତି ଛଅ ମାସରେ ଥରେ ଦାନ୍ତର ନିୟମିତ ପରୀକ୍ଷା କରିବା ଜରୁରି। ପ୍ରତିଦିନ ଦୁଇ ମିନିଟ୍ ବ୍ରଶ୍ କରିବା ସହ ଦାନ୍ତରେ ଯନ୍ତ୍ରଣା କିମ୍ବା ମାଢ଼ିରେ ସମସ୍ୟା ହେଲେ ଏହାକୁ ଅଣଦେଖା କରିବା ଅନୁଚିତ। ପ୍ରତି ତିନିମାସରେ ବ୍ରଶ୍ ବଦଳାଇବା ନିହାତି ଆବଶ୍ୟକ। ଅଧିକ ମିଠା ସେବନ କରନ୍ତୁନି। ନିଶା ସେବନ ଠାରୁ ଦୂରେଇ ରହିବା ଉଚିତ।

# ପେଟ ଥଣ୍ଡା ପାଇଁ ତାଳସଜ

**ଗରମଦିନେ ଲୋକଙ୍କ ଶରୀରରେ ଜଳୀୟଅଂଶ କମିଯାଇଥାଏ। ଏହାକୁ ପୂରା କରିବାକୁ ଲୋକେ ବିଭିନ୍ନ ପ୍ରକାର ଖାଦ୍ୟ-ପେୟ ଉପରେ ଗୁରୁତ୍ୱ ଦିଅନ୍ତି। ତେବେ ଶରୀରକୁ ଥଣ୍ଡା ରଖିବାକୁ ତାଳସଜ ଖାଇବା ବେଶ୍ ଉପଯୋଗୀ। ପ୍ରତିବର୍ଷ ଏପ୍ରିଲରୁ ଜୁନ୍ ମାସ ମଧ୍ୟରେ ବଜାରରେ ତାଳସଜ ମିଳୁଥିବାବେଳେ ଏହାକୁ ଖାଇବା ଦ୍ୱାରା ଶରୀର ଥଣ୍ଡା ରହିବା ସହ ଜଳୀୟଅଂଶ ବୃଦ୍ଧି ପାଏ।**

- ତାଳସଜରେ ଭିଟାମିନ୍-ଏ, ଭିଟାମିନ୍- କେ ଆଦି ପୋଷକତତ୍ତ୍ୱ ଭରପୂର ମିଳିଥାଏ। ତେଣୁ ଏହାକୁ ଖାଇବା ଦ୍ୱାରା ଏହା ରୋଗପ୍ରତିରୋଧ ଶକ୍ତି ବୃଦ୍ଧି କରିଥାଏ।
- ତାଳସଜରେ କମ୍ କ୍ୟାଲୋରୀ ମିଳିଥାଏ। ଏହାକୁ ଖାଇବା ଦ୍ୱାରା ଅଧିକ ସମୟ ଯାଏଁ ଭୋକ ଲାଗି ନ ଥାଏ। ତେବେ ଏଥିରେ ପାଣି ମାତ୍ରା ଅଧିକ ଥିବାରୁ ମେଦବହୁଳତାରେ ପୀଡ଼ିତ ଲୋକ ତାଳସଜ ଖାଇବା ଦ୍ୱାରା ସେମାନଙ୍କର ଓଜନ ନିୟନ୍ତ୍ରଣ ହୁଏ।
- ତାଳସଜ ପେଟକୁ ଥଣ୍ଡା ପ୍ରଦାନ କରେ। ଏହାକୁ ଖାଇବା ଦ୍ୱାରା ପେଟଜନିତ ଓ ଅମ୍ଳ ସମସ୍ୟା ରୁହେନି। କେବଳ ସେତିକି ନୁହେଁ, ବାନ୍ତି, ଛାତି ଜଳାପୋଡ଼ା ଆଦି ସମସ୍ୟା ଦୂର କରିବାରେ ଏହାର ପ୍ରମୁଖ ଭୂମିକା ରହିଛି।
- ସେହିପରି ଏଥିରେ ଆଣ୍ଟି ଇନ୍‌ଫ୍ଲାମେଟରୀ ଗୁଣ ମିଳୁଥିବାରୁ ଏହା ତ୍ୱଚା ଜନିତ ସମସ୍ୟାକୁ କମ୍ କରେ। ଘିମିରି, ଶରୀର ଜଳାପୋଡ଼ା, କୁଣ୍ଡାଇହେବା ଆଦିକୁ ଦୂର କରେ। ଏହା ଶରୀରର ତାପମାତ୍ରାକୁ ମଧ୍ୟ ନିୟନ୍ତ୍ରଣ କରିଥାଏ।



# ସତର୍କତାର ସହ ଖେଳନ୍ତୁ ହୋଲି



**ଆନନ୍ଦ ଓ ଏକତାର ପର୍ବ ହେଉଛି ହୋଲି। ଏହି ଦିନରେ ଲୋକେ ଅଧିକ ଉତ୍ସାହିତ ହୋଇ ମିଠାଯୁକ୍ତ ଖାଦ୍ୟପେୟ ସେବନ କରିଥାନ୍ତି। ସ୍ୱାସ୍ଥ୍ୟ ପ୍ରତି ଏତେଟା ଗୁରୁତ୍ୱ ନ ଦେବାରୁ ଶରୀରରେ ବିଷାକ୍ତ ପଦାର୍ଥ ଜମା ହୁଏ। ଅନ୍ୟପଟେ ରାସାୟନିକ ରଙ୍ଗରେ ହୋଲି ଖେଳିବା ଦ୍ୱାରା ତ୍ୱଚାଜନିତ ସମସ୍ୟା ଦେଖାଦିଏ। ତେଣୁ ରଙ୍ଗ ଖେଳିବା ସମୟରେ କେତେକ ସତର୍କତା ଅବଲମ୍ବନ କଲେ, ରଙ୍ଗ ଖେଳ ଜନିତ କୁ-ପ୍ରଭାବରୁ ନିଜକୁ ସୁରକ୍ଷିତ ରଖିପାରିବା।**

ଖରାରେ ବୁଲିବୁଲି ରଙ୍ଗ ଖେଳିବା ସମୟରେ ଶରୀରର ଜଳୀୟତତ୍ତ୍ୱ ଠିକ୍ ରଖିବା ପାଇଁ ପାଣି, ସରବତ, ପଣା, ଘୋଳଦହି, ତୋରାଣି ଇତ୍ୟାଦି ହିତକର ହୋଇଥାଏ। ଅଧିକ ତୈଳ, ମସଲାଯୁକ୍ତ, ଖାଦ୍ୟ ପଦାର୍ଥ, ଚିନି ଏବଂ ଅଲଟ୍ରା ପ୍ରୋସେସଡ୍ ଖାଦ୍ୟ ସେବନଠାରୁ ଦୂରେଇ ରୁହନ୍ତୁ।

ଆୟୁର୍ବେଦ ଉପାୟରେ ତ୍ୱଚାର ସୁରକ୍ଷା: ରାସାୟନିକ ରଙ୍ଗରେ ସିସା, ପାରା, କ୍ରୋମିୟମ୍ ଏବଂ ଆମୋନିଆ ଆଦି ବିପଦଜନକ ରସାୟନ ବ୍ୟବହାର କରାଯାଉଥିବାରୁ ଏହା ତ୍ୱଚା ଜନିତ ସମସ୍ୟା ସୃଷ୍ଟି କରେ। ତେଣୁ ରଙ୍ଗ ଖେଳିବା ପୂର୍ବରୁ ତ୍ୱଚାରେ ନଡ଼ିଆ ତେଲ, ରାଶି ତେଲ, ଅଲିଭ୍ ଅଏଲ, ସୋରିଷ ତେଲ ଇତ୍ୟାଦି ଲଗାଇବା ଦ୍ୱାରା, ରଙ୍ଗରେ ଥିବା ରାସାୟନିକ ତତ୍ତ୍ୱର କୁ-ପ୍ରଭାବ କମିଯାଏ। ତେଣୁ ପ୍ରାକୃତିକ ରଙ୍ଗରେ ହୋଲି ଖେଳନ୍ତୁ। ଯେଉଁମାନଙ୍କର ଆଲାର୍ଜିକ୍ ଦୋଷ ରହିଛି, ସେମାନେ ସତର୍କ ରହିବା ସହ ମୁହଁରେ ମାସ୍କ ପିନ୍ଧିବା ନିତାନ୍ତ ଜରୁରି। ଶରୀରକୁ ସମ୍ପୂର୍ଣ୍ଣ ଆବୃତ୍ତ କରୁଥିବା ପୋଷାକ ପିନ୍ଧି ହୋଲି ଖେଳିଲେ, ଚର୍ମରେ କ୍ଷତି କମ୍ ହୋଇଥାଏ।

"ରାସାୟନିକ ରଙ୍ଗ ପ୍ରଭାବରୁ ତ୍ୱଚା ଲାଲ୍ ପଡ଼ିବା, କୁଣ୍ଡାଇହେବା, ରୁକ୍ଷ ହୋଇଯିବା ଇତ୍ୟାଦି ଲକ୍ଷଣ ଦେଖାଦେଲେ ଚନ୍ଦନ, ହଳଦୀ, ଦହି, ବେସନ ଗୋଲାପ ଜଳର ମିଶ୍ରଣ ଶରୀରରେ ଲଗାଇ ଅଧଘଣ୍ଟା ରଖି ଉଷୁମ ପାଣିରେ ସ୍ନାନ କଲେ ଉପକାର ହୋଇଥାଏ। ସେହିପରି ରଙ୍ଗ ଖେଳିସାରିବା ପରେ ସାମାନ୍ୟ ନଖଉଷୁମ ପାଣିରେ ପରିଷ୍କାର ସ୍ନାନ କରିବା ଆବଶ୍ୟକ। ଯଦି ଅସାବଧାନତାବଶତଃ ଆଖି, ପାଟି, ନାକ, କାନ ଇତ୍ୟାଦିରେ ରଙ୍ଗ ପଶିଯାଏ, ତାହାହେଲେ, ତତ୍କାଳ ପାଣିରେ ପରିଷ୍କାର ଭାବରେ ଧୋଇ ଚିକିତ୍ସକଙ୍କ ପରାମର୍ଶ ନେବା ଆବଶ୍ୟକ। ହୋଲି ଖେଳିସାରି ସ୍ନାନ ପରେ ତ୍ୱଚାର ପୋଷଣ ପାଇଁ ମଧ୍ୟ ନଡ଼ିଆ ତେଲ କିମ୍ବା ଗୁଆଘିଅ ଶରୀରରେ ଲଗାଯାଇପାରେ।"

- ଡାକ୍ତର ପ୍ରଦୀପ କୁମାର ମିଶ୍ର
ମାଛରଙ୍କା, ସିଂଲା, ବାଲେଶ୍ୱର

# ରଙ୍ଗ ପର୍ବରେ ଆଖିର ଯତ୍ନ

**ହୋଲିର ରଙ୍ଗରେ ରଙ୍ଗିନ ହେବା ସବୁ ଲୋକଙ୍କ ମନ। ତେବେ ଏହି ରଙ୍ଗିନ ଦୁନିଆକୁ ଦେଖିବାର ପ୍ରମୁଖ ମାଧ୍ୟମ ହେଉଛି ଚକ୍ଷୁ। ହୋଲି ଉତ୍ସାହ ଯେଭଳି ଚକ୍ଷୁ ପାଇଁ ସମସ୍ୟା ସୃଷ୍ଟି ନ କରିବ, ସେ ଦିଗରେ ସମସ୍ତଙ୍କୁ ଯତ୍ନବାନ ହେବା ଆବଶ୍ୟକ। ରଙ୍ଗଖେଳ ସମୟରେ ଚକ୍ଷୁକୁ ନେଇ କିଭଳି ସତର୍କ ରହିବେ ଏବଂ ଚକ୍ଷୁର ଯତ୍ନ କିଭଳି ନେବେ, ସେ ସମ୍ପର୍କରେ ଜାଣିବା।**



ଆଜିକାଲି ବଜାରରେ ରଙ୍ଗରେ ରସାୟନକୁ ବ୍ୟବହାର କରାଯାଉଛି। ଯାହାକି ତ୍ୱଚା ତଥା ଚକ୍ଷୁ ପାଇଁ ଖୁବ୍ ହାନିକାରକ। ଏହି ରଙ୍ଗ ଚକ୍ଷୁ ସଂସ୍ପର୍ଶରେ ଆସିବା ଦ୍ୱାରା ଚକ୍ଷୁ ସଂକ୍ରମଣ ସାଙ୍ଗକୁ ଦୃଷ୍ଟିଶକ୍ତି ହରାଇବା ଆଶଙ୍କା ଅଛି।

**କ'ଣ କରିବେ:**

ଅର୍ଗାନିକ ରଙ୍ଗରେ ହୋଲି ଖେଳନ୍ତୁ। କାହାକୁ ରଙ୍ଗ ଖେଳିବାକୁ ବାଧ କରନ୍ତୁ ନାହିଁ।



- ସତର୍କତାର ସହ ରଙ୍ଗ ଖେଳନ୍ତୁ। ଆଖିରେ ରଙ୍ଗ ଲାଗିଲେ ଭୟଭୀତ ହୁଅନ୍ତୁ ନାହିଁ। ଆଖିରେ ରଙ୍ଗ ପୂରାନ୍ତୁ ନାହିଁ।
- ହୋଲି ଖେଳିବା ସମୟରେ ଚଷମା ବ୍ୟବହାର କରିବା ସହ କେଶକୁ ଭଲ ଭାବେ ବାନ୍ଧନ୍ତୁ। ଆଖି ଚାରିପାଖେ କୋଲ୍ଡ କ୍ରିମ୍ କିମ୍ବା ନଡ଼ିଆ ତେଲ ଲଗାନ୍ତୁ। କଣ୍ଟାକ୍ଟ ଲେନ୍ସ ବ୍ୟବହାର କରନ୍ତୁ ନାହିଁ।
- ଆଖିରେ ରଙ୍ଗ ଲାଗିଲେ ଚକ୍ଷୁକୁ କୁଣ୍ଡାନ୍ତୁ ନାହିଁ। ଏହା ଦ୍ୱାରା ଆଖି ଅଧିକ ସଂକ୍ରମିତ ହୋଇଥାଏ।
- ଆଖିକୁ ପରିଷ୍କାର ପାଣି ତଥା ଆର୍‌ଓ ପାଣିରେ ଧୋଇ ଦିଅନ୍ତୁ।
- ଆଖିରେ ମନଇଚ୍ଛା ଡ୍ରପ୍ ପକାନ୍ତୁ ନାହିଁ।
- ଚକ୍ଷୁରେ ସମସ୍ୟା ସୃଷ୍ଟି ହେଲେ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

- ବିକାଶ କୁମାର ସାମଲ
ବରିଷ୍ଠ ଚକ୍ଷୁ ରୋଗ ବିଶେଷଜ୍ଞ, ଭୁବନେଶ୍ୱର

### ଆଜିଠାରୁ ଆଇପିଏଲ୍- ୧୭

# ଉଦ୍‌ଘାଟନୀରେ ଚେନ୍ନାଇ-ବେଙ୍ଗାଲୁରୁ ଲଢ଼େଇ

ଚେନ୍ନଇ,୨୧।୩(ଏଜେନ୍ସି)

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୭ତମ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହେବ। ସ୍ଥାନୀୟ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଉଦ୍‌ଘାଟନୀ ମୁକାବିଲାରେ ମହେନ୍ଦ୍ର ସିଂ ଧୋନିଙ୍କ ଚେନ୍ନାଇ ସୁପର କିଙ୍ଗ୍‌ସ ଓ ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ପରସ୍ପରକୁ ଭେଟିବେ। ଯଦିଓ ଏହି ଦୁଇ ତାରକା ସେମାନଙ୍କ ଦଳର ନେତୃତ୍ୱ ଛାଡି ସାରିଛନ୍ତି। ଧୋନିଙ୍କ ବଦଳରେ ନୂଆ ଅଧିନାୟକ ଋତୁରାଜ ଗାଏକ୍ୱାଡ ଚେନ୍ନାଇ ଓ ଦକ୍ଷିଣ ଆଫ୍ରିକାର ଫାଫ୍ ଡୁପ୍ଲେସିସ୍ ବେଙ୍ଗାଲୁରୁ ଦଳରେ ନେତୃତ୍ୱ ନେବେ। ବିଶ୍ୱର ଶ୍ରେଷ୍ଠ ତଥା ତାରକା କ୍ରିକେଟରଙ୍କୁ ନେଇ ଦୁଇ ଦଳ ଗଠିତ ହୋଇଛି। ତେଣୁ ଟୁର୍ଣ୍ଣାମେଣ୍ଟ ଆରମ୍ଭରୁ ପ୍ରଶଂସକମାନେ ସଂଘର୍ଷ ଓ ଜବରଦସ୍ତ ରୋମାଞ୍ଚ ଦେଖିବାକୁ ପାଇବେ।

ଅନ୍ତର୍ଜାତୀୟ କ୍ରିକେଟରୁ ଦୁଇମାସ ବିଶ୍ରାମ ନେବା ପରେ କୋହଲି ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। କିଛି ଦିନ ତଳେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ମଧ୍ୟ ସେ ଖେଳି ନଥିଲେ। ଏହି ସମୟରେ ସେ ଦ୍ୱିତୀୟ ତଥା ପୁତ୍ର ସନ୍ତାନର ଜନକ ହେବାର ସୌଭାଗ୍ୟ ଲାଭ କରିଥିଲେ। ଅନ୍ୟପଟେ ଏହି ସଂସ୍କରଣର ଶେଷ ଆଡକୁ ଅବସର ନେବେ ବୋଲି ଧୋନି ପୂର୍ବରୁ ଘୋଷଣା କରିସାରିଛନ୍ତି। ତେଣୁ ସେ ଏଥର ଆଇପିଏଲକୁ ସ୍ମରଣୀୟ କରାଇବାକୁ ପ୍ରୟାସ କରିବେ। ଗତ ସଂସ୍କରଣରରେ ଚେନ୍ନାଇ ଟାଇଟଲ ଜିତିଥିଲା। ଏପର୍ଯ୍ୟନ୍ତ ବେଙ୍ଗାଲୁରୁ ଟାଇଟଲ ହାସଲ କରିପାରିନାହିଁ। ତେଣୁ ଉଭୟ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିବାକୁ ଚେଷ୍ଟା କରିବେ। ଘରୋଇ ମାଟିରେ ଚେନ୍ନାଇ ରେକର୍ଡ ଜବରଦସ୍ତ ରହିଛି। ତେଣୁ ବେଙ୍ଗାଲୁରୁକୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବ। ଏଠାରେ ଚେନ୍ନାଇ ୬୪ଟି ମ୍ୟାଚ୍ ଖେଳି ୪୫ଟିରେ ବିଜୟୀ ହୋଇଥିବା ବେଳେ ୧୯ଟିରେ ପରାସ୍ତ ହୋଇଛି। ଘରୋଇ ମାଟିରେ ଚେନ୍ନାଇର ବିଜୟ ପ୍ରତିଶତ ୭୦ରୁ ଅଧିକ ରହିଛି। ଡେଥ୍ ଓଭରରେ ଆରସିବିର ସମସ୍ୟା ରହିଛି। ସ୍ପିନରଙ୍କ ବିପକ୍ଷରେ ଚେନ୍ନାଇ ବେଶ୍ ଭଲ ଖେଳିଥାଏ। ଅନ୍ୟପଟେ ବେଙ୍ଗାଲୁରୁ ସ୍ପିନ ବିଭାଗରେ ଦୁର୍ବଳ ରହିଛି। ମଥିଶ ପଥିରାନା ନ ଥିବାରୁ ଚେନ୍ନାଇ ପାଇଁ ସାମାନ୍ୟ ସମସ୍ୟା ରହିଛି।


ଟ୍ରଫି ସହ ୧୦ ଦଳର ଅଧିନାୟକ

### ୧୦ ଦଳ, ୭୪ ମ୍ୟାଚ୍, ୧୧ ଭେନ୍ୟୁ

ଆଇପିଏଲ୍‌ରେ ଗତଥର ଭଳି ଏଥର ୧୦ଟି ଦଳ ଅଂଶଗ୍ରହଣ କରିବେ। ଦେଶରେ ଆଗକୁ ଆୟୋଜନ ହେବାକୁ ଯାଉଥିବା ସାଧାରଣ ନିର୍ବାଚନ ପାଇଁ ଆଇପିଏଲ୍ ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଘୋଷଣା କରାଯାଇନାହିଁ। କେବଳ ପ୍ରଥମ ପର୍ଯ୍ୟାୟର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ମୋଟ ଉପରେ ୧୧ଟି ଭେନ୍ୟୁରେ ୭୪ଟି ମ୍ୟାଚ୍ ଖେଳାଯିବା ପରେ ଚାମ୍ପିଅନ କିଏ ହେବ ତାହା ସ୍ପଷ୍ଟ ହେବ। ଏଥର ଏକାଧିକ ଦଳର ନେତୃତ୍ୱରେ ପରିବର୍ତ୍ତନ କରାଯାଇଛି। ଋଷଭ ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସ, ଶୁବମାନ ଗିଲ ଗୁଜରାଟ ଜାଏଣ୍ଟସ, ଶ୍ରେୟସ ଆୟର କୋଲକାତା ନାଇଟ ରାଇଡର୍ସ, ଲୋକେଶ ରାହୁଲ ଲକ୍ଷ୍ନୌ ସୁପର ଜାଏଣ୍ଟସ, ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସ, ଶିଖର ଧାୱାନ ପଞ୍ଜାବ କିଙ୍ଗ୍‌ସ, ସଞ୍ଜୁ ସାମସନ ରାଜସ୍ଥାନ ରୟାଲ୍ସ ଓ ପ୍ୟାଟ କୁମିନ୍ସ ସନରାଇଜର୍ସ ହାଇଦ୍ରାବାଦ୍‌ର ନେତୃତ୍ୱ ନେବେ।

### ଚାମ୍ପିଅନ ଦଳକୁ ୨୦ କୋଟି ଟଙ୍କା ପୁରସ୍କାର

ଆଇପିଏଲ ରାଶିରେ ଏଥର ପରିବର୍ତ୍ତନ ନେଇ ଭାରତୀୟ କ୍ରିକେଟ ବୋର୍ଡ (ବିସିସିଆଇ) ତରଫରୁ କୌଣସି ସୂଚନା ଦିଆଯାଇନାହିଁ। ତେଣୁ ଗତ ସଂସ୍କରଣ ଭଳି ଚାମ୍ପିଅନ ଦଳ ୨୦ ଓ ରନର୍ସଅପ୍ ଦଳ ୧୩ କୋଟି ଟଙ୍କା ଆର୍ଥିକ ପୁରସ୍କାର ହାସଲ କରିବ ବୋଲି ଅନୁମାନ କରାଯାଉଛି।

### ମ୍ୟାଚ୍ ପୂର୍ବରୁ ଉଦଘାଟନୀ ଉତ୍ସବ

ଚେନ୍ନାଇ- ବେଙ୍ଗାଲୁରୁ ମ୍ୟାଚ୍ ପୂର୍ବରୁ ଶୁକ୍ରବାର ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ ରଙ୍ଗାରଙ୍ଗ୍ ଉଦ୍‌ଘାଟନୀ ଉତ୍ସବ ଆରମ୍ଭ ହେବ। ଅକ୍ଷୟ କୁମାର, ଟାଇଗର ଶ୍ରଫ୍ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନୋରଞ୍ଜନ କରିବେ। ସେହିପରି ବିଶିଷ୍ଟ ସଂଗୀତକାର ଏଆର ରହମାନ ଓ ଗାୟକ ସୋନୁ ନିଗମ ସଂଗୀତ ପରିବେଷଣ କରିବେ।

**ଚେନ୍ନାଇ ଦଳ:** ଋତୁରାଜ ଗାଏକ୍ୱାଡ (ଅଧିନାୟକ), ମୋଇନ ଅଲି, ଆରାଭେଲି ଅଭାନିଶ, ଦୀପକ ଚହର, ଡେଭନ କନୱେ, ତୁଷାର ଦେଶପାଣ୍ଡେ, ମହେନ୍ଦ୍ର ସିଂ ଧୋନି, ଶିବମ ଦୁବେ, ରାଜବର୍ଦ୍ଧନ ହଙ୍ଗରଗେକର, ରବୀନ୍ଦ୍ର ଜାଡେଜା, ଅଜୟ ମଣ୍ଡଲ, ଡାରିଲ ମିଚେଲ, ମୁକେଶ ଚୌଧୁରୀ, ମୁସ୍ତାଫିଜୁର ରହମାନ, ମଥିସା ପଥିରାନା, ଆଜିଙ୍କ୍ୟ ରାହାଣେ, ଶେଖ ରସିଦ, ରଚିନ ରବୀନ୍ଦ୍ର, ସମୀର ରିଜଭି, ମିଚେଲ ସାଣ୍ଟନର, ସିମରନଜିତ୍ ସିଂ, ନିଶାନ୍ତ ସିନ୍ଧୁ, ପ୍ରଶାନ୍ତ ସୋଲାଙ୍କି, ଶାର୍ଦ୍ଦୁଳ ଠାକୁର ଓ ମହିଶା ଥିକସାନା।

**ବେଙ୍ଗାଲୁରୁ ଦଳ:** ଫାଫ୍ ଡୁପ୍ଲେସି, ଆକାଶ ଦୀପ, ଅନୁଜ ରାୱତ୍, ମନୋଜ ଭଣ୍ଡାଗେ, ସୌରଭ ଚୌହାନ, ଟମ୍ କୁରାନ, ମୟଙ୍କ ଡାଗର, ଲୋକି ଫର୍ଗୁସନ, କାମେରନ ଗ୍ରୀନ୍, ୱିଲି ଜ୍ୟାକ୍ସ, ଅଲଜାରୀ ଜୋସେଫ୍, ଦୀନେଶ କାର୍ତ୍ତିକ, ବିରାଟ କୋହଲି, ମହିପାଲ ଲୋମରୋର, ଗ୍ଲେନ୍ ମ୍ୟାକ୍ସୱେଲ, ମହମ୍ମଦ ସିରାଜ, ରଜତ ପଟିଦାର, ସୂୟାଶ ପ୍ରଭୁଦେଶାଇ, ରଞ୍ଜନ କୁମାର, ହିମାଂଶୁ ଶର୍ମା, କର୍ଣ୍ଣ ଶର୍ମା, ସ୍ୱପ୍ନିଲ ସିଂ, ରିସି ଟୋପ୍‌ଲି, ବିଜୟ କୁମାର ବିଶାକ ଓ ଯଶ ଦୟାଲ।

ଉଦ୍‌ଘାଟନୀ ଉତ୍ସବ: ସନ୍ଧ୍ୟା ୬.୩୦
ମ୍ୟାଚ୍ ଆରମ୍ଭ: ରାତି ୮ଟା
ସ୍ଥାନ: ଏମ୍ ଚିଦାମ୍ବରମ ଷ୍ଟାଡିୟମ, ଚେନ୍ନଇ
ସିଧା ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ, ଜିଓ ସିନେମା ଆପ୍

### ଆଇପିଏଲ୍ -୧୭:ପ୍ରଥମ ପର୍ଯ୍ୟାୟ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ | ସମୟ |
|---|---|---|---|
| ୨୨/୩ | ଚେନ୍ନାଇ- ବେଙ୍ଗାଲୁରୁ | ଚେନ୍ନାଇ | ରାତି ୮ଟା |
| ୨୩/୩ | ପଞ୍ଜାବ- ଦିଲ୍ଲୀ | ମୋହାଲି | ଅପରାହ୍ଣ ୩.୩୦ |
| ୨୩/୩ | କୋଲକାତା- ହାଇଦ୍ରାବାଦ୍ | କୋଲକାତା | ରାତି ୭.୩୦ |
| ୨୪/୩ | ରାଜସ୍ଥାନ- ଲକ୍ଷ୍ନୌ | ଜୟପୁର | ଅପରାହ୍ଣ ୩.୩୦ |
| ୨୪/୩ | ଗୁଜରାଟ- ମୁମ୍ବାଇ | ଅମଦାବାଦ୍ | ରାତି ୭.୩୦ |
| ୨୫/୩ | ବେଙ୍ଗାଲୁରୁ-ପଞ୍ଜାବ | ବେଙ୍ଗାଲୁରୁ | ରାତି ୭.୩୦ |
| ୨୬/୩ | ଚେନ୍ନାଇ- ଗୁଜରାଟ | ଚେନ୍ନଇ | ରାତି ୭.୩୦ |
| ୨୭/୩ | ହାଇଦ୍ରାବାଦ- ମୁମ୍ବାଇ | ହାଇଦରାବାଦ୍ | ରାତି ୭.୩୦ |
| ୨୮/୩ | ରାଜସ୍ଥାନ- ଦିଲ୍ଲୀ | ଜୟପୁର | ରାତି ୭.୩୦ |
| ୨୯/୩ | ବେଙ୍ଗାଲୁରୁ- କୋଲକାତା | ବେଙ୍ଗାଲୁରୁ | ରାତି ୭.୩୦ |
| ୩୦/୩ | ଲକ୍ଷ୍ନୌ- ପଞ୍ଜାବ | ଲକ୍ଷ୍ନୌ | ରାତି ୭.୩୦ |
| ୩୧/୩ | ଗୁଜରାଟ- ହାଇଦ୍ରାବାଦ | ଅହମ୍ମଦାବାଦ୍ | ଅପରାହ୍ଣ ୩.୩୦ |
| ୩୧/୩ | ଦିଲ୍ଲୀ- ଚେନ୍ନାଇ | ବିଶାଖାପାଟଣା | ରାତି ୭.୩୦ |
| ୧/୪ | ମୁମ୍ବାଇ- ରାଜସ୍ଥାନ | ମୁମ୍ବଇ | ରାତି ୭.୩୦ |
| ୨/୪ | ବେଙ୍ଗାଲୁରୁ- ଲକ୍ଷ୍ନୌ | ବେଙ୍ଗାଲୁରୁ | ରାତି ୭.୩୦ |
| ୩/୪ | ଦିଲ୍ଲୀ- କୋଲକାତା | ବିଶାଖାପାଟଣା | ରାତି ୭.୩୦ |
| ୪/୪ | ଗୁଜରାଟ- ପଞ୍ଜାବ | ଅହମ୍ମଦାବାଦ | ରାତି ୭.୩୦ |
| ୫/୪ | ହାଇଦ୍ରାବାଦ- ଚେନ୍ନାଇ | ହାଇଦରାବାଦ୍ | ରାତି ୭.୩୦ |
| ୬/୪ | ରାଜସ୍ଥାନ- ବେଙ୍ଗାଲୁରୁ | ଜୟପୁର | ରାତି ୭.୩୦ |
| ୭/୪ | ମୁମ୍ବାଇ- ଦିଲ୍ଲୀ | ମୁମ୍ବଇ | ଅପରାହ୍ଣ ୩.୩୦ |
| ୭/୪ | ଲକ୍ଷ୍ନୌ- ଗୁଜରାଟ | ଲକ୍ଷ୍ନୌ | ରାତି ୭.୩୦ |

କ୍ୟାରିୟର ସୁଯୋଗ
ନନ୍ଦିଘୋଷ
କ୍ୟାମେରାମ୍ୟାନ୍ ଆବଶ୍ୟକ
ଏକ ଅଗ୍ରଣୀ ଏବଂ ଦ୍ରୁତ ଅଭିବୃଦ୍ଧିଶୀଳ ଓଡ଼ିଆ ନ୍ୟୁଜ୍ ଚ୍ୟାନେଲ୍ 'ନନ୍ଦିଘୋଷ ନେଟ୍‌ୱର୍କ ପ୍ରା. ଲିଃ.' ଏହାର କ୍ୟାମେରା ବିଭାଗ ପାଇଁ ଦରଖାସ୍ତ ଆହ୍ୱାନ କରୁଛି। ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।
ପଦବୀ: କ୍ୟାମେରାମ୍ୟାନ୍
ଅଭିଜ୍ଞତା:
୧- ଏକ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ସିନେମାଟୋଗ୍ରାଫିରେ ଅନ୍ୟୁନ ଡିପ୍ଲୋମା ଡିଗ୍ରୀ।
୨- କ୍ୟାମେରାମ୍ୟାନ୍ ଭାବେ କୌଣସି ବୈଦ୍ୟୁତିକ ଗଣମାଧ୍ୟମରେ ୭ରୁ ୧୦ବର୍ଷ କାର୍ଯ୍ୟ କରିଥିବାର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ।
ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୨୫ ମାର୍ଚ୍ଚ ୨୦୨୪ ସୁଦ୍ଧା suhana.tabsum@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।
*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

# ସ୍ମରଣୀୟ ନେତୃତ୍ୱର ଅବସାନ


ଆଇପିଏଲ୍-୧୭ ପୂର୍ବରୁ ନୂଆ ଲୁକ୍‌ରେ ଧୋନି

**ଚେନ୍ନଇ, ୨୧।୩ (ଏଜେନ୍ସି):** ବିଶ୍ୱର ସବୁଠାରୁ ଲୋକପ୍ରିୟ ଟି-୨୦ ଲିଗ୍ ଆଇପିଏଲ୍‌ର ୧୭ତମ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହେଉଛି। ଏହାର ଠିକ୍ ଗୋଟିଏ ଦିନ ପୂର୍ବରୁ ଲିଗ୍ ଇତିହାସର ସଫଳ ଦଳ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ)ର ଅଧିନାୟକ ତଥା ଦର୍ଶକଙ୍କ ସବୁଠୁ ପସନ୍ଦର ଖେଳାଳି ମହେନ୍ଦ୍ର ସିଂ ଧୋନି ନେତୃତ୍ୱ ଛାଡ଼ିଛନ୍ତି। ତାଙ୍କ ସ୍ଥାନରେ ଋତୁରାଜ ଗାଏକ୍ୱାଡଙ୍କୁ ସିଏସ୍‌କେ ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଆଇପିଏଲ୍-୧୭ ପୂର୍ବରୁ ଆଉ ଜଣେ ସଫଳ ଅଧିନାୟକ ନେତୃତ୍ୱ ଛାଡ଼ିଥିଲେ। ସେ ହେଲେ ମୁମ୍ବାଇ ଇଣ୍ଡିଆନ୍ସର ରୋହିତ୍ ଶର୍ମା। ଉଭୟ ଧୋନି ଓ ରୋହିତ୍ ୫ଥର ଲେଖାଏ ନିଜ ନିଜ ଦଳକୁ ଆଇପିଏଲ୍ ଟ୍ରଫି ଭେଟି ଦେଇଛନ୍ତି। ଧୋନିଙ୍କ ନେତୃତ୍ୱରେ ଚେନ୍ନାଇ ୧୪ଟି ସଂସ୍କରଣରେ ଆଇପିଏଲ୍ ଖେଳିଛି। ଏଥିରୁ ୧୦ଥର ଫାଇନାଲରେ ପ୍ରବେଶ କରିଥିଲା। ଯେଉଁଥିରେ ଦଳ ୫ଥର (୨୦୧୦, ୨୦୧୧, ୨୦୧୮, ୨୦୨୧ ଓ ୨୦୨୩) ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛି। ସେହିଭଳି ୨୦୧୩ ସଂସ୍କରଣ ମଝିରେ ରିକି ପଣ୍ଟିଙ୍କ ସ୍ଥାନରେ ରୋହିତ୍ ମୁମ୍ବାଇର ନେତୃତ୍ୱ ସମ୍ଭାଳିଥିଲେ ଏବଂ ସେହି ବର୍ଷ ହିଁ ଦଳ ପ୍ରଥମଥର ଆଇପିଏଲ୍ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲା। ଏହାପରେ ୨୦୧୫, ୨୦୧୭, ୨୦୧୯ ଓ ୨୦୨୦ରେ ମଧ୍ୟ ମୁମ୍ବାଇ ରୋହିତ୍‌ଙ୍କ ମାର୍ଗଦର୍ଶନରେ ଟ୍ରଫି ସଫଳତା ପାଇଥିଲା। ଏବେ ଆଇପିଏଲ୍-୧୭ ଆରମ୍ଭରୁ ଏହି ଦୁଇ ମହାନ ଖେଳାଳି ନେତୃତ୍ୱ ଦାୟିତ୍ୱରୁ ଓହରିଯାଇଛନ୍ତି। ଫଳରେ ଆଇପିଏଲ୍‌ରେ ଏକ ସ୍ମରଣୀୟ ତଥା ଗୌରବମୟ ନେତୃତ୍ୱର ଅବସାନ ଘଟିଛି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ଧୋନି ଓ ରୋହିତ୍ ନେତୃତ୍ୱ ଛାଡ଼ିଥିବାରୁ ଏହା ଆଇପିଏଲ୍‌ର ଚଳିତ ସଂସ୍କରଣରେ ଲୋକପ୍ରିୟତା ଉପରେ ପ୍ରଭାବ ପକାଇବ ଏଥିରେ ନିଃସନ୍ଦେହ ନାହିଁ।

### ପ୍ୟାରିସ୍ ଅଲିମ୍ପିକ୍ସ

## ଶରତ ତ୍ରିରଙ୍ଗା ବାହକ, ମେରିକମ୍ 'ଚିଫ୍ ଡି ମିଶନ'

**ନୂଆଦିଲ୍ଲୀ,୨୧।୩(ଏଜେନ୍ସି):** ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଅଭିଜ୍ଞ ଟେବଲ ଟେନିସ ତାରକା ଅଚନ୍ତା ଶରତ କମଲ ଭାରତୀୟ ପତାକା ତ୍ରିରଙ୍ଗା ବହନ କରିବେ। ସେହିପରି ଅଲିମ୍ପିକ୍ସ କାଂସ୍ୟ ପଦକ ବିଜୟିନୀ ତଥା ୬ଥର



ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ ଜିତିଥିବା ମହିଳା ମୁଷ୍ଟିଯୋଦ୍ଧା ଏମ୍‌ସି ମେରିକମ୍ ଭାରତୀୟ ଦଳର ଚେଫ୍ ଡି ମିଶନ ନିଯୁକ୍ତ ହୋଇଛନ୍ତି। ୱିଣ୍ଟର ଅଲିମ୍ପିଆନ ଶିବ କେଶବନ ଡେପୁଟି ଚିଫ୍ ଡି ମିଶନ ନିଯୁକ୍ତ ହୋଇଛନ୍ତି। ଏଥର ଭାରତ ଅଲିମ୍ପିକ୍ସକୁ ଇତିହାସର ସର୍ବବୃହତ ଦଳ ପଠାଇବ। ଭାରତକୁ ଏପର୍ଯ୍ୟନ୍ତ ୧୯ଟି କୋଟା ପ୍ଲେସ୍ ମିଳିସାରିଛି। ଶରଥ ଓ ମେରିକମ୍‌ଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରି ଆମେ ବେଶ୍ ଆନନ୍ଦିତ ବୋଲି ଭାରତୀୟ ଅଲିମ୍ପିକ ଆସୋସିଏସିନ (ଆଇଓଏ) ଅଧ୍ୟକ୍ଷ ପିଟି ଉଷା କହିଛନ୍ତି। ଏଥର ଅଲିମ୍ପିକ୍ସରେ ଭାରତର ପ୍ରଦର୍ଶନ ଐତିହାସିକ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଉଲ୍ଲେଖଥାଉ କି, ଅଲିମ୍ପିକ୍ସ ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ରେ ଜୁଲାଇ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି।

## ଆଇପିଏଲ୍‌ରୁ ଓହରିଲେ ଜାମ୍ପା

**ମୁମ୍ବଇ,୨୧।୩(ଏଜେନ୍ସି):** ଶୁକ୍ରବାର ଆଇପିଏଲ ଆରମ୍ଭ ହେବାକୁ ଯାଉଥିବା ବେଳେ ଅଷ୍ଟ୍ରେଲୀୟ ଅଭିଜ୍ଞ ସ୍ପିନର ଆଦାମ ଜାମ୍ପା ଏହି ବ୍ୟୟବହୁଳ ଲିଗ୍‌ରୁ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ତାଙ୍କ ଫ୍ରାଞ୍ଚାଇଜ ରାଜସ୍ଥାନ ରୟାଲ୍ସକୁ ଜବରଦସ୍ତ ଝଟ୍‌କା ଲାଗିଛି। ରାଜସ୍ଥାନ ତାଙ୍କୁ ଦେଢ କୋଟି ଟଙ୍କାରେ କ୍ରୟ କରିଥିଲା। ବ୍ୟକ୍ତିଗତ କାରଣ ଦର୍ଶାଇ ଜାମ୍ପା ଓହରିଯାଇଛନ୍ତି ବୋଲି କୁହାଯାଇଛି। ଏପର୍ଯ୍ୟନ୍ତ ତାଙ୍କ ବଦଳ ଖେଳାଳିଙ୍କ ନାମ ଘୋଷଣା କରାଯାଇ ନାହିଁ। ଗତ ସଂସ୍କରଣରେ ଜାମ୍ପା ରାଜସ୍ଥାନ ପାଇଁ ୬ଟି ମ୍ୟାଚ୍ ଖେଳି ୨୩.୫୦ ରନହାରରେ ୮ ୱିକେଟ ଅକ୍ତିଆର କରିଥିଲେ। ସେହିପରି ଆଘାତ ସମସ୍ୟା କାରଣରୁ ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ଏଥର ଖେଳିବେ ନାହିଁ। ଆସନ୍ତା ୨୪ ତାରିଖରେ ରାଜସ୍ଥାନ ତା'ର ପ୍ରଥମ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ବିପକ୍ଷରେ ଖେଳିବ।

### ୧୭ ବର୍ଷରୁ କମ୍ ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍

# କିଟ୍-କିସ୍ ଓ ନୀତା ଏକାଡେମୀର ସହଜ ବିଜୟ



କଟକ,୨୧।୩(ସମିସ)

କଟକରେ ଚାଲିଥିବା ୧୭ବର୍ଷରୁ କମ୍ ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍‌ରେ ଗୁରୁବାର ୨ଟି ମ୍ୟାଚ ଖେଳାଯାଇଥିଲା। ଏଥିରେ କିଟ୍-କିସ ଏବଂ ନୀତା ଫୁଟବଲ ଏକାଡେମୀ ସହଜ ବିଜୟ ହାସଲ କରିଛନ୍ତି। କିଟ୍-କିସ୍ ଦଳ ୧୨-୦ ଗୋଲରେ କାଜିବଜାର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟକୁ ପରାସ୍ତ କରିଥିଲା। ବିଜୟ ଦଳ ପକ୍ଷରୁ ସୋନାଲୀ ସବର ସର୍ବାଧିକ ୪ଟି, ଅନିମା ପ୍ରଧାନ ୩ଟି, ସୋନାଲୀ ଓରାମ ଏବଂ ପ୍ରିୟଦର୍ଶିନୀ ବେହେରା ୨ଟି ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ନୀତା ଫୁଟବଲ ଏକାଡେମୀ ୭-୦ ଗୋଲରେ ଯୋଡ଼ାର ଟିଏସ୍‌ଏଫ ଦଳକୁ ହରାଇଥିଲା। ନୀତା ଫୁଟବଲ ଏକାଡେମୀର ଶିଖା ମଲ୍ଲିକ ୪ଟି ଗୋଲ ଦେଇଥିଲେ। ଇପ୍ସିତା ରାଉତ ଏବଂ ଗୌରୀ ମୁଣ୍ଡା ଯଥାକ୍ରମେ ୨ଟି ଏବଂ ଗୋଟିଏ ଗୋଲ ସ୍କୋର କରିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA